# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ସୋମବାର, ଫେବୃଆରୀ ୧୯/୨୦୨୪ (୧୬ ପୃଷ୍ଠା) | Bhubaneswar, Monday, February 19/2024 | Page 16 | ₹ 7.00

୫୦ଶ ଭାଗ ୮୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 87 | ମୂଲ୍ୟ ₹୭/-





ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ଫେବୃଆରୀ ୧୯/୨୦୨୪
Bhubaneswar, Monday, February 19/2024

DSPL-675

ଓଡ଼ିଶା ସରକାର

ଆମ ଓଡ଼ିଶା ନବୀନ ଓଡ଼ିଶା



#ନୂଆ-ଓ ଛାତ୍ରବୃତ୍ତି

# ଉଚ୍ଚ ଶିକ୍ଷାରେ ଅର୍ଥ ଆଉ ସାଜିବନି ବାଧକ ନୂଆ-ଓ ଛାତ୍ରବୃତ୍ତି ହେବ ସହାୟକ ।

- ଓଡ଼ିଶାରେ ଉଚ୍ଚ ଶିକ୍ଷାର ରୂପାନ୍ତରଣ, ମାନବୃଦ୍ଧି ଓ ଛାତ୍ରଛାତ୍ରୀମାନଙ୍କ ଅଭିବୃଦ୍ଧିକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାର 'ନୂଆ- ଓ ଛାତ୍ରବୃତ୍ତି' ଆରମ୍ଭ କରିଛନ୍ତି ।
- ଉଚ୍ଚ ଶିକ୍ଷା ବିଭାଗ ଅଧୀନରେ ଥିବା ରାଜ୍ୟର ସମସ୍ତ ରାଜ୍ୟ ବିଶ୍ୱବିଦ୍ୟାଳୟ, ସରକାରୀ ମହାବିଦ୍ୟାଳୟ, ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ଏବଂ ବିଶେଷ କରି ସାମ୍ସ (SAMS) ପୋର୍ଟାଲ ମାଧ୍ୟମରେ ପ୍ରବେଶ ନେଉଥିବା ବେସରକାରୀ ମହାବିଦ୍ୟାଳୟ ମାନେ ଏହି ଯୋଜନାରେ ସାମିଲ ହେବେ ।
- ଉପରୋକ୍ତ ଶିକ୍ଷାନୁଷ୍ଠାନରେ ପଢୁଥିବା ଯୋଗ୍ୟ ୟୁଜି/ ପିଜି ଛାତ୍ରଛାତ୍ରୀ ନୂଆ-ଓ ଛାତ୍ରବୃତ୍ତି ପରିସରଗତ ହେବେ (ସେଲ୍ଫ ଫାଇନାନ୍ସିଙ୍ଗ କୋର୍ସ in PPP Mode ବ୍ୟତୀତ) ।
- ଛାତ୍ରମାନଙ୍କୁ ୯ହଜାର ଟଙ୍କା ଓ ଛାତ୍ରୀମାନଙ୍କୁ ୧୦ହଜାର ଟଙ୍କାର ବାର୍ଷିକ ବୃତ୍ତି ଯୋଗାଇ ଦିଆଯିବ ।
- ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ତଥା ନିର୍ମାଣ ଶ୍ରମିକଙ୍କ ପୁଅଙ୍କୁ ୧୦ହଜାର ଓ ଝିଅଙ୍କୁ ୧୧ହଜାର ଟଙ୍କାର ବାର୍ଷିକ ଛାତ୍ରବୃତ୍ତି ଯୋଗାଇ ଦିଆଯାଉଛି ।
- କାଳିଆ ବୃତ୍ତି ପାଉଥିଲେ ପିଲାମାନେ ଏହି ଯୋଜନାର ଲାଭ ପାଇପାରିବେ ନାହିଁ ।
- ଯେଉଁ ପିଲାମାନଙ୍କ ବାପା/ମା ଆୟକର ପରିସରଭୁକ୍ତ ଥିବେ କିମ୍ବା ରେଗୁଲାର ସରକାରୀ ଚାକିରିରେ ଥିବେ / PSU / AUTONOMOUS BODIES ରେ ଥିବେ କିମ୍ବା ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନମାନଙ୍କରେ ଅନୁଦାନପ୍ରାପ୍ତ କରୁଥିବେ, ସେମାନେ ଏହି ଯୋଜନା ପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ ।
- କେବଳ ସ୍ୱ ଆର୍ଥିକ ପ୍ରଦତ୍ତ ପାଠ୍ୟକ୍ରମ ବ୍ୟବସ୍ଥା (ସେଲ୍ଫ ଫାଇନାନ୍ସିଙ୍ଗ କୋର୍ସ in PPP Mode), distance course, Open School ଇତ୍ୟାଦି ଜରିଆରେ ପଢୁଥିବା ଛାତ୍ରଛାତ୍ରୀ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବେ ନାହିଁ ।
- ଡ଼ିବିଟି (DBT) ବା ସିଧାସଳଖ ଛାତ୍ରଛାତ୍ରୀଙ୍କ ଆକାଉଣ୍ଟକୁ ବୃତ୍ତି ବାବଦରେ ଅର୍ଥରାଶି ପଠାଯିବ । ଏଥିନିମନ୍ତେ ଛାତ୍ରଛାତ୍ରୀ ଆବେଦନ ସମୟରେ ଏକ ନିଜସ୍ୱ ଘୋଷଣାନାମା ଦାଖଲ କରିବେ ।
- ଉଚ୍ଚ ଶିକ୍ଷାରେ ଉତ୍କର୍ଷ ଓ ଗୁଣବତ୍ତାର ଅଭିବୃଦ୍ଧି ନିମନ୍ତେ ସରକାରଙ୍କ ଏହି ପ୍ରଚେଷ୍ଟା ଶିକ୍ଷାରେ ଆର୍ଥିକ ପ୍ରତିବନ୍ଧକକୁ ଏଡାଇବାରେ ସକ୍ଷମ ହେବ ।

OIPR-11001/13/0078/2324



@DHE_Odisha
@hedodisha
www.fb.com/dheodisha

0674-2323401, 2323402, 2323403
2323404
https://scholarship.odisha.gov.in
scholarshiphed@gmail.com

ଉଚ୍ଚ ଶିକ୍ଷା ବିଭାଗ

ଧରିତ୍ରୀ
DHARITRI
50 Years
ଭୁବନେଶ୍ୱର, ସୋମବାର, ଫେବୃଆରୀ ୧୯/୨୦୨୪ | Bhubaneswar, Monday, February 19/2024 | ପୃଷ୍ଠା-୧




# ପିଓକେରେ ଚାଇନା ପ୍ରଯୁକ୍ତି, ପାକିସ୍ତାନୀ ଟାୱାର

## ଆତଙ୍କବାଦୀଙ୍କ ଅନୁପ୍ରବେଶକୁ ସହଜ କରୁଛି

ନୂଆଦିଲ୍ଲୀ,୧୮।୨(ପି.ଟି.)



ଆତଙ୍କବାଦୀ ଓ ସେମାନଙ୍କ ସହଯୋଗୀଙ୍କୁ କଶ୍ମୀର ଭିତରକୁ ଅନୁପ୍ରବେଶ କରାଇବା ଉଦ୍ଦେଶ୍ୟରେ ପାକ୍‌-ଅଧିକୃତ କଶ୍ମୀର (ପିଓକେ) ସଂଲଗ୍ନ ନିୟନ୍ତ୍ରଣରେଖାରେ ପାକିସ୍ତାନ ଲଗାତର ଭାବେ ଟେଲିକମ୍ ଟାୱାର ବଢ଼ାଇଚାଲିଛି। ଆତଙ୍କବାଦୀ ସଙ୍ଗଠନଗୁଡ଼ିକ ଚାଇନା ଦ୍ୱାରା ବିକଶିତ ୱାଇଏସ୍‌ଏମ୍‌ଏସ୍ ସେବା ବ୍ୟବହାର କରିଆସୁଛନ୍ତି। ଏହି ଟେକ୍ନୋଲୋଜି ସ୍ମାର୍ଟଫୋନ୍ ଓ ରେଡିଓ ସେଟ୍‌ଗୁଡ଼ିକୁ ଯୋଗାଯୋଗ ଉଦ୍ଦେଶ୍ୟରେ ମର୍ଜ କରାଇଥାଏ। ନିକଟରେ ହୋଇଥିବା କେତେକ ଅନୁପ୍ରବେଶ ଉଦ୍ୟମ ଏବଂ ଜମ୍ମୁର ପୀର ପଞ୍ଜାଲ ରେଞ୍ଜ ଆତଙ୍କବାଦୀ ଆକ୍ରମଣ ଉପରେ ଅନୁଧ୍ୟାନ ପରେ ସେନା ଅଧିକାରୀମାନେ ଏହି ସୂଚନା ଦେଇଛନ୍ତି।

ୱାଇଏସ୍‌ଏମ୍‌ଏସ୍‌ର ଫୁଲ୍ ଫର୍ମ ହେଉଛି ୟେଓସୁ ଷ୍ଟକ୍ ମାର୍କେଟ ସିଷ୍ଟମ୍। ଏହି ଟେକ୍ନୋଲୋଜି ଜରିଆରେ ଅନୁପ୍ରବେଶକାରୀ ଆତଙ୍କବାଦୀ ଓ ଜମ୍ମୁ କ୍ଷେତ୍ରରେ ସେମାନଙ୍କୁ ଗ୍ରହଣ କରିବା ପାଇଁ ପ୍ରସ୍ତୁତ ଥିବା ସହଯୋଗୀଙ୍କ ମଧ୍ୟରେ ଜଣେ ହ୍ୟାଣ୍ଡଲର୍ ଯୋଗାଯୋଗ କରାଇଥାନ୍ତି। ନିୟନ୍ତ୍ରଣରେଖା ଅଞ୍ଚଳରେ ଏହି କାରିଗରିର ବ୍ୟବହାର ବୃଦ୍ଧି ପାଇବାରେ ଲାଗିଛି, ଯାହାକୁ ଧରିବା ଭାରତୀୟ ସେନା କିମ୍ବା ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) ପକ୍ଷରେ ଏକପ୍ରକାର ଅସମ୍ଭବ। ଭାରତ-ପାକିସ୍ତାନ ସୀମାନ୍ତ ଅଞ୍ଚଳରେ ଟେଲିକମ୍ ସିଗ୍‌ନାଲକୁ ମଜଭୁତ କରିବା ଦାୟିତ୍ୱ ସ୍ପେଶାଲ କମ୍ୟୁନିକେଶନ୍ ଅର୍ଗାନାଇଜେଶନ୍ (ଏସ୍‌ସିଓ) ନେଇଛି। ପୂର୍ବରୁ ପାକିସ୍ତାନର କୁଖ୍ୟାତ୍ ଗୋଇନ୍ଦା ସଂସ୍ଥା ଇଣ୍ଟର ସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍‌ଆଇ) ପାଇଁ କାର୍ଯ୍ୟ କରିଥିବା ସେନାର ମେଜର ଜେନେରାଲ ଉମର ଅହମଦ୍ ଶାହ ଏହାର ନେତୃତ୍ୱ ନେଉଛନ୍ତି। ନୂଆ ଟାୱାରଗୁଡ଼ିକ କୋଡ୍ ଡିଭିଜନ୍ ମଲ୍ଟିପଲ ଆସେସ୍ (ସିଡିଏମ୍‌ଏ) ଟେକ୍ନୋଲୋଜି ଦ୍ୱାରା ପରିଚାଳିତ। ୱାଇଏସ୍‌ଏମ୍‌ଏସ୍ ଅପରେଶନ୍ ଅଧୀନରେ ଏହାକୁ ପ୍ରଭାବଶାଳୀ କରିବା ପାଇଁ ଚାଇନାର ଏକ ସଂସ୍ଥା କାର୍ଯ୍ୟ କରୁଛି। ପିଓକେରୁ ଏହି ଟେଲିକମ୍ ସିଗ୍‌ନାଲ ଜରିଆରେ ଭାରତୀୟ ଭୂଖଣ୍ଡକୁ ଆତଙ୍କବାଦୀଙ୍କ ଅନୁପ୍ରବେଶକୁ ☞ପୃଷ୍ଠା-୫

**ଆଜିର ସମ୍ପାଦକୀୟ**

**ଦୁଇ ଦିନ ପୂର୍ବରୁ ଗୁପ୍ତଚର**

# ଚାଷୀନେତାଙ୍କ ସହ କେନ୍ଦ୍ରର ଆଲୋଚନା

ଚଣ୍ଡିଗଡ଼,୧୮।୨

ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ଉପରେ ଆଇନଗତ ଗ୍ୟାରେଣ୍ଟି ଏବଂ ଅନ୍ୟାନ୍ୟ ଦାବି ନେଇ ଚାଷୀ ଆନ୍ଦୋଳନ ଜାରି ରହିଥିବାବେଳେ ରବିବାର ରାତିରେ କେନ୍ଦ୍ରମନ୍ତ୍ରୀମାନଙ୍କ ଏକ କମିଟି କୃଷକ ନେତାମାନଙ୍କ ସହ ଚଣ୍ଡିଗଡ଼ରେ ଚତୁର୍ଥ ପର୍ଯ୍ୟାୟ ଆଲୋଚନା ଚଳାଇଛନ୍ତି। ସେକ୍ଟର ୨୬ସ୍ଥିତ ମହାତ୍ମା ଗାନ୍ଧୀ ଷ୍ଟେଟ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ୍ ଆଡମିନିଷ୍ଟ୍ରେଶନଠାରେ ଅନୁଷ୍ଠିତ ଆଲୋଚନାରେ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଅର୍ଜୁନ ମୁଣ୍ଡା, ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପୀୟୂଷ ଗୋୟଲ ଏବଂ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ଯୋଗ ଦେଇଛନ୍ତି। ଗତ ୮, ୧୨ ଏବଂ ୧୫ ତାରିଖରେ କୃଷକ ନେତାମାନଙ୍କ ସହ କେନ୍ଦ୍ରର ୩ ପର୍ଯ୍ୟାୟ ଆଲୋଚନା ହୋଇଥିଲେ ହେଁ କୌଣସି ନିଷ୍କର୍ଷ ବାହାରି ପାରି ନ ଥିଲା।



ଟ୍ରଫି ସହ ବ୍ୟାଡ୍‌ମିଣ୍ଟନ ଏସିଆ ଟିମ୍ ଚାମ୍ପିୟନଶିପ୍‌ର ଟାଇଟଲ ବିଜେତା ଭାରତୀୟ ମହିଳା ଦଳ।

# ଭାରତୀୟ ମହିଳା ଦଳକୁ ଐତିହାସିକ ସ୍ୱର୍ଣ୍ଣ

## ବ୍ୟାଡ୍‌ମିଣ୍ଟନ ଏସିଆ ଟିମ୍ ଚାମ୍ପିୟନଶିପ୍

ଶାହା ଆଲାମ (ମାଲେସିଆ), ୧୮।୨(ପି.ଟି)

ବ୍ୟାଡ୍‌ମିଣ୍ଟନ ଏସିଆ ଟିମ୍ ଚାମ୍ପିୟନଶିପ୍‌ରେ ଭାରତୀୟ ମହିଳା ଦଳ ଐତିହାସିକ ସ୍ୱର୍ଣ୍ଣ ପଦକ ହାସଲ କରିଛି। ରବିବାର ସ୍ଥାନୀୟ ସେଟିଆ ସିଟି କନ୍‌ଭେନଶନ ସେଣ୍ଟରଠାରେ ଅନୁଷ୍ଠିତ ଫାଇନାଲରେ ଦଳ ଥାଇଲାଣ୍ଡକୁ ୩-୨ରେ ପରାସ୍ତ କରିଛି। ଦଳକୁ ଜିତାଇବାରେ ଉଦୀୟମାନ ପ୍ରତିଭା ଖେଳାଳି ଅନମୋଲ୍ ଖର୍ବ ପୁଣି ଥରେ ପ୍ରମୁଖ ଭୂମିକା ନିର୍ବାହ କରିଛନ୍ତି। ଅଭିଜ୍ଞ ପି.ଭି. ସିନ୍ଧୁଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ସମସ୍ତ ☞ପୃଷ୍ଠା-୫








GOVERNMENT OF UTTAR PRADESH
INVEST UP
THE
MAHAKUMBH
OF BUSINESS INVESTORS
₹10
ଲକ୍ଷ କୋଟି +
ର
ନିବେଶ ପ୍ରକଳ୍ପ
UP NEW INDIA'S GROWTH ENGINE
GROUND BREAKING
CEREMONY @4.0
— 19 FEB 2024 • LUCKNOW —
34
ଲକ୍ଷ +
ଚାକିରି ସୁଯୋଗ
ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା
ଗରିମାମୟ ଉପସ୍ଥିତି
ଇଲେକ୍ଟ୍ରୋନିକ ମାନୁଫାକଚରିଙ୍ଗ ହବ୍
ଏମ୍.ଏସ୍.ଏମ୍.ଇ. ହବ୍
ଡିଫେନ୍ସ ଇଣ୍ଡଷ୍ଟ୍ରିଆଲ ହବ୍
ଏୟାରପୋର୍ଟ ପ୍ରଦେଶ
ମେଟ୍ରୋ ପ୍ରଦେଶ
ଏକ୍ସପ୍ରେସ ପ୍ରଦେଶ
ଆନନ୍ଦୀବେନ ପଟେଲ
ରାଜ୍ୟପାଳ, ଉତ୍ତରପ୍ରଦେଶ
ରାଜନାଥ ସିଂହ
ପ୍ରତିରକ୍ଷା ମନ୍ତ୍ରୀ, ଭାରତ ସରକାର
ଯୋଗୀ ଆଦିତ୍ୟନାଥ
ମୁଖ୍ୟମନ୍ତ୍ରୀ, ଉତ୍ତରପ୍ରଦେଶ
କେଶବ ପ୍ରସାଦ ମୌର୍ଯ୍ୟ
ଉପ ମୁଖ୍ୟମନ୍ତ୍ରୀ, ଉତ୍ତରପ୍ରଦେଶ
ବ୍ରଜେଶ ପାଠକ
ଉପ ମୁଖ୍ୟମନ୍ତ୍ରୀ, ଉତ୍ତରପ୍ରଦେଶ
ନନ୍ଦ ଗୋପାଳ ଗୁପ୍ତା 'ନନ୍ଦୀ'
ମନ୍ତ୍ରୀ, ଔଦ୍ୟୋଗିକ ବିକାଶ, ରପ୍ତାନି ପ୍ରୋତ୍ସାହନ
ଏନଆରଆଇ ଏବଂ ନିବେଶ ପ୍ରୋତ୍ସାହନ, ଉତ୍ତରପ୍ରଦେଶ
ଯଶବନ୍ତ ସିଂହ ସୈନୀ
ରାଜ୍ୟ ମନ୍ତ୍ରୀ, ସଂସଦୀୟ କାର୍ଯ୍ୟ ତଥା
ଔଦ୍ୟୋଗିକ ବିକାଶ, ଉତ୍ତରପ୍ରଦେଶ
ଏବଂ ଅନ୍ୟ ମାନ୍ୟଗଣ୍ୟ ମହାନୁଭବ
ତାରିଖ : ୧୯ ଫେବୃଆରୀ, ୨୦୨୪, ସମୟ : ମଧ୍ୟାହ୍ନ ୧୨.୦୦ ଘଟିକା
ସ୍ଥାନ: ଇନ୍ଦିରା ଗାନ୍ଧୀ ପ୍ରତିଷ୍ଠାନ, ଗୋମତୀନଗର, ଲକ୍ଷ୍ନୌ
ସିଧା ପ୍ରସାରଣ
DD NEWS ଓ Youtube.com/DDNEWS
Youtube.com/dduttarpradesh
ଏବଂ
UPGovtOfficial
CMOUttarpradesh
CMOfficeUP
ସୂଚନା ଏବଂ ଜନସମ୍ପର୍କ ବିଭାଗ, ଉତ୍ତରପ୍ରଦେଶ

କ୍ରମବିକାଶ ଶେଷ ହୋଇନାହିଁ। ତର୍କବୁଦ୍ଧି ବା ବିଚାର ବୁଦ୍ଧି ମଧ୍ୟ ଶେଷକଥା ନୁହଁ ଏବଂ ଏକ ତର୍କ ବୁଦ୍ଧି ସଂପନ୍ନ ପ୍ରାଣୀ– ମଣିଷ ମଧ୍ୟ ପ୍ରକୃତିମାତାଙ୍କର ଶେଷ ଅବଦାନ ନୁହଁ। ମଣିଷର ଉଦ୍ଭବ ଯେପରି ପଶୁ ଭିତରୁ ହେଲା– ସେହିପରି ଏଇ ମଣିଷ ଭିତରୁ ହିଁ ଅତିମାନବର ଉଦ୍ଭବ ହେବ। –ଶ୍ରୀଅରବିନ୍ଦ

# ଦୁଇଦିନ ପୂର୍ବରୁ ଗୁପ୍ତଚର

ରୁଷିଆ ୨୪ ଫେବୃଆରୀ ୨୦୨୨ରେ ୟୁକ୍ରେନ୍ ଉପରେ ଆକ୍ରମଣ କରିଥିଲା। ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ନିର୍ଦ୍ଦେଶକ୍ରମେ ଏହା ଘଟାଯାଇଥିବାରୁ ସେ ଘୋର ନିନ୍ଦିତ ହୋଇଛନ୍ତି। ଉକ୍ତ ଘଟଣାର ଠିକ୍ ଦୁଇ ବର୍ଷ ପୂରିବାକୁ ଯାଉଥିବା ବେଳେ ତାଙ୍କ ବିରୋଧୀ ତଥା ରୁଷିଆ ଭିତରେ ଶକ୍ତିଶାଳୀ ସମାଲୋଚକ ଭାବେ ଜଣାଶୁଣା ଏଲେକ୍ସି ନାଭାଲ୍‌ନିଙ୍କର ୧୬ ଫେବୃୟାରୀ ୨୦୨୪ରେ ମୃତ୍ୟୁ ଘଟିବା ପୁଟିନ୍‌ଙ୍କ ସାମଗ୍ରିକ ଭୂମିକାକୁ ସନ୍ଦେହ ଘେରକୁ ଠେଲିଦେଇଛି। ଏକଛତ୍ରବାଦ ଚିନ୍ତାଧାରା ପୋଷଣ କରିବା ସହ ତାଙ୍କ ସରକାର ନାମରେ ଅନେକ ଦୁର୍ନୀତି ରହିଥିବା ବିଷୟକୁ ନାଭାଲ୍‌ନି ପଦାରେ ପକାଇ ଆସୁଥିଲେ। କଳେବଳେକୌଶଳେ ସମାଲୋଚକଙ୍କୁ ଦମନ କରିବାର କଳା ଜାଣିଥିବା ପୁଟିନ୍ ବିରୋଧୀ ନାଭାଲ୍‌ନିଙ୍କୁ ଉଗ୍ରବାଦୀ ସଜାଇ ଦେଇଥିଲେ। ଏହି ଦୋଷରେ ତାଙ୍କୁ ୧୯ ବର୍ଷ ଜେଲଦଣ୍ଡ ଦିଆଯାଇଥିଲା। ଗତବର୍ଷ ଶେଷ ଆଡ଼କୁ ତାଙ୍କୁ ମସ୍କୋଠାରୁ ବହୁ ଦୂରରେ ଆର୍କଟିକ୍ ପେନାଲ କଲୋନୀ ଜେଲରେ ରଖାଯାଇଥିଲା। ଉଲ୍ଲେଖଯୋଗ୍ୟ, ଏଭଳି ଜେଲରେ ଅତି ଭୟଙ୍କର ଅପରାଧୀଙ୍କୁ ରଖାଯାଇଥାଏ। ଫେବୃଆରୀ ୧୬ରେ ତାଙ୍କ ମୃତ୍ୟୁ ନେଇ ରୁଷିଆର ପ୍ରିଜନ୍ ସର୍ଭିସ୍ ପକ୍ଷରୁ କୁହାଯାଇଥିଲା ଯେ, ନାଭାଲ୍‌ନି ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ ଏବଂ ତାଙ୍କୁ ସଙ୍ଗେ ସଙ୍ଗେ ଚିକିତ୍ସା ସେବା ଯୋଗାଇ ଦିଆଯାଇଥିଲେ ମଧ୍ୟ ବଞ୍ଚାଇବା ସମ୍ଭବ ହୋଇ ନ ଥିଲା। 'ଦି ଗୁଲାଗୁ ଡଟ୍ ନେଟ୍ ୱେବ୍‌ସାଇଟ୍' ସୂତ୍ରକୁ ଉଦ୍ଧାର କରି ବ୍ରିଟେନ୍‌ର 'ଦି ଇଣ୍ଡିପେଣ୍ଡେଣ୍ଟ' ପ୍ରକାଶ କରିଛି ଯେ, ନାଭାଲ୍‌ନିଙ୍କ ମୃତ୍ୟୁର ଦୁଇ ଦିନ ପୂର୍ବରୁ ରୁଷିଆର କେତେ ଜଣ ଗୁପ୍ତଚର ସେହି ଜେଲ ପରିଦର୍ଶନରେ ଯାଇଥିଲେ। ଏଥିରୁ ସନ୍ଦେହ ଜାତ ହୋଇଛି ଯେ, ତାଙ୍କ ମୃତ୍ୟୁ ପାଇଁ ପୂର୍ବପ୍ରସ୍ତୁତି କରାଯାଇଥିଲା। ଏଠାରେ ମନେପକାଇ ଦିଆଯାଇପାରେ ଯେ, ୨୦୨୦ରେ ନାଭାଲ୍‌ନିଙ୍କୁ ବିଷ ଦିଆଯାଇ ହତ୍ୟା କରିବା ଲାଗି ଷଡ଼ଯନ୍ତ୍ର ହୋଇଥିଲା।

୨୦୧୨ରେ ପୁଟିନ୍ ରୁଷିଆର ରାଷ୍ଟ୍ରପତି ହେବା ପରେ ତାଙ୍କ ଶାସନକୁ ଘୋର ବିରୋଧ କରୁଥିବା ୧୧ ଜଣଙ୍କୁ ରହସ୍ୟଜନକ ଭାବେ ହତ୍ୟା କରାଯାଇସାରିଲାଣି ଓ ଅନେକେ ଜେଲଦଣ୍ଡ ଭୋଗୁଛନ୍ତି। ଏପରିକି ଓଡ଼ିଶାର ରାୟଗଡ଼ାଠାରେ ଡିସେମ୍ବର ୨୦୨୨ରେ ଦୁଇ ଜଣ ପୁଟିନ୍ ବିରୋଧୀ ରୁଷୀୟ ନାଗରିକଙ୍କ ମୃତ୍ୟୁ ସନ୍ଦେହଜନକ ଥିଲା। ସାଧାରଣରେ ବିଦେଶୀ ମଲେ ତାଙ୍କ ଶବକୁ ଦୂତାବାସ ସାହାଯ୍ୟରେ ନିଜ ଦେଶକୁ ଫେରାଇ ନେବାର ବ୍ୟବସ୍ଥା ରହିଥାଏ। କିନ୍ତୁ ଓଡ଼ିଶା ପୋଲିସ ସେଭଳି କିଛି ନ କରି ଅତିଶୀଘ୍ର ରାୟଗଡ଼ାରେ ସେମାନଙ୍କର ଶେଷକୃତ୍ୟ ସମ୍ପନ୍ନ କରିଦେଇଥିଲା। ମୁଖାଗ୍ନି କିଏ ଦେଇଥିବେ ଜଣାନାହିଁ। କିନ୍ତୁ ତାଙ୍କ ଚିତାଭସ୍ମ ପ୍ରମାଣସ୍ୱରୂପ ନିଶ୍ଚିତ ପୁଟିନ୍‌ଙ୍କ ପାଖରେ ପହଞ୍ଚିଥିବ। ତେବେ ନାଭାଲ୍‌ନିଙ୍କ ମୃତ୍ୟୁ ପୂର୍ବରୁ ଘରୋଇ ସଶସ୍ତ୍ର ବାହିନୀ 'ୱାଗନର'ର ମୁଖ୍ୟ ୟେଭ୍‌ଗେନି ପ୍ରିଗୋଝିନ୍‌ଙ୍କ ଗତବର୍ଷ ବିମାନ ଦୁର୍ଘଟଣାରେ ମୃତ୍ୟୁ ଘଟିବାକୁ ମଧ୍ୟ ବିଶ୍ୱ ସନ୍ଦେହ ଦୃଷ୍ଟିରେ ଦେଖିଥିଲା। କାରଣ ପ୍ରିଗୋଝିନ୍ ଓ ତାଙ୍କ ସୈନ୍ୟମାନେ ପୁଟିନ୍‌ଙ୍କ ବିରୋଧରେ କିଛିମାସ ପୂର୍ବରୁ ବିଦ୍ରୋହ କରିଥିଲେ। ଏଥିରୁ ସ୍ପଷ୍ଟ ବୁଝାପଡୁଛି ଯେ, ପୁଟିନ୍‌ଙ୍କ ବାଟ ଓଗାଳୁଥିବା ବ୍ୟକ୍ତି ଦୀର୍ଘ ଦିନ ତିଷ୍ଠି ରହିବା ସମ୍ଭବ ନୁହେଁ। ନାଭାଲ୍‌ନିଙ୍କ ମୃତ୍ୟୁ ପରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍, ବ୍ରିଟେନ୍ ପ୍ରଧାନମନ୍ତ୍ରୀ ଋଷି ସୁନକଙ୍କ ସମେତ ପାଶ୍ଚାତ୍ୟର ବଡ଼ ନେତାମାନେ ପୁଟିନ୍‌ଙ୍କ ବିରୋଧରେ ସ୍ୱର ଉଠାଇଛନ୍ତି। ଦେଖିବାକୁ ଗଲେ ପୁଟିନ୍‌ଙ୍କ ଭଳି ଏକଜିଦିଆ ନେତାମାନେ କ୍ଷମତା ଜାବୁଡ଼ି ଧରିବା ଲାଗି ଏକଛତ୍ରବାଦୀ ପାଲଟିଯାଉଛନ୍ତି। ପୁଟିନ୍ ୨୦୨୧ରେ ସମ୍ବିଧାନରେ ସଂଶୋଧନ ଆଣି ୨୦୩୬ ଯାଏ ତାଙ୍କ କାର୍ଯ୍ୟକାଳ ବୃଦ୍ଧି କରି ରାଷ୍ଟ୍ରପତି ଚଉକିରେ ବସିବାର ସବୁ ବ୍ୟବସ୍ଥା କରିସାରିଛନ୍ତି।

ସୁଶାସନ କରି କେତେକ ନେତା ନାଗରିକଙ୍କ ହୃଦୟ ଜିତିଥାଆନ୍ତି। ଅନ୍ୟପକ୍ଷରେ ଦେଶର ଜନସାଧାରଣଙ୍କୁ ଭୟଭୀତ କରାଇ ରାଷ୍ଟ୍ର ଭିତରେ ଘୃଣା ଓ ବିଭେଦ ସୃଷ୍ଟିକରି ନିଜର ଶାସନକାଳକୁ ବୃଦ୍ଧି କରିବାକୁ ପ୍ରାୟ ନେତା ଚେଷ୍ଟା କରିଆସୁଛନ୍ତି। ପୁଟିନ୍ ଦ୍ୱିତୀୟ ବର୍ଗରେ ଆସୁଥିବାରୁ ଦେଶର ଭବିଷ୍ୟତ ଓ ପରବର୍ତ୍ତୀ ପିଢ଼ିଙ୍କ ମଙ୍ଗଳ ତାଙ୍କୁ ଯେମିତି ଦେଖାଯାଉ ନାହିଁ। ୟୁକ୍ରେନ୍ ଉପରେ ଆକ୍ରମଣକୁ ରୁଷିଆର ବହୁ ନାଗରିକ ବିରୋଧ କରିଥିଲେ ମଧ୍ୟ ତାହାର ସୁଫଳ ଅଦ୍ୟାବଧି ମିଳିପାରିଲା ନାହିଁ। ୨୪ ଫେବୃଆରୀରେ ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଦୁଇ ବର୍ଷରେ ପହଞ୍ଚିବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ଜର୍ମାନୀର ମ୍ୟୁନିକ୍ ନିରାପତ୍ତା ସମ୍ମିଳନୀରେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ରୁଷିଆ ରାଷ୍ଟ୍ରପତିଙ୍କୁ ଏକ ନୃଶଂସ ବ୍ୟକ୍ତି ଭାବେ ଅଭିହିତ କରି କହିଛନ୍ତି ଯେ, ସେ ଦୁର୍ନୀତି ଓ ହିଂସାକୁ ଆଧାର କରି କ୍ଷମତା ଜାବୁଡ଼ି ରଖିଛନ୍ତି।

୨୦୨୪ ମାର୍ଚ୍ଚରେ ରୁଷିଆରେ ରାଷ୍ଟ୍ରପତି ନିର୍ବାଚନ ହେବ ବୋଲି ସ୍ଥିର କରାଯାଇଛି। ସାମ୍ବିଧାନିକ ସଂସ୍କାର ପରେ ପୁଟିନ୍ ନିର୍ବାଚନର ସମ୍ମୁଖୀନ ହେବାକୁ ଯାଉଥିବା ପରିପ୍ରେକ୍ଷୀରେ ନାଭାଲ୍‌ନିଙ୍କ ଭଳି ସମାଲୋଚକଙ୍କ ସ୍ୱରକୁ ସବୁଦିନ ପାଇଁ ଚାପି ଦିଆଯିବା ଦେଶର ଅନ୍ୟ ବିରୋଧୀଙ୍କ ପାଇଁ ଚେତାବନୀ ବୋଲି ଅନ୍ତର୍ଜାତୀୟ ରାଜନୈତିକ ସମୀକ୍ଷକମାନେ ମତ ବାଢ଼ୁଛନ୍ତି। ତେବେ ଗୋଟିଏ କଥା କୁହାଯାଇପାରେ, ନିଜ ନାଗରିକଙ୍କୁ ଦମନ କରି କୌଣସି ନେତା ଦୀର୍ଘକାଳ ସେମାନଙ୍କ ହୃଦୟରେ ବିରାଜମାନ କରିପାରିବେ ନାହିଁ। ତେବେ ଏହି ଆସ୍ପର୍ଦ୍ଧା କେବଳ ପୁଟିନ୍‌ଙ୍କ ପାଖରେ ସୀମିତ ରହିନାହିଁ। ମନେହେଉଛି ଏହିଭଳି ଆଭିମୁଖ୍ୟ ବିଶ୍ୱର ଅନ୍ୟ ନେତାଙ୍କୁ ମଧ୍ୟ ଗ୍ରାସ କଲାଣି।

କୁହାଯାଇପାରେ, ନିଜ ନାଗରିକଙ୍କୁ ଦମନ କରି କୌଣସି ନେତା ଦୀର୍ଘକାଳ ସେମାନଙ୍କ ହୃଦୟରେ ବିରାଜମାନ କରିପାରିବେ ନାହିଁ। ତେବେ ଏହି ଆସ୍ପର୍ଦ୍ଧା କେବଳ ପୁଟିନ୍‌ଙ୍କ ପାଖରେ ସୀମିତ ରହିନାହିଁ। ମନେହେଉଛି ଏହିଭଳି ଆଭିମୁଖ୍ୟ ବିଶ୍ୱର ଅନ୍ୟ ନେତାଙ୍କୁ ମଧ୍ୟ ଗ୍ରାସ କଲାଣି।

# ବ୍ୟବସ୍ଥାରେ ପରିବର୍ତ୍ତନ ଲୋଡ଼ା



ବୈକୁଣ୍ଠନାଥ ମିଶ୍ର

ଡ. ମନମୋହନ ସିଂହଙ୍କର ପ୍ରଧାନମନ୍ତ୍ରିତ୍ୱ କାଳରେ ଦେଶରେ ଉଦାରୀକରଣ ଅର୍ଥନୀତି ପ୍ରଚଳନ ପୂର୍ବରୁ ଦେଶ ଗୁରୁତର ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଥିଲା। ଦେଶ ଏକପ୍ରକାର ଦେବାଳିଆ ସ୍ଥିତିକୁ ଆସିଯାଇଥିଲା। ନିଯୁକ୍ତି କ୍ଷେତ୍ରରେ ଦୀର୍ଘଦିନ ଧରି ନିୟନ୍ତ୍ରଣ ଲାଗି ରହିଥିବାରୁ ବେକାରି ବୃଦ୍ଧି ପାଇଲା। ଅବଶ୍ୟ ଘରୋଇକରଣ ପ୍ରକ୍ରିୟା ନିଯୁକ୍ତିକୁ କେତେକାଂଶରେ ତ୍ୱରାନ୍ୱିତ କରିଥିଲେ ମଧ୍ୟ ଏହା ଥିଲା ସମୁଦ୍ରକୁ ଶଙ୍ଖେ ସଦୃଶ। ୨୦୧୪ରେ ମୋଦି ସରକାର କ୍ଷମତାକୁ ଆସିବା ବେଳକୁ ବେକାରି ଉତ୍କଟ ରୂପ ଧାରଣ କରିସାରିଥିଲା। ପ୍ରତିବର୍ଷ ହୁ ହୁ ହୋଇ ବଢୁଥିବା ବେରୋଜଗାର ଯୁବତୀ ଯୁବକଙ୍କୁ କର୍ମନିଯୁକ୍ତି ଯୋଗାଇବା ଯେ କୌଣସି ସରକାର ପ୍ରତି ଏକ ଆହ୍ୱାନ। ତେଣୁ ନିଯୁକ୍ତି କ୍ଷେତ୍ରରେ ସୃଷ୍ଟିହେଲା ଏକ ତଣ୍ଟିକଟା ପ୍ରତିଯୋଗିତା। ଏହାର ସୁଯୋଗ ନେଇ ଦେଶ ତଥା ରାଜ୍ୟଗୁଡ଼ିକରେ ଚାକିରି ଆଶାୟୀଙ୍କ ପାଇଁ ସୃଷ୍ଟି ହେଲା ଲୋଭନୀୟ କୋଚିଂ ସେଣ୍ଟର। କୋଚିଂ ସେଣ୍ଟରଗୁଡ଼ିକ ନିଜ ନିଜର ଆକର୍ଷଣୀୟ ବିଜ୍ଞାପନ ମାଧ୍ୟମରେ ଆଶାୟୀମାନଙ୍କୁ ଆକର୍ଷିତ କରିବାରେ ଲାଗିଲେ। ଏପରି ପରିସ୍ଥିତି ସୃଷ୍ଟି ହେଲା ଯେ ଛାତ୍ରୀଛାତ୍ର ଏବଂ ତାଙ୍କ ମାତାପିତା କୋଚିଂ ସେଣ୍ଟରଗୁଡ଼ିକର କରାଳ ଫାଶରେ ଆବଦ୍ଧ ହୋଇଗଲେ। ଚାକିରି ଆଶାୟୀମାନେ ସେଥିରେ ନିକ୍ଷିପ୍ତ ହୋଇ ନିଜର ସତ୍ତା ହରାଇବାକୁ ଲାଗିଲେ।

ଭାରତର ବିଭିନ୍ନ ରାଜ୍ୟର ଶିକ୍ଷାର୍ଥୀମାନେ ପ୍ରବେଶିକା ପରୀକ୍ଷା ମାଧମରେ ବିଭିନ୍ନ ବୈଷୟିକ ଶିକ୍ଷାରେ ସଫଳତା ଅର୍ଜନ ପାଇଁ ବିଭିନ୍ନ କୋଚିଂ ସେଣ୍ଟର ଉପରେ ନିର୍ଭର କରନ୍ତି। କୋଚିଂ ସେଣ୍ଟରଗୁଡ଼ିକ ମଧ୍ୟରେ ରାଜସ୍ଥାନର କୋଟା ସହରର ଏକ ସ୍ୱତନ୍ତ୍ର ପରିଚୟ ଅଛି। ଏଠାରେ କୋଚିଂ ନେଉଥିବା ପିଲାଙ୍କ ମାତାପିତା କେବଳ ଆର୍ଥିକ ଦୃଷ୍ଟିରୁ ସବଳ ନୁହନ୍ତି; ବରଂ ସେମାନଙ୍କ ଭିତରୁ ଅଧିକାଂଶ ଉଚ୍ଚ ପଦବୀଧାରୀ ପ୍ରତିଷ୍ଠିତ ବ୍ୟକ୍ତିବିଶେଷ। ମାତ୍ର ପରିତାପର ବିଷୟ, ଏଠାରେ ଶିକ୍ଷାର୍ଜନ କରିବାକୁ ଆସୁଥିବା ବହୁ ଛାତ୍ରୀଛାତ୍ର ଆଶାନୁରୂପ ଫଳ ପ୍ରଦର୍ଶନ କରି ନ ପାରିବାର ଆତ୍ମଗ୍ଲାନି ସେମାନଙ୍କୁ ଆତ୍ମହତ୍ୟା ପାଇଁ ବାଟ କଢ଼ାଇ ଦେଉଛି। ନିକଟରେ ପ୍ରଧାନମନ୍ତ୍ରୀ ବାର୍ଷିକ ଫୋନ୍ ପେ' ଚର୍ଚ୍ଚା କାର୍ଯ୍ୟକ୍ରମ ମାଧ୍ୟମରେ ପିଲାମାନଙ୍କୁ ଉଦ୍‌ବୋଧନ ଦେଇ ଅବସାଦ ମୁକ୍ତ ରହି ପରୀକ୍ଷାକୁ ସାମ୍ନା କରିବାକୁ ଯେଉଁଦିନ ପରାମର୍ଶ ଦେଇଥିଲେ, ଠିକ୍ ସେହିଦିନ ଗଭୀର ଅବସାଦଗ୍ରସ୍ତ ହୋଇ କୋଟାର ଜଣେ ଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ଏ ଘଟଣାର ଠିକ୍ ଏକ ସପ୍ତାହ ପୂର୍ବରୁ ଆଉ ଜଣେ ଛାତ୍ରୀ ସମାନ କାରଣ ପାଇଁ ଆତ୍ମହତ୍ୟା କରିଥିଲେ। ଦିନକୁ ଚଉଦ/ପନ୍ଦର ଘଣ୍ଟା ପରିଶ୍ରମ କରି ମଧ୍ୟ ଯେତେବେଳେ ସେମାନେ ଅନୁଭବ କରୁଛନ୍ତି ଯେ, ମାତାପିତାଙ୍କର ଆଶା ପୂରଣ କରିବାରେ ସେମାନେ ସମର୍ଥ ନୁହନ୍ତି ତେଣୁ ସେମାନେ ସ୍ୱଇଚ୍ଛାରେ ମୃତ୍ୟୁପଥର ଯାତ୍ରୀ ସାଜୁଛନ୍ତି। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଗତବର୍ଷ କୋଟାରେ ଆତ୍ମହତ୍ୟା କରିଛନ୍ତି ତିରିଶ ଜଣ ଛାତ୍ରୀଛାତ୍ର। ଉକ୍ତ ସଂସ୍ଥାର ସୂଚନା ଅନୁଯାୟୀ, ୨୦୧୫ରୁ ପ୍ରତିବର୍ଷ କ୍ରମାଗତ ଭାବେ ଏହି ସଂଖ୍ୟା ବୃଦ୍ଧି ପାଇଚାଲିଛି। ଏନସିଆର୍‌ବି ତଥ୍ୟ କହେ, ୨୦୨୦ରେ ବିଭିନ୍ନ କୋଚିଂ ସେଣ୍ଟରରେ ୧୧,୩୯୬ ଛାତ୍ରୀଛାତ୍ର ଆତ୍ମହତ୍ୟା କରିଛନ୍ତି। ୨୦୨୨ରେ ଏହି ସଂଖ୍ୟା ବୃଦ୍ଧିପାଇ ପହଞ୍ଚିଥିଲା ୧୩,୦୦୦ରେ। ଏନସିଆର୍‌ବି ତଥ୍ୟ ଅନୁସାରେ, ପ୍ରତି ୧୦ଜଣଙ୍କ ମଧ୍ୟରୁ ଚାରିଜଣ ଅବସାଦଗ୍ରସ୍ତ ହୋଇ ଆତ୍ମହତ୍ୟା କରିଛନ୍ତି। ସ୍ଥାନୀୟ ପ୍ରଶାସନର ଆତ୍ମହତ୍ୟା ନିରାକରଣର ବ୍ୟବସ୍ଥା ଆଦୌ ପର୍ଯ୍ୟାପ୍ତ ନୁହେଁ। ଗତବର୍ଷ ରାଜସ୍ଥାନ ପ୍ରଶାସନ ନିଷ୍ପତ୍ତି ନେଇଥିଲା ଯେ, ବିଦ୍ୟାର୍ଥୀମାନଙ୍କୁ ସପ୍ତାହରେ ଗୋଟିଏ ଦିନ ଛୁଟି ଦିଆଯିବ ଓ ଉଭୟ ଶିକ୍ଷକ ଓ ବିଦ୍ୟାର୍ଥୀମାନଙ୍କର ମାନସିକ ସ୍ଥିତିରେ ଅନୁଧ୍ୟାନ କରାଯିବ। କିନ୍ତୁ ତାହା ଫଳପ୍ରଦ ହୋଇନାହିଁ।



ଅଧିକାଂଶ ମାତାପିତା ଶୈଶବର ପ୍ରାରମ୍ଭରୁ ପିଲାମାନଙ୍କୁ କୋଚିଂ ସେଣ୍ଟରରେ ଭର୍ତ୍ତି କରୁଛନ୍ତି। କୋଚିଂ ସେଣ୍ଟରଗୁଡ଼ିକରେ ବୈଷୟିକ ଶିକ୍ଷାପ୍ରାପ୍ତି ଓ ତଜ୍ଜନିତ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ପ୍ରବଳ ଅର୍ଥ ରୋଜଗାର କରିବାର ଲକ୍ଷ୍ୟ ସବୁ ମା'ବାପାଙ୍କୁ ଏତେ ପ୍ରଲୋଭିତ କରିଛି ଯେ ପିଲାଙ୍କର ସାମର୍ଥ୍ୟ ପ୍ରତି ସେମାନେ ଏକପ୍ରକାର ଅନ୍ଧ ହୋଇଯାଉଛନ୍ତି। କୋଚିଂ ସେଣ୍ଟରର ଭିଡ଼ ଭିତରେ ବିଚରା ଶିକ୍ଷାର୍ଥୀଟି ଅଣନିଃଶ୍ୱାସୀ ହୋଇଯାଉଛି। ତା' ମଧ୍ୟରେ ଥିବା ଆତ୍ମପ୍ରତ୍ୟୟ ହ୍ରାସ ପାଉଛି। ମା'ବାପାଙ୍କ ଇଚ୍ଛା ପୂରଣ ନ କରିପାରିବା ଓ ସମାଜରେ ମୁହଁ ଦେଖାଇବାକୁ ଭୟକରି ଶେଷରେ ଆତ୍ମହତ୍ୟା ଭଳି ଦାରୁଣ ପରିଣତିକୁ ଆଦରି ନେବାକୁ ବାଧ୍ୟ ହେଉଛନ୍ତି। କୋଚିଂ ସେଣ୍ଟରଗୁଡ଼ିକ ପିଲାର ଆବେଗକୁ ଉପେକ୍ଷାକରି ଯଥେଚ୍ଛାଚାର ଭାବରେ ସେମାନଙ୍କ ବ୍ୟବସାୟର ଉନ୍ନତୀକରଣରେ ମନୋନିବେଶ କରୁଛନ୍ତି। କୋଚିଂ ସେଣ୍ଟର କିମ୍ବା ମାତାପିତା କେହିହେଲେ ପିଲାର ଆବେଗ ପ୍ରତି ଯତ୍ନବାନ୍ ହେବା ମନେ ହେଉନାହିଁ। ଏ ସବୁକୁ ଦୃଷ୍ଟିରେ ରଖି ଭାରତ ସରକାର କୋଚିଂ ସେଣ୍ଟରଗୁଡ଼ିକୁ ନିୟନ୍ତ୍ରଣ କରିବା ପାଇଁ ନିକଟରେ କିଛି ନିର୍ଦ୍ଦେଶନାମା ଜାରି କରିଛନ୍ତି। ନିର୍ଦ୍ଦେଶନାମାରେ କୋଚିଂ ସେଣ୍ଟରଗୁଡ଼ିକର ସରକାରୀ ପଞ୍ଜୀକରଣ, ଉପଯୁକ୍ତ ଭିତ୍ତିଭୂମି, ପାଠପଢ଼ା ସମୟ, ପିଲାଙ୍କର ଆର୍ଥିକ ଦେୟ ଇତ୍ୟାଦି ସମ୍ବନ୍ଧରେ ବିସ୍ତୃତ ବିବରଣୀ ସ୍ଥାନ ପାଇଛି। ନିର୍ଦ୍ଦେଶନାମା ଅନୁସାରେ କୋଚିଂ ସେଣ୍ଟରରେ ସର୍ବାଧିକ ପଚାଶ ଛାତ୍ରୀଛାତ୍ର ଥିବେ, ଯେଉଁମାନଙ୍କର ବୟସ ଷୋହଳ ବର୍ଷରୁ ଅଧିକ ହୋଇଥିବ। ପାଠପଢ଼ା ସମୟ ୫ଘଣ୍ଟାରୁ ଅଧିକ ହେବନାହିଁ ବୋଲି ପ୍ରାବଧାନ ଜାରି କରାଯାଇଛି। ସମସ୍ତ ପରୀକ୍ଷାର ଫଳାଫଳ ସାର୍ବଜନୀନ କରା ନ ଯାଇ ଅତି ଗୋପନୀୟ ରଖାଯିବ। ଆବଶ୍ୟକ ସ୍ଥଳେ ଅଭିଭାବକଙ୍କ ସହ ଏ ବିଷୟରେ ଆଲୋଚନା କରାଯାଇ ଏକ ସୁଚିନ୍ତିତ କାର୍ଯ୍ୟପନ୍ଥା ଗ୍ରହଣ କରାଯିବା ଆବଶ୍ୟକ।

ଏକ ରିପୋର୍ଟ ଅନୁଯାୟୀ ସମଗ୍ର ଦେଶରେ ବର୍ତ୍ତମାନ ପ୍ରାୟ ୩୦ ହଜାରରୁ ଅଧିକ କୋଚିଂ ସେଣ୍ଟର ଅଛି। ନିର୍ଦ୍ଦେଶାବଳୀର ପରିବର୍ଦ୍ଧିତ ନିୟମ ଅନୁସାରେ ପ୍ରତି କୋଚିଂ ସେଣ୍ଟରରେ ଜଣେ ଦକ୍ଷ କର୍ତ୍ତୃପକ୍ଷ ରହିବା ଆବଶ୍ୟକ। ସରକାରଙ୍କ ପ୍ରଦତ୍ତ ନିୟମାବଳୀର ଉଲ୍ଲଂଘନ ପାଇଁ ପ୍ରଥମେ ୨୫ ହଜାର ଓ ଦ୍ୱିତୀୟ ଥର ଉଲ୍ଲଂଘନ ପାଇଁ ୧ ଲକ୍ଷ ଟଙ୍କାର ଅର୍ଥଦଣ୍ଡର ପ୍ରାବଧାନ ରହିଛି। ତୃତୀୟଥର ଉଲ୍ଲଂଘନ ହେଲେ ପ୍ରତିକାରର ସର୍ବଶେଷ ସ୍ୱରୂପ ଅନୁସାରେ ପଞ୍ଜୀକରଣକୁ ପ୍ରତ୍ୟାହାର କରାଯିବ। ଏତେସବୁ ପ୍ରାବଧାନତା ସତ୍ତ୍ୱେ ଇଞ୍ଜିନିୟରିଂ, ମ୍ୟାନେଜ୍‌ମେଣ୍ଟ ଓ ଡାକ୍ତରୀ ଶିକ୍ଷାରେ ଗୁଣାତ୍ମକମାନ ରକ୍ଷା କରା ନ ଯିବାର ଅଭିଯୋଗ ପ୍ରାୟତଃ ଶ୍ରୁତିଗୋଚର ହେଉଛି।

ଯେଉଁମାନେ ବୁଦ୍ଧିମାନ୍, ମେଧାବୀ ଓ ପ୍ରଜ୍ଞାଶୀଳ ସେମାନେ ନିଜର ପସନ୍ଦ ଅନୁସାରେ ଯେ କୌଣସି ପ୍ରତିକୂଳତା ସତ୍ତ୍ୱେ ଲକ୍ଷ୍ୟ ହାସଲ କରିବାରେ ସଫଳ ହେଉଛନ୍ତି। ଅନ୍ୟ ଯେଉଁମାନେ ଉପଯୁକ୍ତ ଧୀଶକ୍ତିସମ୍ପନ୍ନ ନ ହୋଇ କେବଳ ମାତାପିତାଙ୍କ ପ୍ରତିପତ୍ତି, ଧନସମ୍ପତ୍ତି ଓ କ୍ଷମତାକୁ ପୁଞ୍ଜିକରି ଏଥିରେ ପ୍ରବେଶ କରୁଛନ୍ତି ସେମାନେ ଅବଶ୍ୟ ବିପତ୍ତିକୁ ସାମ୍ନା କରୁଛନ୍ତି। ପଣ୍ଡିତ ଚାଣକ୍ୟ କହନ୍ତି – ଯେ ନିଜେ ପ୍ରଜ୍ଞାଶୀଳ ନୁହେଁ, ତାକୁ ଯେତେ ଯତ୍ନ କଲେ ମଧ୍ୟ ଫଳ ଶୂନ, ଯେପରି ଚକ୍ଷୁ ନ ଥିବା ବ୍ୟକ୍ତି ସାମ୍ନାରେ ଦର୍ପଣର ମୂଲ୍ୟ କିଛିନାହିଁ। ଅନେକ ଦରିଦ୍ର ମେଧାବୀ ଛାତ୍ର ନିଜ ପସନ୍ଦ ଅନୁଯାୟୀ ଉଚ୍ଚଶିକ୍ଷା ଲାଭରୁ ବଞ୍ଚିତ ହୋଇ ଜୀବନକୁ ଏକ ଅଭିଶାପ ମନେକରୁଛନ୍ତି। କ୍ୱଚିତ୍ କିଛି ଦରିଦ୍ର ମେଧାବୀ ନିଜ ଭାଗ୍ୟବଳରୁ ମେଡିକାଲ ଓ ଅନ୍ୟ ଉଚ୍ଚଶିକ୍ଷା ଲାଭର ସୁଯୋଗ ପାଉଛନ୍ତି। ସମସ୍ତେ ତ ସମାନ ଭାଗ୍ୟନେଇ ଜନ୍ମ ହୋଇନାହାନ୍ତି। ଆର୍ଥିକ ସୁଦୃଢ଼ ସମ୍ପନ୍ନ ପରିବାରର ଆପେକ୍ଷାକୃତ କମ୍ ମେଧାଯୁକ୍ତ ପିଲାଟି ଯେତେବେଳେ ଉଚ୍ଚ ବୈଷୟିକ ଶିକ୍ଷା ଲାଭର ସୁଯୋଗ ପାଉଛି, ସେହି ସ୍ଥାନରେ ଉଚ୍ଚ ମେଧାସମ୍ପନ୍ନ ଦରିଦ୍ର ପିଲାଟିର ମନ ଭାଙ୍ଗିଯାଉଛି। ଧନୀଘର ପିଲା ମେଧାବୀ ନ ହୋଇ ଆତ୍ମହତ୍ୟା କରୁଥିବା ବେଳେ ଦରିଦ୍ର ପିଲାଟି ଅର୍ଥାଭାବରୁ ଶିକ୍ଷାଲାଭ ନ କରିପାରି ଚରମ ପରିଣତି ଭୋଗ କରୁଛି। ବଡ଼ ବିଚିତ୍ର ଏ ବ୍ୟବସ୍ଥା।

ସିଦ୍ଧଳ-ଜଗତ୍‌ସିଂହପୁର
ମୋ: ୯୯୩୭୪୫୦୫୪୦

# ଭକ୍ତିର ବ୍ୟବସାୟୀକରଣ



ଶ୍ରୁତକୀର୍ତ୍ତି ତ୍ରିପାଠୀ

କିଛିଦିନ ତଳେ ପୁରୁଣା ଭୁବନେଶ୍ୱରରେ ଅବସ୍ଥିତ ଏକ ପ୍ରସିଦ୍ଧ ମନ୍ଦିର ଦର୍ଶନ ପାଇଁ ପରିବାର ସହ ଯାଇଥିଲୁ। ମନ୍ଦିର ବେଢ଼ାରେ ପ୍ରବେଶଠାରୁ ଆରମ୍ଭକରି ଦର୍ଶନ ସାରି ଫେରିବା ପର୍ଯ୍ୟନ୍ତ ବ୍ୟବସାୟ ଓ ପଇସା ରୋଜଗାର କରିବାର ଭିନ୍ନ ଭିନ୍ନ କଳା ଦେଖି ଦୁଃଖିତ ହୋଇଥିଲି। ଭୋଗ ବିକ୍ରି କରୁଥିବା ଜଣେ ଭାଇ ପାଖକୁ ଡାକି କହିଲେ, ଆମ ସମସ୍ତଙ୍କ ଜୋତା ତାଙ୍କ ଭୋଗ ଦୋକାନ ପାଖରେ ରଖିବାକୁ। ମାଗଣା କାହିଁ ରଖିବୁ ବୋଲି ଭୋଗ ସରଞ୍ଜାମଟିଏ ନେଲୁ। ଭିତରେ ମୋବାଇଲ ରଖିବା ଥିଲା ଆଉ ଏକ ଧାଡ଼ି। ମୋବାଇଲ ପିଛା ୫ ଟଙ୍କା ହିସାବରେ ୫ଟି ପାଇଁ ପଇସା ଦେଇ ମନ୍ଦିର ଭିତରକୁ ପଶିବା ଲାଗି ଆଉ ଗୋଟିଏ ଧାଡ଼ିରେ ଛିଡ଼ା ହେଲୁ ଆମେ। ସେତେବେଳେ ସେବକମାନଙ୍କ ଭିତରୁ କିଛିଜଣ ଆସି ପଚାରିବା ଆରମ୍ଭ କରିଦେଲେ ଯେ ଆମେ କେଉଁ ଜିଲା ବା ସ୍ଥାନରୁ ଆସିଛୁ। ଭୁବନେଶ୍ୱରରୁ ଆସିଛୁ ବୋଲି ଶୁଣିବା ପରେ ଆମ ପାଖରେ ଗହଳି ଲଗାଉଥିବା ନନାମାନେ ଅନ୍ୟ ଭକ୍ତମାନଙ୍କ ଆଡ଼କୁ ବଢ଼ି ଯିବାର ଦେଖିଲି। ବୋଧହୁଏ ସ୍ଥାନୀୟ ଲୋକଙ୍କ ପାଇଁ ତାଙ୍କର ଆଗ୍ରହ ନ ଥିଲା।

ଭୋଗଡାଲା ସହ ସପରିବାର ପ୍ରବେଶ କରନ୍ତେ ଆଉ ଜଣେ ସେବକଙ୍କ ଆବିର୍ଭାବ ହେଲା। 'ଆଜ୍ଞା ଏଇଠି ମୁଣ୍ଡିଆଟିଏ ମାରନ୍ତୁ' ବୋଲି ସେ କହିଲେ। ଟିକେ ଆଗକୁ ଗଲା ପରେ ଗୋଟିଏ ସ୍ଥାନରେ ଧାଡ଼ି ଧାଡ଼ି ହୋଇ ଦୀପ ଓ ଧୂପକାଠି ଜଳୁଥିବାର ଏବଂ ଭକ୍ତଗଣ ଦୀପ ଧୂପ ବୁଲେଇବାର ଦୃଶ୍ୟ ଆଖିରେ ପଡ଼ିଲା, ଆଉ ଆମେ ଜାଣିଗଲୁ ଯେ ଏଠାରେ ଦୀପ ପ୍ରଜ୍ୱଳନ କରାହେବ। ମାତ୍ର ପୁଣିଥରେ ସେବକ ଆମକୁ କହିଲେ, 'ଏଠାରେ ଦୀପ ଓ ଧୂପକାଠି ଜଳେଇ ଦିଅନ୍ତୁ, ଆଗକୁ ଆଉ ଜଳେଇ ପାରିବେନି।' ଏପର୍ଯ୍ୟନ୍ତ ଆମକୁ ବୁଝା ପଡୁ ନ ଥାଏ ଯେ ଏହି ପଣ୍ଡିତଙ୍କୁ ମାର୍ଗଦର୍ଶନ ପାଇଁ ଡାକିଥିଲା କିଏ ଏବଂ ଆମେ ପୂର୍ବରୁ ଜାଣିଥିବା ସାଧାରଣ କଥାଗୁଡ଼ିକୁ ସେ ଆମକୁ କାହିଁକି ବତେଇ ଚାଲିଛନ୍ତି।

ଆମେ ଠାକୁରଙ୍କୁ ନମସ୍କାର କରିବା ଶେଷ ହୋଇନି ସେ ଆମକୁ ପୁଣି କହିଲେ, 'ଶୀଘ୍ର ଚାଲନ୍ତୁ ଭିଡ଼ ହେଇଯିବ'। ଆମେ ଧାଡ଼ିରେ ଚାଲିଥାଉ, ଆମ ପାଳି ଆସିଲା ବେଳକୁ ବାଉଁଶବାଡ଼ ଆର ପଟେ ଥିବା ସେବକ ପଚାରୁଛନ୍ତି, 'ଆପଣ କାହା ସହ ଆସିଛନ୍ତି'? ହଠାତ୍ ସେତେବେଳକୁ ଆମ ପାଖରେ ଘୂରି ବୁଲୁଥିବା ସେବକଙ୍କର ଆବିର୍ଭାବ ଘଟିଲା। କିଛି କହିବା ପୂର୍ବରୁ ସେ ମନ୍ତ୍ର ଉଚ୍ଚାରଣ କରି ଭୋଗଡାଲାଟି ଭିତରେ ଥିବା ବ୍ରାହ୍ମଣଙ୍କୁ ବଢ଼େଇଦେଲେ। ଏବେ ମୁଁ ଭାବୁଥିଲି ଯେ ଭୋଗ ସରଞ୍ଜାମ ନ ଆଣି ଖାଲି ଦୀପ ଆଣିଥିଲେ ଭଲହୋଇଥାନ୍ତା। କାରଣ ଜଣେ ଯଦି କେବଳ ଦୀପ ନେଇ ଆସିବ ତାକୁ ଭୋଗ ଲଗେଇବା ପାଇଁ ଧାଡ଼ିରେ ଠିଆ ହେବା କିମ୍ବା ସେବକଙ୍କ ସାହାଯ୍ୟ ଲୋଡ଼ା ହେବ ନାହିଁ। ପାଦୁକ ଗ୍ରହଣ କରି ଆମ ଇଚ୍ଛା ଓ ସାଧ ମତେ ସେଠି ଥିବା ପିତ୍ତଳ ଥାଳିଆରେ କିଛି ଦକ୍ଷିଣା ଦେଇ ପଛକୁ ବୁଲିଲା ବେଳକୁ ସେଇ ସେବକ ଜଣକ ଛିଡ଼ା ହୋଇଥାନ୍ତି। ଆମକୁ ଆଶୀର୍ବାଦ କରି 'କିଛି ଦିଅନ୍ତୁ' କହି ସେ ପୁଣି ଛିଡ଼ାହେଲେ। ଆଶ୍ଚର୍ଯ୍ୟ ହେଲୁ ଯେ, ତାଙ୍କୁ କ'ଣ ପାଇଁ ଆମେ ପଇସା ଦେବୁ, ଆମେ ତ ତାଙ୍କୁ ଖୋଜି ନ ଥିଲୁ? ତଥାପି ଲୋକଟି ସାଙ୍ଗରେ ବୁଲିଛି ଭାବି ୧୦୦ ଟଙ୍କା ଦେବା ବେଳକୁ ସେ ଟଙ୍କା ଫେରାଇଦେଇ କହିଲେ, ଏତିକିରେ କ'ଣ ହେବ। ଏବେ ମୋ ଧୈର୍ଯ୍ୟର ବନ୍ଧ ଭାଙ୍ଗିଗଲା। ମୁହଁରୁ ବାହାରି ପଡ଼ିଲା ଆପଣ ନ ନିଅନ୍ତୁ, ଆମର ଯାହା ଦେବାର ଅଛି, ଆମେ ମନ୍ଦିର ହୁଣ୍ଡିରେ ଦେବୁ। ଏତକ ଶୁଣିବା ପରେ ଲୋକଟି ଓଲଟା ମୋତେ ଶୁଣେଇଲେ, 'ଆପଣ ଏମିତି କ'ଣ କହୁଛନ୍ତି, ଆମେ କ'ଣ ଆପଣଙ୍କୁ ବାଧ କରୁଛୁ?' ଏଠାରେ ପାଠକେ କହିବେ କିଏ କାହାକୁ ବାଧ କରୁଥିଲା।



ସେଇ ପଇସାତକ ମନ୍ଦିର ହୁଣ୍ଡିରେ ଗଳେଇଦେଇ ଆମେ ଯିବାକୁ ବାହାରିଲୁ। ମନ ଭକ୍ତି ବଦଳରେ ଅସନ୍ତୋଷ ଓ ଅଶାନ୍ତିରେ ଭର୍ତ୍ତି ହୋଇସାରିଥିଲା। ମଣିଷ କ'ଣ ଏସବୁ ଅନୁଭୂତି ପାଇଁ ମନ୍ଦିର ଆସେ। ଶୁଦ୍ଧ ଓ ପବିତ୍ର ମନନେଇ ଠାକୁର ଦର୍ଶନ କରିବାର ଅଭିଳାଷ ଆଉ ପୂରଣ ହେବା ସମ୍ଭବ ନ ଥିଲା, ତେଣୁ ଫେରିଯିବା ହିଁ ଠିକ୍ ହେବ ଭାବିଲୁ। ହେଲେ ଏତିକି ଯଥେଷ୍ଟ ନ ଥିଲା ଯେ ଶେଷରେ ବାହାରକୁ ଆସିଲା ବେଳକୁ ଜଣେ ବୃଦ୍ଧ ବ୍ରାହ୍ମଣ ହାତରେ ବେତବାଡ଼ି ଖଣ୍ଡେ ଧରି କିଛି ପଇସା ଦେଇଯିବା ପାଇଁ କହିବା ଶୁଣାଗଲା। ତାଙ୍କ କଥାକୁ ନ ଶୁଣି ବାହାରିଗଲା ବେଳକୁ ମୋ କାନରେ ପଡ଼ିଲା ସେ କହୁଥିଲେ, 'ଅମାନ୍ୟ କରି ଯାଉଛୁ?' ଘଡ଼ିଏ ପାଇଁ ଇଚ୍ଛା ହେଲା, ସେଠାରେ ରହି ତାଙ୍କୁ ପଚାରିବାକୁ ଯେ ମୁଁ କ'ଣ ଅମାନ୍ୟ କଲି? ହେଲେ ଯୁକ୍ତିତର୍କ କରିବାର ଇଚ୍ଛା କି ଧୈର୍ଯ୍ୟ ମୋ ଭିତରେ ଆଉ ନ ଥିଲା। ପଇସା ମାଗିବା ଆଉ ପଇସା ନ ଦେଲେ ଅଭିଶାପ ଦେବା ଢଙ୍ଗରେ ବୃଦ୍ଧଙ୍କର ସେହି ବାକ୍ୟ ମୋତେ ତୀବ୍ର ଅସନ୍ତୋଷ ଦେଲା।

ପାଠକବନ୍ଧୁ ଏଠାରେ ଘଟଣାଟି ଅବତାରଣା କରିବା ପଛରେ କାହାକୁ ଅସମ୍ମାନ କିମ୍ବା ଅପମାନ କରିବାର ଉଦ୍ଦେଶ୍ୟ ନାହିଁ। ବରଂ ଜଣେ ଭକ୍ତ ହିସାବରେ ଅନେକଙ୍କ ଅସନ୍ତୋଷ ଓ ଅଶାନ୍ତିକୁ ଉପସ୍ଥାପନ କରିଛି। ଭକ୍ତଟିଏ ମନ୍ଦିର ଯାଏ ଠାକୁରଙ୍କ ସହ ଏକାକାର ହେବାକୁ, ତା'ର ମନର କଥା ଜଣେଇବାକୁ, ହେଲେ ମନ୍ଦିର ପ୍ରାଙ୍ଗଣରେ ପ୍ରବେଶ କରୁକରୁ ତା'ଠାରୁ ନିଜ ଇଚ୍ଛା ଅନୁସାରେ ପୂଜା କରିବା, ବସିବା, ବୁଲିବା ଅଧିକାରକୁ କାହିଁକି ଏହି ଅନିମନ୍ତ୍ରିତ ପଣ୍ଡିତମାନେ ଛଡ଼େଇ ନିଅନ୍ତି? ନିଜ ସାଧମତେ ଦାନ କରିବାର ସ୍ୱାଧୀନତାକୁ ହରଣ କରିନେଇ ବଡ଼ ମୂଲ୍ୟର ଦକ୍ଷିଣା ଦେବା ପାଇଁ କାହିଁକି ବାଧ୍ୟ କରନ୍ତି। କାହିଁକି ଭକ୍ତ ଖୁସିରେ ଦକ୍ଷିଣା ନ ଦେଇ ବରଂ କିଛି ଅଭିଶାପ ମିଳିଯିବା ଡରରେ ଅନିଚ୍ଛା ମୁତାବକ ଦକ୍ଷିଣା ଦିଏ। ଠାକୁରଙ୍କୁ ଆଳକରି ଏ ବ୍ୟବସାୟ କାହିଁକି। ଠାକୁର ତ ଟଙ୍କା ମାଗୁନାହାନ୍ତି, ତାଙ୍କ ନାଁରେ ଭକ୍ତଙ୍କୁ ହଇରାଣ କରିବା କେତେଦୂର ଠିକ୍? ମୋର ବ୍ୟକ୍ତିଗତ ଅନୁଭୂତି ତ ମୋତେ ମନ୍ଦିର ଯିବା ପାଇଁ ବୀତସ୍ପୃହ କରୁଛି। ବଦଳୁଥିବା ଆମ ସମାଜରେ ଭକ୍ତଙ୍କ ଭକ୍ତିକୁ ନେଇ ଏହି ବ୍ୟବସାୟ ଭଗବତ୍ ପ୍ରାପ୍ତିର ଠିକ୍ ମାର୍ଗରୁ ଆମକୁ ବିରତ କରୁନାହିଁ ତ!

ଭୁବନେଶ୍ୱର
ମୋ: ୬୩୭୦୫୧୬୪୭୮

## ଏଇ ଭାରତରେ

ପରିସ୍ଥିତି ବେଳେବେଳେ ଏମିତି ହୋଇଥାଏ ଯେ ନିଜ ସଫଳତାକୁ ଆଖିରେ ଦେଖିବା ପରେ ବି ସହଜରେ ବିଶ୍ୱାସ କରିହୁଏନି। ଠିକ୍ ଏମିତି କିଛି ଘଟିଛି ଉତ୍ତରାଖଣ୍ଡର ଜଣେ ଚାଷୀଙ୍କ ସହିତ। ପାହାଡ଼ିଆ ଅଞ୍ଚଳରେ ସେ ଏକପ୍ରକାରର ନାଲି ମୂଳା ଚାଷ କରିଥିଲେ। କିନ୍ତୁ ଅମଳ କରିବା ପରେ ସେ ହଠାତ୍ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ। କାହିଁକିନା ସେ ଅମଳ କରିଥିବା ମୂଳା ମଧ୍ୟରେ ଏମିତି ଏକ ମୂଳା ଥିଲା ଯାହାର ଓଜନ ୧୦ କିଲୋଗ୍ରାମ୍ ୫୦୦ ଗ୍ରାମ୍। ଏବେ ବଡ଼ ମୂଳା ହୋଇଥିବା ସେ ଆଦୌ ଜାଣି ନ ଥିଲେ। ସେଥିପାଇଁ ପ୍ରଥମେ ହାତରେ ଉପାଡ଼ିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ପରେ ଚାରିପାଖରେ ଥିବା ମାଟିକୁ ବାହାର କରି ମୂଳାଟିକୁ ମାଟି ତଳୁ ବାହାର କରିଥିଲେ। ଆଉ ଉପରକୁ ଆଣିବା ପରେ ଏତେ ବଡ଼ ମୂଳା ଦେଖି ଯେତିକି ଆଶ୍ଚର୍ଯ୍ୟ ହୋଇଥିଲେ ସେତିକି ଖୁସି ବି ହୋଇଥିଲେ। ସେଥିପାଇଁ ସେ ମୂଳାଟିକୁ ସୋସିଆଲ ମିଡିଆରେ ଶେୟାର କରିଥିଲେ, ଯାହା ଏବେ ଭାଇରାଲ୍ ହେବାରେ ଲାଗିଛି। ଏତେ ବଡ଼ ପାହାଡ଼ିଆ ମୂଳାକୁ ଦେଖି ଅନେକେ ଖୁସି ବ୍ୟକ୍ତ କରିଛନ୍ତି। ଏହାକୁ ଏକ ପ୍ରଦର୍ଶନୀରେ ସ୍ଥାନ ଦେବା ପାଇଁ ମଧ୍ୟ ପରାମର୍ଶ ବି ଦେଇଛନ୍ତି। ତେବେ ଏହି ମୂଳା ପାଇଁ ଏବେ ଚାଷୀଜଣକ ମଧ୍ୟ ନିଜର ଏକ ଭିନ୍ନ ପରିଚୟ ସୃଷ୍ଟି କରିଥିବାରୁ ବେଶ୍ ଖୁସି ଅଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୯ ଫେବୃଆରୀ ୧୯୭୫

- ତଥାକଥିତ ମିଜୋ ସୈନ୍ୟବାହିନୀର କ୍ୟାପ୍‌ଟେନ ଏମ୍.ଏ. ଲିବୋତ୍ତାଙ୍କ ମଣିପୁର ପୋଲିସ ନିକଟରେ ଆତ୍ମସମର୍ପଣ।
- କଲିକତାର ବିଶିଷ୍ଟ ନୃତତ୍ତ୍ୱବିତ୍ ତଥା ପଦ୍ମଭୂଷଣରେ ସମ୍ମାନିତ ଶ୍ରୀ ଏଲ୍.ଏ. ଆୟାରଙ୍କ ୮୬ ବର୍ଷ ବୟସରେ ପରଲୋକ।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 6 | | | | | | 4 |
| | | 7 | | | 2 | | | |
| 2 | | | | 1 | | | | |
| | | | | | | 9 | | 6 |
| 6 | | | | 7 | 9 | | 1 | |
| | | 1 | 4 | | | | 3 | 8 |
| 4 | | | 8 | | | | 6 | |
| 7 | | | | | | | 5 | 3 |
| | | | 2 | 4 | | | 8 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 3 | 2 | 8 | 7 | 4 | 1 | 5 | 6 |
| 5 | 8 | 7 | 1 | 6 | 3 | 9 | 2 | 4 |
| 6 | 1 | 4 | 9 | 5 | 2 | 7 | 8 | 3 |
| 4 | 9 | 8 | 2 | 1 | 5 | 3 | 6 | 7 |
| 2 | 6 | 5 | 3 | 9 | 7 | 4 | 1 | 8 |
| 1 | 7 | 3 | 6 | 4 | 8 | 5 | 9 | 2 |
| 7 | 2 | 9 | 5 | 3 | 6 | 8 | 4 | 1 |
| 8 | 4 | 1 | 7 | 2 | 9 | 6 | 3 | 5 |
| 3 | 5 | 6 | 4 | 8 | 1 | 2 | 7 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସାମ୍ବାଦିକଙ୍କ ଦାବି ପୂରଣ କରାଯାଉ

ମହାଶୟ,

ଦୀର୍ଘବର୍ଷ ଧରି ରାଜ୍ୟର ସାମ୍ବାଦିକମାନେ ବିଭିନ୍ନ ଦାବି ପୂରଣ ପାଇଁ ଲଢ଼େଇ ଜାରି ରଖିବା ସହିତ ଆନ୍ଦୋଳନ କରୁଥିଲେ ମଧ୍ୟ ଦାବିଗୁଡ଼ିକୁ ସରକାର ପୂରଣ ନ କରିବା ଦୁର୍ଭାଗ୍ୟଜନକ। ସେହିଭଳି ଅବସର ନେଇଥିବା ସାମ୍ବାଦିକମାନଙ୍କୁ ଦୀର୍ଘବର୍ଷର ଦାବି ପରେ ମଧ୍ୟ ପେନ୍‌ସନ ଯୋଗାଇ ନ ଦେବା ଦୁଃଖର ବିଷୟ। ସରକାରଙ୍କ ସଫଳତାକୁ ବିଭିନ୍ନ ଗଣମାଧ୍ୟମ ଜରିଆରେ ପ୍ରକାଶ କରି ନିଜର ଦାବି ପୂରଣରେ ବିଫଳ ହେବା ଘଟଣା ମର୍ମାହତ କରିଛି। ଅନ୍ୟପକ୍ଷରେ ଅନେକ ରାଜ୍ୟରେ ସାମ୍ବାଦିକଙ୍କ ପାଇଁ ପେନ୍‌ସନ ଲାଗୁ ହୋଇଥିଲେ ମଧ୍ୟ ଆମ ରାଜ୍ୟରେ ପେନ୍‌ସନ ଲାଗୁ କରା ନ ଯିବା ଘଟଣା ରାଜ୍ୟ ସରକାରଙ୍କୁ ଅଡୁଆରେ ପକାଉଛି। ଏତଦ୍‌ବ୍ୟତୀତ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ, ସ୍ୱାସ୍ଥ୍ୟବୀମା ଯୋଜନାରେ ସାମ୍ବାଦିକଙ୍କ ପିତାମାତାଙ୍କୁ ସାମିଲ କରିବା, ୨୫ ବର୍ଷରୁ ଊର୍ଦ୍ଧ୍ୱ ସନ୍ତାନମାନଙ୍କୁ ସ୍ୱାସ୍ଥ୍ୟବୀମା ଯୋଜନାରେ ସାମିଲ କରିବା, ମିଡିଆ ଏକାଡେମୀ ଗଠନ କରିବା, ଅଧିସ୍ୱୀକୃତ କମିଟି ପୁନର୍ଗଠନ ଓ ବ୍ୟାପକ ଅଧିସ୍ୱୀକୃତି ପ୍ରଦାନ, ଲୋକସେବା ଭବନ ଓ ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟରେ ସାମ୍ବାଦିକଙ୍କ ପ୍ରବେଶ ଅଧିକାର ପ୍ରଦାନ କରାଯିବା ଉପରେ ସରକାର ଗୁରୁତ୍ୱ ଦେବା ଉଚିତ।

**– ବିଷ୍ଣୁପ୍ରସାଦ ମହାରଣା, ବାଜିଚୌକ, ଢେଙ୍କାନାଳ**

## ଚିରନ୍ତନୀ

ଛିଡ଼ାଇ ଯାଇଛି ବାହା
ଶିଖିଥିଲା ସବୁ କାମ
ସବୁ ମିଛ, ରଖେ କିଏ ?
ହୋଇଲେ କରମ ବାମ।
(ଚାଷୀର ଭାଗ୍ୟ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଜନକଲ୍ୟାଣକାରୀ ଯୋଜନାରେ ଦୁର୍ନୀତି ବଢୁଛି

**କୋରେଇ,୧୮।୨(ଚନ୍ଦ୍ରକାନ୍ତ ପତି)**

ଯାଜପୁର ଜିଲା କୋରେଇ ବ୍ଲକରେ ଆବାସ, ପାନୀୟଜଳ, ବୃକ୍ଷରୋପଣ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଇତ୍ୟାଦିରେ ବ୍ୟାପକ ଦୁର୍ନୀତି ହେଉଥିବା ଅଭିଯୋଗ ହେଉଛି। ଏପରି କି ଆମ ଓଡ଼ିଶା ନବୀନ ଓଡ଼ିଶା ଭଳି ନୂତନ ଜନକଲ୍ୟାଣକାରୀ ଯୋଜନା ବି ଏହି ଦୁର୍ନୀତିରୁ ବାଦ ପଡ଼ିନି। ଏହି ବ୍ଲକ କାର୍ଯ୍ୟାଳୟରେ ୫ ରୁ ୧୨ ବର୍ଷ ଧରି ୧୪ ଜଣ କର୍ମଚାରୀ ଓ ଅଧିକାରୀ ଗାଦି ମାଡ଼ିବସିଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ମତପ୍ରକାଶ ପାଇଛି। ଏନେଇ ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ସାମାଜିକ କର୍ମୀମାନେ ଯେତେ ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳୁନାହିଁ। କେତେଜଣ ପ୍ରଭାବଶାଳୀଙ୍କ ଛତ୍ରଛାୟା ତଳେ ରହିଥିବାରୁ ଏମାନଙ୍କ ପାଇଁ ଯେତେଥର ବଦଳି ନିର୍ଦ୍ଦେଶ ହେଉଥିଲେ ହେଁ ତାହା ପରବର୍ତ୍ତୀ ସମୟରେ ବାତିଲ ହେଉଥିବା ନଜିର ରହିଛି।

ଗ୍ରାମାଞ୍ଚଳରେ ଲୋକଙ୍କୁ କାମଧନ୍ଦା ଯୋଗାଇବା ଲକ୍ଷ୍ୟ ରଖି ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟକାରୀ ହେଉଛି। ଏହି ଯୋଜନାରେ ଜଳ ଅମଳ ପ୍ରକଳ୍ପ, ପୋଖରୀ ପୁନରୁଦ୍ଧାର, ମରୁଡ଼ି ନିରାକରଣ ଏବଂ ଗରିବଙ୍କ ଜମିର ଉନ୍ନୟନକୁ ପ୍ରାଥମିକତା ଦେବାକୁ ନିର୍ଦ୍ଦେଶ ରହିଛି। କିନ୍ତୁ କୋରେଇ ବ୍ଲକରେ ଏହି ଯୋଜନା କେତେଜଣ ଠିକାଦାରଙ୍କ ଜାଲରେ ଛନ୍ଦି ହୋଇ ଦିଗହରା ହୋଇଥିବା ପରିଲକ୍ଷିତ ହେଉଛି। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁସାରେ ୪।୧୧।୨୦୧୨ରୁ ଏଠାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଆସିଷ୍ଟାଣ୍ଟ ଭାବେ ଜଣେ କର୍ମଚାରୀ କାର୍ଯ୍ୟରତ ଅଛନ୍ତି। ତାଙ୍କ ମାଧ୍ୟମରେ ମିଥ୍ୟା ମଷ୍ଟରରୋଲ ତିଆରି କରାଯାଇ ଶ୍ରମିକଙ୍କ ନାମରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଟଙ୍କା ହରିଲୁଟ ହେଉଥିବା ଅଭିଯୋଗ ହେଉଛି। ଗାଇଡଲାଇନ୍ ଅନୁଯାୟୀ ଉକ୍ତ ଯୋଜନା ପାଇଁ ଆବଣ୍ଟିତ ପାଣ୍ଠିରୁ ଲୋକଙ୍କୁ ମଜୁରି ଦେବାରେ ୬୦ପ୍ରତିଶତରୁ କମ୍ ଖର୍ଚ୍ଚ ହେବ ନାହିଁ ବୋଲି ସ୍ପଷ୍ଟ ଉଲ୍ଲେଖ ରହିଛି। ମାତ୍ର ବାସ୍ତବପକ୍ଷେ ଏଥିରୁ ୫୦ ପ୍ରତିଶତ ଅର୍ଥ ମେଶିନ ଦ୍ୱାରା ଖର୍ଚ୍ଚ ହେଉଛି। ଏହାର ଗଳାବାଟ ପ୍ରସ୍ତୁତ କରିବାକୁ ଯାଇ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଅନ୍ୟ ଏକ ଯୋଜନାକୁ ସାମିଲ କରି ସେଥିରେ ମେଶିନ ବ୍ୟବହାର ହେଉଛି। ଏନେଇ ଅଭିଯୋଗ କଲେ ଅନ୍ୟ ଏକ ଯୋଜନାରେ ମେଶିନ ବ୍ୟବହାର ହେଉଛି ବୋଲି ଦର୍ଶାଇ ଦାୟିତ୍ୱରେ ଥିବା ଅଧିକାରୀମାନେ ମୁକୁଳି ଯାଉଛନ୍ତି। ଦୀର୍ଘ ୧୧ ବର୍ଷ ହେବ ଉକ୍ତ କର୍ମଚାରୀ ଜଣକ ଏହି ସବୁ ଗଳାବାଟ ପ୍ରସ୍ତୁତ କରିବାରେ ସିଦ୍ଧହସ୍ତ ବୋଲି କୁହାଯାଉଛି। ସେହିପରି ଜୁନିୟର ରେଭିନ୍ୟୁ ଆସିଷ୍ଟାଣ୍ଟ ଦୀର୍ଘ ୬ ବର୍ଷରୁ ଊର୍ଦ୍ଧ୍ୱ ହେବ ଗାଦି ମାଡ଼ି ବସିଛନ୍ତି। ଆସିଷ୍ଟାଣ୍ଟ ଫିଶେରି ଅଫିସର ଅଫିସରେ ପାଦ ନ ଦେଇ କେବଳ ଜନଶୁଣାଣିରେ ଉପସ୍ଥିତ ରହି ନିଜର କାମ ସାରୁଥିବା ଅଭିଯୋଗ ହୋଇଛି। ଏନେଇ ତାଙ୍କୁ ପ୍ରଶ୍ନକଲେ ୨ଟି ଜାଗାରେ କାର୍ଯ୍ୟରତ ଥିବାରୁ ଅନେକ ସମୟରେ କୋରେଇ ଆସିପାରୁନାହାନ୍ତି ବୋଲି କହୁଛନ୍ତି। ସେହିପରି ବ୍ଲକର ପିଇଓ, ଏସିପି, ବିପିଏ, ଡିଡବ୍ଲ୍ୟୁଓ କାର୍ଯ୍ୟାଳୟ ଅଧିକାରୀ ଓ କର୍ମଚାରୀ ଭାବେ ପ୍ରାୟ ୧୪ ଜଣ ୫ ରୁ ୧୨ ବର୍ଷ ହେବ କୋରେଇ ବ୍ଲକରେ ଚାକିରି କରୁଛନ୍ତି। ଫଳରେ ବିକାଶ ଉପରେ ବିନାଶ ଭାରି ପଡ଼ିଥିବା ମତପ୍ରକାଶ ପାଇଛି। ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀମାନଙ୍କ ସମ୍ପତ୍ତି ସମ୍ପର୍କରେ ଭିଜିଲାନ୍ସ ତଦନ୍ତ କରାଗଲେ ବିପୁଳ ଆୟ ବହିର୍ଭୂତ ସମ୍ପତ୍ତି ଠାବ ହେବ ବୋଲି କେତେଜଣ ସାମାଜିକ କର୍ମୀ ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ କୋରେଇ ବିଡିଓ ଅଶୋକ କୁମାର ମାଝୀଙ୍କ ମତାମତ ନେବାକୁ ତାଙ୍କ ମୋବାଇଲ ନମ୍ବରକୁ ଏକାଧିକ ଥର ଯୋଗାଯୋଗ କରିଥିଲେ ହେଁ ସେ କଲ୍ ଗ୍ରହଣ କରିନାହାନ୍ତି।

**କୋରେଇ ବ୍ଲକ**

- ଦୀର୍ଘବର୍ଷ ଧରି ଗାଦି ମାଡ଼ି ବସିଛନ୍ତି ଅଧିକାରୀ, କର୍ମଚାରୀ
- ଭିଜିଲାନ୍ସ ତଦନ୍ତ ଦାବି




**ସଂକ୍ଷେପରେ**

## ଜିଲା କଂଗ୍ରେସ କମିଟିର ମିଡିଆ ସଂଯୋଜକ ନିଯୁକ୍ତ

**ଯାଜପୁର ଟାଉନ,୧୮।୨ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ପ୍ରଦେଶ କଂଗ୍ରେସ କମିଟି ଗଣମାଧ୍ୟମ ଅଧ୍ୟକ୍ଷ ବିଶ୍ୱରଞ୍ଜନ ମହାନ୍ତି ଯାଜପୁର ଜିଲା କଂଗ୍ରେସ କମିଟି ମିଡିଆ ସେଲର ସଂଯୋଜକ ଭାବେ ଆଦିତ୍ୟ ମହାନ୍ତିଙ୍କୁ ନିଯୁକ୍ତି ଦେଇଛନ୍ତି। ମହାନ୍ତି ଦୀର୍ଘ ବର୍ଷ ଧରି କଂଗ୍ରେସର ସମସ୍ତ ଗଣମାଧ୍ୟମ କାର୍ଯ୍ୟକ୍ରମକୁ ନିଷ୍ଠାପର ଭାବେ ତୁଲାଇ ଆସିଛନ୍ତି। ଏହାକୁ ଦୃଷ୍ଟିରେ ରଖି ତାଙ୍କୁ ଯାଜପୁର ପରି ଗୁରୁତ୍ୱପୂର୍ଣ୍ଣ ଜିଲାର ଦାୟିତ୍ୱ ଦିଆଯାଇଛି। ଏଥିପାଇଁ ମହାନ୍ତି ପିସିସି ସଭାପତି ଶରତ ପଟ୍ଟନାୟକ, ଗଣମାଧ୍ୟମ ଅଧ୍ୟକ୍ଷ ମହାନ୍ତି, ରାମଚନ୍ଦ୍ର ଖୁଣ୍ଟିଆ, ଶରତ ରାଉତ ଓ ବନ୍ଦିତା ପରିଡ଼ାଙ୍କୁ କୃତଜ୍ଞତା ଜଣାଇଛନ୍ତି। ଅନ୍ୟପକ୍ଷରେ ଦଳର ବିଭିନ୍ନ କାର୍ଯ୍ୟକର୍ତ୍ତା ମହାନ୍ତିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ୱାନ-ଡି-ୱାନ କେନାଲ କଂକ୍ରିଟ୍‌କରଣ କାର୍ଯ୍ୟର ଶିଳାନ୍ୟାସ

**ଝୁମୁରୀ,୧୮।୨(ସରୋଜ ନାୟକ):**

ଦଶରଥପୁର ବ୍ଲକ୍ ତଳିହା ପଞ୍ଚାୟତ ସିଦ୍ଧେଶ୍ୱରଠାରେ ରବିବାର ୱାନ-ଡି-ୱାନ କେନାଲର କଂକ୍ରିଟ୍‌କରଣ କାର୍ଯ୍ୟ ପାଇଁ ଶିଳାନ୍ୟାସ କରାଯାଇଛି। ଯାଜପୁର ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟ କେଶରୀ ଦାସ ମୁଖ୍ୟ ଅତିଥିଭାବେ ଏହାର ଶିଳାନ୍ୟାସ କରିଛନ୍ତି। ଅନ୍ୟତମ ଅତିଥିଭାବେ ଜିଲା ବିଜେଡି ସଭାପତି ସରୋଜ ମହାପାତ୍ର, ଜିଲା ପରିଷଦ ସଭ୍ୟ ପାର୍ଥସାରଥି ମହାପାତ୍ର, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷା ସୁଜାତା ସାହୁ, ଜଳସମ୍ପଦ ସହକାରୀ ଯନ୍ତ୍ରୀ ଅନ୍ତର୍ଯ୍ୟାମୀ ମହାନ୍ତି, କନିଷ୍ଠ ଯନ୍ତ୍ରୀ ଧୀରେନ ପାଣି, ଅରୁଣ ତ୍ରିପାଠୀ, ପୂର୍ବତନ ସରପଞ୍ଚ ପ୍ରତାପ ଜେନା, ବିଜେଡି ନେତା ମୁକ୍ତିକାନ୍ତ ପଣ୍ଡା, ତଳିହା ସମବାୟ ସମିତି ସଭାପତି ସଦାନନ୍ଦ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ସିଦ୍ଧେଶ୍ୱରଠାରୁ ନୂଆଗାଁ ଗାୟତ୍ରୀ ମନ୍ଦିର ପର୍ଯ୍ୟନ୍ତ ୱାନ-ଡି-ୱାନ କେନାଲ ଶଯ୍ୟାକୁ କଂକ୍ରିଟ୍ କରିବାପାଇଁ ଯାଜପୁର ଜଳସମ୍ପଦ ବିଭାଗ ପକ୍ଷରୁ ପ୍ରାୟ ୪୨ କୋଟି ଟଙ୍କାର ଅନୁଦାନ ଯୋଗାଇ ଦିଆଯାଇଛି।

## ବିଞ୍ଝାରପୁର ଶିକ୍ଷା ମଣ୍ଡଳରେ ମାଟ୍ରିକ ପରୀକ୍ଷା ଦେବେ ୨୪୮୩ ଛାତ୍ରୀଛାତ୍ର

**ବିଞ୍ଝାରପୁର,୧୮।୨(ରାମକୃଷ୍ଣ ଦାସ):**

ବିଞ୍ଝାରପୁର ଶିକ୍ଷା ମଣ୍ଡଳରେ ୨୪୮୩ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେବେ। ଏଥିପାଇଁ ସୟଦପୁରସ୍ଥିତ ବ୍ରଜସୁନ୍ଦର ଉଚ୍ଚ ବିଦ୍ୟାଳୟକୁ ନୋଡାଲ କେନ୍ଦ୍ର କରାଯାଇଛି। ଏହିକେନ୍ଦ୍ର ଅଧୀନରେ ୪୮ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର କଲ୍ୟାଣପୁର ଶ୍ରୀବନ୍ତ ଉଚ୍ଚ ବିଦ୍ୟାଳୟ, ସୟଦପୁର ବ୍ରଜସୁନ୍ଦର ଉଚ୍ଚ ବିଦ୍ୟାଳୟ, କପିଳା ଏସବିଏମ ଉଚ୍ଚ ବିଦ୍ୟାଳୟ, ଅରେଇ ବରୁଣେଶ୍ୱର ଉଚ୍ଚ ବିଦ୍ୟାଳୟ, ପ୍ରୀତିପୁର ବିଏସ ଉଚ୍ଚ ବିଦ୍ୟାଳୟ, ହଳଦିଡିହ ଅଦ୍ୱୈତ ଚରଣ ଉଚ୍ଚ ବିଦ୍ୟାଳୟ, ଉଓଙ୍ଗରା ଉଚ୍ଚ ବିଦ୍ୟାଳୟ, ଗୋବିନ୍ଦପୁରସ୍ଥିତ ଏଜିଆଇ ଉଚ୍ଚ ବିଦ୍ୟାଳୟ ଆଦି ୧୪ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେବେ ବୋଲି ନୋଡାଲ ଅଧିକାରୀ ଦେବୀଲାଲ ମଲ୍ଲିକ ସୂଚନା ଦେଇଛନ୍ତି।

# ଉନ୍ନତିମୂଳକ କାର୍ଯ୍ୟର ହିସାବ ଦେଲେ ବିଧାୟକ



ସଚେତନତା କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି।

**ଧର୍ମଶାଳା,୧୮।୨(ବଟକୃଷ୍ଣ ପରିଡ଼ା):**

**ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ**

ଧର୍ମଶାଳା ବ୍ଲକ୍‌ରେ ରବିବାର ଆମ ଓଡ଼ିଶା ନବୀନ ଓଡ଼ିଶାର ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ୍ ଅଧୀନ ଥାନୁଆଳ, ଗଙ୍ଗାଧରପୁର, ଆରୁହା, ପାଖର, ହରିଦାସପୁର, ତରଞ୍ଜିଆ ଏବଂ ଭବାନୀପୁର ପଞ୍ଚାୟତ ଜନସାଧାରଣଙ୍କୁ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଯାଇଛି। ଏନେଇ ଅନୁଷ୍ଠିତ ସଭାରେ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗଦେଇ ସରକାର ଏହି ପଞ୍ଚାୟତଗୁଡ଼ିକରେ କରିଥିବା ଉନ୍ନତିମୂଳକ କାର୍ଯ୍ୟର ହିସାବ ରଖିଛନ୍ତି। ପଞ୍ଚାୟତରେ ମୋଟ୍ ରାଶନ ପାଇଥିବା ହିତାଧିକାରୀ ସଂଖ୍ୟା, ମଧୁବାବୁ ପେନସନ ହିତାଧିକାରୀ ସଂଖ୍ୟା ଏବଂ ରାଜ୍ୟ ସରକାରଙ୍କ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ଜନସାଧାରଣଙ୍କ ସମ୍ପର୍କରେ ସେ ଅବଗତ କରାଇଛନ୍ତି। ଏଥିସହିତ ତାଙ୍କର ୧୦ ବର୍ଷ କାର୍ଯ୍ୟକାଳରେ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ହିସାବ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମସ୍ତ ମିଶନ ଶକ୍ତିର ସଦସ୍ୟାଙ୍କ ଡ୍ରେସ୍ କୋଡ ପାଇଁ ହଜାର ଟଙ୍କାର ଅର୍ଥରାଶି ଦେବା ପାଇଁ ଘୋଷଣା କରିଛନ୍ତି। ସେହିପରି ମମତା ଯୋଜନାରେ ୫ ହଜାରରୁ ୧୦ ହଜାର ଟଙ୍କାର ସହାୟତା, ମଧୁବାବୁ ପେନସନ ଯୋଜନାରେ ୫୦୦ ଟଙ୍କା ବୃଦ୍ଧି, କଳାକାର ସହାୟତା ରାଶି ବୃଦ୍ଧି ସହ ପ୍ରତ୍ୟେକ ରାଶନକାର୍ଡଧାରୀ ପରିବାରକୁ ୧ ହଜାର ଟଙ୍କା ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି ବୋଲି ବିଧାୟକ ବଳବନ୍ତରାୟ କହିଛନ୍ତି। ବ୍ଲକ୍ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଯୋଗଦେଇ ସମସ୍ତଙ୍କୁ ସ୍ୱାଗତ କରିବା ସହିତ ବ୍ଲକ୍ ମାଧ୍ୟମରେ ହୋଇଥିବା ସମସ୍ତ ଯୋଜନା ବିଷୟରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ। କାର୍ଯ୍ୟକ୍ରମକୁ ଧର୍ମଶାଳା ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ ପରିଚାଳନା କରିଥିଲେ।

# ବରୀ ବିକାଶରେ ମୁଖ୍ୟମନ୍ତ୍ରୀଙ୍କ ଅବଦାନ ଅତୁଳନୀୟ



ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ।

**ବରୀ,୧୮।୨(ମହେନ୍ଦ୍ର ସ୍ୱାଇଁ):**

**ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ**

ବରୀ ବ୍ଲକ ଅଧୀନ ବାଲିବିଲ ପଞ୍ଚାୟତରେ ସରପଞ୍ଚ ମଧୁସ୍ମିତା ସାମଲଙ୍କ ନେତୃତ୍ୱରେ ଆମ ଓଡ଼ିଶା ନବୀନ ଓଡ଼ିଶାର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମସ୍ତେ ସହଯୋଗ କଲେ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନା ଗ୍ରାମାଞ୍ଚଳର ମହିଳା, ଯୁବପିଢ଼ି ଓ ସାଧାରଣଲୋକଙ୍କ ନିକଟରେ ପହଞ୍ଚି ପାରିବ ବୋଲି ସରପଞ୍ଚ ସାମଲ ମତ ରଖିଛନ୍ତି। ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ନାୟକ ଯୋଗଦେଇ ଏହି ପଞ୍ଚାୟତକୁ ଆସୁଥିବା ଅନୁଦାନ ସଫଳ ଭାବରେ ବିନିଯୋଗ କରାଯାଉଥିବା କହିଥିଲେ। ପଞ୍ଚାୟତ ଲୋକଙ୍କ ଉପସ୍ଥିତି ଏହା ପ୍ରମାଣ କରୁଛି ବୋଲି ସେ ପ୍ରକାଶ କରିଥିଲେ। ଗ୍ରାମ ରୋଜଗାର ସେବକ ତନ୍ମୟ ପରିଡ଼ା, ପ୍ରକାଶ ପରିଆଡ଼ି, ମାନଗୋବିନ୍ଦ ସାମଲ, ଭୋଳାନାଥ ମଲିକ ଓ ଗଜେନ୍ଦ୍ର ମଲିକ ପ୍ରମୁଖ ସହଯୋଗ କରିଥିଲେ।

ସେହିପରି ମହକାଳପଡ଼ା ପଞ୍ଚାୟତରେ ସରପଞ୍ଚ ପ୍ରଜ୍ଞାପରମିତା ପରିଡ଼ାଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବରୀ ବିଧାୟିକା ସୁନନ୍ଦା ଦାସ ଯୋଗଦେଇ ବରୀ ବିକାଶରେ ମୁଖ୍ୟମନ୍ତ୍ରୀଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଏବିଡିଓ ମହେଶ୍ୱର ସେଠୀ ଯୋଗଦେଇ ରାଜ୍ୟ ସରକାରଙ୍କ ଉନ୍ନୟନମୂଳକ କାର୍ଯ୍ୟ ପ୍ରତି ପରିବାରରେ ପହଞ୍ଚିଥିବାରୁ ସରକାରଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ପ୍ରାକ୍ତନ ସରପଞ୍ଚ ସଂଗ୍ରାମ ସାମଲ, କୁଞ୍ଜବିହାରୀ ପରିଡ଼ା, ଗମ୍ଭୁ ସମବାୟ ସମିତି ସଭାପତି କେଦାର ନାୟକ, ସ୍ମୃତି ରଞ୍ଜନ ପରିଡ଼ା ଓ ବୀରେନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ

**ଛତିଆ,୧୮।୨(ସୌମ୍ୟ ରଞ୍ଜନ ସାହୁ):**

ଯାଜପୁର ଜିଲା ୧୬ନଂ. ଜାତୀୟ ରାଜପଥର ନେଳିଆଠାରେ ଥିବା ଇଣ୍ଡିଆନ ଅଏଲ ପେଟ୍ରୋଲ ପମ୍ପ ନିକଟରେ ରବିବାର ସନ୍ଧ୍ୟାରେ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ତାଙ୍କ ପରିଚୟ ମିଳି ପାରିନାହିଁ। ସେ ଏକ ମୋଟରସାଇକେଲ ଓଡି-୦୫-ବିଏମ-୭୩୧୪ଯୋଗେ କଟକରୁ ଚଣ୍ଡିଖୋଲ ଯାଉଥିବା ସମୟରେ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇ ପଳାଇଥିଲା। ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା। ବୈରୀ ଥାନା ଅଧିକାରୀ ଶରତଚନ୍ଦ୍ର ନାୟକ ଓ ଛତିଆ ବିଟ ହାଉସ ଅଧିକାରୀ ମହେନ୍ଦ୍ର ସେଠୀ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ।

## ଭତ୍ତାରୁ ବଞ୍ଚିତ ଦିବ୍ୟାଙ୍ଗ ଅହଲ୍ୟା

**କାଏମା,୧୪।୨(ଶିବପ୍ରସାଦ ମହାନ୍ତି):**



ଧର୍ମଶାଳା ବ୍ଲକ ବଡ଼ କାଏମା ପଞ୍ଚାୟତ ଶେରପୁର ଗ୍ରାମର ଅହଲ୍ୟା ପଣ୍ଡା ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ତାଙ୍କୁ ୬୩ ବର୍ଷ ବୟସ ହେଲାଣି। ସେ ଜଣେ ଦିବ୍ୟାଙ୍ଗ ଓ ବୃଦ୍ଧା ହୋଇଥିଲେ ମଧ୍ୟ ପ୍ରଶାସନର ଅବହେଳା ପାଇଁ ୮ ମାସ ହେବ ଭତ୍ତା ମିଳୁନାହିଁ ବୋଲି ତାଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ସେମାନଙ୍କ ଅଭିଯୋଗ ମୁତାବକ, ଅହଲ୍ୟା କଟକ ସହରରେ ପରିବାର ସହ ରହୁଥିଲେ। ସ୍ୱାମୀଙ୍କ ଏକ ଛୋଟ ଜଳଖିଆ ଦୋକାନ ଥିଲା। ସେ ଜଳଖିଆ ତିଆରି କରିବାରେ ସାହାଯ୍ୟ କରୁଥିଲେ। ସେଠାରେ ତାଙ୍କୁ ଭତ୍ତା ମିଳୁଥିଲା। ହେଲେ କୌଣସି କାରଣରୁ ଦୋକାନ ଭାଙ୍ଗିଯିବାରୁ ସେ ନିଜ ଗ୍ରାମକୁ ଆସି ଦୁଃଖେ କଷ୍ଟେ ଚଳୁଛନ୍ତି। ମାସକୁ ଥରେ ବହୁ କଷ୍ଟରେ ଗାଡ଼ି ଭଡ଼ା କରି କଟକ ଯାଇ ଭତ୍ତା ଆଣନ୍ତି। ତେଣୁ ସେ ନିଜ ଗ୍ରାମରୁ ଭତ୍ତା ପାଇବା ପାଇଁ ଆବେଦନ କରିଥିଲେ। ହେଲେ ଜାଣିବାକୁ ପାଇଥିଲେ ନିଜ ପଞ୍ଚାୟତରେ ନୂଆ କରି ଭତ୍ତା ପାଇଁ ଆବେଦନ କରାଗଲେ କଟକରୁ କଟିଯିବ ଓ ନିଜ ଗ୍ରାମରୁ ଭତ୍ତା ଟଙ୍କା ମିଳିବ। ଏହାପରେ ସେ ପଞ୍ଚାୟତ କାର୍ଯ୍ୟାଳୟରୁ ବ୍ଲକ ଓ ଯାଜପୁର ମେଡିକାଲ ପର୍ଯ୍ୟନ୍ତ ବହୁଥର ଦୌଡ଼ିଥିଲେ ମଧ୍ୟ ନିରାଶ ହୋଇଛନ୍ତି। ସେ ବାରମ୍ବାର ଅଭିଯୋଗ କରିବା ପରେ କଟକରେ ତାଙ୍କୁ ଦୁଇ ମାସର ଭତ୍ତା ମିଳିଥିଲା। ହେଲେ ସମ୍ପୂର୍ଣ୍ଣ ଭତ୍ତା ପାଇବାରୁ ସେ ବଞ୍ଚିତ ହୋଇ ବହୁ ଦୁଃଖରେ ଚଳୁଛନ୍ତି ବୋଲି କହିଛନ୍ତି। ତେଣୁ ତାଙ୍କୁ ତୁରନ୍ତ ଭତ୍ତା ପ୍ରଦାନ କରିବାକୁ ସେ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ବିଡିଓ ଦେବେନ୍ଦ୍ର ପ୍ରସାଦ ବଳଙ୍କୁ ପଚାରିବାରେ ସେ କହିଛନ୍ତି, ଏହା ଉପରେ ଯଥାଶୀଘ୍ର ପଦକ୍ଷେପ ନେବେ। ଦେଖିବାକୁ ଅପେକ୍ଷା କେବେ ଅହଲ୍ୟାଙ୍କୁ ଭତ୍ତା ମିଳିପାରୁଛି।

# ମା' ଜାଡେଇ ଯୁବକ ସଂଘର ରୌପ୍ୟ ଜୟନ୍ତୀ



ରୌପ୍ୟ ଜୟନ୍ତୀରେ ସମ୍ବର୍ଦ୍ଧିତ ହୋଇଥିବା ବିଧାୟିକା, ସରପଞ୍ଚ ଓ ଅନ୍ୟମାନେ।

**ରସୁଲପୁର,୧୮।୨(ରଞ୍ଜିତ ରାଉତ):**

ଯାଜପୁର ଜିଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମା' ଜାଡ଼େଇ ଯୁବକ ସଂଘର ରୌପ୍ୟଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ମା' ଜାଡେଇ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ବେହେରା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବିଧାୟିକା ସୁନନ୍ଦା ଦାସ, ମୁଖ୍ୟବକ୍ତା ବାର କାଉନସିଲର ଉପାଧ୍ୟକ୍ଷ ରାଜୀବ ମହାନ୍ତି, ସମ୍ମାନିତ ଅତିଥି ଯାଜପୁର ଜିଲା ସାମ୍ବାଦିକ ସଂଘ ସଭାପତି ଆଦିତ୍ୟ ମେକାପ, ଯାଜପୁର ବ୍ଲକ ଶିକ୍ଷାଧିକାରୀ ସ୍ମୃତିରେଖା ନାୟକ, ଭୋଟକା ସରପଞ୍ଚ ସ୍ମୃତିରେଖା ରାଉତ, ବ୍ରହ୍ମବରଦା ସରପଞ୍ଚ ମମତା ଶୁଭଦର୍ଶିନୀ ଦେଓ, ମହେଶ୍ୱରପୁର ସରପଞ୍ଚ ଝରଣା ପାତ୍ର, ରାଉତରାପୁର ସରପଞ୍ଚ ସ୍ୱର୍ଣ୍ଣଲତା ସାହୁ, ଯାଜପୁର ବ୍ଲକର ଝାଲପଡ଼ା ସରପଞ୍ଚ ଭାରତୀ ମଲିକ, ସମିତିସଭ୍ୟ ନିର୍ମଳ ସାମଲ, ଯୁବନେତା ପ୍ରଦୀପ ଦାସ ଓ ଶିକ୍ଷକ ଅବଦୁଲ ରସିଦ ଖାନ ପ୍ରମୁଖ ଯୋଗଦେଇ ଯୁବଶକ୍ତିର ସୁବିନିଯୋଗ ଓ ସମାଜକୁ ସୁପଥରେ ଅଗ୍ରଗତି କରାଇବାରେ ଯୁବକମାନଙ୍କ ଭୂମିକାର ବିଭିନ୍ନ ଦିଗ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ।

କାର୍ଯ୍ୟକ୍ରମରେ ରସୁଲପୁର ବ୍ଲକର ଭୋଟକା, ରାଉତରାପୁର, ବ୍ରହ୍ମବରଦା, ମହେଶ୍ୱରପୁର ସରପଞ୍ଚ, ଝାଲପଡା ସରପଞ୍ଚ, ବ୍ଲକ ଶିକ୍ଷାଧିକାରୀ ଓ ବିଧାୟିକାଙ୍କୁ ମିଶାଇ ମୋଟ ୭ଜଣ ମହିଳାଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହିତ ବାରକାଉନସିଲ ଉପାଧ୍ୟକ୍ଷ ମହାନ୍ତି, ସମିତିସଭ୍ୟ ସାମଲଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା। ଦିବ୍ୟାଙ୍ଗ ନେତା ମଣ୍ଟୁ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମ ଜରିଆରେ ସ୍ଥାନୀୟ ଅଞ୍ଚଳର କିଶୋରୀକିଶୋରମାନଙ୍କ ମଧ୍ୟରେ ଆୟୋଜିତ ନାନା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲାର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। ସମାରୋହ ସନ୍ଧ୍ୟାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସିରିଏଲ ଅଭିନେତ୍ରୀ ମିଠିଙ୍କ ନୃତ୍ୟ, ଗୀତ ଓ ସଂଳାପ ମଞ୍ଚର ଅତିଥି ଓ ଉପସ୍ଥିତ ଦର୍ଶକମାନଙ୍କୁ ମନୋରଂଜନର ଖୋରାକ ଯୋଗାଇଥିଲା। ଯୁବ ଖବରଦାତା ପ୍ରକାଶ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

# ଦ୍ୱିତୀୟ ପର୍ଯ୍ୟାୟ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡାଇଙ୍କ ସମେତ ଅନ୍ୟମାନେ।

**କଳିଙ୍ଗନଗର,୧୮।୨(ଶୁଭାଶିଷ ରାଉତ):**

ଦାନଗଦି ବ୍ଲକ ଅଧୀନ ରାଛିପୁର, କୁମ୍ଭୀରଗଡ଼ିଆ, ଖପୁରିଆପଦା, ଚାନ୍ଦିଆ ଓ ଯଖପୁରା ପଞ୍ଚାୟତରୁ ରବିବାର ଦ୍ୱିତୀୟ ପର୍ଯ୍ୟାୟ ଆମ ଓଡ଼ିଶା ନବୀନ ଓଡ଼ିଶା ରୂପାନ୍ତରଣ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ଗ୍ରାମ୍ୟ ଉନ୍ନୟନ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡ଼ାଇ ଯୋଗଦେଇ ଏହି କାର୍ଯ୍ୟକ୍ରମ ଶୁଭାରମ୍ଭ କରିବା ସହ ବିଭିନ୍ନ କ୍ଷେତ୍ରରେ ସଫଳତା ପାଇଥିବା ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିସହିତ ସଫଳ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ସମ୍ବର୍ଦ୍ଧିତ କରିଥିଲେ। ମଧୁବାବୁ ପେନସନ ଯୋଜନାର ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ଟଙ୍କା ପ୍ରଦାନ କରିଥିଲେ। ପରେ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଲୋକମାନଙ୍କୁ କହିଥିଲେ। ପାଞ୍ଚବର୍ଷ ଭିତରେ ସରକାର ଘୋଷଣା କରିଥିବା ଯୋଜନା କିପରି ସଫଳ ହୋଇଛି ସେ ସମ୍ପର୍କରେ ବୁଝାଇଥିଲେ। ଆଗାମୀ ଦିନରେ ପୁଣି ନବୀନ ସରକାରଙ୍କୁ ସହଯୋଗ କରିବା ପାଇଁ ଉପସ୍ଥିତ ଜନସାଧାରଣଙ୍କୁ ନିବେଦନ କରିଥିଲେ। କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ପ୍ରତିନିଧି ପ୍ରଦୀପ ମହାନ୍ତି, ଦାନଗଦି ପଞ୍ଚାୟତ ସମିତି ଅଧ୍ୟକ୍ଷା ଅର୍ଚ୍ଚନା ଦାସ, ଦାନଗଦି ବିଜେଡି ସଭାପତି, ଜିଲା ପରିଷଦ ସଭ୍ୟାସଭ୍ୟ, ସରପଞ୍ଚ ଓ ସମିତି ସଭ୍ୟାସଭ୍ୟ ପ୍ରମୁଖ ଯୋଗଦେଇଥିଲେ।

# ସଂସ୍କୃତିକୁ ଉଜ୍ଜୀବିତ ରଖିବା ଉଦ୍ୟମ ପ୍ରଶଂସନୀୟ

**ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର,୧୮।୨ (ପ୍ରଦୀପ୍ତ କୁମାର ପୃଷ୍ଟି/ଗିରିଜା ପ୍ରସାଦ ସାହୁ):**

**ନାନପୁର ମହୋତ୍ସବ**

ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁର ପଞ୍ଚାୟତସ୍ଥିତ ବିରୁପା ନଦୀ କୂଳର ଏକ ଗ୍ରାମୀଣ ପରିବେଶରେ ରବିବାର ନାନପୁର ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଡେରିକ୍ ପ୍ରଫୁଲ୍ଲ ଫାଉଣ୍ଡେଶନ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମକୁ ଜିଲା ସଂସ୍କୃତି ପରିଷଦର ସଦସ୍ୟ ଶୁଭେନ୍ଦୁ ଭୂୟାଁ ସଞ୍ଚାଳନା କରିଥିଲେ। ଉଦ୍‌ଘାଟକଭାବେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଚିତ୍ରଶିଳ୍ପୀ ତଥା ଲେଖକ ପ୍ରଫୁଲ୍ଲ ମହାନ୍ତି ଯୋଗଦେଇ କହିଥିଲେ, ବିଶ୍ୱରେ ଯେଉଁ କୋଣରେ ରହିଲେ ବି ଗାଁକୁ ଭୁଲେନାହିଁ। ଗାଁ ହେଉଛି ମୋର ଆତ୍ମା। ଗାଁର ପ୍ରତିଟି ଚିତ୍ର, ଚରିତ୍ର, ପରମ୍ପରା, ଚଳନୀ, କଳା ଓ ସଂସ୍କୃତି ମତେ ସର୍ବଦା ପ୍ରଭାବିତ କରିଆସିଛି। ମୋର ୨ ବନ୍ଧୁ ଡେରିକ୍‌ମୋର ଓ ପ୍ରଫେସର ଜେ.ପି ଦାସଙ୍କ ସ୍ମୃତିରେ ଏହି ଉତ୍ସବକୁ ଉତ୍ସର୍ଗ କରୁଛି। ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଗାୟତ୍ରୀ ଦାସ, ପ୍ରଫେସର ଯତୀନ ନାୟକ, ପୂର୍ବତନ ମହିଳା କମିଶନ ଅଧ୍ୟକ୍ଷା ଲୋପାମୁଦ୍ରା ମହାନ୍ତି, ପ୍ରଫେସର ବୈଷ୍ଣବ ଚରଣ ମହାନ୍ତି, ବିରୁପାକ୍ଷ ତ୍ରିପାଠୀ, ଡ. ଏକାଦଶୀ ପ୍ରଧାନ, ଶିକ୍ଷାବିତ୍ ସବିତା ମହାନ୍ତି, ଚିତ୍ରଶିଳ୍ପୀ ରବି ରଥ, କବି ସହଦେବ ସ୍ୱାଇଁ, ଶିଳ୍ପୀ ପ୍ରଣବ ଅଖଣ୍ଡ ପ୍ରମୁଖ ଯୋଗଦେଇ ସଂସ୍କୃତିକୁ ସୁରକ୍ଷା ଓ ଉଦ୍‌ଜୀବିତ ରଖିବା ପାଇଁ ପ୍ରଫୁଲ୍ଲଙ୍କ ଉଦ୍ୟମ ପ୍ରଶଂସନୀୟ ବୋଲି ମତବ୍ୟକ୍ତ କରିଥିଲେ।

ଏଥିରେ ପ୍ରଫୁଲ୍ଲଙ୍କ ଚିତ୍ରକଳା ଓ ପୁସ୍ତକ ପ୍ରଦର୍ଶନୀ କରାଯାଇଥିବାବେଳେ ଗ୍ରାମାଞ୍ଚଳର ମହିଳା ଓ ବାଳିକାଙ୍କ ଦ୍ୱାରା ଝୋଟିଚିତ୍ର, ଚିତ୍ରାଙ୍କନ, କାହାଣୀ କଥନ, ପିଲାମାନଙ୍କ ଦ୍ୱାରା ନୃତ୍ୟ, ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। 'ବନ୍ଧୁ ଶିରୋନାମା'ରେ କବିତା ଆସର କବି ସୁଶାନ୍ତ କିଶୋର ବଳଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। କବି ତୁହିନାଂଶୁ ରଥ, ନିରଞ୍ଜନ ଜେନା, ନବକିଶୋର ଗୋସ୍ୱାମୀ, ଏକାଦଶୀ ସେଠୀ, ରାମଚନ୍ଦ୍ର ଦାସ, ମାନସ ଚମ୍ପତିରାୟ, ଡ.କୃଷ୍ଣଚନ୍ଦ୍ର ପାତ୍ର, ରାମଚନ୍ଦ୍ର ମହାପାତ୍ର, ଅଲେଖ ଚନ୍ଦ୍ର ଦାସ, ସୁଶ୍ରୀ କାମିନୀ ନାୟକ, ଲବଙ୍ଗଲତା ରାଉତ, ଶରତ ସାହୁ, ପ୍ରିୟଙ୍କା ମହାରଣା, ଧରିତ୍ରୀ ଜେନା, ବିଜୟ କୁଅଁର, କାଜଲ ଦାସ ପ୍ରମୁଖ ଶତାଧିକ କବି ଯୋଗଦେଇ ବନ୍ଧୁ ସମ୍ପର୍କିତ ସ୍ୱରଚିତ କବତା ପାଠ କରିଥିଲେ। କବି ନବକିଶୋର ଗୋସ୍ୱାମୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଖବରଦାତା ଶୁଭେନ୍ଦୁ କୁମାର ଭୂୟାଁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। କୃତୀ ପ୍ରତିଯୋଗୀ, କବି, କଳାକାର, ଲେଖକମାନଙ୍କୁ ସମ୍ମାନିତ କରାଯାଇଥିଲା। ଲଗନ ମହାନ୍ତି, କଣ୍ଠଶିଳ୍ପୀ ଅଜୟ ଜେନା, ଶାନ୍ତିଲତା ଜେନା, ସତ୍ୟଜିତ୍ ଭୂୟାଁ, ଚିନ୍ମୟୀ ମହାନ୍ତି, ଅର୍ଚ୍ଚନା ଜେନା, ବନଲତା ମହାନ୍ତି, ଲଗ୍ନା ମହାନ୍ତି, କାନନବାଳା ମହାନ୍ତି, ଲକ୍ଷ୍ମୀ ମହାନ୍ତି ଓ ସୋନାଲି ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



ନାନପୁର ମହୋତ୍ସବରେ ଯୋଗଦେଇଥିବା ଅତିଥି।

# ତହସିଲ କାର୍ଯ୍ୟାଳୟ ପରିସରରେ ନାହିଁ ଶୌଚାଳୟ

## ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଜନସାଧାରଣ

ପଟ୍ଟାମୁଣ୍ଡାଇ,୧୮।୨(କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ତହସିଲ କାର୍ଯ୍ୟାଳୟ ପରିସରରେ ଶୌଚାଳୟ ନ ଥିବାରୁ ଏଠାକୁ ଆସୁଥିବା ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ନେଇ ସେମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ନୂତନ ତହସିଲଦାରଙ୍କୁ ଜଣାଇଛନ୍ତି। ଏହି ତହସିଲ ଉପରେ ୩୧ ପଞ୍ଚାୟତର ୧୯୫ ଗ୍ରାମର ଜନସାଧାରଣ, ଛାତ୍ରୀଛାତ୍ର ଜମିଜମା କାଗଜପତ୍ର ଓ ସାର୍ଟିଫିକେଟ ପାଇଁ ନିର୍ଭରଶୀଳ ହୋଇ ଆସୁଛନ୍ତି। ବହୁ ଦୂରଦୂରାନ୍ତରୁ ଲୋକେ ବିଭିନ୍ନ କାର୍ଯ୍ୟରେ ଏଠାକୁ ଆସି ଦୀର୍ଘ ସମୟ ଅପେକ୍ଷା କରୁଥିବାବେଳେ ଶୌଚାଳୟ ନ ଥିବାରୁ ଶୌଚ ହେବା ପାଇଁ ସେମାନେ ଗଳିକନ୍ଦି, ରାସ୍ତାକଡ଼କୁ ଯାଉଛନ୍ତି ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳର ନରେନ୍ଦ୍ର ଧଳ, ହିମାଂଶୁ ବିଶ୍ୱାଳ, କୈଳାସ ସେଠୀ, ସାମାଜିକ କର୍ମୀ ପ୍ରବୀର ନାୟକ ପ୍ରମୁଖ କହିଛନ୍ତି, ସଦର ମହକୁମାଠାରୁ ଅଳପୁଆ, ଅଣ୍ଠରା, ତରଡ଼ିପାଳ, ପେଣ୍ଠପାଳ, ବଲୁରିଆ, ସିଂହଗାଁ, ଅମୃତମଣୋହି, ଖଣନ୍ତା, ବିଲିକଣା ଆଦି ପଞ୍ଚାୟତ ୨୨ରୁ ୨୫ କି.ମି. ଦୂରରେ ରହିଛି। ଏସବୁ ପଞ୍ଚାୟତରୁ ମଧ୍ୟ ପ୍ରତିଦିନ ଶତାଧିକ ଲୋକ ଆସୁଛନ୍ତି। ମାତ୍ର ପରିତାପର ବିଷୟ ତହସିଲ କାର୍ଯ୍ୟାଳୟ ପରିସରରେ ଶୌଚାଳୟଟିଏ ନ ଥିବାରୁ ସେମାନଙ୍କୁ ହଇରାଣ ହେବାକୁ ପଡୁଛି। ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ପୌର ପରିଷଦ ପକ୍ଷରୁ ଇକୋ ଟଏଲେଟ ନିର୍ମାଣ ହୋଇ ଦୀର୍ଘବର୍ଷ ହେଲା ଭାଙ୍ଗିରୁଜି ପରିତ୍ୟକ୍ତ ଅବସ୍ଥାରେ ରହିଛି। ସରକାର ସ୍ୱଚ୍ଛ ଭାରତ ଯୋଜନାରେ ଗ୍ରାମାଞ୍ଚଳରେ ପାଇଖାନା ନିର୍ମାଣକୁ ଗୁରୁତ୍ୱ ଦେଉଥିବାବେଳେ ଖୋଦ୍ ତହସିଲ କାର୍ଯ୍ୟାଳୟ ପରିସରରେ ଶୌଚାଳୟ ସୁବିଧା କରା ନ ଯିବା ଆଲୋଚ୍ୟର ବିଷୟ ହୋଇଛି। ଶୌଚାଳୟ ନ ଥିବାରୁ ବିଶେଷକରି ମହିଳାମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତହସିଲ କାର୍ଯ୍ୟାଳୟ ସମ୍ମୁଖରେ କଚେରି ପୋଖରୀକୁ ରାସ୍ତା ଯାଇଛି। ସେହି ରାସ୍ତାପାର୍ଶ୍ୱରେ ଲୋକେ ପରିସ୍ରା କରୁଥିବାରୁ ଉକ୍ତ ଅଞ୍ଚଳ ଦୁର୍ଗନ୍ଧ ହେଉଛି। ଏପରି କି ଉକ୍ତ ରାସ୍ତା ଦେଇ ମହିଳାମାନେ ଯାତାୟାତ କରିବାକୁ ସଂକୋଚ ମନେକରୁଛନ୍ତି। ଏସବୁ ସମସ୍ୟାକୁ ଦୃଷ୍ଟିରେ ରଖି ତହସିଲ କାର୍ଯ୍ୟାଳୟ ପରିସରରେ ଶୌଚାଳୟ ନିର୍ମାଣ କରିବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ଅତିରିକ୍ତ ତହସିଲଦାର ଦିଲୀପ ନାଏକଙ୍କୁ ପଚାରିବାରୁ ଏହି ଅଳ୍ପଦିନ ହେବ ଏଠାରେ ନୂତନ ଭାବେ କାର୍ଯ୍ୟରେ ଯୋଗ ଦେଇଛି। ଏଠାରେ ପାନୀୟ ଜଳ ସୁବିଧା ନ ଥିବାରୁ ଏକ ନଳକୂପ କରାଯାଇଛି। ଦୁଇଟି ଶୌଚାଳୟ କରାଯାଉଛି। ପରବର୍ତ୍ତୀ ସମୟରେ ସାଧାରଣ ଲୋକଙ୍କ ପାଇଁ ଶୌଚାଳୟ କରାଯିବା ସହ ଯେଉଁ ସବୁ ଅସୁବିଧା ଅଛି ଧୀରେ ଧୀରେ ଦୂର କରାଯିବ ବୋଲି ସେ କହିଛନ୍ତି।



ପଟ୍ଟାମୁଣ୍ଡାଇ ତହସିଲ ପରିସରରେ ଶୌଚାଳୟ ନ ଥିବାରୁ ଲୋକେ ହଇରାଇ ହେଉଛନ୍ତି।

## ବରିଷ୍ଠ ଆଇନଜୀବୀଙ୍କ ପରଲୋକରେ ଶୋକ

ଜଗତ୍ସିଂହପୁର, ୧୮।୨
(ପ୍ରମୋଦ କୁମାର ନାୟକ)

ବରିଷ୍ଠ ଆଇନଜୀବୀ ନାରାୟଣ ପ୍ରଧାନଙ୍କ କଟକ ଗଣ୍ଡରପୁରସ୍ଥିତ ବାସଭବନରେ ଶନିବାର ରାତିରେ ମୃତ୍ୟୁ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୯ବର୍ଷ ବୟସ ହୋଇଥିଲା। କିଛିଦିନ ହେବ ସେ ଶାରୀରିକ ଭାବେ ଅସୁସ୍ଥ ଥିଲେ। ମୃତ୍ୟୁ ପରେ ପରିବାର ପକ୍ଷରୁ ପ୍ରଧାନଙ୍କ ମୃତଦେହକୁ ତାଙ୍କ ଜଗତ୍ସିଂହପୁର ଦୁର୍ଗାପୁରସ୍ଥିତ ନିଜ ବାସଭବନକୁ ନିଆଯାଇଥିଲା। ସେଠାରେ ଭାଇ ପଞ୍ଚାନନ, ଭଉଣୀ ସୁଷମା, ପୁତୁରା ବେନୁଆ, ଜ୍ୱାଇଁ ପ୍ରଭାତ ରାଉତ, କୃଷ୍ଣ ସ୍ୱାଇଁ ପ୍ରମୁଖ ମୃତ ଶଯ୍ୟା ନିକଟରେ ଉପସ୍ଥିତ ଥିଲେ। ସ୍ଥାନୀୟ ଅଞ୍ଚଳର ଆଇନଜୀବୀ ରବୀନ୍ଦ୍ର ନାଥ ମହାନ୍ତି, ଗୋରାଚାନ୍ଦ କାନୁନ୍‌ଗୋ ଜଗତ୍ସିଂହପୁର ପୂର୍ବତନ ପୌରାଧ୍ୟକ୍ଷ ବପ୍ଳବ ଚୌଧୁରୀ, ଉମେଶ ସ୍ୱାଇଁଙ୍କ ସମେତ ଅନେକ ବ୍ୟକ୍ତି ପୁଷ୍ପ ଗୁଚ୍ଛ ଦେଇ ସ୍ୱର୍ଗତ ପ୍ରଧାନଙ୍କ ଶେଷ ଦର୍ଶନ କରିଥିଲେ। ଶେଷରେ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁତ୍ର ବବୁନା ମୁଖାଗ୍ନି ଦେଇଥିଲେ।

## ସିସି କ୍ୟାମେରା କବ୍‌ଜାରେ ୧୫ ମାଟ୍ରିକ୍ ପରୀକ୍ଷା କେନ୍ଦ୍ର

### ୩ ହଜାର ପରୀକ୍ଷାର୍ଥୀ, ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

ମହାକାଳପଡ଼ା, ୧୮।୨(ପ୍ରତାପ ଚନ୍ଦ୍ର ସ୍ୱାଇଁ)

୨୦ ତାରିଖରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହେବ। ଏହି ଅବସରରେ ମହାକାଳପଡ଼ା ବ୍ଲକର ୧୫ ପରୀକ୍ଷା କେନ୍ଦ୍ରରେ ସିସି କ୍ୟାମେରା ଖଞ୍ଜାଯାଇଛି। ପରୀକ୍ଷା ସ୍ୱଚ୍ଛ, ନିରପେକ୍ଷ ଭାବେ କରାଇବା ପାଇଁ ପରୀକ୍ଷାର୍ଥୀମାନେ କେନ୍ଦ୍ର ମଧ୍ୟକୁ କୌଣସି ଇଲେକ୍ଟ୍ରୋନିକ୍ ଯନ୍ତ୍ର, ମୋବାଇଲ ନେବାକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି। ଏପରିକି କେନ୍ଦ୍ରର ଶିକ୍ଷୟିତ୍ରୀଶିକ୍ଷକ ଓ ଅନ୍ୟ କର୍ମଚାରୀଙ୍କୁ ଏହି ଯାନ୍ତ୍ରିକ ବା ମୋବାଇଲ ପ୍ରବେଶକୁ ବାରଣ କରାଯାଇଛି। କେବଳ କେନ୍ଦ୍ର ଅଧୀକ୍ଷକଙ୍କ ନିକଟରେ ଜରୁରିକାଳୀନ ପାଇଁ ମୋବାଇଲ ରହିବ। ପରୀକ୍ଷା କେନ୍ଦ୍ରରେ ଅନିୟମିତତା ଅଭିଯୋଗ ହେଲେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶିକ୍ଷା ବିଭାଗୀୟ ସୂତ୍ରରୁ ପ୍ରକାଶ।

ମହାକାଳପଡା ବ୍ଲକରେ ମୋଟ ୪୬ଟି ଉଚ୍ଚ ବିଦ୍ୟାଳୟର ୩ ହଜାରରୁ ଅଧିକ ପରୀକ୍ଷାର୍ଥୀ ପରୀକ୍ଷା ଦେବେ ବୋଲି କୁହାଯାଇଛି। ବ୍ଲକର ସ୍ଥାନୀୟ ସଦର ମହକୁମା କିଆରବାଙ୍କସ୍ଥିତ ପଞ୍ଚାୟତ ହାଇସ୍କୁଲରେ ପ୍ରଶ୍ନପତ୍ର ହବ୍ ସେଣ୍ଟର କରାଯାଇଛି। ଏହି ହବ୍ ସେଣ୍ଟରକୁ ୨୪ ଘଣ୍ଟିଆ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏହି ସେଣ୍ଟରରୁ ୯ଟି ପରୀକ୍ଷା କେନ୍ଦ୍ରକୁ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ପ୍ରଶ୍ନପତ୍ର ପହଞ୍ଚାଯିବ ବୋଲି ବ୍ୟବସ୍ଥା ଗ୍ରହଣ କରାଯାଇଛି। ପରୀକ୍ଷା କେନ୍ଦ୍ର ମଧ୍ୟରେ ଜମ୍ବୁ , ରାହାମା, ବିଜୟନଗର, ଅନ୍ଧୁଲି, ଚଡାଇଗୁଆଁ, କିଆରବାଙ୍କ, ଗୋଜାବନ୍ଧ, ବାରଡାଙ୍ଗ ଓ ରାମନଗର ପରୀକ୍ଷା କେନ୍ଦ୍ରକୁ ପ୍ରଶ୍ନପତ୍ର ପ୍ରେରଣ କରାଯିବ। ସେହିପରି ବ୍ଲକର ଅନ୍ୟ ୫ଟି ପରୀକ୍ଷା କେନ୍ଦ୍ର ମଧ୍ୟରେ ବୀଣାପାଣି ଉଚ୍ଚ ବିଦ୍ୟାପୀଠ, ଗୋପୀନାଥପୁର ଶାସନରେ ଦୁଇଟି ପରୀକ୍ଷା କେନ୍ଦ୍ର, ନଳଦିଆ, ରୋମିତ ଓ ଆଶ୍ରମ ବାଲିକୁଦା ହାଇସ୍କୁଲକୁ ମାର୍ଶାଘାଇ ବାଳକ ବିଦ୍ୟାଳୟରେ ପ୍ରଶ୍ନପତ୍ର ହବ୍ ସେଣ୍ଟରରୁ ପହଞ୍ଚା ଯିବ ବୋଲି ବିଇଓ ତନ୍ମୟ କୁମାର ବେହେରା କହିଛନ୍ତି। ପରୀକ୍ଷା ସମୟ ନିର୍ଘଣ୍ଟର ଦେଢ଼ ଘଣ୍ଟା ପୂର୍ବରୁ ପରୀକ୍ଷା କେନ୍ଦ୍ରକୁ ଛାତ୍ରୀଛାତ୍ରମାନେ ପ୍ରବେଶ କରିବେ। ପରୀକ୍ଷା କେନ୍ଦ୍ର ଗେଟ୍‌ରେ ଛାତ୍ରୀଛାତ୍ରମାନଙ୍କୁ ଚେକିଂ କଡ଼ାକଡ଼ି କରାଯିବ ବୋଲି କୁହାଯାଇଛି।

## କୁଶିଆପାଳରେ କଂଗ୍ରେସ କର୍ମୀ ସମ୍ମିଳନୀ

ଡେରାବିଶ, ୧୮।୨ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଅନ୍ତର୍ଗତ କୁଶିଆପାଳ ହାଇସ୍କୁଲ ପଡ଼ିଆରେ କଂଗ୍ରେସର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ଉମେଶ ଚନ୍ଦ୍ର ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ପାଟକୁରା କଂଗ୍ରେସ ନେତା ରତିକାନ୍ତ କାନୁନ୍‌ଗୋ, ସମ୍ମାନିତ ଅତିଥି ଭାବେ ପୂର୍ବତନ ବ୍ଲକ ସଭାପତି ଅନନ୍ତ ପାତ୍ର, ବ୍ଲକ କଂଗ୍ରେସ ମହିଳା ସଭାପତି ରଶ୍ମିତା ମହାନ୍ତି, ଗୋଲଖ ସ୍ୱାଇଁ, ରାଜୀବ ଲୋଚନ ମିଶ୍ର, ଜୟଦେବ ପରିଡ଼ା ପ୍ରମୁଖ ଯୋଗଦେଇ କଂଗ୍ରେସ ଦଳର ସଂଗଠନକୁ ସୁଦୃଢ଼ କରିବା ପାଇଁ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତ ସଭାପତି ସାଧୁ ଚରଣ ମଲିକ, ବାସୁଦେବ ମଲିକ, ଏସ୍‌କେ ମୋତି, ସୁରେଶ ମଲିକ, ବୀରବର ପାଗଳ, ପ୍ରଫୁଲ୍ଲ ମଲିକ, ଦୟାନିଧି ମଲିକ, ହେମନ୍ତ କୁମାର ବେହେରା, ଶେଖ୍ ଜାକିର ପ୍ରମୁଖ ପରିଚାଳନା କରିଥିଲେ।



ସମ୍ମିଳନୀରେ ଉପସ୍ଥିତ କଂଗ୍ରେସ ନେତାମାନେ।

## ମୁଖ୍ୟମନ୍ତ୍ରୀଙ୍କ କଥା କମ୍, କାମକୁ ପ୍ରାଧାନ୍ୟ

### ବରାଡ଼ିଆରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

ରାଜକନିକା,୧୮।୨
(ସଞ୍ଜୟ କୁମାର ଦାଶ/ ରବୀନ୍ଦ୍ର କୁମାର ଦାସ)

ରାଜକନିକା ବ୍ଲକ ବରାଡିଆ ପଞ୍ଚାୟତର ଦେଉଳି ହରପାର୍ବତୀ ଖେଳପଡ଼ିଆରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସଂଯୁକ୍ତା ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶକ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେବ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ରାଜ୍ୟ ସରକାରଙ୍କ ନୂଆ-ଓ, ଆମ ଓଡ଼ିଶା ନବୀନ ଓଡ଼ିଶା ଏବଂ ଜନକଲ୍ୟାଣକାରୀ ଯୋଜନା ତଥା ବିକାଶ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ହୋଇଥିବା ବିକାଶର ଫର୍ଦ୍ଦ ଏଲଇଡି ସ୍କ୍ରିନ୍ ମାଧ୍ୟମରେ ପ୍ରଦର୍ଶିତ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଥା କମ୍ କାମକୁ ପ୍ରାଧାନ୍ୟ ଦିଅନ୍ତି ବୋଲି ଓଡ଼ିଶା ଆଜି ନବୀନ ଓଡ଼ିଶାରେ ପରିଣତ ହୋଇ ଭାରତବର୍ଷର ଏକ ନମ୍ବର ସ୍ଥାନ ନେଇଛି। ସମ୍ମାନିତ ଅତିଥି ଭାବେ ବିଧାୟକଙ୍କ ପ୍ରତିନିଧି ବିକାଶଚନ୍ଦ୍ର ଦାସ, ଏମ୍‌ପି ପ୍ରତିନିଧି ପବିତ୍ର ରାଉତ, ବ୍ଲକ ବିଜେଡି ସଭାପତି ବିଦ୍ୟାଧର ବେହେରା ଓ ସମିତିସଭ୍ୟା କବିତା ଦାସ ପ୍ରମୁଖ ଯୋଗଦେଇଥିଲେ। ବିକାଶଧାରାରେ ଓଡ଼ିଶା ସମ୍ପର୍କରେ ଉପସ୍ଥିତି ଜନସାଧାରଣଙ୍କୁ ଅବଗତ କରାଇଥିଲେ। ଏଥିରେ ପୂର୍ବତନ ସରପଞ୍ଚ ରବିନାରାୟଣ ବେହେରା, ବାସୁଦେବ ବିଶ୍ୱାଳ, ପ୍ରଦୀପ୍ତ ରାଉତ, ପଞ୍ଚାୟତ ସଭାପତି ଜଗନ୍ନାଥ ମହାପାତ୍ର, ତରାସ ସରପଞ୍ଚ ମନୋରମା ନାୟକ, ସମିତିସଭ୍ୟ ପ୍ରକାଶ ସେନାପତି, ଅଜୟ ନାୟକ, ବିଜୟ ବେହେରା, ନୟୁମ ଖାଁ ପ୍ରମୁଖ ଉପସ୍ଥିତ ଥିଲେ। ଜଗନ୍ନାଥ ବେହେରା, ବ୍ରଜବନ୍ଧୁ ନାୟକ, ସଦାଶିବ ଖଟୁଆ, ବ୍ରଜ କିଶୋର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରତାପକେଶରୀ ଦେବ ଓ ଅନ୍ୟମାନେ।

## ରାଜକନିକାରେ ଗଡ଼ିଲା ଲକ୍ଷ୍ମୀ ବସ୍

ରାଜକନିକା,୧୮।୨
(ରବୀନ୍ଦ୍ର କୁମାର ଦାସ/ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକରେ ଗଡିଲା ଲକ୍ଷ୍ମୀ ବସ୍। ବ୍ଲକ କର୍ଯ୍ୟାଳୟ ପରିସରରୁ ଏମ୍‌ପିଙ୍କ ପ୍ରତିନିଧି ପବିତ୍ର ରାଉତ, ଜାଗୁଲାଇପଡ଼ା ସମିତିସଭ୍ୟ ପ୍ରକାଶ ସେନାପତି, ବ୍ଲକ ଏସ୍‌ଓ ନରହରି କିସ୍କୁ, ବ୍ଲକ ସାମାଜିକ ସମୀକ୍ଷକ ସୁବ୍ରତ ସାମଲ ପ୍ରମୁଖ ପତାକା ଦେଖାଇ ବହୁ ପ୍ରତୀକ୍ଷିତ ଲକ୍ଷ୍ମୀ ବସ୍‌କୁ ଉଦ୍‌ଘାଟନ କରିଛନ୍ତି। ବ୍ଲକରୁ ମୋଟ ୫ ଖଣ୍ଡ ବସ୍ ଗଡ଼ିବାକୁ ଥିବାବେଳେ ପରୀକ୍ଷା ସ୍ୱରୂପ ପ୍ରଥମ ପର୍ଯ୍ୟାୟରେ ଗୋଟିଏ ବସ୍ ଦିଆଯାଇଛି। ଅନ୍ୟ ୪ଖଣ୍ଡ ବସ୍ ଆସନ୍ତା ସପ୍ତାହରେ ଗଡ଼ିବ। ରାଜକନିକାର ୨୯ଟି ପଞ୍ଚାୟତର ପ୍ରତ୍ୟେକ ଗାଁରୁ ବ୍ଲକ ସଦରକୁ ସବୁଦିନ ପ୍ରାୟ ୩ ଥର ଲେଖାଏ ଯିବା ଆସିବା କରିବା ସହ ଯାତ୍ରୀଙ୍କ ପକେଟକୁ ସୁହାଇଲା ପରି ୫ ଟଙ୍କା ଭଡା ରଖାଯାଇଥିବା ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଗୋଟିଏ ବସ୍ ବ୍ଲକରୁ ଜିଲା ସଦର ମହକୁମାକୁ ଯାତାୟାତ କରିବ ବୋଲି ଜଣାପଡିଛି। ସହଜ ଓ ସୁବିଧାରେ ଗ୍ରାମାଞ୍ଚଳର ସାଧାରଣ ଲୋକ ଏହି ବସ୍‌ରେ ଯାତାୟାତ କରିବାକୁ ନେଇ ଅଞ୍ଚଳବାସୀ ବେଶ୍ ଖୁସିଥିବା ଜଣାପଡିଛି। ଅନ୍ୟମାନଙ୍କ ମଧ୍ୟରେ ପ୍ରଦୀପ୍ତ ରାଉତ, ଦାମୋଦର ସ୍ୱାଇଁ, ଉଦୟ ବେହେରା, କୁମର ନାୟକ, ସୁରେଶ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।



ପତାକା ଦେଖାଯାଇ ଲକ୍ଷ୍ମୀ ବସ୍‌କୁ ଉଦ୍‌ଘାଟନ କରାଯାଉଛି।

## ୨ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

ପାଟକୁରା, ୧୮।୨(ରବୀନ୍ଦ୍ର ନାଥ ବାରିକ)

ଗରଦପୁର ବ୍ଲକ ବନ୍ତଳା ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସରପଞ୍ଚ ରଞ୍ଜନ ନାୟକଙ୍କ ସଭାପତିତ୍ୱରେ ବିଡିଓ ପ୍ରଦ୍ୟୁମ୍ନ କୁମାର ନାୟକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ଅଭୟ ମହାରାଜ, ଆମ୍ବା ଅଧ୍ୟକ୍ଷ ବାସୁଦେବ ବେହେରା, ସରପଞ୍ଚ ଅମୀୟ କୁମାର ଜେନା, ଅନୁସୟା ବେହେରା, ପ୍ରଭାତ ନଳିନୀ ଜେନା, ଜିଲା ପରିଷଦ ସଭ୍ୟା ଏଲିଜା ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଇଥିଲେ। ସମିତି ସଭ୍ୟ ବ୍ରଜ କିଶୋର ସାହୁ ଧନ୍ୟବାଦ ଦେଇଥିଲେ। ସେହିପରି ମଧୁଶାସନ ପଞ୍ଚାୟତରେ ମଧ୍ୟ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ମଞ୍ଜୁଲତା ବେହେରାଙ୍କ ସଭାପତିତ୍ୱରେ ବିଡିଓ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ସମେତ ବ୍ଲକ ଅଧ୍ୟକ୍ଷ ମହାରାଜ, ଜିପିଓ ମୃଣ୍ମୟ ରାଉତ ଓ ଅନ୍ୟ ଅତିଥିମାନେ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ହେଲେ କାର୍ଯ୍ୟକ୍ରମରେ ଅଳ୍ପ ଜନସାଧାରଣ ଉପସ୍ଥିତ ଥିବାରୁ ବିଡିଓ ନାୟକ, ସରପଞ୍ଚ, ଜିପିଓ, ମିଶନ ଶକ୍ତିର ସଭାନେତ୍ରୀଙ୍କ ଉପରେ ବିରକ୍ତି ପ୍ରକାଶ କରିଥିଲେ।



ବନ୍ତଳା ସରପଞ୍ଚ ଓ ସମିତି ସଭ୍ୟଙ୍କ ଗହାଣରେ ସମ୍ବର୍ଦ୍ଧିତ ଅତିଥିଗଣ।

## ମହାକାଳପଡ଼ାରେ ଚିତ୍ତରଞ୍ଜନଙ୍କୁ ବିଧାୟକ ପ୍ରାର୍ଥୀ କରାଯିବ

### କେନ୍ଦ୍ରାପଡ଼ା ଜିଲା ଯାଦବ ମହାସଭା ବୈଠକ

କେନ୍ଦ୍ରାପଡ଼ା ୧୮।୨ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ଯାଦବ ମହାସଂଘର ବୈଠକ ରବିବାର ସହର ଉପକଣ୍ଠ ଗରାପୁରଠାରେ ଥିବା ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ପ୍ରଭାକର ପଲାଇ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ଜିଲାରେ ଯାଦବ ଭୋଟରଙ୍କ ସଂଖ୍ୟା ୩ ଲକ୍ଷ ୩୧ ହଜାର। ଜିଲା ଅନ୍ତର୍ଗତ ଯାଦବ ବହୁଳ ମହାକାଳପଡ଼ା ନିର୍ବାଚନମଣ୍ଡଳୀରେ ନିର୍ବାଚନ ନିର୍ଣ୍ଣାୟକ ହେବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ଏହି ନିର୍ବାଚନମଣ୍ଡଳୀରୁ ସଂଘର ସକ୍ରିୟ ସଦସ୍ୟ ଚିତ୍ତରଞ୍ଜନ ଦାସଙ୍କୁ ବିଧାୟକ ପ୍ରାର୍ଥୀ କରିବାକୁ ବୈଠକରେ ସ୍ଥିର କରାଯାଇଛି। ଏଥିରେ ସଂଘ ଉପସଭାପତି ଚିତ୍ତରଞ୍ଜନ ଦାସ ଯୋଗଦେଇ ମହାକାଳପଡ଼ା ନିର୍ବାଚନମଣ୍ଡଳୀର ସାମୂହିକ ବିକାଶ ପାଇଁ ଦୀର୍ଘବର୍ଷ ହେଲା ସେ ସଂଗ୍ରାମ କରି ଆସୁଛନ୍ତି ବୋଲି କହିଥିଲେ। ଆଗାମୀଦିନରେ ନିର୍ବାଚନମଣ୍ଡଳୀର ସାମୂହିକ ସ୍ୱାର୍ଥ ପାଇଁ ତାଙ୍କ ସଂଗ୍ରାମ ଅବ୍ୟାହତ ରହିବ ବୋଲି ସେ କହିଥିଲେ। ତେବେ ସଂଘ ପକ୍ଷରୁ ନିଆଯାଇଥିବା ନିଷ୍ପତ୍ତି ପାଇଁ ସମସ୍ତ ସଦସ୍ୟଙ୍କୁ କୃତଜ୍ଞତା ଜଣାଇଥିଲେ। ବୈଠକରେ ସଂଘର ସାଧାରଣ ସମ୍ପାଦକ ଚିନ୍ମୟ ଦାସ, କାର୍ଯ୍ୟକାରୀ ସଭାପତି ବିଜୟ ପରିଡ଼ା, ଧୀରେନ୍ଦ୍ର ପୃଷ୍ଟି, କୋଷାଧ୍ୟକ୍ଷ ନବକିଶୋର ଦାସ, ସହସମ୍ପାଦକ ବିଶ୍ୱରଞ୍ଜନ ଦାସ, ନଗର ସଭାପତି ଅଜୟ ଦାସ, ସମ୍ପାଦକ ଲୋକନାଥ ଦାସ ପ୍ରମୁଖ ବୈଠକରେ ଉପସ୍ଥିତ ରହି ଜିଲାର ଯାଦବମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିବା ସହ ଚିତ୍ତରଞ୍ଜନଙ୍କୁ ବିଧାୟକ ପ୍ରାର୍ଥୀ କରିବା ପାଇଁ ନିଜର ମତ ରଖିଥିଲେ। ବୈଠକରେ ଜିଲାର ୯ଟି ବ୍ଲକ ଓ ୨ଟି ମ୍ୟୁନିସିପାଲିଟିରେ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।



## ଖବରକାଗଜ ହକରମାନଙ୍କୁ ସହାୟତା ରାଶି ଯୋଗାଇ ଦିଆଯାଉ

ପଟ୍ଟାମୁଣ୍ଡାଇ,୧୮।୨ (କଳ୍ପତରୁ ନାୟକ)

ଖରା,ବର୍ଷା, ଶୀତକୁ ଖାତିର ନକରି ପ୍ରତିଦିନ ସକାଳୁ ଜନସାଧାରଣଙ୍କ ଘରେ ଖବରକାଗଜ ପହଞ୍ଚାଉଥିବା ପଟ୍ଟାମୁଣ୍ଡାଇ ଖବରକାଗଜ ବିତରକ (ହକର) ମାନଙ୍କ ବୈଠକ ସ୍ଥାନୀୟ ହରପାର୍ବତୀ ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରସନ୍ନ ତ୍ରିପାଠୀଙ୍କ ସଭାପତିତ୍ୱରେ ପରିଚାଳିତ ବୈଠକରେ ସନ୍ତୋଷ କୁମାର ଦାଶ, ସୁବାସ ପାତ୍ର, ରବୀନ୍ଦ୍ର ଦାଶ, ତାପସ ମଲିକ, ପ୍ରଭାକର ମଲିକ, ପରୀକ୍ଷିତ ବିଶ୍ୱାଳ, ଜୟନ୍ତ ପାତ୍ର, କେଦାର ନାୟକ, ଧନେଶ୍ୱର ସେଠୀ, କୁବୁଜି ମାଝି, ରୋହିତ ଜେନା ପ୍ରମୁଖ ମିଳିତ ହୋଇ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଥିବା ଖବରକାଗଜ ହକରମାନେ ନିର୍ମାଣ ଶ୍ରମିକ ଭାବେ ତାଲିକା ଭୁକ୍ତ ହୋଇଛନ୍ତି। ମାତ୍ର ସେମାନଙ୍କୁ କୌଣସି ସରକାରୀ ସହାୟତା ରାଶି ଯୋଗାଇ ଦିଆଯାଉନାହିଁ। ଏଥି ନେଇ ଖବରକାଗଜ ହକରମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଗତ ସାଧାରଣ ନିର୍ବାଚନ ଅବ୍ୟବହିତ ପୂର୍ବରୁ ଖବରକାଗଜ ହକରମାନଙ୍କୁ ସରକାର ସହାୟତା ରାଶି ଯୋଗାଇ ଦେଇଥିଲେ। ଇତି ମଧ୍ୟରେ ୫ବର୍ଷ ବିତିଯାଇଛି। ହେଲେ ସରକାର ହକରମାନଙ୍କ କଲ୍ୟାଣ ପାଇଁ କୌଣସି କାର୍ଯ୍ୟକ୍ରମ ହାତକୁ ନେଇନାହାନ୍ତି। ସରକାର ବିଭିନ୍ନ ବର୍ଗର ଲୋକଙ୍କ ପାଇଁ ସହାୟତା ରାଶି ଘୋଷଣା କରୁଥିବାବେଳେ ହକରମାନଙ୍କ କ୍ଷେତ୍ରରେ ନୀରବ ରହିଛନ୍ତି। ଏ ନେଇ ହକରମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ରାଜ୍ୟ ସରକାର ହକରମାନଙ୍କ ଦୁଃଖ, ଦୁର୍ଦ୍ଦଶାକୁ ହୃଦୟଙ୍ଗମ କରି ତୁରନ୍ତ ସହାୟତା ରାଶି ଯୋଗାଇ ଦେବାକୁ ଦାବି କରିଛନ୍ତି।

## ପର୍ଯ୍ୟାବରଣ ଅନୁକୂଳ ପରିବେଶ ଶୀର୍ଷକ ଆଲୋଚନାଚକ୍ର

ନାଉଗାଁ,୧୮।୨(ସୁଧା ବେହୁରା)

ନାଉଗାଁ ବ୍ଲକ ଅନ୍ତର୍ଗତ ନାଉଗାଁହାଟ ସରକାରୀ ଉଚ୍ଚ ବିଦ୍ୟାଳୟରେ ରବିବାର ଇକୋ ଫ୍ରେଣ୍ଡଲି ଏନ୍‌ଭାଇରନମେଣ୍ଟ (ପର୍ଯ୍ୟାବରଣ ଅନୁକୂଳ ପରିବେଶ)ଶୀର୍ଷକ ଏକ ଆଲୋଚନାଚକ୍ର ରବିବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସନ୍ତୋଷିନୀ ସେଠୀଙ୍କ ପୌରୋହିତ୍ୟରେ ଇକୋ କ୍ଲବ ଦାୟିତ୍ୱରେ ଥିବା ରାଜ୍ୟର କୃତୀ ଶିକ୍ଷକ ମାନସ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ପ୍ରାଧ୍ୟାପକ ରମେଶ ଚନ୍ଦ୍ର ଦାସ, ପ୍ରାଧ୍ୟାପକ ବିଭୂତି ଭୂଷଣ ସ୍ୱାଇଁ, ଶିକ୍ଷାବିତ୍ ବୈଷ୍ଣବ ଚରଣ ଦାସ ଯୋଗଦେଇ ଇକୋ କ୍ଲବ ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ପୁରୁଷୋତ୍ତମ ତ୍ରିପାଠୀ, ପ୍ରିୟରଞ୍ଜନ ଜେନା,ସମୀକ୍ଷା ଗିରି ପରିଚାଳନା କରିଥିଲେ।



ଆଲୋଚନାଚକ୍ରରେ ସାମିଲ ହୋଇଥିବା ପ୍ରଧାନ ଶିକ୍ଷୟିତ୍ରୀ ଓ ଅନ୍ୟମାନେ।

## ପାରାଦୀପରେ ଅଗ୍ରୱାଲ ଚକ୍ଷୁ ଚିକିତ୍ସା କେନ୍ଦ୍ର ଉଦ୍‌ଘାଟିତ

ପାରାଦୀପ,୧୮।୨(ଶରତ ରାଉତ)

ପାରାଦୀପର ପିପିଏଲ ଛକ ନିକଟ ବିଜୟଚନ୍ଦ୍ରପୁରଠାରେ ରବିବାର ଅଗ୍ରୱାଲ ଗ୍ରୁପ ଓ ଆଖି ହସ୍ପିଟାଲର ଏକ ଚିକିତ୍ସା କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଟକ କ୍ଲିନିକାଲ ସର୍ଭିସେସ ମୁଖ୍ୟ ଡା. ନବରତ୍ନ ଧନୁଜା, ଭୁବନେଶ୍ୱର ମୁଖ୍ୟ ବିଜୟ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଗୁଣାତ୍ମକ ଚିକିତ୍ସା ତଥା ପରୀକ୍ଷା ଏବେ ଏହି ହସ୍ପିଟାଲ ଯୋଗାଇ ଦେବ ବୋଲି କୁହାଯାଇଛି। ଏପରିକି ଏବେ ସମସ୍ତଙ୍କ ପାଇଁ ମାଗଣା ପରୀକ୍ଷା ସୁବିଧା ରହିଛି। ଏବେ ପାରାଦୀପର ପ୍ରଦୂଷଣ ଅଧିକ। ଏଥିରେ ଆଖି ମଧ୍ୟ ପ୍ରଭାବିତ ହେଉଛି। ସବୁବର୍ଗର ଲୋକ ନିୟମିତ ଆଖି ପରୀକ୍ଷା କରିବା ଜରୁରୀ ବୋଲି ମୁଖ୍ୟ ଅତିଥି ବିଶ୍ୱାଳ କହିଥିଲେ।

## ବଛରାଇ, ଯମପଡ଼ାରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

ମାର୍ଶାଘାଇ,୧୮।୨ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ବଛରାଇ ଓ ଯମପଡ଼ା ପଞ୍ଚାୟତ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଆମ ଓଡ଼ିଶା ନବୀନ ଓଡ଼ଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯମପଡ଼ାଠାରେ ସରପଞ୍ଚ ମନୋଜକାନ୍ତ ପରିଡାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପାଟକୁରା ବିଧାୟିକାଙ୍କ ପ୍ରତିନିଧି ସଞ୍ଜୟ ଅଗ୍ରୱାଲ ସମ୍ମାନୀତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ପ୍ରମୋଦ କୁମାର ରଥ, ବ୍ଲକ ଉପାଧାକ୍ଷା ଉର୍ମିଳା ମହାନ୍ତି, ସମିତି ସଭ୍ୟା ସୁପ୍ରଭା ଜେନା ଯୋଗ ଦେଇଥିଲେ।

ସେହିପରି ବଛରାଇ ପଞ୍ଚାୟତଠାରେ ପୂର୍ବତନ ସରପଞ୍ଚ ପ୍ରଦୀପ୍ତ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟିକାଙ୍କ ପ୍ରତିନିଧି ଅଗ୍ରୱାଲ, ଜିଲା ପରିଷଦ ସଭ୍ୟ ରଥ, ସରପଞ୍ଚ ଛବିଲତା ସେଠୀ, ପୂର୍ବତନ ସରପଞ୍ଚ ସୁଧାଂଶୁ ଶେଖର ରାୟ. ମନୋରମା ମହାନ୍ତି, ସଭ୍ୟ ଝୁନିଲତା ବେହେରା, ଶିକ୍ଷାବିତ ମାଧବ ନାୟକ, ଅକ୍ଷୟ ସ୍ୱାଇଁ, କବି ସିଦ୍ଧାର୍ଥ ଶଙ୍କର ରାୟ ଯୋଗଦେଇ ନବୀନ ପଟ୍ଟନାୟକ ସରକାରଙ୍କ ଯୋଜନା ବିଷୟରେ ଲୋକମାନଙ୍କୁ ବୁଝାଇ ଥିଲେ। ଏହି ଅବସରରେରେ ମୁଖ୍ୟ ଅତିଥି ଅଗ୍ରୱାଲ ବଛରାଇ ଗାଁର ହନୁମାନ ଛକଠାରୁ ବନ୍ଧକଟା ଗ୍ରାମ ହନୁମାନ ଛକ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମାଣ ହେବାକୁ ଥିବା ୭ କିମି ରାସ୍ତାର ଶିଳାନ୍ୟାସ କରିଥିଲେ। ସଂଗ୍ରାମ ପରିଡା ମଞ୍ଚ ପରିଚାଳନା କରିଥିଲେ। ପବିତ୍ର ମହାନ୍ତି, ସ୍ମୃତି ରଞ୍ଜନ ପଟ୍ଟନାୟକଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ।




କାର୍ଯ୍ୟକ୍ରମରେ ବିଧାୟିକାଙ୍କ ପ୍ରତିନିଧି ସଞ୍ଜୟ ଅଗ୍ରୱାଲ ଓ ଅନ୍ୟମାନେ।

## ସଂକ୍ଷେପରେ

### ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

**ଖଣ୍ଡପଡ଼ା,୧୮।୨(ଅଜୟ କୁମାର ମହାରଣା):** ଖଣ୍ଡପଡ଼ା ବ୍ଲକ୍ ଅଧୀନ କଣ୍ଟିଲୋ ପଞ୍ଚାୟତ କୃଷ୍ଣଚନ୍ଦ୍ରପୁରପାଟଣା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ବୃନ୍ଦାବନ ସାହୁ(୮୨)ଙ୍କ ରବିବାର ସକାଳେ ପରଲୋକ ହୋଇଯାଇଛି। ସାହୁ ବାର୍ଦ୍ଧକ୍ୟଜନିତ ରୋଗରେ ଆକ୍ରାନ୍ତ ହୋଇ ଗତ ୬ ଦିନ ହେବ ଭୁବନେଶ୍ୱରର ଏକ ଘରୋଇ ହସପିଟାଲରେ ଚିକିତ୍ସାଧୀନ ଥିଲେ। ସେ ଜଣେ ମେଳାପୀ, ବନ୍ଧୁ ବତ୍ସଳ ଓ ପରୋପକାରୀ ବ୍ୟକ୍ତି ଥିଲେ। ତାଙ୍କର ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସ୍ଥାନୀୟ ଶଙ୍ଖତୋଟା ମହାନଦୀ କୂଳ ଶ୍ମଶାନ ଘାଟରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡପୁଅ ଅଜିତ ମୁଖାଗ୍ନି ଦେଇଥିଲେ।

### ମା'ପାଟଚଣ୍ଡୀଙ୍କ ପୀଠରେ ବନ୍ଧୁ ମିଳନ

**ଖଣ୍ଡପଡ଼ା,୧୮।୨(ଅଜୟ କୁମାର ମହାରଣା):** ଖଣ୍ଡପଡ଼ାର ଆରାଧ୍ୟଦେବୀ ମା'ପାଟଚଣ୍ଡୀଙ୍କ ପୀଠରେ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖଣ୍ଡପଡ଼ା, ଭାପୁର, ବୋଲଗଡ଼ ଓ କଟକରେ କାର୍ଯ୍ୟରତ ଛାପା, ବୈଦ୍ୟୁତିକ ଓ ସାମାଜିକ ଗଣମାଧ୍ୟମର ୩୫ଜଣ ପ୍ରତିନିଧି ଯୋଗ ଦେଇଥିଲେ। ଖଣ୍ଡପଡ଼ା ଅଞ୍ଚଳ ବିଭିନ୍ନ ସମସ୍ୟା ସମ୍ପର୍କରେ ଗଣମାଧ୍ୟମର ପ୍ରତିନିଧିମାନେ ଆଲୋଚନା କରିଥିଲେ। ମା'ପାଟଚଣ୍ଡୀଙ୍କ ପୀଠଟି ଅବହେଳିତ ଅବସ୍ଥାରେ ପଡ଼ିରହିଥିବାରୁ ଏନେଇ ୫-ଟି ରୂପାନ୍ତରୀକରଣ ଯୋଜନାରେ ଏ ପୀଠର ବିକାଶ ନିମନ୍ତେ ନୟାଗଡ଼ ଜିଲାପାଳଙ୍କୁ ଖୁବ୍ ଶୀଘ୍ର ଭେଟି ଗଣମାଧ୍ୟମର ପ୍ରତିନିଧିମାନେ ଏକ ଦାବିପତ୍ର ପ୍ରଦାନ କରିବେ ବୋଲି ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ନିଷ୍ପତ୍ତି ନିଆଯାଇଥିଲା। ସରୋଜ କୁମାର ଚୌଧୁରୀ, ରବିନ୍ଦ୍ର ଚନ୍ଦ୍ର ବେହେରା, ବିଷ୍ଣୁପ୍ରସାଦ ମହାନ୍ତି, ସମ୍ବିତ୍ ଭୂଷଣ ସେନାପତି, ଚିଟନ୍ ସାହୁ, ସଦାଶିବ ପାତ୍ର, ମାନସ ସେଠୀ ପ୍ରମୁଖ ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ଗଡିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କାୟାକଳ୍ପ ଟିମ୍

**ଖଣ୍ଡପଡ଼ା,୧୮।୨(ଅଜୟ କୁମାର ମହାରଣା):** ଖଣ୍ଡପଡା ବ୍ଲକ ଅଧିନ ନୂଆଗଡିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ଟିମ ପରିଦର୍ଶନ କରି ଫେରିଛନ୍ତି। ଡ. ନିରୋଦ କୁମାର ସାହୁଙ୍କ ନେତୃତ୍ୱରେ ସରୋଜ କୁମାର ମହାପାତ୍ର, ଡ. ସୌମ୍ୟକାନ୍ତ ମିଶ୍ର, ଆସିଷ୍ଟାଣ୍ଟ ମ୍ୟାନେଜର ସନତ କୁମାର ମହାପାତ୍ର ପ୍ରମୁଖ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ବର୍ହି ବିଭାଗ, ନିରାମୟ କେନ୍ଦ୍ର,ବର୍ଜ୍ୟବସ୍ତୁ ପୃଥୀକରଣ କେନ୍ଦ୍ର ଆଦି ବୁଲି ଦେଖିବା ସହ ଚିକିତ୍ସା ବ୍ୟବସ୍ଥା ଓ ସ୍ୱଚ୍ଛତା ବ୍ୟବସ୍ଥା ଅନୁଧ୍ୟାନ କରିଥିଲେ। ରୋଗୀ ଚିକିତ୍ସା ଓ ସୁବିଧା, ପରିମଳ ବ୍ୟବସ୍ଥା, ବର୍ଜ୍ୟବସ୍ତୁ ପରିଚାଳନା, ଅସ୍ତ୍ରୋପଚାର ସୁବିଧା ଓ ଇନଡୋର ରୋଗୀଙ୍କ ପାଇଁ ଥିବା ସୁବିଧା, କାର୍ଯ୍ୟାଳୟ ପରିଚାଳନା, ଯାନବାହନ ସୁବିଧା, କର୍ମଚାରୀଙ୍କ ପାଇଁ ବାସଗୃହ ସୁବିଧା, ସବୁଜ ବଳୟ ସୃଷ୍ଟି, ଔଷଧୀୟ ବଗିଚା ଆଦି ଅନୁଧ୍ୟାନ କରିବା ଉପରେ ବିଭାଗୀୟ ଅଧିକାରୀମାନେ ଦୃଷ୍ଟି ଦେଇଥିଲେ। ପରିଦର୍ଶନ ସମୟରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ଅଭିଷାର ପଣ୍ଡା, ଡ. ରବିନ୍ଦ୍ର କୁମାର ସାହୁଙ୍କ ସମେତ ବହୁ ପ୍ରମୁଖ ଅଧିକାରୀ ଉପସ୍ଥିତ ଥିଲେ।

### ମାର୍ଚ୍ଚ ୧୧ରେ ସମୂହ ବ୍ରତୋପନୟନ

**ଖଣ୍ଡପଡ଼ା,୧୮।୨(ଅଜୟ କୁମାର ମହାରଣା):** ନୟାଗଡ଼ ଜିଲାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ନୀଳମାଧବ ପୀଠ ଯାତ୍ରାପଦାସ୍ଥିତ ପଞ୍ଚମୁଖୀ ହନୁମାନ ଜୀଉଙ୍କ ଏକବିଂଶତମ ବାର୍ଷିକ ପ୍ରତିଷ୍ଠା ଦିବସ ପ୍ରତି ବର୍ଷ ପରି ଚଳିତ ବର୍ଷ ମାର୍ଚ୍ଚ ୧୧ରେ ପାଳିତ ହେବ। ଏହି ଅବସରରେ ସମୂହ ବ୍ରତୋପନୟନ ଉତ୍ସବ ଅନୁଷ୍ଠିତ ହେବ ବୋଲି ମନ୍ଦିର ପରିଚାଳନା କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଆଗ୍ରହୀ ବ୍ରାହ୍ମଣ ପରିବାର ଏହାର ସୁଯୋଗ ନେବାକୁ କମିଟି କର୍ମକର୍ତ୍ତା ଅନୁରୋଧ କରିଛନ୍ତି। ନିର୍ଦ୍ଧାରିତ ଦିବସରେ ସମ୍ପୂର୍ଣ୍ଣ ବୈଦିକ ରୀତିରେ ତଥା ମାଗଣାରେ ବ୍ରତୋପନୟନ କରାଯିବାର ବ୍ୟବସ୍ଥା ହୋଇଛି। ନିଜର ପିଲାମାନଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ ହେବାକୁ ଇଚ୍ଛୁକ ଥିବା ପରିବାର ମନ୍ଦିର ପରିଚାଳନା କମିଟି ସଭ୍ୟ କିମ୍ବା ଆୟୋଜକ ଗୋପାଳ ଚନ୍ଦ୍ର ଅଗ୍ରୱାଲାଙ୍କୁ ଯୋଗାଯୋଗ କରିବାକୁ କମିଟି ପକ୍ଷରୁ ନିବେଦନ କରାଯାଇଛି।

# ରଣପୁର ଏନ୍ଏସିରେ ଚାଲିଥିବା ଦୁର୍ନୀତିର ତଦନ୍ତ ଦାବି

**ନୟାଗଡ଼/ରଣପୁର,୧୮।୨(ଲୋକନାଥ ମିଶ୍ର/ସୁକାନ୍ତ କିଶୋର ଡାକୁଆ)**

- ସବ୍‌ଡିଭିଜନ ପ୍ରତିଷ୍ଠା ଦାବି ତେଜିଲା
- ୧୫ ୱାର୍ଡ ବାସୀ ଏକାଠି ହୋଇ ରାଜ୍ୟପାଳଙ୍କୁ ହେଲେ ଫେରାଦ

ନୟାଗଡ ଜିଲାର ରଣପୁର ଏନଏସିରେ ଚାଲିଥିବା ଦୁର୍ନୀତିର ତଦନ୍ତ ପାଇଁ ଦାବି ଉଠିଥିବାବେଳେ ସବ୍‌ଡିଭଜନ ପ୍ରତିଷ୍ଠା କରିବାକୁ ମଧ୍ୟ ଅନୁରୂପ ଦାବି କରାଯାଇଛି। ଅନ୍ୟପକ୍ଷେ ରଣପୁର ବ୍ଲକ ଓ ଏନଏସିରେ ଦେଖା ଦେଇଥିବା ଅବ୍ୟବସ୍ଥାକୁ ସୁଧାରିବା ପାଇଁ ରଣପୁର ସହରର ୧୫ଟି ୱାର୍ଡର ବାସିନ୍ଦା ଏକାଠି ହୋଇ ଆଗକୁ ବଢ଼ିଛନ୍ତି। ଏହି ଅବସରରେ ରଣପୁରର ୨ନଂ. ୱାର୍ଡସ୍ଥିତ ପୁରୁଣାବସନ୍ତ ମା'ନାରାୟଣୀ ଠାକୁରାଣୀ ପୀଠ ନିକଟସ୍ଥ ପଡିଆରେ ରଣପୁରବାସୀ ପ୍ରିୟବ୍ରତ ପ୍ରହରାଜଙ୍କ ନେତୃତ୍ୱରେ ରବିବାର ଏକାଠି ହୋଇ ଆଲୋଚନା ପରେ ରାଜ୍ୟପାଳ, ନଗର ଉନ୍ନୟନ ସଚିବ, କୃଷି ନିର୍ଦ୍ଦେଶକ, ପୂର୍ତ୍ତ ବିଭାଗର ମୁଖ୍ୟଯନ୍ତ୍ରୀ, ଜିଲାପାଳ ନୟାଗଡ, ଖାଦ୍ୟ ଓ ଯୋଗାଣ ଡାଇରେକ୍ଟର, ଡାଇରେକ୍ଟର ଜାଗା ମିଶନ, ରଣପୁର ତହସିଲଦାରଙ୍କୁ ଫେରାଦ୍ ହୋଇଛନ୍ତି।

ଅଭିଯୋଗ ଅନୁଯାୟୀ, ରଣପୁରରେ ଏନଏସି, ବ୍ଲକ, ୨ଟି ଥାନା, ୨ଟି ଫାଣ୍ଡି ଓ ଅନ୍ୟ ସରକାରୀ କାର୍ଯ୍ୟାଳୟ ଥିବାବେଳେ ଏଠାରେ ସବ୍‌ଡିଭିଜନ ପ୍ରତିଷ୍ଠା କରାଯାଉ ନାହିଁ। ସେହିପରି ରଣପୁରର ମଣିନାଗ ଏକ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ହୋଇଥିଲେ ହେଁ ଏହାର ରାସ୍ତା ମରଣଯନ୍ତା ପାଲଟିଛି। ତୁରନ୍ତ ରାସ୍ତା ନିର୍ମାଣ ସହ ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ରାସ୍ତା କଡ ମୁଣ୍ଡିଆରେ ସୁରକ୍ଷା ପ୍ରାଚୀର କରିବା ପାଇଁ କୁହାଯାଇଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇବା ପାଇଁ ବହୁ ଯୋଗ୍ୟ ହିତାଧିକାରୀ ରଣପୁର ସହର ଓ ବ୍ଲକ ଅଞ୍ଚଳରେ ରହିଥିଲେ ମଧ୍ୟ ସେମାନଙ୍କୁ ଅଣଦେଖା କରାଯାଉଛି। ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଯୋଜନାରେ ଘର ଯୋଗାଇବାକୁ ଅନୁରୋଧ କରାଯାଇଛି। ରଣପୁର ଏନଏସିର ଉନ୍ନୟନ କାର୍ଯ୍ୟଗୁଡିକ ଟେଣ୍ଡରରେ କାମ ହେଉ ନାହିଁ। ଅନିୟମିତତା କରିବା ପାଇଁ ଜାଣିଶୁଣି ଟେଣ୍ଡର କରାଯାଉ ନ ଥିବାରୁ ଏହି ଅନିୟମିତତା ତଦନ୍ତସାପେକ୍ଷ। ପୁଣି ପରିମଳ ବ୍ୟବସ୍ଥା ବାଟବଣା। ଡ୍ରେନରେ



ବୈଠକରେ ଯୋଗଦେଇଥିବା ଗ୍ରାମବାସୀ ଓ ଅନ୍ୟମାନେ।

ମଶାତେଲ, ଫିନାଇଲ ଓ ବ୍ଲିଚିଂ ପାଉଡର ପଡୁନି। ମଶା ମାଛି ବଢ଼ି ଚାଲିଛନ୍ତି। ମୁକ୍ତା ଯୋଜନାରେ ମହିଳାଙ୍କୁ ଆତ୍ମ ନିର୍ଭରଶୀଳ କରିବାକୁ ଲକ୍ଷ୍ୟ ଥିବାବେଳେ କନିଷ୍ଠ ଯନ୍ତ୍ରୀଙ୍କ ନାଁରେ କାର୍ଯ୍ୟାଦେଶ ଦିଆଯାଉଛି। ସ୍ୱୟଂ ସହାୟକ ଗୋଷ୍ଠୀ କେବଳ ତଦାରଖ କରୁଛନ୍ତି। ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ସରକାର ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧ ଛାଡ କରିଥିବାବେଳେ ରଣପୁରରେ କିନ୍ତୁ ବ୍ୟାଙ୍କ ଗୁଡିକ ସୁଧ ନେଉଛନ୍ତି। ଅଭିଯୋଗ କଲେ ସୁଫଳ ମିଳୁନି। ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ୧୫୦୦ ଟଙ୍କାକୁ ବୃଦ୍ଧି, ରାଶନ କାର୍ଡ ପାଇବା ପାଇଁ ଚିହ୍ନଟ ହୋଇଥିବା ୨୩୧ ହିତାଧିକାରୀଙ୍କୁ ତୁରନ୍ତ ରାଶନ କାର୍ଡ ଯୋଗାଇବା ପରି ଦାବି ରହିଛି। ଅନ୍ୟପକ୍ଷେ ଗରୀବ, ଭୂମିହିନ ମାନଙ୍କୁ ଚିହ୍ନଟ କରାଯାଇଥିଲେହେଁ ସେମାନଙ୍କୁ ପଟ୍ଟା ଦିଆଯାଉ ନାହିଁ। ସେହିପରି ରଣପୁରର ସମସ୍ତ ଚାଷୀଙ୍କୁ କାଳିଆ ଯୋଜନା ଓ ନବୀନ ବିଜୁ ସ୍ୱାସ୍ୟ ଯୋଜନାରେ ସାମିଲ କରାଯାଉ। ଧାନ ମଣ୍ଡିରେ କଟନୀଛଟନୀ କରାଯାଇ ୧ କୁଇଣ୍ଟାଲ ପିଛା ୫ରୁ ୭କେଜି କାଟିବା ନେଇ ଅଭିଯୋଗରେ ରହିଛି। ଜମି ରେଜେଷ୍ଟ୍ରୀ ଉଦ୍ଦେଶ୍ୟରେ ରଣପୁର ଏନଏସିରୁ ନୋ ଅବଜେକଶନ ସାର୍ଟିଫିକେଟ ଆଣିଲେ ସରକାରୀ ମୂଲ୍ୟ ଠାରୁ ଅଧିକ ଟଙ୍କା ନେଉଥିବାର ଅଭିଯୋଗରେ ରହିଛି। ରଣପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ୨୧ ଡାକ୍ତର ପଦବୀ ଥିବାବେଳେ ୪ ଡାକ୍ତର ଅଛନ୍ତି। ଏଣୁ ରୋଗୀ ସେବା ନ ପାଇ ହଟହଟା ହେଉଛନ୍ତି। ସେହିଭଳି ରଣପୁର ଏନଏସିରେ ଶୌଚାଳୟ କମ ଥିବାବେଳେ ମାର୍କେଟ କମ୍ପ୍ଲେକ୍ସ ମଧ୍ୟ କମ ଅଛି ବୋଲି କହିଛନ୍ତି। ଏଣୁ ଶୌଚାଳୟ ଓ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ପାଇଁ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଛି। ଏନେଇ ପ୍ରିୟବ୍ରତ ପ୍ରହରାଜ କୁହନ୍ତି, ରଣପୁରରେ ରାଜା ଶାସନ ଚାଲିଥିବାବେଳେ ଏଠାରେ ପ୍ରଜାମେଳି କରାଯାଇ ଇଂରେଜ ଓ ରାଜାଙ୍କୁ ହଟାଇବାରେ ସକ୍ଷମ ହୋଇଥିଲେ। ଏବେ ପୁଣି ରଣପୁର ଏନଏସିରେ ଦୁର୍ନୀତି କରାଯାଇ ଅଚଳାବସ୍ଥା ସୃଷ୍ଟି କରାଯାଇଛି। ଏଣୁ ସହରବାସୀ ଏକାଠି ହୋଇ ଏହାର ସମାଧାନ ପାଇଁ ଚେଷ୍ଟା ଆରମ୍ଭ କରି ସାରିଛନ୍ତି। ଆଗାମୀ ଦିନରେ ଲୋକଙ୍କ ମେଳି ପ୍ରଶାସନ ପାଇଁ ବହୁ ଅସୁବିଧା ସୃଷ୍ଟି କରିପାରେ ବୋଲି ସେ କହିଛନ୍ତି।

## ୨ କୋଟିର ପ୍ରକଳ୍ପ ଉଦ୍‌ଘାଟିତ




ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ବିଧାୟକ ଅରୁଣ ସାହୁ ଉଦ୍‌ବୋଧନ ଦେଉଛନ୍ତି।

**ନୟାଗଡ଼,୧୮।୨(ଲୋକନାଥ ମିଶ୍ର)**

**୨୫ ମହିଳାଙ୍କୁ ସ୍କୁଟି ମିଳିଲା**

ନୟାଗଡ଼ ବ୍ଲକ ବିରୁ ଗ୍ରାମ ପଞ୍ଚାୟତରେ ରବିବାର ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଯୋଗ ଦେଇ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପକୁ ଉଦ୍‌ଘାଟନ କରିଛନ୍ତି। ଏଥି ସହିତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ୨୫ ସଦସ୍ୟାଙ୍କୁ ସ୍କୁଟି ବଣ୍ଟନ କରିଛନ୍ତି। ଅନ୍ୟପକ୍ଷେ ୪୬ ଲକ୍ଷ ଟଙ୍କା ବ୍ୟୟରେ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର, ୬୦ ଲକ୍ଷ ଟଙ୍କାରେ ବ୍ୟୟରେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ, ୧୫ ଲକ୍ଷ ଟଙ୍କା ବ୍ୟୟରେ ଗ୍ରାମ ପଞ୍ଚାୟତ ବିଶ୍ରାମ ଗୃହ, ୧୦ ଲକ୍ଷ ଟଙ୍କା ବ୍ୟୟରେ ଆମ ବ୍ୟାଙ୍କ ସେବା କେନ୍ଦ୍ର, ୭ ଲକ୍ଷ ଟଙ୍କା ବ୍ୟୟରେ ମିଶନ ଶକ୍ତି ଗୃହ, ୫ ଲକ୍ଷ ଟଙ୍କା ବ୍ୟୟରେ ଦଣ୍ଡଆଖ ଗୃହ, ୮ ଲକ୍ଷ ଟଙ୍କା ବ୍ୟୟରେ ଅଙ୍ଗନୱାଡି ଗୃହ, ୧୦ ଲକ୍ଷ ଟଙ୍କା ବ୍ୟୟରେ ପାଣ୍ଡେରୀପାଟଣା କୋଠଘର, ୫ ଲକ୍ଷ ଟଙ୍କା ବ୍ୟୟରେ ପାଣ୍ଡେରୀପାଟଣା କମ୍ୟୁନିଟ ସେଣ୍ଟର, ୫ ଲକ୍ଷ ଟଙ୍କା ବ୍ୟୟରେ ଦଣ୍ଡ କାମନା ଗୃହ, ୧୫ ଲକ୍ଷ ଟଙ୍କା ବ୍ୟୟରେ ବରକୋଳିପାଟଣା କୋଠଘର, ୮ ଲକ୍ଷ ଟଙ୍କା ବ୍ୟୟରେ ବରକୋଳିପାଟଣା ଅଙ୍ଗନୱାଡି ଗୃହ, ୮ ଲକ୍ଷ ଟଙ୍କା ବ୍ୟୟରେ ମର୍ଦ୍ଦରାଜପୁର କମ୍ୟୁନିଟ ସେଣ୍ଟର ପ୍ରକଳ୍ପକୁ ଉଦ୍‌ଘାଟନ କରିଛନ୍ତି। ଏ ଅବସରରେ ବିରୁ ବିଦ୍ୟାଳୟ ପ ଅନୁଷ୍ଠିତ ଆମ ଓ ନବୀନ ଓ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ସାହୁ ବିରୁ ପଞ୍ଚାୟତ ରାଜ୍ୟର ଏକ ଅନ୍ୟତମ ଆଦର୍ଶ ପଞ୍ଚାୟତ ବୋଲି କହିଥିଲେ। ବିରୁ ବାସୀ ପ୍ରତ୍ୟେକ ପଦବୀ ପାଇଁ ମହିଳାଙ୍କୁ ନିର୍ବାଚିତ କରି ସାରା ଦେଶର ଦୃଷ୍ଟି ଆକର୍ଷଣ କରିଛନ୍ତି। ରାଜ୍ୟ ସରକାର ଏହି ପଞ୍ଚାୟତକୁ ଯଥେଷ୍ଟ ଗୁରୁତ୍ୱ ଦେଉଛନ୍ତି। ଧବଳେଶ୍ୱର ମନ୍ଦିର ପାଇଁ ୫-ଟି ରୂପାନ୍ତରିକରଣ ଯୋଜନାରେ ୬୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି।

କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସୁବାସ ଚନ୍ଦ୍ର କହଁର, ସରୋଜ ରଣସିଂ, ଅଜିତ ପ୍ରସାଦ ସାହୁ, ଆମ ଓଡ଼ିଶା ନବୀନ ଓ ଜିଲା ସଂଯୋଜକ ଗଙ୍ଗାଧର ପଣ୍ଡା, କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ରବୀନ୍ଦ୍ର କୁମାର ସାହୁ, ସରପଞ୍ଚ ବିଷ୍ଣୁପ୍ରିୟା ସ୍ୱାଇଁ, ସମିତିସଭ୍ୟା ଶୁଭଲକ୍ଷ୍ମୀ ସାହୁ, ବିଡିଓ ପଦ୍ମଚରଣ ସାହୁ, ତହସିଲଦାର ରାଜେଶ କୁମାର ସ୍ୱାଇଁ ପ୍ରମୂଖ ଉପସ୍ଥିତ ରହିଥିଲେ। ଏଥିସହିତ ନୟାଗଡ଼ ସଦର ବ୍ଲକ ଅନ୍ତର୍ଗତ ଶରଣକୁଳ, ଚଣ୍ଡିବସ୍ତ ପଞ୍ଚାୟତରେ ଆଜି ଆମ ଓଡ଼ିଶା ନବୀନ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

## ଠାକୁରାଣୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ସୋରଡା,୧୮।୨(ଲମ୍ବୋଦର ପାଣିଗ୍ରାହୀ)**

ସୋରଡା ବ୍ଲକ ପଦରାଇଶୁଣୀସ୍ଥିତ ମା' ଗ୍ରାମଦେବତୀ ଓ ଠାକୁରାଣୀଙ୍କ ମନ୍ଦିର ପ୍ରାସାଦ ପ୍ରତିଷ୍ଠା ଉପଲକ୍ଷେ ପଞ୍ଚ ମହାଯଜ୍ଞ ଆରମ୍ଭ ହୋଇଛି। ପ୍ରଥମ ଦିନ ଜଳଯାତ୍ରା, କନ୍ଧୁଣିଦେବୀଙ୍କ ଆଗମନ, ନାମଯଜ୍ଞ ଆରମ୍ଭ, ଦୀକ୍ଷା ଗ୍ରହଣ, ଅଙ୍କୁରାରୋପଣ ହୋଇଥିଲା। ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଏହି ଉତ୍ସବ ୭ ଦିନ ଧରି ଚାଲିବ। ପୁରୋହିତ ପ୍ରଭାତ କୁମାର ପାଢୀ ହୋମ ଓ ପୂଜା କାର୍ଯ୍ୟ ସମ୍ପାଦନ କରୁଛନ୍ତି। ଶନିବାରଠାରୁ ଆରମ୍ଭ ହୋଇଥିବା ହୋମ ଓ ନିତ୍ୟ ପୂଜା ଆସନ୍ତା ଗୁରୁବାର ପର୍ଯ୍ୟନ୍ତ ଚାଲିବ। ଶୁକ୍ରବାର ଗ୍ରାମର କଳାକାରମାନଙ୍କ ଦ୍ୱାରା ପୌରାଣିକ ନାଟକ 'ସତୀ ଲୁହରେ ଜଳୁଛି ଲଙ୍କା' ମଞ୍ଚସ୍ଥ ହେବ।ଉତ୍ସବ ଲାଗି ରାମ ଦୋଳି, ମିନାବଜାର ପଡିବା ସହ ବିଭିନ୍ନ ବ୍ୟବସାୟୀମାନେ ସେମାନଙ୍କ ପସରା ମେଲିଛନ୍ତି।

## ଶାମୁକା ଯାତ୍ରା, ପଞ୍ଚକୁଣ୍ଡୀୟ ମହାଯଜ୍ଞ

**ଓଡ଼ଗାଁ,୧୮।୨
(ଆଦର୍ଶ କୁମାର ପଟ୍ଟନାୟକ)**

ନୟାଗଡ ଜିଲା ଓଡ଼ଗାଁ ନିକଟସ୍ଥ କୁମ୍ଭିଆ ପଲ୍ଲି ନିକଟସ୍ଥ ଗୟଳସିଂହ ପାହାଡ ପାଦଦେଶରେ ଥିବା ଶାମୁକା ଖୋଲ ଅଥବା ଅତ୍ରିମୁନୀ ପୀଠରେ ତିନିଦିନ ବ୍ୟାପୀ ଅନୁଷ୍ଠିତ ହୋଇଥିବା ଶାମୁକା ଯାତ୍ରା ରବିବାର ପୂର୍ଣ୍ଣାହୁତି ସହିତ ଉଦ୍‌ଯାପିତ ହୋଇଛି। ଶୁକ୍ରବାର ସକାଳେ ବିଜେ ଶ୍ରୀରଘୁନାଥଜୀଉଙ୍କ ପୀଠରୁ ଚଳନ୍ତି ପ୍ରତିମା ସହିତ କଳସ ଯାତ୍ରା ୫କି.ମି.ଅତିକ୍ରମ କରି ଶାମୁକା ଖୋଲରେ ପ୍ରତିଷ୍ଠିତ ଯଜ୍ଞ ମଣ୍ଡପ ନିକଟରେ ସ୍ଥାପନ ହୋଇଥିଲା। ଏବଂ ଯଜ୍ଞାଦି କାର୍ଯ୍ୟକ୍ରମର ଶୁଭାରମ୍ଭ ସହିତ ତିନିଦିନ ବ୍ୟାପୀ ପଞ୍ଚ କୁଣ୍ଡିୟ ବିଶ୍ୱଶାନ୍ତି ଗାୟତ୍ରୀ ଯଜ୍ଞରେ ଆହୁତି ପୂର୍ବକ ଗାୟତ୍ରୀ ମହାମନ୍ତ୍ର, ମାହାମୃତ୍ୟୁଜୟ ମନ୍ତ୍ର ଓ ରାମ ତାରକ ମନ୍ତ୍ର ଆଦିରେ ଆହୁତି ପ୍ରଦାନ କରାଯାଇଥିଲା। ରବିବାର ପୂର୍ଣ୍ଣାହୁତିରେ ଅନୁରୁପ ଭାବେ ଯଜ୍ଞାଆହୁତି ପ୍ରଦାନ ପୁର୍ବକ ସତ୍‌ସଙ୍ଗ, ନାମ ସଂକୀର୍ତ୍ତନ ସହିତ ଅନ୍ନ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଶ୍ରଦ୍ଧାଳୁମାନଙ୍କୁ ପ୍ରସାଦ ବିତରଣ କରାଯାଇଥିଲା।

ଆଦିବାସୀ ଗ୍ରାମ କୁମ୍ଭିଆପଲ୍ଲୀ ଗ୍ରାମବାସୀଙ୍କ ସହଯୋଗ ଏବଂ ଶାମୁକା ଖୋଲରୁ ନିର୍ଗତ ହେଉଥିବା ସ୍ଥିର ଜଳ ଦ୍ୱାରା ପ୍ରତିଦିନ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ପ୍ରସ୍ତୁତି ସମ୍ଭବ ହୋଇପାରୁଥିଲା। ଓଡ଼ଗାଁ ବିକାଶ ପରିଷଦ ସଭାପତି ସୁଶାନ୍ତ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କୁମ୍ଭିଆପଲ୍ଲୀ ଗ୍ରାମ ସଭାପତି ବୈକୁଣ୍ଠ ନାଥ ପ୍ରଧାନ, ଗୋକୁଳ ପରିଡା, ଶ୍ରୀଧର ଦାସ, ମାଗି ଦଳବେହେରା ଓ ଉପେନ୍ଦ୍ର ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ପଞ୍ଚ କୁଣ୍ଡିୟ ଗାୟତ୍ରୀ ଯଜ୍ଞ ସଞ୍ଚାଳକ ହଜାରୀ ମହାରଣାଙ୍କ ତତ୍ତ୍ୱାବଧାନରେ ଭଗବାନ ମନ୍ତ୍ରୀ, ପ୍ରତାପ କୁମାର ଦାସ, ନୃସିଂହ ଚରଣ ସାହୁ ପୂଜା କାର୍ଯ୍ୟ ପରିଚାଳନା କରିଥିଲେ।

## ନବନିଯୁକ୍ତ ଉପସଭାପତିଙ୍କୁ ସ୍ୱାଗତ

**ପାରଳାଖେମୁଣ୍ଡି, ୧୮।୨ (ଗିରିଧାରୀ ପରିଚ୍ଛା)**

ପାରଳାଖେମୁଣ୍ଡିସ୍ଥିତ ବିଜେଡି ଜିଲା କାର୍ଯ୍ୟାଳୟରେ ଜିଲା ସଭାପତି ଜଗବନ୍ଧୁ ନାୟକଙ୍କ ଅଧ୍ୟକ୍ଷତାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ନୂତନ ଭାବେ ନିଯୁକ୍ତ ହୋଇଥିବା ରାଜ୍ୟ ଉପ ସଭାପତି ଇଂ ରୂପେଶ ପାଣିଗ୍ରାହୀଙ୍କୁ ସ୍ୱାଗତ କରାଯିବ ସହ ଆଗାମୀ ସାଧାରଣ ନିର୍ବାଚନରେ ବିଜେଡି ଏକତ୍ରିତ ହୋଇ ଲଢେଇ କରିବ ବୋଲି ପ୍ରକାଶ କରିଥିଲେ। ରାଜ୍ୟ ସଭାପତି ତଥା ଦଳ ସୁପ୍ରିମୋ ଯାହାଙ୍କୁ ପ୍ରାର୍ଥୀ ଭାବେ ବାଛିବେ ତାଙ୍କୁ ସମସ୍ତେ ସମର୍ଥନ ଜଣାଇ କିପରି ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀ କିପରି ବିଜେଡି ହାତକୁ ଆସିବ ସେଥିପାଇଁ କାମ କରାଯିବ ବୋଲି କହିଥିଲେ। ଏହି ସମ୍ମିଳନୀରେ ପୌରପରିଷଦ ଅଧ୍ୟକ୍ଷା ନର୍ମଳା ସେଠୀ, ନଗର ସଭାପତି ସୁଧିରଞ୍ଜନ ମହାପାତ୍ର, ଛାତ୍ର ସଭାପତି ବିଶ୍ୱଜିତ ତ୍ରିପାଠୀ, ରେଶମ ପାଣିଗ୍ରାହୀ, ଜମିଦାର ପଟ୍ଟନାୟକ, ଲକ୍ଷ୍ମୀକାନ୍ତ ପରିଚ୍ଛା ପ୍ରମୁଖଙ୍କ ସହ ସମସ୍ତ ବିଜେଡି ନେତା ଉପସ୍ଥିତ ଥିଲେ।

## ରେକର୍ଡ ଜମିକୁ ଜବରଦଖଲ କରି ପଟ୍ଟା କରିବାକୁ ଉଦ୍ୟମ

**ନୟାଗଡ଼,୧୮।୨(ଲୋକନାଥ ମିଶ୍ର)**

**ବାରମ୍ବାର ଅଭିଯୋଗ ପରେ ମିଳୁନି ନ୍ୟାୟ**

ନୟାଗଡ଼ ଜିଲା ରଣପୁର ତହସିଲ ରାଜସୁନାଖଳାସାହିର ପ୍ରଦୀପ କୁମାର ସାହୁଙ୍କ ଆଙ୍କୁଲାପଲ୍ଲୀ ଓ ସୁନାଖଳାରେ ଥିବା ରେକର୍ଡ ଜମିକୁ ଜବରଦଖଲ କରାଯାଇ ପଟ୍ଟା କରାଯିବାକୁ ଉଦ୍ୟମ ଚାଲିଥିବା ଅଭିଯୋଗ ହୋଇ ଆସୁଛି। ଏନେଇ ପ୍ରଦୀପ ବିଭିନ୍ନ ସମୟରେ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠ, ତହସିଲଦାର, ରଣପୁର ଥାନା ଓ ଫାଣ୍ଡିରେ ଅଭିଯୋଗ କଲେ ସୁଫଳ ପାଇ ନାହାନ୍ତି। ରେକର୍ଡ ଜମିକୁ ଅକ୍ତିଆର କରୁଥିବା ବ୍ୟକ୍ତି ଜଣେ ପ୍ରଭାବଶାଳୀ ହୋଇଥିବାରୁ ପ୍ରଦୀପଙ୍କ ଅଭିଯୋଗର ଫାଇଲ ଶୀତଳଭଣ୍ଡାରକୁ ଚାଲି ଯାଉଥିବା ଅଭିଯୋଗ ହେଉଛି। ଏନେଇ ରାଜସୁନାଖଳାସାହିର ପ୍ରଦୀପ କୁମାର ସାହୁ କହନ୍ତି, ମୁଁ ଜଣେ ଗରୀବ ଲୋକ। ମୋ ବାପା ଅମଳର ଜମିକୁ ରାଜସୁନାଖଳା ଟାଙ୍ଗିସାହିର ଜଣେ ବ୍ୟକ୍ତି ପଟ୍ଟା କରି ନେବାକୁ ଉଦ୍ୟମ କରୁଛନ୍ତି। ମୁଁ ଘଟଣା ସମ୍ପର୍କରେ ନ୍ୟାୟ ମାଗି ଅଭିଯୋଗ କରି ଆସୁଥିଲେ ମଧ୍ୟ ସୁଫଳ ପାଇ ନାହିଁ। ପୋଲିସ ଉପସ୍ଥିତିରେ ମାଡ ଖାଇଲିଣି। କିଛି ମାସ ତଳେ ରାଜସୁନାଖଳା ଫାଣ୍ଡିରେ ଉଭୟ ପକ୍ଷ ମଧ୍ୟରେ ସମାଧାନ ହୋଇଛି। ହେଲେ ସମାଧାନ ପତ୍ର କାମରେ ଲାଗୁନି। ପୋଲିସ ମୋତେ ସହଯୋଗ ନ କରି ଜବରଦଖଲକାରୀଙ୍କୁ ସହଯୋଗ କରୁଛି ବୋଲି ସେ କହିଛନ୍ତି।

## ଝିଅ ବାହାଘର ଦିନ ବାପାଙ୍କ ମୃତଦେହ ଜବତ

**ହିଞ୍ଜିଳିକାଟୁ, ୧୮।୨(ଦ୍ୱିତୀକୃଷ୍ଣ ପଣ୍ଡା)**

ଝିଅ ବାହାଘର ଦିନ ବାପାଙ୍କ ମୃତଦେହ ଏକ ମୁଗ କିଆରିରେ ଥିବା ଗଛରୁ ଝୁଲନ୍ତା ଅବସ୍ଥାରେ ଜବତ ହୋଇଛି। ମୃତକ ହେଲେ ଗଞ୍ଜାମ ଜିଲା ହିଞ୍ଜିଳି ଥାନା ଶିକିରି ଗ୍ରାମର ସୁରେନ୍ଦ୍ର ନାୟକ (୭୨)। ହିଞ୍ଜିଳି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଛି। ଏ ନେଇ ପୋଲିସ ନଂ ୭/୨୪ରେ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇ ଘଟଣାର ତଦନ୍ତ ଚଳାଇଛି। ସୁରେନ୍ଦ୍ର ୨ ଦିନ ହେଲା ନିଖୋଜ ଥିଲେ। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ ତାଙ୍କର ସନ୍ଧାନ ମିଳି ନ ଥିଲା। ଅନ୍ୟପକ୍ଷରେ ଝିଅ ବାହାଘର ପାଇଁ ପରିବାର ଲୋକେ ବ୍ୟସ୍ତ ଥିବାରୁ ଘଟଣା ପ୍ରତି ଗୁରୁତ୍ୱ ଦେଇ ନ ଥିଲେ। ରବିବାର ସକାଳେ ଗ୍ରାମର କିଛି ଲୋକ ମୁଗ କିଆରିରେ ସୁରେନ୍ଦ୍ରଙ୍କ ମୃତଦେହ ଝୁଲୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ।

## କଡ଼ା ସୁରକ୍ଷାରେ ମାଟ୍ରିକ୍ ପ୍ରଶ୍ନପତ୍ର

**ବୁଗୁଡ଼ା,୧୮।୨(କାଳିଚରଣ ଦାଶ)**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଆସନ୍ତା ୨୦ ତାରିଖରୁ ମାର୍ଚ୍ଚ ୪ ତାରିଖ ପର୍ଯ୍ୟନ୍ତ ହେବ। ବୁଗୁଡ଼ା ପିପୁଲ୍ସ ହାଇସ୍କୁଲକୁ ନୋଡାଲ ସେଣ୍ଟର କରାଯାଇଥିବା ବେଳେ ସେଠାରେ ୨୪ ଘଣ୍ଟିଆ ପୋଲିସ ପହରା ସହ କଡା ସୁରକ୍ଷା ମଧ୍ୟରେ ପ୍ରଶ୍ନପତ୍ର ରଖାଯାଇଛି। ବୁଗୁଡ଼ା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯାଳୟ ଅଧୀନ ୧୦ଟି ପରୀକ୍ଷା କେନ୍ଦ୍ରରେ କିପରି ସୁରକ୍ଷିତ ଭାବେ ପ୍ରଶ୍ନପତ୍ର ପହଞ୍ଚି ପାରିବ ସେ ନେଇ ନୋଡାଲ ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟ କାଳୀଚରଣ ବେହେରା ଓ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ତପନ କୁମାର ପାଢୀଙ୍କ ନେତୃତ୍ୱରେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ପିପୁଲ୍ସ




ପିପୁଲ୍ସ ହାଇସ୍କୁଲ ନୋଡାଲ ସେଣ୍ଟର

ହାଇସ୍କୁଲ ନୋଡାଲ୍ ସେଣ୍ଟର ଅଧୀନରେ ବାଲିପଦର ହାଇସ୍କୁଲ, ପଙ୍କଳବାଡି ଆର ଏ ହାଇସ୍କୁଲ, ତାଳସାକର ମହାମାୟୀ ହାଇସ୍କୁଲ, ବୁଗୁଡ଼ା ଏସ୍‌ବିଏନ୍ ଗର୍ଲସ୍ ହାଇସ୍କୁଲ ଓ ପିପୁଲ୍ସ ହାଇସ୍କୁଲ, ବୀରଧନଞ୍ଜୟପୁର ବୁଦ୍ଧଗିରି ବିଦ୍ୟାପୀଠ, ବି.କରଡ଼ାବାଡ଼ିର ଏସ୍.ଏ.ବିଦ୍ୟାପୀଠ, ମାଣିତରା ରିଜିଓନାଲ ହାଇସ୍କୁଲ, କରଚୁଲି ଶକୁନ୍ତଳା ବିଦ୍ୟାପୀଠ ଆଦି ୧୦ଟି ପରୀକ୍ଷା କେନ୍ଦ୍ର ରହିଛି।

## ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

**ଭଞ୍ଜନଗର, ୧୮।୨(ବାବୁଲା ପ୍ରଧାନ)**

ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ବ୍ଲକ ଅନ୍ତର୍ଗତ ଗାୟଗଣ୍ଡା ଗ୍ରାମ ପଞ୍ଚାୟତର ତାଳଖମଣ, ମଣ୍ଡାପଥର ଓ ଡାଙ୍ଗିଭୁଇଁକୁ ଆଜି ପର୍ଯ୍ୟନ୍ତ ରାସ୍ତା ଓ ବିଜୁଳି ଆଲୁଅ ସାତସପନ ହୋଇରହିଛି। ମୌଳିକ ସେବାରୁ ବଞ୍ଚିତ ଏହି ଆଦିବାସୀ ପରିବାର ଅତି ଦୟନୀୟ ଅବସ୍ଥାରେ ଜୀବନ ବିତାଉଛନ୍ତି। ରାସ୍ତା ଅଭାବରୁ ଶିକ୍ଷା ଓ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହୋଇ ଜୀବନ ବିତାଉଛନ୍ତି। ଖଟିଆରେ ବୁହାହୋଇଯାଆନ୍ତି ଗର୍ଭବତୀ ମହିଳା ଓ ରୋଗୀ। ବର୍ଷା ହେଲେ ଗୋଟିଏ ନଦୀ, ଦୁଇଟି ନାଳ ପାର ହୋଇ ଆସିବା ସମ୍ଭବ ହୁଏ ନାହିଁ। ସେଥିପାଇଁ ଅନେକ ଅଭାବନୀୟ ମୃତ୍ୟୁ ଘଟିଥାଏ। ଏହି ମୌଳିକ




ମୌଳିକ ସମସ୍ୟା ନେଇ ୪ ଗ୍ରାମବାସୀ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ସମସ୍ୟାର ସମାଧାନ ପାଇଁ ଶନିବାର ତାଳଖମଣ, ମଣ୍ଡାପଥର, ଡାଙ୍ଗିଭୁଇଁ ଓ ଡେଲିଙ୍ଗିପଦର ଗାଁ ପ୍ରତିନିଧିମାନେ ଆସି ଉପଜିଲ୍ଲାପାଳଙ୍କୁ ସାକ୍ଷାତ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହି ଦାବି ଯଦି ଆସନ୍ତା ୭ ଦିନ ମଧ୍ୟରେ ପୂରଣ ନହୁଏ ୨୬ ଫେବୃଆରୀ ଠାରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଖନ୍ଦା ଖୋଳି ରୋଷେଇ ହେବା ସହ ଅହରାତ୍ର ଗଣଧାରଣା ଦାବି ପୂରଣ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି କହିଛନ୍ତି। ଯେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବ ସେଥିପାଇଁ ସରକାର ଓ ଜିଲ୍ଲା ପ୍ରଶାସନ ଦାୟୀ ରହିବେ ବୋଲି ଲୋକେ କହିଛନ୍ତି। କ୍ରାନ୍ତିକାରୀ କୃଷକ ସଭାର ରାଜ୍ୟ ସମ୍ପାଦକ ଶଙ୍କର ଇନକିଲାବ, ଆଦିବାସୀ ଭାରତ ମହାସଭାର ରାଜ୍ୟ ସମ୍ପାଦକ ଟୁନା ମଲ୍ଲିକ, ସନାତନ ଜାନି, ଦୁଷ୍ମନ୍ତ ଜାନି, ଚକ୍ରଧର ମଲ୍ଲିକ, ଅଞ୍ଜନା ଜାନି, ମାନି ଜାନି, ଲାବନ୍ୟା ଜାନି, ମଞ୍ଜୁରି ଜାନି, ସଞ୍ଜୁ ମଲ୍ଲିକ ଆଦି ଉପସ୍ଥିତ ଥିଲେ।

# ବିଧାୟକଙ୍କ କୁଶପୁତ୍ତଳିକା ଦାହ କଲେ ପଞ୍ଚାୟତବାସୀ

**ଆମ ଓଡ଼ିଶା ନବୀନ ଓଡ଼ିଶା ଉତ୍ସବରେ ଅପ୍ରୀତିକର ପରିସ୍ଥିତି**

- ପ୍ରଶାନ୍ତ କହିଲେ ତାଙ୍କୁ ଡକାଯାଇ ନ ଥିଲା

ଜଗତ୍‌ସିଂହପୁର, ୧୮।୨ (ପ୍ରମୋଦ କୁମାର ନାୟକ)

ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି ଦିନକୁ ଦିନ ବିଭିନ୍ନ ଅଞ୍ଚଳରେ ରାଜନୈତିକ ପରିବେଶ ସେତିକି ଉଷ୍ମ ହେବାରେ ଲାଗିଛି। ଏହାର ପ୍ରତିଫଳନ ରବିବାର ଜଗତ୍‌ସିଂହପୁର ସଦର ନିକଟବର୍ତ୍ତୀ ଯଁକୋଟି ପଞ୍ଚାୟତରେ ଦେଖିବାକୁ ମିଳିଛି। ଏହି ପଞ୍ଚାୟତରେ ବିଜେଡି ଓ କଂଗ୍ରେସ ମଧ୍ୟରେ ରାଜନୈତିକ ହାଇଡ୍ରାମା ନିଆରା ପରିବେଶ ସୃଷ୍ଟି କରିଛି । ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି ଯୋଗ ନ ଦେବାରୁ ଲୋକେ ତାଙ୍କ କୁଶପୁତ୍ତଳିକା ଦାହ କରି ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଅପରପକ୍ଷେ ବିଧାୟକ କିନ୍ତୁ ତାଙ୍କୁ ଡକାଯାଇ ନ ଥିବା କହିଛନ୍ତି।

ଏହି ପ୍ରସଙ୍ଗରେ ପଞ୍ଚାୟତ ସରପଞ୍ଚ ମମତା ତାରେଣିଆ ସିଧାସଳଖ ଜଗତ୍‌ସିଂହପୁର ବିଧାୟକ ମୁଦୁଲିଙ୍କ ଆଡକୁ ଅଙ୍ଗୁଳି ଉଠାଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେ କହିଛନ୍ତି, ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପୂର୍ବାହ୍ନ ୧୧ଟାରେ ଆମ ଓଡ଼ିଶା ନବୀନ ଓଡ଼ିଶା ଉତ୍ସବ ପାଳନ ହେବାର ଥିଲା। ଏଥିରେ ବିଧାୟକ ଯୋଗଦେବାର କାର୍ଯ୍ୟକ୍ରମ ସ୍ଥିର ହୋଇଥିଲା। ଧାର୍ଯ୍ୟ ସମୟ ପୂର୍ବରୁ ପଞ୍ଚାୟତ ନିର୍ବାହୀ ଅଧିକାରୀ ଗୌତମ ଘୋଷ, ଜିଆର୍‌ଏସ୍ ଗିରିଜାନନ୍ଦିନୀ ବେହେରାଙ୍କ ସମେତ ସହସ୍ରାଧିକ ମହିଳା, ପୁରୁଷ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକାଠି ହୋଇଥିଲେ। କିନ୍ତୁ ଦୁଃଖର କଥା, ବିଧାୟକ ବିଳମ୍ବରେ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାଦେଇ କାରରେ ଅନ୍ୟତ୍ର ଯାଇଥିଲେ ସୁଦ୍ଧା ଅଟକି ନ ଥିଲେ। ଏହା ପଞ୍ଚାୟତବାସୀଙ୍କୁ ଆଘାତ ଦେଇଛି। କେବଳ ଏତିକି ନୁହେଁ, ପଞ୍ଚାୟତରେ ଅନେକ କାମ ବ୍ଲକ ତରଫରୁ ଅନ୍ୟ ଲୋକଙ୍କ ମାଧ୍ୟମରେ କରାଯାଉଥିଲେ ସୁଦ୍ଧା ସରପଞ୍ଚଙ୍କୁ ଅଣଦେଖା କରାଯାଉଛି। ବିଧାୟକଙ୍କ କୁଶପୁତ୍ତଳିକା ଦାହ ସମ୍ପର୍କରେ କହିଥିଲେ, ଏଏନ୍‌ଏମ୍ ସେଣ୍ଟର ସମ୍ମୁଖରେ ଅନେକ ଯୁବଗୋଷ୍ଠୀ ଏଭଳି କରିଥିବା



ସେ ଶୁଣିଛନ୍ତି। ଯେହେତୁ ବିଧାୟକ ସେମାନଙ୍କ ଭାବାବେଗ ସହିତ ଖେଳିବା ସହ ଅପମାନିତ କରିଥିଲେ ତେଣୁ ଏହା ଥିଲା ପିଲାମାନଙ୍କ ଅସନ୍ତୋଷର ପ୍ରତିଫଳନ ବୋଲି ସରପଞ୍ଚ ତାରେଣିଆ ପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଘୋଷଙ୍କୁ ପଚାରିବାରୁ ଉତ୍ସବରେ ବିଧାୟକ ଯୋଗ ଦେବେ ବୋଲି ପ୍ରତ୍ୟେକ ନିଶ୍ଚିତ ଥିଲେ। କିନ୍ତୁ କେଉଁ କାରଣରୁ ବିଧାୟକ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଯାଇଥିଲେ ସୁଦ୍ଧା ଅଟକି ନ ଥିଲେ ତାହା ତାଙ୍କୁ ଜଣାନାହିଁ ବୋଲି କହିଛନ୍ତି। ବିଧାୟକ ମୁଦୁଲିଙ୍କୁ ପଚାରିବାରୁ ଉତ୍ସବରେ ଯୋଗ ଦେବାକୁ ତାଙ୍କୁ କେହି କହି ନ ଥିଲେ। ଯେହେତୁ ପଞ୍ଚାୟତସ୍ତରୀୟ କାର୍ଯ୍ୟକ୍ରମ, ତେଣୁ ଅନ୍ତତଃ ସରପଞ୍ଚ ତାଙ୍କୁ ନିମନ୍ତ୍ରଣ କରିବା କଥା। ବିନା ନିମନ୍ତ୍ରଣରେ ସେ କିପରି ଯାଇଥାନ୍ତେ ବୋଲି ସ୍ପଷ୍ଟ କରିଛନ୍ତି। ଏହି ପ୍ରସଙ୍ଗକୁ ନେଇ ପରସ୍ପରକୁ ଦୋଷାରୋପ କରୁଥିବାବେଳେ ବାସ୍ତବ ଚିତ୍ର କିଛି ନିଆରା ବୋଲି ସ୍ଥାନୀୟ ଅଞ୍ଚଳର କେତେଜଣ ଲୋକ ନାମ ଗୋପନ ରଖି କହିଛନ୍ତି। ସେମାନଙ୍କ କହିବା କଥା ହେଲା, ରବିବାର ପଞ୍ଚାୟତ ଅନ୍ତର୍ଗତ ସରସ୍ୱତୀ ବିଦ୍ୟାମନ୍ଦିର ରାସ୍ତା, ବେରୁଆଁ କଲଭର୍ଟ ଓ ଏଏନ୍‌ଏମ୍ ସେଣ୍ଟର ଆଦି ବିଧାୟକଙ୍କ ଦ୍ୱାରା ଉଦ୍‌ଘାଟନ ହେବ ବୋଲି ସ୍ଥିର ହୋଇଥିଲା। ଏନେଇ ଫଳକ ମଧ୍ୟ ମରାଯାଇଥିଲା। କିନ୍ତୁ ଶନିବାର ରାତିରେ ଏହାକୁ କେହି ଭାଙ୍ଗି ଦେଇଥିଲେ। ଫଳକରେ ବିଧାୟକ, ସରପଞ୍ଚଙ୍କ ନାଁ ଆଦି ଉଲ୍ଲେଖ ଥିଲେ ସୁଦ୍ଧା କାହିଁକି, କିଏ ଏବଂ କେଉଁ ଲକ୍ଷ୍ୟ ରଖି ଭାଙ୍ଗିଲେ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ପାରିନାହିଁ। କିନ୍ତୁ ସରପଞ୍ଚ କଂଗ୍ରେସ ସମର୍ଥିତ ହୋଇଥିବାରୁ ତାଙ୍କ ସମର୍ଥକମାନେ ଭାଙ୍ଗିଥିବା ପଞ୍ଚାୟତସ୍ତରୀୟ ବିଜେଡି ନେତାମାନେ ପ୍ରଚାର ଚଳାଉଛନ୍ତି। ସେମାନେ ବିଧାୟକଙ୍କୁ ଏ ସମ୍ପର୍କରେ ବୁଝାଇଥାଇ ପାରନ୍ତି। ଯେଉଁ କାରଣରୁ ରବିବାର ସକାଳୁ ପୁଣି ଫଳକ ତିଆରି ପରେ ବିଧାୟକ ସେଗୁଡିକୁ ଉଦ୍‌ଘାଟନ କରିଥିଲେ ସୁଦ୍ଧା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଆମ ଓଡ଼ିଶା କାର୍ଯ୍ୟକ୍ରମରେ ଯୋଗଦେଇ ନ ଥିଲେ।

# ମାଘ ପୂଜାରେ ବନଦୁର୍ଗା ପୀଠରେ ମାଂସ ଖେଚୁଡ଼ି

- ଝୁମିଲେ ଆଦିବାସୀ ସାନ୍ତାଳୀ,
- ବନ୍ୟ ଜୀବଜନ୍ତୁ ଶିକାର କରି ପୀଠରେ ସମର୍ପଣ କରିବା ବିଧି ରହିଛି

ମହାକାଳପଡ଼ା, ୧୮।୨ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

ପ୍ରାଚୀନ କାଳରୁ ଆଦିମ ଜନଜାତି ସାନ୍ତାଳୀ ଆଦିବାସୀମାନଙ୍କ ପୂର୍ବଜମାନେ ଘଞ୍ଚ ଜଙ୍ଗଲରେ ପ୍ରବେଶ କରିବା ପୂର୍ବରୁ ମା' ବନ ଦୁର୍ଗାଙ୍କୁ ମନାସି ବନ୍ୟ ଜୀବଜନ୍ତୁଙ୍କୁ ଶିକାର କରିଥାନ୍ତି। ପରେ ଆଦିବାସୀମାନେ ଜଙ୍ଗଲରୁ ଶିକାର କରି ପ୍ରଥମ ଶିକାର ବନ୍ୟ ଜୀବଜନ୍ତୁ ଯଥା ହରିଣ, କୁଟୁରା, ବଣ କୁକୁଡ଼ା, ବିଭିନ୍ନ ପକ୍ଷୀମାନଙ୍କୁ ମା' ବନଦୁର୍ଗା ବା ଶୀତଳା ଚଣ୍ଡୀଙ୍କ ପୀଠରେ ସମର୍ପଣ କରିବା ବିଧି ରହିଛି। ଜଙ୍ଗଲରୁ ଶିକାର କରିବା ପାଇଁ ପ୍ରଶାସନ ପକ୍ଷରୁ କଟକଣା ଜାରି ହେବା ପରେ ପାରମ୍ପରିକ ଆଦିବାସୀମାନେ ପରମ୍ପରା ଅନୁଯାୟୀ ମାଘ ମାସରେ ଶୀତଳା ଚଣ୍ଡୀଙ୍କ ପୀଠରେ କୁକୁଡ଼ା ମାଂସ ଖେଚୁଡ଼ି ଭୋଗ ଅର୍ପଣ କରାଯାଉଥିବା ଗାଁର ମୁରବିମାନେ କହିଛନ୍ତି।



ବନଦୁର୍ଗା ପୀଠରେ ମାଂସ ଖେଚୁଡ଼ି, ହାଣ୍ଡିଆ ଅର୍ପଣ ପାଇଁ ପ୍ରସ୍ତୁତ ଭୋଗ।

ଏହି ଅବସରରେ ମହାକାଳପଡ଼ା ବ୍ଲକ ଅଧୀନ ଆଦିବାସୀ ସାନ୍ତାଳୀ ଅଧ୍ୟୁଷିତ ଅଞ୍ଚଳ ଲୁଣି ମାଠିଆ ଆଦିବାସୀପଡ଼ାର ଶହେରୁ ଅଧିକ ପରିବାର ରବିବାର ମିଳିତ ହୋଇ ମା' ଶୀତଳା ଚଣ୍ଡୀଙ୍କ ପୀଠରେ ହାଣ୍ଡିଆ ଓ ମାଂସ ଖେଚୁଡ଼ି ଭୋଗ ଅର୍ପଣ କରିଛନ୍ତି। ଘରେ ଘରେ ନୂଆ ବସ୍ତ୍ର ପରିଧାନ କରି ପିଠା ପଣା ଓ ନୃତ୍ୟ ସଙ୍ଗୀତରେ ଝୁମିଥିଲେ। ମା'ଙ୍କ ପୀଠରେ ପୁରୋହିତ ସୁକୁଲ ହାଁସଦା ପୂଜାର୍ଚ୍ଚନା କରି ପ୍ରସାଦ ବଣ୍ଟନ କରିଥିଲେ। ପୁରୋହିତ ହାଁସଦାଙ୍କ କହିବା କଥା ଆଦିବାସୀଙ୍କ ଧାର୍ମିକ ଭାବନା ଓ ସମାଜର ମଙ୍ଗଳ କାମନା ପାଇଁ ଏହି ପୂଜା କରାଯାଇଥାଏ। ଏହି ଅବସରରେ ଗ୍ରାମର ୱାର୍ଡ ମେମ୍ବର ମଧୁ ବାସ୍କେ, ଶ୍ରୀରାମ କିସ୍କୁ, ଜିତୁ ମାଝି, ଛୋଟରାୟ ମାଝି, ଦେବେନ୍ଦ୍ର କିସ୍କୁ, ନାଗମଣି ମାଝି, ଚନ୍ଦ୍ର ଟୁଡୁ, ସୁନାକର ବାସ୍କେ, ଯୋଗେନ୍ଦ୍ର ମୁର୍ମୁ, ମୋହନ ମୁର୍ମୁ, ପୀତାମ୍ବର ହାଁସଦାଙ୍କ ସମେତ ବହୁ ସଂଖ୍ୟାରେ ଲୋକମାନେ ପୂଜାର୍ଚ୍ଚନା କରିଥିଲେ।

# ରାଧାନଗର କ୍ରିକେଟ ଟିମ୍ ଚାମ୍ପିୟନ

**ରୁଦ୍ର ଶାଳିନି କ୍ରିକେଟ୍ ଟୁର୍ନାମେଣ୍ଟ**

ଆଳି, ୧୮।୨ (ବନମାଳୀ ସେନାପତି)

ଆଳି ମିଲବଜାର ଖେଳପଡିଆଠାରେ ୪ର୍ଥ ରୁଦ୍ର ଶାଳିନି କ୍ରିକେଟ ଟୁର୍ନାମେଣ୍ଟର ରବିବାର ଫାଇନାଲ ଖେଳ ଅନୁଷ୍ଠିତ ହୋଇଯାଇଛି। ମ୍ୟାଚ ରାଧାନଗର କ୍ରିକେଟ ଟିମ୍ ଓ ଦେମାଳ କ୍ରିକେଟ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଦେମାଳ କ୍ରିକେଟ ଟିମ୍ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୯ ଉଇକେଟ ହରାଇ ୧୦୦ ରନ କରିଥିଲା। ଜବାବରେ ରାଧାନଗର କ୍ରିକେଟ ଟିମ୍ ୫ ଉଇକେଟ ହରାଇ ମ୍ୟାଚ ଜିତିବା ସହିତ ଚାମ୍ପିୟନ ହୋଇଥିଲା। ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ ସହ ୨୦ ହଜାର ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଦେମାଳ ସରପଞ୍ଚ ରିତାରାଣୀ ପରିଡା ଯୋଗଦେଇ ରନର୍ସ ଅପ ଦଳକୁ ଟ୍ରଫି ସହ ୧୦ ହଜାର ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ମ୍ୟାନ୍ ଅଫ୍ ଦି ସିରିଜ ଭାବେ ରାଧାନଗର କ୍ରିକେଟ ଟିମ୍‌ର ସୌରଭ ଲେଙ୍କାଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଟୁର୍ନାମେଣ୍ଟ ଅବସର ପ୍ରାପ୍ତ ସୈନିକ ପ୍ରଫୁଲ ରାୟଙ୍କ ଅୟୋଜନରେ ହୋଇଥିବା ବେଳେ ଖରାଖାଇ କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଖେଳକୁ ଅମ୍ପାୟର ଭାବେ ପ୍ରତାପ ରାୟ ଓ ମନୋଜ ସିଂ ପରିଚାଳନା କରିଥିଲେ। ସାମାଜିକ କର୍ମୀ ରାକେଶ ରାୟ ଟୁର୍ନାମେଣ୍ଟକୁ ପରିଚାଳନା କରିଥିଲେ।




ଚାମ୍ପିୟନ୍ ଟିମ୍‌କୁ ଅତିଥିମାନେ ଟ୍ରଫି ପ୍ରଦାନ କରୁଛନ୍ତି।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଅନାମ



@ ଚିନ୍ମୟୀ



@ ବିଭୂତି



@ ଦେବାଶିଷ



@ ରଜତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସଂକଳ୍ପ ଜୀବନର ମୂଳ ଲକ୍ଷ୍ୟ କରିବାକୁ ଡିଜିପିଙ୍କ ପରାମର୍ଶ

**ଦୀକ୍ଷାନ୍ତ ସମାରୋହ**

ଛତିଆ, ୧୮।୨ (ସୌମ୍ୟ ରଞ୍ଜନ ସାହୁ):

ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ଅଧୀନ ବୈରୀଠାରେ ଅବସ୍ଥିତ ପୋଲିସ ପ୍ରତିଷ୍ଠାନ କେନ୍ଦ୍ରଠାରେ ରବିବାର ଦୀକ୍ଷାନ୍ତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ(ଡିଜିପି) ଅରୁଣ ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଶିକ୍ଷାର୍ଥୀଙ୍କୁ ଶପଥ ପାଠ କରାଇ ସଂକଳ୍ପ ଜୀବନର ମୂଳ ଲକ୍ଷ୍ୟ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଜୁ ପଟ୍ଟନାୟକ ପୋଲିସ ତାଲିମ କେନ୍ଦ୍ର ଅଧ୍ୟକ୍ଷ ଏସ୍ ସାଇନ ଯୋଗଦେଇ କହିଥିଲେ ଦେଶ, ସମାଜ ତଥା ସାଧାରଣ ଜନତାଙ୍କୁ ଉପଯୁକ୍ତ ସେବା, ସୁରକ୍ଷା ଏବଂ ନିରାପତ୍ତା ପ୍ରଦାନ କରି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ପ୍ରତିକୂଳ ପରିସ୍ଥିତିରେ ଜନତାଙ୍କ ପ୍ରତି ସହାନୁଭୂତି, ଦୟା ଏବଂ ପରୋପକାର ମନଭାବ ପ୍ରଦର୍ଶନ କରିବାକୁ ପ୍ରଶିକ୍ଷାର୍ଥୀମାନଙ୍କୁ କହିଥିଲେ।

ଚଳିତ ବର୍ଷ ୨୦ ଜିଲ୍ଲାର ୫୬୪ କନଷ୍ଟେବଳ ଦୀର୍ଘ ୯ ମାସ ଧରି ପ୍ରଶିକ୍ଷଣ ନେଇଥିଲେ। ପ୍ରଶିକ୍ଷଣ ସମାପ୍ତ ଦିବସରେ ନିଜନିଜର ଅନୁଭୂତି ସମ୍ପର୍କରେ ମତ ଦେଇଥିଲେ ପ୍ରଶିକ୍ଷାର୍ଥୀ। ପ୍ରତିଷ୍ଠାନ କେନ୍ଦ୍ରରେ ଚଳିତ ବର୍ଷ ବିଭିନ୍ନ କ୍ଷେତ୍ରରେ ଭଦ୍ରକର ରାଜଲକ୍ଷ୍ମୀ ପଣ୍ଡା ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ଭଦ୍ରକର ଜୟନ୍ତୀ ସାହୁ ଦ୍ୱିତୀୟ ଓ ଜଗତ୍‌ସିଂହପୁରର ଶୁଭସ୍ମିତା ଲେଙ୍କା ତୃତୀୟ ସ୍ଥାନ ହାସଲ କରି ସମ୍ମାନିତ ହୋଇଥିଲେ। କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଉକ୍ତ କେନ୍ଦ୍ର ଅଧ୍ୟକ୍ଷ ଅଶୋକ କୁମାର ଦେହୁରୀ। ସହକାରୀ ଦୁର୍ଗପତି ଚିତ୍ତରଞ୍ଜନ ମାଝି, ଡିଏସପି କସ୍ତୁରୀ ନାୟକଙ୍କ ସମେତ ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



ଦୀକ୍ଷାନ୍ତ ସମାରୋହରେ ପରେଡରେ ଅଭିବାଦନ ଗ୍ରହଣ କରାଯାଉଛି।

# କଳସପୁର ପଞ୍ଚାୟତରେ ବିଜେଡିର ମିଶ୍ରଣ ପର୍ବ

ଆଳି, ୧୮।୨ (ବନମାଳୀ ସେନାପତି)

ଆଳି ବ୍ଲକ କଳସପୁର ପଞ୍ଚାୟତରେ ବିଜେଡିର ମିଶ୍ରଣ ପର୍ବ ରବିବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତର ଜେନାଭଳିଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଦଶରଥ ମଲ୍ଲିକଙ୍କ ଅଧ୍ୟକ୍ଷତା କରିଥିଲେ। ଏହି ମିଶ୍ରଣ ପର୍ବରେ ମୁଖ୍ୟ ଅତିଥି ଭାବେ ଶକ୍ତିମନ୍ତ୍ରୀ ପ୍ରତାପ କେଶରୀ ଦେବ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ୨ ନଂ. ଜୋନର ଜିଲ୍ଲା ପରିଷଦ ସଦସ୍ୟ ଭୀଷ୍ମ ମହାନ୍ତି, ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ ଯୋଗ ଦେଇଥିଲେ। କଳସପୁର ପଞ୍ଚାୟତର ଜେନାଭଳି ଗ୍ରାମରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ଭାଗବତ ଦାସ, ସୋମନାଥ ଦାସ, ସାବିତ୍ରୀ ସେଠୀ, ଭରତ ସେଠୀ, ୱାର୍ଡସଭ୍ୟ ରଶ୍ମିତା ସେଠୀ, ବିଟୁ ସେଠୀ, ମିନା ସେଠୀ, ଦୀନବନ୍ଧୁ ସେଠୀ, ସୁକାନ୍ତି ସେଠୀ, ମାମିନା ସେଠୀ, ନାରାୟଣ ଦାସ, ରବୀନ୍ଦ୍ର ଦାସ, କପିଳ ମଳିକ, ସୁଶାନ୍ତ ମଳିକ, ଫକୀର ଦାସ, ଅର୍ଜୁନ ମଳିକ, ରତ୍ନକାନ୍ତ ମଳିକ, ଅଶୋକ ମଳିକ ପ୍ରମୁଖଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱପରିବାର କଂଗ୍ରେସ ଦଳ ପରିତ୍ୟାଗ କରି ବିଜେଡିରେ ଯୋଗ ଦେଇଥିଲେ। ନୂତନ କର୍ମୀଙ୍କୁ ମନ୍ତ୍ରୀ ଦେବ ଦଳୀୟ ଉତ୍ତରୀୟ ପ୍ରଦାନ କରିଥିଲେ। ଏହି ଅବସରରେ ମନ୍ତ୍ରୀ ଦେବ ରାଜ୍ୟ ସରକାରଙ୍କ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଇବା ସହ ସରକାରଙ୍କ ପକ୍ଷରୁ ଏବେ ଆରମ୍ଭ ହୋଇଥିବା ଆମ ଓଡ଼ିଶା ନବୀନ ଓଡ଼ିଶାର ମୂଳ ଲକ୍ଷ୍ୟ ସମ୍ପର୍କରେ ଅବଗତ କରିଥିଲେ। ଏହି ମିଶ୍ରଣ ପର୍ବରେ ସରପଞ୍ଚ ସୁଧୀର ମଲ୍ଲିକ, ସମିତିସଭ୍ୟ ବିକାଶ ଜେନା, ପୂର୍ବତନ ସରପଞ୍ଚ ରତ୍ନକାନ୍ତ ମଲ୍ଲିକ ପୂର୍ବତନ ସମିତିସଭ୍ୟ ଚନ୍ଦନା ଦାସ ଉପସ୍ଥିତ ଥିଲେ।



ମନ୍ତ୍ରୀ ପ୍ରତାପ କେଶରୀ ଦେବଙ୍କ ଉପସ୍ଥିତିରେ ଅନ୍ୟ ଦଳର କର୍ମୀ ବିଜେଡି ସାମିଲ ହେଉଛନ୍ତି।

# ଶିଳ୍ପବିହୀନ ଜିଲାରେ ବିଷାକ୍ତ ଧୂଆଁ ଭୟ

- କୁହୁଡ଼ି ସହ ହଳଦିଆ ଠୋପା ଉପରେ ପ୍ରଶ୍ନବାଚୀ
- ବିଭିନ୍ନ ରୋଗରେ ପ୍ରଭାବିତ ହେଉଛନ୍ତି ଜିଲାବାସୀ
- ନଷ୍ଟ ହେଉଛି ସ୍ଥାନୀୟ ଅଞ୍ଚଳର ପ୍ରାକୃତିକ ପରିବେଶ

କେନ୍ଦ୍ରାପଡ଼ା, ୧୮।୨ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲାର ବିଭିନ୍ନ ବ୍ଲକ ଅଞ୍ଚଳରେ ସକାଳ କୁହୁଡି ସହ ହଳଦିଆ ରଙ୍ଗର ଠୋପା ଗତ ୧୫ ଦିନ ଧରି ଦେଖାଦେଉଛି, ଯାହାକୁ ନେଇ ଜିଲାବାସୀ ମନରେ ଏ ସମ୍ପର୍କରେ ଜାଣିବା ପାଇଁ ମନରେ ପ୍ରଶ୍ନ ଦେଖାଦେଇଛି। ମହାନଦୀର ଗୋଟିଏ ପାର୍ଶ୍ୱରେ କେନ୍ଦ୍ରାପଡ଼ା ଜିଲା ଥିବାବେଳେ ଅପରପାର୍ଶ୍ୱରେ ଜଗତ୍‌ସିଂହପୁର ଜିଲା ଅଛି। କେନ୍ଦ୍ରାପଡ଼ା ଜିଲା ଅଦ୍ୟାବଧି ଶିଳ୍ପବିହୀନ ଅଛି। ତେବେ ଅପରପାର୍ଶ୍ୱରେ ଜଗତ୍‌ସିଂହପୁର ଜିଲା ପାରାଦୀପ ଅଞ୍ଚଳରେ ୧୬ରୁ ଊର୍ଦ୍ଧ୍ୱ ବୃହତ୍ ଶିଳ୍ପ ଅନୁଷ୍ଠାନ ଗଢ଼ି ଉଠିଛି। ଏହି ଶିଳ୍ପ ଅନୁଷ୍ଠାନରୁ ବିଭିନ୍ନ ସମୟରେ ନିର୍ଗତ ବିଷାକ୍ତ ଧୂଳି ଓ ଧୂଆଁ କେନ୍ଦ୍ରାପଡ଼ା ଜିଲାବାସୀଙ୍କୁ ଅତିଷ୍ଠ କରୁଛି। ସେହିପରି ଏହି ଅଞ୍ଚଳରୁ ନିର୍ଗତ ବିଷାକ୍ତ ବର୍ଜ୍ୟବସ୍ତୁ ନଦୀ ଓ ନାଳରେ ମିଶି ସ୍ଥାନୀୟ ଜିଲାର ବିଭବ ଭାବେ ପରିଚିତ ଆର୍ଦ୍ରଭୂମି ଭିତରକନିକା ସମେତ ଅଞ୍ଚଳର ପ୍ରାକୃତିକ ପରିବେଶ ନଷ୍ଟ କରୁଛି। ଯାଜପୁର ଓ ଜଗତ୍‌ସିଂହପୁର ଶିଳ୍ପାଞ୍ଚଳକୁ ସଂଯୋଗ ରାସ୍ତା କେନ୍ଦ୍ରାପଡ଼ା ଜିଲାରେ ଅଛି। ପ୍ରତିଦିନ ରାସାୟନିକ ପଦାର୍ଥଭରା ଭାରିଯାନ ଏହି ରାସ୍ତାରେ ଯାତାୟାତ କରୁଛି। ରାସାୟନିକ ବିପର୍ଯ୍ୟୟ ପ୍ରତି କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ସଚେତନ ନୁହନ୍ତି ବୋଲି ସ୍ଥାନୀୟ ଅଞ୍ଚଳବାସୀ ମତ ଦେଇଛନ୍ତି।

ପରିବେଶ ପ୍ରଦୂଷଣ ପ୍ରଭାବରେ ହେଉଥିବା ସମସ୍ୟା ସମ୍ପର୍କରେ ମହାକାଳପଡ଼ା ବ୍ଲକ ବଟିଘର ଅଞ୍ଚଳର ପୂର୍ଣ୍ଣିମା ମାଝି, ସୁଦର୍ଶନ ବେରା, ହରିପଦ ବିଶ୍ୱାସ ପ୍ରମୁଖ କହିଛନ୍ତି, ଜଗତ୍‌ସିଂହପୁର ଜିଲା ଶିଳ୍ପାଞ୍ଚଳରୁ ନିର୍ଗତ ବିଷାକ୍ତ ଧୂଳି ଓ ଧୂଆଁ ଜୀବନକୁ ଦୁର୍ବିଷହ କରିଦେଇଛି। ଶିଳ୍ପାଞ୍ଚଳରୁ ନିର୍ଗତ ଧୂଳି ଓ ଧୂଆଁ ଚର୍ମ ରୋଗଠାରୁ କ୍ୟାନସର ରୋଗ ପର୍ଯ୍ୟନ୍ତ କାରଣ ହୋଇଥିବା ବେଳେ ସ୍ଥାନୀୟ ଫସଲକୁ ନଷ୍ଟ କରୁଛି। ଏପରି ଘଟଣା ଶନିବାର ମଧ୍ୟ ଦେଖିବାକୁ ମିଳିଛି। ହଳଦିଆ ରଙ୍ଗର ଧୂଳି ଉଡି ଆସି କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା, ମାର୍ଶାଘାଇ ବ୍ଲକ ଅଞ୍ଚଳରେ ଖେଳେଇ ହୋଇଯାଇଛି। ଘରବାଡିଠାରୁ ଆରମ୍ଭ କରି ଗଛ ପତ୍ରରେ ଲାଲ, ହଳଦିଆ ରଙ୍ଗର ଠୋପା ଠୋପା ଚିହ୍ନ ଦେଖାଯାଉଛି। ଏହି ଘଟଣା ଅଞ୍ଚଳରେ ନୂଆ ନୁହେଁ। ପ୍ରାୟ ଏପରି ଘଟଣା ନଜରକୁ ଆସୁଛି। ଫଳରେ ରୋଗ ବଢ଼ିବା ସହ ଜୀବନ ଜୀବିକା ନଷ୍ଟ ହେଉଥିବା ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି। ପରିବେଶବିତ୍ ହେମନ୍ତ କୁମାର ରାଉତ, ସମରେନ୍ଦ୍ର ମାହାଳି, ପ୍ରଭୁପ୍ରସାଦ ମହାପାତ୍ର ପ୍ରମୁଖ କହିଛନ୍ତି, ଶିଳ୍ପାଞ୍ଚଳର ବର୍ଜ୍ୟବସ୍ତୁ ଜାତୀୟ ଉଦ୍ୟାନ ଭିତରକନିକା ପ୍ରତି ବିପଦ ସାଜିଛି। ସେହିପରି ଏହି ବିଷାକ୍ତ ରାସାୟନିକ ପ୍ରଭାବ ସାମୁଦ୍ରିକ ଜଳଜୀବ ସମେତ ନଦୀ ନାଳ ଉପରେ ପ୍ରଭାବ ପଡୁଛି। ଗଛ ସବୁ ପୋଡ଼ି ଯାଉଥିବା ବେଳେ ଫସଲ ଅଧିକ ଅମଳକ୍ଷମ ହେଉନାହିଁ। ଏ ନେଇ ଜିଲା ପ୍ରଶାସନର ଦୃଷ୍ଟିକୁ ଅଣା ଯାଇଥିବା ସେମାନେ ପ୍ରକାଶ କରିଛନ୍ତି। ସାମାଜିକ କର୍ମୀ ବିଭୂତି ଭୂଷଣ କର, ଲକ୍ଷ୍ମୀଧର ସ୍ୱାଇଁ, ପ୍ରମୋଦ କୁମାର ସ୍ୱାଇଁ, ପ୍ରଭାତ କୁମାର ତ୍ରିପାଠୀ ପ୍ରମୁଖ କହିଛନ୍ତି, ୨୦୧୯ ଜୁନରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଆଦିତ୍ୟ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ କାର୍ଯ୍ୟକାରୀ ପରିଷଦର ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ରାସାୟନିକ ଓ ଶିଳ୍ପାନୁଷ୍ଠାନ ଦୁର୍ଘଟଣା ପରି ବିପର୍ଯ୍ୟୟ କ୍ଷେତ୍ରରେ ରାଜ୍ୟ କ୍ରାଇସିସ୍ ମେଣ୍ଟେନାନ୍ସ ଗ୍ରୁପ୍ ତତ୍ପରତାର ସହ କାର୍ଯ୍ୟ କରିବ ବୋଲି ନିଷ୍ପତ୍ତି ହୋଇଥିଲା। ଏହି କ୍ରାଇସିସ୍ ମେଣ୍ଟେନାନ୍ସ ଗ୍ରୁପ୍ ଶିଳ୍ପାଞ୍ଚଳର ଆଖପାଖ ଅଞ୍ଚଳ ସର୍ଭେ କରିବା ସହ ଏହାର ନିରାକରଣ ବ୍ୟବସ୍ଥା କରିବ। ବୈଠକକୁ ଇତିମଧ୍ୟରେ ୩ ବର୍ଷ ବିତି ଯାଇଥିଲେ ମଧ୍ୟ କେନ୍ଦ୍ରାପଡ଼ା ଜିଲାରେ କ୍ରାଇସିସ୍ ମେଣ୍ଟେନାନ୍ସ ଗ୍ରୁପ୍‌ର କାର୍ଯ୍ୟକ୍ରମ ଆରମ୍ଭ ହୋଇନାହିଁ। ଏ ସମ୍ପର୍କରେ ଉପଜିଲାପାଳ ରବୀନ୍ଦ୍ର କୁମାର ପ୍ରଧାନଙ୍କୁ ପଚାରିବାରେ ପାରାଦୀପ ଶିଳ୍ପାଞ୍ଚଳରୁ ଲାଲ, ହଳଦିଆ ଧୂଳି ଉଠିବା ଘଟଣା ସମ୍ପର୍କରେ ଜିଲା ପ୍ରଶାସନ ନିକଟରେ ଅଭିଯୋଗ ନାହିଁ। ଏ ନେଇ ଫ୍ୟାକ୍ଟ୍ରି ଆଣ୍ଡ ବ୍ୱଏଲର ନିର୍ଦ୍ଦେଶାଳୟ ଓ ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସେ କହିଛନ୍ତି।

# ଦିନକୁ ୨୧୨ କି.ମି. ପରିକ୍ରମା କରିବ ଲକ୍ଷ୍ମୀବସ୍

ନୟାଗଡ଼,୧୮।୨(ଲୋକନାଥ ମିଶ୍ର)

■ ସକାଳ ୭ରୁ ଆରମ୍ଭ ହେବ ଯାତ୍ରା
■ ପ୍ରତି ପଞ୍ଚାୟତକୁ ଛୁଇଁବାର ଲକ୍ଷ୍ୟ

ଶୁକ୍ରବାର ନୟାଗଡ଼ ଜିଲାରେ ଲକ୍ଷ୍ମୀବସ୍ ସେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିବା ପରେ ଶନିବାର ଲକ୍ଷ୍ମୀବସ୍ ଗାଁରୁ ବ୍ଲକ କାର୍ଯ୍ୟାଳୟକୁ ଯାତ୍ରା କରି ଗାଁକୁ ଫେରିଛି। ଲକ୍ଷ୍ମୀବସ୍ ଦିନକୁ ୨୧୨ କି.ମି. ପରିକ୍ରମା କରିବ। ଦୂରତ୍ୱ ଅନୁସାରେ ବସ୍ ଦିନକୁ ୨ ରାଉଣ୍ଡରୁ ଆରମ୍ଭ କରି ଯେତେ ରାଉଣ୍ଡ ହେବ ସେତିକି ଯାତ୍ରା କରିପାରିବ। ୨୧୨ କି.ମି.ରୁ ଅଧିକ ହେଲେ ସରକାର ଏଥିପାଇଁ ଖର୍ଚ୍ଚ ଦେବେ ନାହିଁ ବୋଲି ନିର୍ଦ୍ଦେଶ ରହିଛି। ଦିନକୁ ୨୧୨ କି.ମି. ଟାର୍ଗେଟ ହୋଇଥିବାରୁ ଗୋଟିଏ ବସ୍ ୨ ରାଉଣ୍ଡରୁ ଆରମ୍ଭ କରି ପ୍ରାୟ ୫ ରାଉଣ୍ଡ ପର୍ଯ୍ୟନ୍ତ ଯାତ୍ରା କରିପାରିବେ। ସକାଳ ୭ଟାରୁ ବସ୍ ଯାତ୍ରା ଆରମ୍ଭ କରିବ। ପ୍ରତି ପଞ୍ଚାୟତକୁ ବସ୍ ପ୍ରତ୍ୟହ ଛୁଇଁବାର ଲକ୍ଷ୍ୟ ରହିଛି।

ଜିଲାର ଓଡ଼ଗାଁ ବ୍ଲକରେ ୩୬, ଖଣ୍ଡପଡ଼ା ବ୍ଲକରେ ୨୨, ଗଣିଆ ବ୍ଲକରେ ୮, ଦଶପଲ୍ଲା ବ୍ଲକରେ ୨୦, ନୟାଗଡ଼ ବ୍ଲକରେ ୨୯, ନୂଆଗାଁ ବ୍ଲକରେ ୨୨, ଭାପୁର ବ୍ଲକରେ ୨୦, ରଣପୁର ବ୍ଲକରେ ୩୭ ପଞ୍ଚାୟତ ଏପରି ୧୯୪ ପଞ୍ଚାୟତ ରହିଛି। ସବୁ ଗାଁକୁ ଯାତ୍ରା କରିବାକୁ ସରକାରଙ୍କ ଲକ୍ଷ୍ୟ ରହିଛି।

**୨୧ ବସ୍ ପୁଣି ଆସିବ**

ନୟାଗଡ଼ ଜିଲାକୁ ୩୮ଟି ବସ୍ ଆସିବା ପାଇଁ ସରକାରଙ୍କ ନିର୍ଦ୍ଦେଶ ରହିଛି। ପ୍ରଥମ ପର୍ଯ୍ୟାୟରେ ୧୭ଟି ବସ୍ ଆସିଛି। ପରବର୍ତ୍ତୀ ସମୟରେ ଆଉ ୨୧ଟିବସ୍ ଆସିବ। ପ୍ରଥମ ପର୍ଯ୍ୟାୟର ୧୭ଟି ବସ୍ ମଧ୍ୟରୁ ଟାୟାର-୧ର ୧୬ଟି ବସ୍ ଓ ଟାୟାର-୨ର ୧ଟି ବସ୍ ରହିଛି। ଟାୟାର-୧ ବସ୍‌ଗୁଡ଼ିକ ଗାଁରୁ ବ୍ଲକ କାର୍ଯ୍ୟାଳୟକୁ ଚାଲିବ। ଟାୟାର-୨ ବସ୍ ବ୍ଲକ୍‌ରୁ ଜିଲା କାର୍ଯ୍ୟାଳୟକୁ ଚାଲିବ। ଏଣୁ ନୟାଗଡ଼ ଜିଲାକୁ ଟାୟାର-୧ ବସ୍ ଆଉ ୧୪ଟି ଓ ଟାୟାର-୨ ବସ୍ ୭ଟି ଆସିବ। ନୟାଗଡ଼ ଜିଲାକୁ ଟାୟାର-୨ ବସ୍ କେବଳ ୧ଟି ଆସିଥିବାରୁ ଏହା ବ୍ଲକ କାର୍ଯ୍ୟାଳୟରୁ ଜିଲା କାର୍ଯ୍ୟାଳୟକୁ ରୁଟ୍ କରାଯାଇ ନାହିଁ। ଟାୟାର-୨ ବସ୍ ୭ଟି ଆସିବା ପରେ ବ୍ଲକ କାର୍ଯ୍ୟାଳୟରୁ ଜିଲା କାର୍ଯ୍ୟାଳୟକୁ ଗଡ଼ିବ ବୋଲି ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ(ଓଏସ୍‌ଆରଟିସି) ପକ୍ଷରୁ ସୂଚନା ଦିଆଯାଇଛି।

**ଉପେକ୍ଷିତ ହେବନି ଭିଆଇପି ରୋଡ୍**

ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମୁଖ ଦେଇ ଯାଇଥିବା ରାଜ୍ୟ ରାଜପଥ ୨୧ରୁ ପିଟିଏସ୍ ରାସ୍ତା ଦେଇ ନୟାଗଡ଼ ପୁରୁଣାସହରର ଜଗନ୍ନାଥ ମନ୍ଦିର ନିକଟସ୍ଥ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ.ଜାତୀୟ ରାଜପଥକୁ ସଂଯୋଗ କରୁଥିବା ଭିଆଇପି ରୋଡ୍ ଅବହେଳିତ ହୋଇରହିଛି। ଭିଆଇପି ରୋଡ୍‌ରେ ପୋଲିସ ଟ୍ରେନିଂ ସ୍କୁଲ(ପିଟିଏସ୍), ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟ, ନୟାଗଡ଼ ଷ୍ଟାଡିୟମ, କ୍ରୀଡ଼ା ଛାତ୍ରାବାସ, ସରସ୍ୱତୀ ଶିଶୁ ଶିକ୍ଷା ମନ୍ଦିର, ପୂର୍ତ୍ତ ଓ ଅବକାରୀ କାର୍ଯ୍ୟାଳୟ, ନବୋଦୟ ବିଦ୍ୟାଳୟ, ଏସ୍‌ପି ଅଫିସ, ଜିଲା ଶିକ୍ଷା ଅଧିକାରୀ ଓ ବ୍ଲକ୍ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟ, ଡିପିସି ଅଫିସ, ଜିଲା ପରିଷଦ କାର୍ଯ୍ୟାଳୟ,ଜିଲାପାଳ, ଏସ୍‌ପି ଓ ଡିଏଫଓଙ୍କ ଆବାସିକ କାର୍ଯ୍ୟାଳୟ, କେନ୍ଦ୍ରୀୟ ବିଦ୍ୟାଳୟ, ଏମ୍ପ୍ଲୟମେଣ୍ଟ କାର୍ଯ୍ୟାଳୟ, ୫୭ ନଂ.ଜାତୀୟ ରାଜପଥ କାର୍ଯ୍ୟାଳୟ ପରି ଅନେକ ଅଫିସ ରହିଛି। ସମ୍ପୃକ୍ତ ସରକାରୀ କାର୍ଯ୍ୟାଳୟକୁ ସାଧାରଣ ଲୋକଟିଏ ତା'ର ଅଭାବ, ଅସୁବିଧା ଓ କାମ ନେଇ ଆସିଥାଆନ୍ତି। ହେଲେ ଯାନବାହନ ଚଳାଚଳର ସୁବିଧା ନ ଥିବାରୁ ଲୋକମାନେ ହଇରାଣ ହେଉଥିଲେ। ସେହି ରାସ୍ତାରେ ଟାଉନ ବସ୍ ଚଳାଚଳ କରୁ ନ ଥିଲା। ଜିଲାକୁ ଟାୟାର-୨ ବସ୍ ଆସିବା ପରେ ଭିଆଇପି ରୋଡ୍‌କୁ ଯାତାୟାତରେ ଆଉ ବାଧକ ହେବନି। ଲକ୍ଷ୍ମୀବସ୍ ଟାଉନ ବସ୍ ପରି କାମ କରିବ ବୋଲି ଜଣାପଡିଛି।


ଉଦ୍‌ଘାଟନ ପରେ ଲକ୍ଷ୍ମୀ ବସ।

ଏନେଇ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମର ନୟାଗଡ଼ ଜିଲା ମ୍ୟାନେଜର ଗୁରୁ ଦତ୍ତ କୁହନ୍ତି, ୩୮ ବସ୍‌ରୁ ୧୭ ବସ୍ ଆସିଥିବାବେଳେ ଆଉ ୨୧ ବସ୍ ଆସିବାର ରହିଛି। ମୋଟ ୩୮ ଲକ୍ଷ୍ମୀବସ୍‌ରୁ ଟାୟାର-୧ର ୩୦ ଓ ଟାୟାର-୨ର ୮ ବସ୍ ରହିଛି। ଟାୟାର-୨ ବସ୍ ଆସିବା ପରେ ଜିଲା ସଦର ମହକୁମାର ସବୁ କାର୍ଯ୍ୟାଳୟ ଦେଇ ବ୍ଲକ୍‌ରୁ ଜିଲାକୁ ଆସୁଥିବା ବସ୍ ଅତିକ୍ରମ କରିବ। ଏଣୁ ଭିଆଇପି ରୋଡ୍‌ରେ ଲୋକେ ଆଉ ହଇରାଣ ହେବେ ନାହିଁ। ଅନ୍ୟପକ୍ଷେ ବସ୍ ସ୍ୱଳ୍ପ ଥିବାରୁ ସବୁ ଗାଁକୁ ବସ୍ ଛୁଇଁପାରିବନି। କିଛି ଗାଁ ବାଦ୍ ପଡ଼ିଯାଉଛି। ତେବେ ସବୁ ବସ୍ ଆସିବା ପରେ ସବୁ ଗାଁକୁ ଗାଡ଼ି ଯିବ ବୋଲି ସେ କହିଛନ୍ତି।

**ଅସହ୍ୟ ହେଉଥିଲା ଅଟୋ ଚାଳକଙ୍କ ଜୁଲମ**

ସବୁ ଗାଁ ଓ ସହରକୁ ବସ୍ ସେବା ନ ଥିବାରୁ ସ୍ଥାନୀୟ ଲୋକମାନେ ଅଟୋରିକ୍ସା ଉପରେ ନିର୍ଭର କରୁଥିଲେ। ଏଣୁ ଅଟୋରିକ୍ସା ଚାଳକମାନେ ମନଇଚ୍ଛା ଭଡ଼ା ନେଇ ଗ୍ରାହକଙ୍କୁ ହଇରାଣ କରୁଥିଲେ। ଲକ୍ଷ୍ମୀବସ୍ ଚଳାଚଳ ପରେ ସ୍ଥାନୀୟ ଲୋକଙ୍କ କଷ୍ଟ ଲାଘବ ହେବା ଆରମ୍ଭ ହୋଇଛି। ଏନେଇ ଗଣିଆର ସୁଦାମ ନାୟକ, ଦଶପଲ୍ଲାର ପ୍ରକାଶ ପ୍ରଧାନ, ନୟାଗଡ଼ର ସୁଦାମ ସାହୁ କୁହନ୍ତି, ଗାଁ ଓ ସହରରେ ଅଟୋରିକ୍ସା ଚାଳକଙ୍କ ଦୌରାତ୍ମ୍ୟ ବଢ଼ି ଚାଲିଥିଲା। ଅଳ୍ପ ରାସ୍ତା ପାଇଁ ଲୋକମାନଙ୍କଠାରୁ ଅଧିକ ଭଡା ନେଉଥିଲେ। ବିକଳ୍ପ ନ ଥିବାରୁ ଯାତ୍ରୀ ବାଧ୍ୟ ହୋଇ ଅଧିକ ଭଡ଼ା ଦେଉଥିଲେ। ଲକ୍ଷ୍ମୀବସ୍ ଚଳାଚଳ ଆରମ୍ଭ ପରେ ଅଟୋ ଚାଳକଙ୍କ ଟେନଶନ ବଢ଼ିଛି ବୋଲି ସେମାନେ କହିଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଅନାମ


@ ଚିନ୍ମୟୀ


@ ବିଭୂତି


@ ଦେବାଶିଷ


@ ରଜତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ପରିସ୍ରାଗାରଙ୍କୁ ଭାଙ୍ଗି ଦିଆଗଲା

ନୟାଗଡ଼,୧୮।୨(ଲୋକନାଥ ମିଶ୍ର)

ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ. ଜାତୀୟ ରାଜପଥକୁ ଲାଗି କେ.ସି. କ୍ଲବ ନିକଟରେ ଥିବା ନୟାଗଡ଼ ପାର୍କ ସମ୍ମୁଖସ୍ଥ ପରିସ୍ରାଗାର ଓ ପ୍ରାଚୀରର କିଛି ଅଂଶକୁ ଶନିବାର ଭଙ୍ଗା ଯାଇଛି। ମ୍ୟୁନିସିପାଲିଟି ପକ୍ଷରୁ ଏହାକୁ ଭଙ୍ଗା ଯାଇଥିବା କୁହାଯାଇଛି। ପରିସ୍ରାଗାର ଠିକ୍ ଥିବାବେଳେ ଭାଙ୍ଗିବା ନେଇ ଅସନ୍ତୋଷ ଦେଖାଦେଇଛି। ଏଭଳିସ୍ଥଳେ ମୁକ୍ତା ଯୋଜନାରେ ନୂଆ ପରିସ୍ରାଗାର ନିର୍ମାଣ କରାଯିବା ପାଇଁ ଭଙ୍ଗା ଯାଇଥିବା ସଫେଇ ଦିଆଯାଉଛି।

## ଦାବି ପୂରଣ ନ ହେଲେ ଉଚିତ୍ ଜବାବ୍ ଦିଆଯିବ

**ପ୍ରାଥମିକ ଶିକ୍ଷକ ସଂଘର ଦାବିପତ୍ର ପ୍ରଦାନ**

ଭାପୁର,୧୮।୨
(ଭରତ କୁମାର ବେହେରା)

ଭାପୁର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବ ବିରୋଧରେ ଶନିବାର ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଦାବି ପୂରଣ ନ ହେଲେ ଆସନ୍ତା ନିର୍ବାଚନରେ ଉଚିତ୍ ଜବାବ୍ ଦିଆଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ବିଶେଷ କରି ସମସ୍ତ ପ୍ରାଥମିକ ଶିକ୍ଷକମାନଙ୍କୁ କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ କରିବା। ନୂତନ ପେନସନ ବ୍ୟବସ୍ଥାକୁ ଉଚ୍ଛେଦ କରି ପୁରୁଣା ପେନସନ ପୁନଃ ପ୍ରଚଳନ କରିବା। ଛାତ୍ରଛାତ୍ରୀ ମାନଙ୍କ ଦୈନିକ ମଧ୍ୟାହ୍ନ ଭୋଜନ ବ୍ୟୟ ବରାଦ ବୃଦ୍ଧି କରିବା ଓ ସମସ୍ତ ପ୍ରାଥମିକ ବିଦ୍ୟାଳୟକୁ ୫-ଟିରେ ଅନ୍ତର୍ଭୁକ୍ତ ଆଦି ଦାବି ନେଇ ଭାପୁର ବ୍ଲକର ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ଭାପୁର ଗୋଷ୍ଠୀ ଶିକ୍ଷାଧିକାରୀକୁ ଦାବିପତ୍ର ପ୍ରଦାନ କରାଯାଇଛି। ଭାପୁର ପ୍ରାଥମିକ ଶିକ୍ଷକ ସଂଘର ସଭାପତି ପ୍ରସନ୍ନ କୁମାର ଲେଙ୍କାଙ୍କ ନେତୃତ୍ୱରେ ସମସ୍ତ ପ୍ରାଥମିକ ଶିକ୍ଷୟିତ୍ରୀ, ଶିକ୍ଷକ ଏକାଠି ହୋଇ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦେଇଥିଲେ। ଶିକ୍ଷକ ସଂଘ ତରଫରୁ ଗୋଷ୍ଠୀ ଶିକ୍ଷାଧିକାରୀ ଶଙ୍କର୍ଷଣ ଷଡ଼ଙ୍ଗୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ, ୫-ଟି ଅଧ୍ୟକ୍ଷଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ଗୋଷ୍ଠୀ ଶିକ୍ଷାଧିକାରୀ ଶଙ୍କର୍ଷଣ ଷଡ଼ଙ୍ଗୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସନ୍ତୋଷ କୁମାର କରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ପ୍ରାଥମିକ ଶିକ୍ଷକ ସଂଘର ସାଧାରଣ ସମ୍ପାଦକ ସନ୍ତୋଷ ବିଶ୍ୱାଳ , କାର୍ଯ୍ୟକାରୀ ସଭାନେତ୍ରୀ ଭାଗ୍ୟଲକ୍ଷ୍ମୀ ପ୍ରଧାନ, ଦିଲୀପ କୁମାର ଦାଶ, ତ୍ରିବେଣୀ ସାହୁ, ସତ୍ୟଭାମା ମହାପାତ୍ର, ତପନ କୁମାର ପଣ୍ଡା, ମଥୁରା ନାଥ ବେହେରା, ଚିତ୍ତରଞ୍ଜନ ପଣ୍ଡା, ବସନ୍ତ କୁମାର ଖଟୁଆ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ।


ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

## ଗାୟତ୍ରୀ ବିଦ୍ୟାମନ୍ଦିରରେ ବାର୍ଷିକ ଉତ୍ସବ

ଓଡ଼ଗାଁ,୧୮।୨
(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ପନ୍ତିଖାରୀ ପଞ୍ଚାୟତ ମଶାବାରୀ ଗାୟତ୍ରୀ ବିଦ୍ୟାମନ୍ଦିରର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାତା ସଭାପତି ଅଶୋକ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଓଡ଼ଗାଁ ତହସିଲଦାର ଡ. ମାନସ ରଞ୍ଜନ ଭୋଇ ଯୋଗଦେଇ କଠୋର ପରିଶ୍ରମ ଦ୍ୱାରା ସଫଳତାର ଶୀର୍ଷକୁ ସ୍ପର୍ଶ କରିହେବ ବୋଲି କହିଥିଲେ। କୁନିକୁନି ଶିଶୁମାନେ ଭଗବାନଙ୍କ ଭଳି ଲାଗନ୍ତି ବୋଲି ବିଡ଼ିଓ ଜିତେନ୍ଦ୍ର କୁମାର ନାୟକ ମତବ୍ୟକ୍ତ କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୀତାଞ୍ଜଳୀ ସାହୁ ଗଳ୍ପ ମାଧ୍ୟମରେ ସମୟ ଅନୁସାରେ ଆବଶ୍ୟକତା ସମ୍ପର୍କରେ ପ୍ରେରଣା ଦେଇଥିଲେ। ବିଦ୍ୟାମନ୍ଦିର ଉପଦେଷ୍ଟା ଆଦର୍ଶ କୁମାର ପଟ୍ଟନାୟକ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପବିତ୍ର ମହାନ୍ତି, ପନ୍ତିଖାରୀ ଗ୍ରାମପଞ୍ଚାୟତ ସମିତି ସଭ୍ୟ ବୁଲୁଜେନା ଉପସ୍ଥିତ ଥିଲେ। ଅଧ୍ୟକ୍ଷ ବିରେନ୍ଦ୍ର କୁମାର ସାହୁ ଧନ୍ୟବାଦ ଦେଇଥିଲେ।

## ରଣପୁର ଟିମ୍ ବିଜୟୀ

**ମା' ରତ୍ନମାଳା କପ୍ କ୍ରିକେଟ-୨୦୨୪**

ଶରଣକୁଳ,୧୮।୨(ଦୀପକ କର)

ରବିବାର ଶରଣକୁଳ ନିକଟବର୍ତ୍ତୀ ପଞ୍ଚିରିଡା ମାନପୁରସ୍ଥ ଲୋକ ନୋଡ଼ାଲ ବିଦ୍ୟାପୀଠରେ ମଧୁସୂଦନ ଯୁବକ ସଂଘ, ଖଳିପାଟଣା ତରଫରୁ ଆୟୋଜିତ ଜିଲାସ୍ତରୀୟ ମା' ରତ୍ନମାଳା କପ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୩ୟ ଦିବସ ମ୍ୟାଚରେ ରଣପୁର ଦଳ ୭୩ ରନରେ ବିଜୟ ହାସଲ କରିଛି। ଆଜିର ମ୍ୟାଚ ରଣପୁର ଓ ଖାଡ଼ସାହି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା ଖାଡ଼ସାହି ଦଳ। ରଣପୁର ଦଳ ନିର୍ଦ୍ଧାରିତ ୧୫ ଓଭରରେ ୧୫୬ ରନ ସଂଗ୍ରହ କରି ଅଲ୍ ଆଉଟ ହୋଇଥିଲେ। ଜବାବରେ ଖାଡ଼ସାହି ଦଳ ନିର୍ଦ୍ଧାରିତ ୧୫ ଓଭରରେ ମାତ୍ର ୮୩ରନ ସଂଗ୍ରହ କରି ଅଲ୍ ଆଉଟ ହୋଇଥିଲାବେଳେ ରଣପୁର ଦଳ ବିଜୟ ଲାଭ କରିଥିଲା। ରଣପୁର ଦଳର ଅଧିନାୟକ କବି ୩୫ ରନ ସହ ୨ଟି ୱିକେଟ ଅକ୍ତିଆର କରି ସର୍ବଶ୍ରେଷ୍ଠ ଖେଳାଳି ପୁରସ୍କାର ଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଭାବେ ସ୍ୱର୍ଣ୍ଣପଦକ ପ୍ରାପ୍ତ ସୂର୍ଯ୍ୟ ନାରାୟଣ ସାହୁ ଓ ସମ୍ମାନିତ ଅତିଥି ଭାବେ ପୂର୍ଣ୍ଣଚନ୍ଦ୍ର ଓତା, ମେକାନିକାଲ ଇଂ. ଅଭିମନ୍ୟୁ ଦଳାଇ, ସାମାଜିକ କର୍ମୀ ଗୌରାଙ୍ଗଚରଣ କରଣ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟ ଆମ୍ପାୟାର ଭାବେ ଆଲୋକ ପ୍ରଧାନ, ସଞ୍ଜୟ ପ୍ରଧାନ ଖେଳ ପରିଚାଳନା କରିଥିଲେ।

## ଘରଚଟିଆ ସୁରକ୍ଷା,ସଂରକ୍ଷଣ ପାଇଁ ସଚେତନତା

ନୟାଗଡ଼,୧୮।୨(ଲୋକନାଥ ମିଶ୍ର)

ଘରଚଟିଆ ସୁରକ୍ଷା ଓ ସଂରକ୍ଷଣ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ସିନ୍ଦୁରିଆ ବଡ଼ ମସ୍‌ଜିଦରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିବେଶବିତ୍ ଗୋଡିପଡ଼ାର ଆଦିତ୍ୟ ଦାଶ ଓ ଓଡ଼ଗାଁ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଉମର ମଲ୍ଲିକ ଯୋଗ ଦେଇ ଘରଚଟିଆ ସୁରକ୍ଷା ଓ ସଂରକ୍ଷଣ ଉପରେ ସଚେତନତା କରିଥିଲେ। ଅନ୍ୟପକ୍ଷେ ଘରଚଟିଆ ରହିବା ପାଇଁ ଏକ କୃତ୍ରିମ ବସା ଝୁଲାଇଥିଲେ।

ସୂଚନା ଅନୁଯାୟୀ, ଜଙ୍ଗଲ ପରିମାଣ ହ୍ରାସ, ଚାଳଘରର ସ୍ଥାନ ପକ୍କାଘରନେବା, ରାସାୟନିକ ସାର ବ୍ୟବହାର, କୀଟନାଶକ ବ୍ୟବହାର, ପେଟ୍ରୋଲ ଓ ଡିଜେଲ ଧୂଆଁ, ଗାଡିର ହର୍ନ, ମୋବାଇଲ ଟାୱାରର ବିକିରଣ ପରି କାରଣ ଏବଂ ଉଜୁଡା ପରିବେଶ ଘରଚଟିଆଙ୍କ ସଂଖ୍ୟା ବଂଶ ହ୍ରାସ କରି ଚାଲିଛି। ନୟାଗଡ଼ ଜିଲାର ବିଭିନ୍ନ ଗାଁରେ ଅଧିକାଂଶ ଘରେ କୃତ୍ରିମ ବସାରେ ଘରଚଟିଆଙ୍କ ରହିବାର ବ୍ୟବସ୍ଥା ବେଶ ସଫଳ ହୋଇଛି। ଗୋଡିପଡ଼ାର ପରିବେଶ କର୍ମୀ ଆଦିତ୍ୟ କୁମାର ଦାଶ ସ୍ତ୍ରୀ ସଂଘମିତ୍ରା ମିଳିତ ଭାବେ ୨୦୧୭ରେ କାର୍ଡବୋର୍ଡ ବକ୍ସ ବ୍ୟବହାର କରି ନୟାଗଡ଼ ବ୍ଲକ ନାଗମୁଣ୍ଡଳୀରେ ପ୍ରଥମେ ଘରଚଟିଆଙ୍କ ପାଇଁ କୃତ୍ରିମ ବସା ଯୋଗାଇଥିଲେ। ଏଥିରେ ସଫଳତା ପରେ ମାଠିଆ ଓ କାଠବାକ୍ସରେ କୃତ୍ରିମ ବସା କରି ବିଭିନ୍ନ ସ୍ଥାନରେ ଲଗାଇଥିଲେ। ପରେ ଏପରି ବସା ପ୍ରଦାନ ପୂର୍ବକ ସଚେତନତା ସୃଷ୍ଟି କରି ଆସୁଛନ୍ତି।



ଘରଚଟିଆଙ୍କ ସୁରକ୍ଷା ପାଇଁ ସଚେତନତା ସୃଷ୍ଟି କରାଯାଉଛି।

## କୟାକଳ୍ପ ଟିମ୍‌ର ଶରଣକୂଳ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ

ଶରଣକୁଳ,୧୮।୨(ଦୀପକ କର)

ନୟାଗଡ ଜିଲା ଶରଣକୂଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ରାଜ୍ୟ କୟାକଳ୍ପ ଟିମ୍‌ର ତିନିଜଣିଆ ସଦସ୍ୟ ପରିଦର୍ଶନ କରି ଫେରିଛନ୍ତି। ପିଏସ୍‌ଡି ଏସ୍.କେ. ମିଶ୍ର, କନସଲାଣ୍ଟ ସରୋଜ କୁମାର ପାଣିଗ୍ରାହୀ, ଅଡିସିନାଲ ଡାଇରେକ୍ଟର ଏନ୍.କେ.ସାହୁ, କ୍ୱାଲିଫାଇ ମ୍ୟାନେଜେର ଶରତ ମହାପାତ୍ର, ଡିପିଏଚଓ ପୁଷ୍ପନୀଳିମା ଲାକ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ସ୍ୱଚ୍ଛତା, ଜୈବ ଆବର୍ଜନା ଓ ବର୍ଜ୍ୟବସ୍ତୁ ପରିଚାଳନା ତଥା ସ୍ୱାସ୍ଥ୍ୟ କେନ୍ଦ୍ରର ନଥିପତ୍ର ଯାଞ୍ଚ କରିଥିଲେ। ଶରଣକୂଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଅବିନାଶ ନାୟକଙ୍କ ସହିତ ସମସ୍ତ କର୍ମଚାରୀମାନେ କୟାକଳ୍ପ ଟିମ୍‌କୁ ସହଯୋଗ କରିଥିଲେ। ଉନ୍ନତମାନର ଗୁଣାତ୍ମକ ଚିକିତ୍ସା ପ୍ରଦାନ ନିମନ୍ତେ କାୟାକଳ୍ପ ପୁରସ୍କାର ବ୍ୟବସ୍ଥା ରହିଛି। ଶରଣକୂଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ୨୦୨୦ ମସିହା ପାଇଁ ଏହି ପୁରସ୍କାର ପାଇଥିଲା।


କାୟାକଳ୍ପ ଟିମ୍‌କୁ ସ୍ୱାଗତ ପାଇଁ ଅପେକ୍ଷା କରିଥିବା ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ।

## ଭଲ ମଣିଷ ହେବା ପାଇଁ ପରାମର୍ଶ

**ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ**

ଖଣ୍ଡପଡ଼ା,୧୮।୨
(ଅଜୟ କୁମାର ମହାରଣା)

ଶିକ୍ଷା ହିଁ ଜୀବନର ଶ୍ରେଷ୍ଠ ସମ୍ପଦ। ପାଠ ବିନା ମଣିଷର ଭବିଷ୍ୟତ ନାହିଁ। ଏଣୁ ପିଲାମାନଙ୍କୁ ମାନସିକ ଓ ଶାରୀରିକସ୍ତରରେ ଚାପ ପ୍ରୟୋଗ ନ କରି ପିଲାମାନଙ୍କର ଚିନ୍ତା ଓ ଭାବନାକୁ ବୁଝି ଶିକ୍ଷା କ୍ଷେତ୍ରରେ ଆବଶ୍ୟକ ପଦକ୍ଷେପ ନେଲେ ପିଲାମାନଙ୍କର ଭବିଷ୍ୟତ ଉଜ୍ଜ୍ୱଳ ହେବ। ଏହାଛଡା ପ୍ରତ୍ୟେକ ମାତାପିତା ଯତ୍ନବାନ ହେଲେ ପିଲାମାନଙ୍କ ସର୍ବାଙ୍ଗୀନ ବିକାଶ ହୋଇପାରିବ ବୋଲି ଶନିବାର ସନ୍ଧ୍ୟାରେ କଣ୍ଟିଲୋ ମାଧବଚୌଧୁରୀ ପାଟଣାସ୍ଥିତ ରଘୁନାଥ ଜୀଉ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଏକ ବିଂଶତମ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭବେ ଖଣ୍ଡପଡ଼ାର ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ ଓ ମୁଖ୍ୟବକ୍ତା ଭାବେ ନୀଳମାଧବ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପକ ଡ. ନିରୋଦ କୁମାର ମନ୍ତ୍ରୀ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ଶିକ୍ଷାନୁଷ୍ଠାନର ସଭାପତି ପ୍ରଦୀପ କୁମାର କରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ ଉତ୍ସବରେ ପ୍ରଧାନ ଆଚାର୍ଯ୍ୟ କାଶୀନାଥ ମହାରଣା ବାର୍ଷିକ ବିବରଣୀ ପାଠ କରିଥିଲେ। ପବିତ୍ର କୁମାର ମହାରଣା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପରେ ପବିତ୍ର କୁମାର ରଣାଙ୍କ ନିର୍ଦ୍ଦେଶନାରେ ଛାତ୍ରୀଛାତ୍ରମାନେ ନୃତ୍ୟନାଟିକା ପରିବେଷଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ୨୦୨୨-୨୩ରେ ସରକାରୀ ମେଧାବୃତ୍ତି ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ୨ ଛାତ୍ରୀ ଆରାଧ୍ୟା ଦୀକ୍ଷିତ ଓ ଲକ୍ଷ୍ମୀପ୍ରିୟା ମହାରଣା ଏବଂ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଶାଶ୍ୱତ କୁମାର ମହାରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗୁରୁଜୀ ମନୋଜ କୁମାର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

## ଲୋକଙ୍କ ଆବଶ୍ୟକତା ପୂରଣ କରିବା ନବୀନ ସରକାରର ଲକ୍ଷ୍ୟ

**ଆମ ଓଡ଼ିଶା ନବୀନ ଓଡିଶା ସଚେତନତା କାର୍ଯ୍ୟକ୍ରମ**

ଓଡ଼ଗାଁ,(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ଏନ୍‌ଏସି ସମେତ ପାଣ୍ଡେରିପଡ଼ା ଓ ରବିଗାଡ଼ିଆ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱାସ୍ଥ୍ୟ,ଶିକ୍ଷା,ପାନୀୟ ଜଳ ଓ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ନିମନ୍ତେ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରୁଛନ୍ତି।ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଲକ୍ଷ୍ମୀ ବସ,ବାର୍ଦ୍ଧକ୍ୟ ଭତ୍ତା ବୃଦ୍ଧି ଓ ମମତା ଯୋଜନା ଅର୍ଥ ରାଶି ଓ ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳାଙ୍କୁ ସ୍ୱାବଲମ୍ବୀ କରାଇବା ନିମନ୍ତେ ଅନୁଦାନ ଯୋଗାଇଛନ୍ତି। ମଶାବାରୀଠାରେ ୮ କୋଟି ବ୍ୟୟ ଅଟକଳରେ କୁସୁମୀ ବ୍ରିଜ, ୭ କୋଟି ୫୦ ଲକ୍ଷ ଟଙ୍କାରେ ଦୋଳଗୋବିନ୍ଦପୁର ଓ ଢୋଲମସ୍କା ରାସ୍ତା ନିର୍ମାଣ ହେବ। ଏହାଦ୍ୱାରା ଯୋଗାଯୋଗ ଓ ପରିବହନ କ୍ଷେତ୍ରରେ ନୂତନ ମାଇଲଖୁଣ୍ଟ ପ୍ରତିଷ୍ଠା ହେବ। ଅନ୍ୟପକ୍ଷେ ପାଣ୍ଡେରିପଡା ପଞ୍ଚାୟତର ପ୍ରତ୍ୟେକ ଗାଁକୁ ପକ୍କା ରାସ୍ତା ନିର୍ମାଣ ହେବା ସହ ରୂପାନ୍ତରଣର ପର୍ବ ଆରମ୍ଭ ହୋଇଛି ବୋଲି କହିଥିଲେ। ସେହିପରି ଆସନ୍ତା ଫେବୃଆରୀ ୨୯ରେ ଓଡ଼ଗାଁ ଏନଏସିରେ ୩୦ କୋଟି ବ୍ୟୟ ଅଟକଳରେ ନିର୍ମିତ ମେଗା ପାନୀୟ ଜଳ ପ୍ରକଳ୍ପର ଉଦ୍‌ଘାଟନ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ହେବ ବୋଲି ବିଧାୟକ ସାହୁ ସୂଚନା ଦେଇଥିଲେ। ଓଡଗାଁର ପ୍ରତ୍ୟେକ ୱାର୍ଡରେ ନବୀନ ବାବୁଙ୍କ ରୂପାନ୍ତରଣର ନୂତନ ଛାପ ଦେଖିବାକୁ ମିଳୁଛି ବୋଲି ସେ କହିଥିଲେ।

ଏହି ଅବସରରେ ପାଣ୍ଡେରିପଡାଠାରେ ବ୍ଲକର ପ୍ରଥମ ଲକ୍ଷ୍ମୀ ବସ୍‌ଷ୍ଟାଣ୍ଡ,ମିଶନ ଶକ୍ତି ଗୃହ,ଧୋବାସାହି କୋଠ ଘର, ମା'ମଙ୍ଗଳା ଗୋଷ୍ଠୀ ଗୃହ ସମେତ ରବିଗାଡ଼ିଆ ପଞ୍ଚାୟତ କୁରୁମବାଙ୍କତରା ଗ୍ରାମରେ ମିଶନ ଶକ୍ତି ଗୃହ ସମେତ ଗୋପୀନାଥ ଜୀଉ କ୍ରିକେଟ କ୍ଲବର ନୂତନ ଗୃହ ବିଧାୟକଙ୍କ ଦ୍ୱାରା ଉଦଘାଟିତ ହୋଇଥିଲା। ଏତଦ୍‌ବ୍ୟତୀତ ଓଡ଼ଗାଁ ଏନ୍‌ଏସିରେ ଅତ୍ୟାଧୁନିକ ମାଛ ବଜାର ବିଧାୟକ ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ ବିଡ଼ିଓ ଜିତେନ୍ଦ୍ର କୁମାର ନାୟକ,ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଦୁଃଶାସନ ସ୍ୱାଇଁ,ଉପାଧ୍ୟକ୍ଷା ମୀରା ନାୟକ, ଜିଲା ପରିଷଦ ସଭ୍ୟା ବିରଜାଲକ୍ଷ୍ମୀ ସାହୁ, ଝିଲି ପ୍ରଧାନଙ୍କ ସମେତ ଅନେକ ନିର୍ବାଚିତ ସଦସ୍ୟ ଯୋଗ ଦେଇଥିଲେ।



ମସ୍କୋସ୍ଥିତ ଫେଡେରାଲ ସିକ୍ୟୁରିଟି ସର୍ଭିସ୍ ଅଫିସ୍ ସମ୍ମୁଖରେ ଏଲେକ୍ସି ନାଭାଲ୍‌ନିଙ୍କୁ ପୁଷ୍ପ ଅର୍ପଣପୂର୍ବକ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି ଜଣେ ମହିଳା।

# ନାଭାଲ୍‌ନିଙ୍କ ମୃତଦେହ ଦେଉନାହାନ୍ତି

## ବିକ୍ଷୋଭ ବେଳେ ୪୦୦ରୁ ଊର୍ଦ୍ଧ୍ୱ ଗିରଫ

ମସ୍କୋ,୧୮।୨

ରୁଷିଆର ଆର୍କଟିକ୍ ପେନାଲ କଲୋନି ଜେଲ୍‌ରେ ଶୁକ୍ରବାର ବିରୋଧୀ ନେତା ଏଲେକ୍ସି ନାଭାଲ୍‌ନିଙ୍କର ସନ୍ଦେହଜନକ ମୃତ୍ୟୁ ଘଟିବା ପରେ ଦେଶବ୍ୟାପୀ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ବହୁ ଲୋକ ନାଭାଲ୍‌ନିଙ୍କ ଫଟୋ ତଳେ କ୍ୟାଣ୍ଡେଲ ଜାଳି ପୁଷ୍ପ ଅର୍ପଣ କରୁଥିବା ଦେଖିବାକୁ ମିଳିଛି। ଏହି ୪୭ ବର୍ଷୀୟ ରାଜନୈତିକ ବନ୍ଦୀଙ୍କ ଆକସ୍ମିକ ବିୟୋଗକୁ ଦେଶବାସୀ ଗ୍ରହଣ କରି ନ ପାରି ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ପୋଲିସ ୪୦୦ରୁ ଊର୍ଦ୍ଧ୍ୱ ବିକ୍ଷୋଭକାରୀଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରୁ ୨୦୦ରୁ ଅଧିକ ରୁଷିଆର ଦ୍ୱିତୀୟ ବୃହତ୍ ସହର ସେଣ୍ଟ ପିଟର୍ସବର୍ଗରେ ଗିରଫ ହୋଇଛନ୍ତି। ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଆଉ ୬ ବର୍ଷ କ୍ଷମତାରେ ରହିବା ପାଇଁ ଉଦ୍ୟମ ଚଳାଇଥିବାବେଳେ ମାର୍ଚ୍ଚ ୧୫ରେ ରାଷ୍ଟ୍ରପତି ନିର୍ବାଚନ ହେବାକୁ ଯାଉଛି। ଏହାର ଠିକ୍ ମାସକ ପୂର୍ବରୁ ପୁଟିନ୍‌ଙ୍କ ସବୁଠୁ ବଡ଼ ସମାଲୋଚକ ନାଭାଲ୍‌ନିଙ୍କ ମୃତ୍ୟୁ ଅନେକ ପ୍ରଶ୍ନବାଚୀ ଛିଡ଼ା କରାଇଛି। ରୁଷୀୟ କର୍ତ୍ତୃପକ୍ଷ ନାଭାଲ୍‌ନିଙ୍କ ମୃତଦେହକୁ ତାଙ୍କ ପରିବାରକୁ ହସ୍ତାନ୍ତର କରି ନ ପାରନ୍ତି ବୋଲି କୁହାଯାଉଛି। ନାଭାଲ୍‌ନିଙ୍କ ଟିମ୍ କହିଛି, ଏହି ରାଜନେତାଙ୍କୁ ହତ୍ୟା କରାଯାଇଛି। ଅଧିକାରୀମାନେ ଜାଣିଶୁଣି ତାଙ୍କ ମୃତଦେହ ଦେଉନାହାନ୍ତି। ନାଭାଲ୍‌ନିଙ୍କ ମା' ଲ୍ୟୁଡ୍‌ମିଲା ନାଭାଲ୍‌ନୟା ଏବଂ ଓକିଲମାନେ ତାଙ୍କ ମୃତଦେହ ହସ୍ତାନ୍ତର ପାଇଁ ଗୁହାରି କରୁଥିବାବେଳେ ବିଭିନ୍ନ ସଂସ୍ଥା ପକ୍ଷରୁ ଭିନ୍ନ ଭିନ୍ନ ବିରୋଧାଭାସୀ ତଥ୍ୟ ମିଳୁଛି। ନାଭାଲ୍‌ନିଙ୍କ ସ୍ତ୍ରୀ ୟୁଲିଆ ନାଭାଲ୍‌ନୟାଙ୍କୁ ନାଟକୀୟ ଭାବେ ମ୍ୟୁନିକ୍ ସିକ୍ୟୁରିଟି କନ୍‌ଫରେନ୍ସରେ କହିଛନ୍ତି, ମୃତ୍ୟୁ ଖବର ଯଦି ସତ ତେବେ ଏଥିପାଇଁ ଦାୟୀ କିଏ। ପୁଟିନ୍ ଏବଂ ତାଙ୍କ ପାଖ ଲୋକମାନେ ଏହାର ଉତ୍ତର ଦିଅନ୍ତୁ। ନାଭାଲ୍‌ନିଙ୍କ ୬୯ ବର୍ଷୀୟା ମା' ଲୁଡ୍‌ମିଲା କହିଛନ୍ତି, ସେମାନେ ମୋ ପୁଅର ମୃତଦେହ ଦେଉନାହାନ୍ତି।

# ବିକଶିତ ଭାରତ ପାଇଁ ସଙ୍କଳ୍ପବଦ୍ଧ: ମୋଦି

ନୂଆଦିଲ୍ଲୀ,୧୮।୨(ପି.ଟି.)



୨୦୪୭ ସୁଦ୍ଧା ଭାରତକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବା ପାଇଁ ଦେଶ ଏବେ ବଡ଼ ସ୍ୱପ୍ନ ଦେଖିବା ସହ ବଡ଼ ସଂକଳ୍ପ ନେଇଛି। ଏଥିପାଇଁ ଆଗାମୀ ୫ ବର୍ଷ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ରବିବାର ଭାଜପା ଜାତୀୟ ପରିଷଦ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ବିକଶିତ ଭାରତ ପାଇଁ ଆମକୁ ବଡ଼ ଲମ୍ଫ ଦେବାର ଅଛି। ଏଥିପାଇଁ ଭାରତକୁ ବଡ଼ ସଂଖ୍ୟାରେ ଜିତାଇ କ୍ଷମତାକୁ ଆଣିବା ପ୍ରଥମ ଅନିବାର୍ଯ୍ୟ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଆଗାମୀ ଲୋକ ସଭା ନିର୍ବାଚନରେ ଦଳକୁ କ୍ଷମତାକୁ ଆଣିବା ସୁନିଶ୍ଚିତ କରିବାକୁ ହେଲେ ନୂଆ ଭୋଟରମାନଙ୍କ ପାଖକୁ ଯାଇ ସେମାନଙ୍କ ଆତ୍ମବିଶ୍ୱାସ ଜିତିବାକୁ ହେବ। ଏଥିପାଇଁ ଭାଜପା କ୍ୟାଡରମାନେ ଆଗାମୀ ୧୦୦ ଦିନ ନୂଆ ଜୋଶ୍ ଓ ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

ଦେଶର କୋଟି କୋଟି ମହିଳା, ଗରିବ ଓ ଯୁବବର୍ଗଙ୍କ ସ୍ୱପ୍ନ ହେଉଛି ମୋଦିଙ୍କ ସ୍ୱପ୍ନ। ଆମେ ଦେଶକୁ ବଡ଼ ଦୁର୍ନୀତି ଏବଂ ଆତଙ୍କବାଦୀ ଆକ୍ରମଣରୁ ମୁକ୍ତ କରିବା ସହ ଗରିବ ଓ ମଧ୍ୟବିତ୍ତଙ୍କ ଜୀବନ ଧାରଣ ମାନରେ ଉନ୍ନତି ଲାଗି ଉଦ୍ୟମ କରିଛୁ। କ୍ଷମତା ଉପଭୋଗ କରିବାକୁ ନୁହେଁ, ଦେଶ ପାଇଁ କାମ କରିବାକୁ ତୃତୀୟ ପାଳି କ୍ଷମତାକୁ ଆସିବାକୁ ଚାହୁଁଥିବା ମୋଦି କହିଛନ୍ତି। ବିଗତ ୧୦ ବର୍ଷର ନିଷ୍କଳଙ୍କ ଶାସନ କାଳ ମଧ୍ୟରେ ୨୫ କୋଟି ଲୋକଙ୍କୁ ଦାରିଦ୍ର୍ୟମୁକ୍ତ କରିବା ସାଧାରଣ କଥା ନ ଥିଲା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଭାଜପାର ସର୍ବୋଚ୍ଚ ନୀତି ନିର୍ଦ୍ଧାରଣକାରୀ ସଂସ୍ଥା ସଂସଦୀୟ ବୋର୍ଡକୁ ଅଧିକ କ୍ଷମତା ଦେବା ଲାଗି ଦଳୀୟ ସମ୍ବିଧାନରେ ସଂଶୋଧନ କରାଯାଇଛି। ଫଳରେ ଦଳ ଅଧ୍ୟକ୍ଷଙ୍କ କାର୍ଯ୍ୟକାଳ ଏବଂ ଜରୁରୀ ସ୍ଥିତିରେ ଏହାକୁ ବଢ଼ାଇବା ନେଇ ବୋର୍ଡ ନିଷ୍ପତ୍ତି ନେଇପାରିବ। ଦଳର ସାଧାରଣ ସମ୍ପାଦକ ସୁନୀଲ ବଂଶଲ ଏହି ପ୍ରସ୍ତାବ ଆଣିଥିଲେ। ଅନ୍ତତଃ ୫୦ ପ୍ରତିଶତ ରାଜ୍ୟରେ ଭାଜପା ସାଂଗଠନିକ ନିର୍ବାଚନ ଶେଷ ହେବା ପରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚନ ସାଂଗଠନିକ ଭୋଟ ଜରିଆରେ ହୋଇଥାଏ। ଦଳର ଜାତୀୟ ସମ୍ମିଳନୀରେ ଅଯୋଧ୍ୟା ରାମମନ୍ଦିର ଉପରେ ଏକ ସଂକଳ୍ପ ରବିବାର ଗୃହୀତ ହୋଇଛି। ଆଗାମୀ ୧,୦୦୦ ବର୍ଷ ପାଇଁ ଭାରତରେ 'ରାମ ରାଜ୍ୟ' ପ୍ରତିଷ୍ଠା କରାଇବାରେ ଏହା ଅଗ୍ରଦୂତ ହେବ ବୋଲି ସଂକଳ୍ପରେ କୁହାଯାଇଛି।

## ଭାଜପା ଜାତୀୟ ପରିଷଦରେ ରାମମନ୍ଦିର ଉପରେ ସଂକଳ୍ପ ଗୃହୀତ

## ନଡ୍ଡାଙ୍କ କାର୍ଯ୍ୟକାଳ ଜୁନ୍ ଯାଏ ବଢ଼ିଲା



ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଭାବେ ଜେ.ପି. ନଡ୍ଡାଙ୍କ କାର୍ଯ୍ୟକାଳକୁ ଆସନ୍ତା ଜୁନ୍ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି। ତାଙ୍କ କାର୍ଯ୍ୟକାଳ ବୃଦ୍ଧି ନେଇ ଗତ ଜାନୁଆରୀରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଘୋଷଣା କରିଥିବାବେଳେ ଭାଜପା ଜାତୀୟ ପରିଷଦ ବୈଠକର ଦ୍ୱିତୀୟ ଦିନରେ ତାହାକୁ ଅନୁମୋଦନ କରାଯାଇଛି। ଏଥିସହିତ ତାଙ୍କୁ ସ୍ୱାଧୀନ ଭାବେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାର କ୍ଷମତା ଦିଆଯାଇଛି, ଯାହା ଦଳର ସଂସଦୀୟ ବୋର୍ଡ ବୈଠକରେ ଅନୁମୋଦନ କରାଯିବ। ଭାଜପା ଅଧ୍ୟକ୍ଷ ଥିବା ଅମିତ୍ ଶାହ ୨୦୧୯ରେ କେନ୍ଦ୍ରମନ୍ତ୍ରୀ ଭାବେ ଦାୟିତ୍ୱ ନେବା ପରେ ନଡ୍ଡାଙ୍କୁ ଦଳର କାର୍ଯ୍ୟକାରୀ ଅଧ୍ୟକ୍ଷ କରାଯାଇଥିଲା। ୨୦୨୦ରୁ ସେ ଦଳର ପୂର୍ଣ୍ଣକାଳୀନ ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିଆସୁଛନ୍ତି। ଆଗାମୀ ଲୋକ ସଭା ନିର୍ବାଚନରେ ଭାଜପା ୩୭୦ରୁ ଅଧିକ ଆସନ ଜିତିବା ସହ ଏନ୍‌ଡିଏ ୪୦୦ ଆସନ ଅତିକ୍ରମ କରିବ। ଏଥିପାଇଁ ଦଳୀୟ କର୍ମୀମାନଙ୍କ ଶକ୍ତି ଓ ସାମର୍ଥ୍ୟ ଉପରେ ଦୃଢ଼ ବିଶ୍ୱାସ ରହିଛି ବୋଲି ଶନିବାର ନଡ୍ଡା କହିଥିଲେ।

# ମଧ୍ୟପ୍ରଦେଶ କଂଗ୍ରେସରେ ଆଉ ଏକ ବିଭାଜନ ଆଶଙ୍କା

ଭୋପାଳ,୧୮।୨

୨୦୨୦ ମାର୍ଚ୍ଚରେ ବରିଷ୍ଠ କଂଗ୍ରେସ ନେତା ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ସହ ତାଙ୍କର ୨୨ ଅନୁଗତ ବିଧାୟକ ଭାଜପାରେ ସାମିଲ ହେବାରୁ କମଲ ନାଥଙ୍କ ସରକାର ଭାଙ୍ଗିଯାଇଥିଲା। ୪ ବର୍ଷ ପରେ କଂଗ୍ରେସରେ ଆଉ ଏକ ବିଭାଜନ ଆଶଙ୍କା ସୃଷ୍ଟି ହୋଇଛି। ବରିଷ୍ଠ ନେତା କମଲ ନାଥ ଓ ତାଙ୍କ ପୁଅ ତଥା ମଧ୍ୟପ୍ରଦେଶରୁ ଦଳର ଏକମାତ୍ର ଏମ୍‌ପି ନକୁଲ ନାଥ ଭାଜପାରେ ଯୋଗଦେବା ନେଇ ଚର୍ଚ୍ଚା ଜାରି ରହିଥିବାବେଳେ ରବିବାର ନାଥଙ୍କର ଅନୁଗତ କେତେଜଣ ବିଧାୟକ ଦିଲ୍ଲୀରେ ପହଞ୍ଚିଛନ୍ତି। ଛିନ୍ଦୱାରାରୁ ୩ ଜଣ ଏବଂ ଅନ୍ୟ ଅଞ୍ଚଳରୁ ଅନ୍ୟ ୩ ଜଣ କଂଗ୍ରେସ ବିଧାୟକ ଦିଲ୍ଲୀରେ ପହଞ୍ଚିଥିବା କମଲ ନାଥଙ୍କ ଘନିଷ୍ଠ ସୂତ୍ରରୁ ଜଣାପଡ଼ିଛି। ଉକ୍ତ ବିଧାୟକମାନେ ଫୋନ୍ ଉଠାଉନାହାନ୍ତି। କମଲ ନାଥଙ୍କ ଅନ୍ୟତମ ଘନିଷ୍ଠ ତଥା ପୂର୍ବତନ ମନ୍ତ୍ରୀ ଲଖନ ଘଙ୍ଗୋରିଆ ଦିଲ୍ଲୀରେ ତାଙ୍କ କ୍ୟାମ୍ପରେ ସାମିଲ ହୋଇଥିବା ଦଳୀୟ ସୂତ୍ରରୁ ଜଣାପଡ଼ିଛି। ଗତ ନଭେମ୍ବରରେ ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନରେ କଂଗ୍ରେସ ହାରିଯିବା ପରେ କମଲ ନାଥଙ୍କୁ ଦଳର ରାଜ୍ୟ ସଭାପତି ପଦରୁ ହଟାଇ ଦିଆଯାଇଥିଲା। ୨୩୦ ଆସନ ବିଶିଷ୍ଟ ମଧ୍ୟପ୍ରଦେଶ ବିଧାନସଭାରେ କଂଗ୍ରେସର ୬୬ ବିଧାୟକ ରହିଛନ୍ତି। ଦଳବଦଳ ଆଇନରୁ ବର୍ତ୍ତିବା ଲାଗି କମଲ ନାଥ ଗୋଷ୍ଠୀ ୨୩ ବିଧାୟକଙ୍କ ସମର୍ଥନ ହାସଲ କରିବାକୁ ଉଦ୍ୟମ ଚଳାଇଥିବା କୁହାଯାଉଛି।

ଅନ୍ୟପକ୍ଷରେ କମଲନାଥଙ୍କୁ ବୁଝାଶୁଝା କରି ଭୋପାଳ ଫେରାଇ ଆଣିବା ପାଇଁ ଦଳର କେନ୍ଦ୍ରୀୟ ନେତା ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ ଓ ରାଜ୍ୟ କଂଗ୍ରେସ ପକ୍ଷରୁ ଉଦ୍ୟମ ଜାରି ରହିଛି। ରାଜ୍ୟ କଂଗ୍ରେସ ନେତୃବୃନ୍ଦ ୬୬ ବିଧାୟକଙ୍କ ସହ ଜଣ ଜଣ କରି କଥା ହୋଇଛନ୍ତି ଏବଂ ଆସନ୍ତା ୨୨ ତାରିଖରେ ରାହୁଲଙ୍କ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା ମଧ୍ୟପ୍ରଦେଶରେ ପ୍ରବେଶ କରିବା ପୂର୍ବରୁ ଯେପରି ଦଳରେ କିଛି ଅଘଟଣ ନ ଘଟେ, ସେଥିପାଇଁ ଉଦ୍ୟମ ହେଉଛି।

## ଦିଲ୍ଲୀରେ କମଲ ନାଥଙ୍କ ଅନୁଗତ ବିଧାୟକ



# ପରିବା କିଣିବାକୁ ଯାଇଥିବା ସିଏଏଫ୍ କମାଣ୍ଡରଙ୍କୁ ହତ୍ୟାକଲେ ମାଓବାଦୀ

**ବିଜାପୁର,୧୮।୨:** ଛତିଶଗଡ଼ ସଶସ୍ତ୍ର ବଳ (ସିଏଏଫ୍)ର ଜଣେ କମାଣ୍ଡରଙ୍କୁ ରବିବାର ସକାଳେ ମାଓବାଦୀମାନେ କୁରାଢ଼ିରେ ହାଣି ହତ୍ୟା କରିଛନ୍ତି। ବିଜାପୁର ଜିଲା ଦରଭା ଡିଭିଜନ ଅନ୍ତର୍ଗତ ଏକ ପୋଲିସ କ୍ୟାମ୍ପଠାରୁ ମାତ୍ର ୨୦୦ ମିଟର ଦୂରରେ ଏହି ହତ୍ୟାକାଣ୍ଡ ଘଟିଛି। କମାଣ୍ଡର ତେଜୁରାମ ଭୁରିଆ କେତେଜଣ ଷ୍ଟାଫ୍‌ଙ୍କ ସହ ପରିବା କିଣିବାକୁ ଯାଉଥିବାବେଳେ ମାଓବାଦୀମାନଙ୍କର ଏକ ଟିମ୍ ଅତର୍କିତ ଆକ୍ରମଣ କରିଥିଲେ। ଅତିରିକ୍ତ ଫୋର୍ସ ପହଞ୍ଚିବା ପୂର୍ବରୁ ମାଓବାଦୀମାନେ ଘଟଣାସ୍ଥଳରୁ ପଳାଇଥିଲେ। ତେଜୁରାମ ଜଣେ ଅଭିଜ୍ଞ ଅଫିସର ଏବଂ ସେ ବସ୍ତର ଅଞ୍ଚଳର ବିଭିନ୍ନ ଭାଗରେ ମାଓବାଦୀ ନିରୋଧୀ ଅଭିଯାନରେ ସାମିଲ ହୋଇଥିଲେ। ଆକ୍ରମଣକାରୀଙ୍କୁ ଧରିବା ଲାଗି ସିଏଏଫ୍ ଏବଂ ଜିଲା ରିଜର୍ଭ ଗାର୍ଡ (ଡିଆରଜି) ପକ୍ଷରୁ ତଲାସି ଅଭିଯାନ ଜାରି ରହିଛି।

# ଜୈନ ସନ୍ଥ ବିଦ୍ୟାସାଗର ମହାରାଜଙ୍କ ମହାପ୍ରୟାଣ



**ନୂଆଦିଲ୍ଲୀ,୧୮।୨:** ଖ୍ୟାତନାମା ଜୈନ ସନ୍ଥ ଆଚାର୍ଯ୍ୟ ବିଦ୍ୟାସାଗର ମହାରାଜଙ୍କର ରବିବାର ମହାପ୍ରୟାଣ ହୋଇଯାଇଛି। ତାଙ୍କୁ ୭୭ ବର୍ଷ ହୋଇଥିଲା। ମୃତ୍ୟୁ ଆସନ୍ନ ଜାଣି ମହାରାଜ ଛତିଶଗଡ଼ର ରାଜନନ୍ଦଗାଁଓ ଜିଲା ଚନ୍ଦ୍ରଗିରି ତୀର୍ଥରେ 'ସମାଧି' ନେଇଥିଲେ। ଆତ୍ମାର ପବିତ୍ରକରଣ ପାଇଁ ସ୍ୱେଚ୍ଛାକୃତ ଭାବେ ମୃତ୍ୟୁ ପର୍ଯ୍ୟନ୍ତ ଅନାହାରରେ ବସିରହିବାକୁ ଜୈନ ଧର୍ମୀୟ ପ୍ରଥାରେ ସମାଧି କୁହାଯାଏ। ମହାରାଜ ୬ ମାସ ହେଲା ଡୋଙ୍ଗରଗଡ଼ସ୍ଥିତ ତୀର୍ଥରେ ରହୁଥିଲାବେଳେ କିଛିଦିନ ହେଲା ଅସୁସ୍ଥ ଥିଲେ। ୩ ଦିନ ହେଲା ସେ ସମାଧିସ୍ଥ ହୋଇଥିଲେ। ଚନ୍ଦ୍ରଗିରି ତୀର୍ଥରେ ତାଙ୍କ ଶେଷକୃତ୍ୟ ଅନୁଷ୍ଠିତ ହେବ। ଗତବର୍ଷ ନଭେମ୍ବର ୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଡୋଙ୍ଗରଗଡ଼ ଯାଇ ଆଚାର୍ଯ୍ୟ ବିଦ୍ୟାସାଗର ମହାରାଜଙ୍କ ଆଶୀର୍ବାଦ ନେଇଥିଲେ। ତାଙ୍କ ପରଲୋକରେ ପ୍ରଧାନମନ୍ତ୍ରୀ ଶୋକବ୍ୟକ୍ତ କରିଛନ୍ତି। ମହାରାଜଙ୍କ ଦେହାବସାନ ଅପୂରଣୀୟ କ୍ଷତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

# ମୁଜାଫରନଗରରେ ଦଙ୍ଗା ସୃଷ୍ଟି ଉଦ୍ୟମ

ନୂଆଦିଲ୍ଲୀ,୧୮।୨

## ବୋମା ତିଆରି ପାଇଁ ଟଙ୍କା ଦେଇଥିବା ମହିଳା ଗିରଫ



ଟାଇମ୍ ବମ୍ ତିଆରି ପାଇଁ ଟଙ୍କା ଦେଇଥିବା ଉତ୍ତରପ୍ରଦେଶର ଜଣେ ମହିଳାଙ୍କୁ ଶନିବାର ସ୍ପେଶାଲ ଟାସ୍କଫୋର୍ସ ଗିରଫ କରିଛି। କାଚ ବୋତଲରେ ଲୁହା ଗୁଳି ରଖି ବୋମା ତିଆରି ପାଇଁ ମହିଳା ଜଣକ ଜାଭେଦଙ୍କୁ କହିଥିଲେ। ସେ ବୋମା ନେଇ ମହିଳାଙ୍କୁ ଦେବାକୁ ଯାଉଥିବାବେଳେ ତାଙ୍କୁ ଗିରଫ କରାଯାଇଥିଲା। ମହିଳା ଜଣକ ତାଙ୍କୁ ୧୦ ହଜାର ଟଙ୍କା ଦେଇଥିଲେ ଏବଂ ବୋମା ହସ୍ତାନ୍ତର କରିବା ପରେ ଆଉ ୪୦ ହଜାର ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଥିଲେ ବୋଲି ଜାଭେଦ ଜେରା ବେଳେ କହିଛନ୍ତି। କାଚ ବୋତଲରେ ମାରାତ୍ମକ ଗନ୍‌ପାଉଡର, ଲୁହା ଗୁଳି, ତୁଳା ଓ ପ୍ଲାଷ୍ଟର ଅଫ୍ ପ୍ୟାରିସ୍ ବ୍ୟବହାର କରାଯାଇ ବୋମା ତିଆରି କରାଯାଇଥିଲା। ବାଣ ପ୍ରସ୍ତୁତକାରୀ ଦାଦାଙ୍କଠାରୁ ଜାଭେଦ ବୋମା ତିଆରି କୌଶଳ ଜାଣିବା ସହ ୟୁଟ୍ୟୁବ୍ ଏବଂ ଇଣ୍ଟରନେଟ୍‌ରୁ ଅଧିକ ତଥ୍ୟ ହାସଲ କରିଥିଲେ।

ଗିରଫ ମହିଳାଙ୍କ କହିବା ଅନୁଯାୟୀ ୨୦୧୩ ସାମ୍ପ୍ରଦାୟିକ ଦଙ୍ଗାବେଳେ ତାଙ୍କ ଘରକୁ ଧ୍ୱଂସ କରିଦିଆଯାଇଥିଲା। ସେଭଳି ଏକ ହିଂସାକାଣ୍ଡ ସୃଷ୍ଟି କରିବାକୁ ମହିଳା ଜଣକ ଚାହୁଁଥିଲେ। ସେ ପୂର୍ବରୁ ମଧ୍ୟ ନିଜ ଘରେ ଅନୁରୂପ ବୋମା ରଖିଥିଲେ। ପରେ ସେ ଏହାକୁ ଅନ୍ୟମାନଙ୍କୁ ଦେଇଥିଲେ ବୋଲି କହିଛନ୍ତି।

# ଝାଡ଼ଖଣ୍ଡରେ ହେବ ଜାତି ଜନଗଣନା

ରାଞ୍ଚି,୧୮।୨

ଲୋକ ସଭା ନିର୍ବାଚନ ପୂର୍ବରୁ ଝାଡ଼ଖଣ୍ଡରେ ଜାତି ଜନଗଣନା ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଚମ୍ପାଇ ସୋରେନ ଅନୁମୋଦନ କରିଛନ୍ତି। ବିହାରରେ ଜାତି ଜନଗଣନା ପରେ ଝାଡ଼ଖଣ୍ଡର ବିଭିନ୍ନ ଦଳ ଅନୁରୂପ ସର୍ଭେ ପାଇଁ ଦାବି କରୁଥିଲେ। ବିହାର ଏବଂ ଆନ୍ଧ୍ରପ୍ରଦେଶ ପରେ ଜାତି ଜନଗଣନାରେ ଝାଡ଼ଖଣ୍ଡ ତୃତୀୟ ରାଜ୍ୟ ହେବାକୁ ଯାଉଛି। ଏହି ସର୍ଭେ ଉପରେ ଏକ ଚିଠା ପ୍ରସ୍ତୁତ କରି କ୍ୟାବିନେଟ୍ ଅନୁମୋଦନ ପାଇଁ ପଠାଇବାକୁ ମୁଖ୍ୟମନ୍ତ୍ରୀ କାର୍ମିକ ବିଭାଗକୁ କହିଛନ୍ତି। ଯୋଜନା ଅନୁଯାୟୀ ସବୁ କାମ ଚାଲିଲେ, ଲୋକ ସଭା ନିର୍ବାଚନ ପରେ ପରେ ସର୍ଭେ ଆରମ୍ଭ ହେବ ବୋଲି କୁହାଯାଉଛି।

# ବଳାତ୍କାର ପୀଡ଼ିତାଙ୍କୁ ବିଚାରପତିଙ୍କ ଯୌନ ଉତ୍ପୀଡ଼ନ

ଅଗରତାଳା,୧୮।୨

ତ୍ରିପୁରାର ଜଣେ ବଳାତ୍କାର ପୀଡ଼ିତାଙ୍କୁ ବିଚାରପତି ନିଜ ଚାମ୍ବରରେ ବୟାନ ରେକର୍ଡ ପାଇଁ ଡାକି ଯୌନ ଉତ୍ପୀଡ଼ନ ଦେଇଥିବା ଅଭିଯୋଗ ହୋଇଛି। ଢଲାଇ ଜିଲା ସେସନ୍ସ ଜଜ୍ ଗୌତମ ସର୍କାରଙ୍କ ଅଧ୍ୟକ୍ଷତାରେ ଏକ ୩ ଜଣିଆ ପ୍ୟାନେଲ ଏହି ସଙ୍ଗିନ ଅଭିଯୋଗର ତଦନ୍ତ ଆରମ୍ଭ କରିଥିବା ରବିବାର ଜଣେ ବରିଷ୍ଠ ଆଇନଜୀବୀ ସୂଚନା ଦେଇଛନ୍ତି।

ବିବାହିତା ମହିଳା ଜଣକ ପୂର୍ବରୁ ବଳାତ୍କାରର ଶିକାର ହୋଇଥିଲେ। ଏହି ମାମଲାରେ ଗତ ୧୬ ତାରିଖରେ ସେ କମଲପୁର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ବିଶ୍ୱତୋଷ ଧରଙ୍କ ନିକଟକୁ ନିଜ ବୟାନ ରେକର୍ଡ କରାଇବାକୁ ଯାଇଥିଲେ। ତାଙ୍କ ସହ ଜଣେ ମହିଳା କନ୍‌ଷ୍ଟେବଲ ମଧ୍ୟ ବିଚାରପତିଙ୍କ ଚାମ୍ବରକୁ ଯାଇଥିଲେ। କିନ୍ତୁ ବିଚାରପତି ମହିଳା କନ୍‌ଷ୍ଟେବଲଙ୍କୁ ଭିତରକୁ ପ୍ରବେଶ ଅନୁମତି ଦେଇ ନ ଥିଲେ। ପୀଡ଼ିତା ବୟାନ ଦେବା ଆରମ୍ଭ କରିବା ମାତ୍ରେ ବିଚାରପତି ତାଙ୍କୁ ଜାବୁଡ଼ି ଧରି ପକାଇଥିଲେ। ପୀଡ଼ିତା ତୁରନ୍ତ ବାହାରକୁ ଆସି ନିଜ ସ୍ୱାମୀ ଓ ଓକିଲମାନଙ୍କୁ ଏହି କଥା ଜଣାଇଥିଲେ। ପୀଡ଼ିତାଙ୍କ ସ୍ୱାମୀ ମଧ୍ୟ କମଲପୁର ବାର୍ ଆସୋସିଏଶନ୍‌ରେ ପୃଥକ୍ ଭାବେ ଲିଖିତ ଅଭିଯୋଗ କରିଛନ୍ତି। ପୀଡ଼ିତାଙ୍କ ଅଭିଯୋଗ ଆଧାରରେ ଜିଲା ଓ ସେସନ୍ସ ଜଜ୍ ଗୌତମ ସର୍କାର ଏବଂ ଚିଫ୍ ଜୁଡିସିଆଲ ମାଜିଷ୍ଟ୍ରେଟ୍ ଅଜିତ୍ ଦାସ କମଲପୁରର ଅତିରିକ୍ତ ଜିଲା ଓ ସେସନ୍ସ ଜଜ୍‌ଙ୍କ ଅଫିସ୍‌କୁ ଯାଇ ତଦନ୍ତ କରିଛନ୍ତି।

# ପଞ୍ଜାବରେ ୨୪ ଯାଏ ଇଣ୍ଟରନେଟ୍ ସେବା ବନ୍ଦ

ଚଣ୍ଡିଗଡ଼,୧୮।୨

କୃଷକ ଆନ୍ଦୋଳନକୁ ଦୃଷ୍ଟିରେ ରଖି ପଞ୍ଜାବର ପଟିଆଲା ସଙ୍ଗ୍ରୁର, ଫତେଗଡ୍ ସାହିବ ଆଦି କେତେକ ଜିଲାର ବିଭିନ୍ନ ଥାନା ଅଞ୍ଚଳରେ ଇଣ୍ଟରନେଟ୍ ସେବା ବନ୍ଦ ଅବଧିକୁ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ନିର୍ଦ୍ଦେଶକ୍ରମେ ଏଭଳି ପଦକ୍ଷେପ ନିଆଯାଇଛି। କୃଷକମାନଙ୍କ ଦିଲ୍ଲୀ ଚଲୋ ଅଭିଯାନ ପାଇଁ ୧୨ରୁ ୧୬ ତାରିଖ ପର୍ଯ୍ୟନ୍ତ ଇଣ୍ଟରନେଟ୍ ସେବା ବନ୍ଦ ରଖାଯାଇଥିଲା। ଇଣ୍ଟରନେଟ୍ ସେବା ବନ୍ଦ ରଖିବା ପାଇଁ କେନ୍ଦ୍ର ସରକାର ଟେଲିଗ୍ରାଫ୍ ଆଇନ, ୧୮୮୫ର ସ୍ୱତନ୍ତ୍ର କ୍ଷମତାର ଉପଯୋଗ କରିଛନ୍ତି।

## ଫୁର୍‌ସତ୍

# ଷ୍ଟଣ୍ଟ୍ କରିବାରୁ ପୋଲିସ ଦ୍ୱାରା ପୁରସ୍କୃତ

ପୁନେ



ପୁନେଠାରୁ ପ୍ରାୟ ୧୫ କିଲୋମିଟର ଦୂରରେ ଥିବା ପିମ୍ପ୍ରି-ଚିଞ୍ଚୱାଡ଼ର ଏକ ରାସ୍ତାରେ ଜଣେ ଯୁବକ ଚଳନ୍ତା କାର ଉପରେ ବସି ଷ୍ଟଣ୍ଟ ପ୍ରଦର୍ଶନ କରୁଥିବା ନେଇ ଏକ ଭିଡିଓ ସାମାଜିକ ଗଣମାଧ୍ୟମ ଏକ୍ସରେ ଭାଇରାଲ ହେବାରେ ଲାଗିଛି। ପୁନେ ପୋଲିସ ପକ୍ଷରୁ ଏହି ଭିଡିଓଟିକୁ ଶେୟାର କରାଯାଇଛି। ଏଭଳି ଷ୍ଟଣ୍ଟ୍ ନ କରିବାକୁ ଯୁବପିଢ଼ିଙ୍କୁ ପରାମର୍ଶ ଦେବା ସହ ଏହାର ପରିଣାମ ଭୟଙ୍କର ହୋଇଥିବା ଚେତାଇଛି ପୋଲିସ। ପିମ୍ପ୍ରି-ଚିଞ୍ଚୱାଡର ଏକ ଜନଗହଳି ପୂର୍ଣ୍ଣ ରାସ୍ତାରେ ଚଳନ୍ତା କାରରେ ଷ୍ଟଣ୍ଟବାଜି କରିବାରୁ ସମ୍ପୃକ୍ତ ଯୁବକଙ୍କୁ ପୁରସ୍କାର ଦିଆଯାଇଥିବା ଏହି ପୋଷ୍ଟରେ ସୂଚାଇଛି ପୋଲିସ। ଆଇପିସିର ଧାରା ୨୭୯ ଏବଂ ୩୩୬ ଏବଂ ମୋଟର ଯାନ ଅଧିନିୟମର ଧାରା ୧୮୪, ୧୧୯ ଏବଂ ୧୭୭ ଅନୁଯାୟୀ ସମ୍ପୃକ୍ତ ଯୁବକଙ୍କ ବିରୋଧରେ ପୋଲିସ ମାମଲା ରୁଜୁ କରିଛି। ସେହିପରି ଯୁବକଙ୍କ ଦ୍ୱାରା ଷ୍ଟଣ୍ଟରେ ବ୍ୟବହୃତ କାରକୁ ମଧ୍ୟ ପୁନେ ପୋଲିସ ଜବତ କରିଛି। ସର୍ବସାଧାରଣ ସ୍ଥାନଗୁଡ଼ିକରେ ଏଭଳି ଷ୍ଟଣ୍ଟର ପରିମାଣ ଭୟଙ୍କର ହୋଇଥିବା କହି, ଏଭଳି କାର୍ଯ୍ୟରେ ଲିପ୍ତ ନ ରହିବାକୁ ଜନସାଧାରଣଙ୍କୁ ଚେତାଇଛି ପୋଲିସ। ଏଭଳି କାର୍ଯ୍ୟକଳାପକୁ ରୋକିବା ପାଇଁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିବା ପୁନେ ପୋଲିସ ପକ୍ଷରୁ ଏହି ପୋଷ୍ଟରେ ସୂଚନା ଦିଆଯାଇଛି। ସାମାଜିକ ଗଣମାଧ୍ୟମ ଏକ୍ସ'ରେ ପୁନେ ପୋଲିସର ଏହି ପୋଷ୍ଟ ବହୁଳ ଭାବେ ଭାଇରାଲ ହେଉଥିବା ସହ ଷ୍ଟଣ୍ଟ୍ ବିରୋଧରେ ପୋଲିସର କାର୍ଯ୍ୟାନୁଷ୍ଠାନକୁ ଅନେକ ବେଶ୍ ପସନ୍ଦ କରିଛନ୍ତି। ଏଭଳି ଷ୍ଟଣ୍ଟ୍‌କୁ କମେଣ୍ଟ ମାଧ୍ୟମରେ ବିପଜ୍ଜନକ କହିଛନ୍ତି ଅନେକ ଏକ୍ସ ୟୁଜର୍ସ।

# ମୃତ୍ୟୁମୁଖରୁ ବଞ୍ଚିଗଲି: ରଶ୍ମିକା

ମୁମ୍ବାଇ

ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କୁ ନେଇ ସବୁବେଳେ ଚର୍ଚ୍ଚା ଲାଗି ରହିଥାଏ। ତେବେ ରଶ୍ମିକାଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ଖବର ସାମ୍ନାକୁ ଆସିଛି। ରଶ୍ମିକା ନିଜ ଇନ୍‌ଷ୍ଟାଗ୍ରାମ ଷ୍ଟୋରିରେ ଏକ ପୋଷ୍ଟ ଶେୟାର କରିଛନ୍ତି, ଯେଉଁଥିରେ ସେ ମୃତ୍ୟୁମୁଖରୁ ବର୍ତ୍ତିଯାଇଥିବା ଦର୍ଶାଇଛନ୍ତି। ଯେଉଁ ବିମାନରେ ଅଭିନେତ୍ରୀ ରଶ୍ମିକା ଯାତ୍ରା କରୁଥିଲେ କୌଣସି ଯାନ୍ତ୍ରିକ ତ୍ରୁଟିବଶତଃ ତାହା ଜରୁରୀ ଅବତରଣ କରିଥିଲା। ଏହାକୁ ନେଇ ସେ ତାଙ୍କ ଇନ୍‌ଷ୍ଟାଗ୍ରାମ ଷ୍ଟୋରିରେ ଏକ ଫଟୋ ଶେୟାର କରିଥିଲେ, ଯେଉଁଥିରେ ବିମାନ ମଧ୍ୟରେ ସେ ତାଙ୍କ ସିଟ୍‌ରେ ବସିଥିବାବେଳେ ତାଙ୍କ ସହ ଅଭିନେତ୍ରୀ ଶ୍ରଦ୍ଧା ଦାସ ମଧ୍ୟ ରହିଥିଲେ। ଭଗବାନଙ୍କ ଦୟାରୁ ମୃତ୍ୟୁମୁଖରୁ ବର୍ତ୍ତିଯାଇଥିବା ନିଜ ଇନ୍‌ଷ୍ଟାଗ୍ରାମ ଷ୍ଟୋରୀରେ ରଶ୍ମିକା ଲେଖିଛନ୍ତି। ସୂଚନା ମୁତାବକ, ରଶ୍ମିକା ବିମାନ ଯୋଗେ ମୁମ୍ବାଇରୁ ହାଇଦ୍ରାବାଦ ଯାଉଥିଲେ। କିନ୍ତୁ କିଛି ଯାନ୍ତ୍ରିକ ତ୍ରୁଟି ଯୋଗୁ ବିମାନଟି ୩୦ ମିନିଟ ପରେ ପୁଣି ମୁମ୍ବାଇକୁ ଫେରିଆସି ଜରୁରିକାଳୀନ ଅବତରଣ କରିଥିଲା। ତେବେ ଏହି ଅଘଟଣରେ ବିମାନରେ ଥିବା ପ୍ରତ୍ୟେକ ବ୍ୟକ୍ତି ସୁରକ୍ଷିତ ଭାବେ ମୁମ୍ବାଇ ଫେରିଆସିଥିବା ସେ ସୂଚନା ଦେଇଥିଲେ। ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ର ପରେ ଏବେ ବଲିଉଡ୍‌ରେ ନିଜ ଜଲ୍‌ୱା ଦେଖାଉଥିବା ରଶ୍ମିକା ଆଗାମୀ ଦିନରେ 'ପୁଷ୍ପା ୨' ଚଳଚ୍ଚିତ୍ରରେ ଅଭିନୟ କରିବେ। ଚଳିତ ବର୍ଷ ସ୍ୱାଧୀନତା ଦିବସ ଅବସରରେ ଏହି ଚଳଚ୍ଚିତ୍ର ରିଲିଜ୍ ହେବାର ସୂଚନା ରହିଛି।



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଜାନୁଆରୀରେ ୨୦,୬୩୪ କୋଟିର କାରବାର

- ବାର୍ଷିକ ଭିତ୍ତିରେ ୩୭% ବୃଦ୍ଧି
- ବଢୁଛି ହାଇବ୍ରିଡ୍ ମ୍ୟୁଚୁଆଲ୍ ଫଣ୍ଡ ସ୍କିମ୍‌ର ଚାହିଦା

ଭୁବନେଶ୍ୱର,୧୮।୨

କ୍ରମାଗତ ଭାବେ ଘରୋଇ ବଜାରରେ ହାଇବ୍ରିଡ୍ ମ୍ୟୁଚୁଆଲ୍ ଫଣ୍ଡ ସ୍କିମ୍‌ର ଚାହିଦା ବୃଦ୍ଧି ପାଉଛି, ଏପରିକି ନିବେଶକମାନଙ୍କ ମଧ୍ୟରେ ଏହାର ଲୋକପ୍ରିୟତା ବଢୁଥିବାବେଳେ ଚଳିତ ବର୍ଷ ଜାନୁଆରୀରେ ମୋଟ ୨୦,୬୩୪ କୋଟି ଟଙ୍କାର କାରବାର ହୋଇଛି। ବିଶେଷକରି ନିବେଶକମାନଙ୍କୁ ଏହି ସୁବିଧା ବେଶ୍ ଆକୃଷ୍ଟ କରିଛି, ଯାହା ପୂର୍ବ ମାସର କାରବାର ତୁଳନାରେ ଚଳିତ ମାସ ପ୍ରାୟ ୩୭% ବ୍ୟବସାୟ ବୃଦ୍ଧି ଘଟିଥିଲାବେଳେ ମୁଖ୍ୟତ ଋଣ ପାଣ୍ଠି ପାଇଁ ଟିକସ ନିୟମରେ ବିକଳ୍ପ ବିନିଯୋଗ ହୋଇଯାଇଛି। ସେହିଭଳି ବିକଳ୍ପ ଭାବେ ସେମାନଙ୍କ ଆବେଦନ ଯୋଗୁ ଚଳିତ ଆର୍ଥିକ ବର୍ଷର ଏପ୍ରିଲ୍-ଜାନୁୟାରୀ ଅବଧି ମଧ୍ୟରେ ଏହାର ମୋଟ ପ୍ରବାହ ୧.୨୧ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ସେହିଭଳି ହାଇବ୍ରିଡ୍ ପାଣ୍ଠି ହେଉଛି ମ୍ୟୁଚୁଆଲ୍ ଫଣ୍ଡ ସ୍କିମ୍ ଯାହା ସାଧାରଣତଃ ଇକ୍ୱିଟି ଏବଂ ଋଣ ସିକ୍ୟୁରିଟିର ମିଶ୍ରଣରେ ବିନିଯୋଗ କରିଥାଏ ଏବଂ ବେଳେବେଳେ ଅନ୍ୟ ସମ୍ପତ୍ତି ବର୍ଗ(ସୁନା)ରେ ଏହା ସହାୟକ ହୋଇଥାଏ। ସେହିପରି ଋଣ ପାଣ୍ଠି ପାଇଁ ଟିକସ ପରିବର୍ତ୍ତନ ସହ ୨୦୨୩ ଏପ୍ରିଲ୍‌ଠାରୁ ଏହି ବର୍ଗ ନିୟମିତ ପ୍ରବାହକୁ ଆକର୍ଷିତ କରିଆସୁଛି, ଏହା ପୂର୍ବରୁ ୨୦୨୩ ମାର୍ଚ୍ଚରେ ୧୨,୩୭୨ କୋଟି ଟଙ୍କା ନିଟ୍ ପ୍ରତ୍ୟାହାର ଏହି ବର୍ଗରେ କରାଯାଇଥିଲା। ଅପରପକ୍ଷରେ ଆସୋସିଏଶନ୍ ଅଫ୍ ମ୍ୟୁଚୁଆଲ୍ ଫଣ୍ଡ୍‌ସ ଅଫ୍ ଇଣ୍ଡିଆ (ଆମ୍ଫି) ପକ୍ଷରୁ ପ୍ରକାଶିତ ହୋଇଥିବା ସଦ୍ୟତମ ସୂଚନା ଅନୁଯାୟୀ, ହାଇବ୍ରିଡ୍ ସ୍କିମ୍‌ଗୁଡିକ ଚଳିତ ବର୍ଷ ଜାନୁଆରୀରେ ୨୦,୬୩୭ କୋଟି ପ୍ରବାହର ସାକ୍ଷୀ ହୋଇଛି, ଯାହା ୨୦୨୩ ଡିସେମ୍ବରରେ ଦେଖାଯାଇଥିବା ୧୫,୦୦୯କୋଟିରୁ ଅଧିକ ବୋଲି କୁହାଯାଉଛି। ଏପରିକି ଦୁଇଟି ବର୍ଗର ହାଇବ୍ରିଡ୍ ପାଣ୍ଠି, ଯାହା ସମୀକ୍ଷା ବୈଠକର ସମାନ ମାସରେ ଅଧିକାଂଶ ପାଣ୍ଠି ଆକର୍ଷିତ କରିଥିଲା, ତାହା ହେଉଛି ଆର୍ବିଟ୍ରେଜ୍ ପାଣ୍ଠି ଏବଂ ମଲ୍ଟି-ଆସେଟ୍ ଆବଣ୍ଟନ ପାଣ୍ଠି। ୨୦୨୪ଜାନୁଆରୀରେ ହାଇବ୍ରିଡ୍ ପାଣ୍ଠିର ମୋଟ ୨୦,୬୩୭ କୋଟି ଟଙ୍କା ପ୍ରବାହ ମଧ୍ୟରୁ ୧୦,୬୦୮ କୋଟି ଟଙ୍କା ପ୍ରବାହ ହୋଇଥିବାବେଳେ ମଲ୍ଟି-ଆସେଟ୍ ଆବଣ୍ଟନ ପାଣ୍ଠି ପାଇଁ ଏହା ୭,୦୮୦କୋଟି ଟଙ୍କା ଥିଲା। ଅଧିକନ୍ତୁ ହାଇବ୍ରିଡ୍ ବର୍ଗରେ ଆବଣ୍ଟନର ପ୍ରାୟ ୫୦ରୁ ୭୦% ବିଗତ ମାସଗୁଡିକର ଆର୍ବିଟ୍ ପାଣ୍ଠି ଆଡକୁ ଯାଉଛି ବୋଲି ସୂଚନାରେ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି। ଏ ନେଇ ଆନନ୍ଦ ରାଠୀ ଧନ ସମ୍ପତ୍ତି ଲିମିଟେଡର ଡେପୁଟି ସିଇଓ ଫେରୋଜ ଅଜିଜ କହିଛନ୍ତି, ବର୍ତ୍ତମାନ ଆର୍ବିଟ୍ରେଶନ୍ ପାଣ୍ଠି ପ୍ରାୟ ୮% ବିସ୍ତାରରେ ରହିଛି।



ଅରୁନ୍ଧତୀ ଜୁଏଲର୍ସର ଫେଷ୍ଟିଭ ଧମାଲ ଲକ୍ଷପତି ଲକି ଡ୍ର ବିଜେତା କାର୍ଯ୍ୟକ୍ରମ ଭବାନୀପାଟଣାର ଲାଲବାହାଦୁର ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଅରୁନ୍ଧତୀ ଜୁଏଲର୍ସର ଏମ୍‌ଡି ବ୍ରହ୍ମାନନ୍ଦ ମେହେର, ନିର୍ଦ୍ଦେଶକ ଅଚ୍ୟୁତାନନ୍ଦ ମେହେରଙ୍କ ସମେତ ବ୍ରାଣ୍ଡର ବ୍ରାଣ୍ଡ୍ ଆମ୍ବାସାଡର ତଥା ଓଡ଼ିଆ ଅଭିନେତ୍ରୀ ଅର୍ଚ୍ଚିତା ସାହୁ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି। ଏହି ଅବସରରେ ଲକି ଡ୍ରର ବିଜେତା (କାର୍ ବିଜେତା) କଣ୍ଟାବାଞ୍ଜିର ପ୍ରିୟଙ୍କା ମେହେରଙ୍କ ଅନୁପସ୍ଥିତିରେ ଟାଉନ ଥାନା ଅଧିକାରୀ ଯଶୋବନ୍ତ ହିଆଲଙ୍କୁ ବିଜେତାଙ୍କ କାର୍ ଚାବି ହସ୍ତାନ୍ତର କରାଯାଉଛି।

# ଆଜିଠାରୁ ୨ ଦିନିଆ ଗ୍ଲୋବାଲ ସମ୍ମିଟ

ଭୁବନେଶ୍ୱର,୧୮।୨

ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ (ସ୍କିଲ୍‌ଡ ଇନ୍ ଓଡ଼ିଶା) ଏବଂ ନୂଆ ଓଡ଼ିଶା କାର୍ଯ୍ୟକ୍ରମ ଅନ୍ତର୍ଗତ ୨ ଦିନିଆ ଗ୍ଲୋବାଲ ସମ୍ମିଟ ସୋମବାରଠାରୁ ଭୁବନେଶ୍ୱରର ମେ ଫେୟାର ହୋଟେଲ ସମ୍ମିଳନୀ କକ୍ଷରେ ଆୟୋଜିତ ହେଉଛି। ଏହି ୨ ଦିନିଆ ସମ୍ମିଳନୀରେ ୧୦୦ରୁ ଅଧିକ ବିଶିଷ୍ଟ ଶିଳ୍ପ ଉଦ୍ୟୋଗପତିଙ୍କ ସମେତ ୫୦୦ରୁ ଅଧିକ ପ୍ରତିନିଧିମଣ୍ଡଳୀ ଏବଂ ୧୦ରୁ ଅଧିକ ଦଳଗତ ଆଲୋଚନା ଭଳି କାର୍ଯ୍ୟକ୍ରମ ରହିଛି। ଉଲ୍ଲେଖଯୋଗ୍ୟ, ୨୦୨୪ ଫେବୃଆରୀ ୧୯ ଏବଂ ୨୦ ତାରିଖରେ ଏହି ୨ ଦିନିଆ ଗ୍ଲୋବାଲ ସମ୍ମିଟ ଭୁବନେଶ୍ୱରଠାରେ ଆୟୋଜିତ ହେଉଛି।

# ଏନ୍‌ଏସ୍‌ଡିସି ସହ ରିଲାଏନ୍ସ ଫାଉଣ୍ଡେଶନର ସହଭାଗିତା

ଭୁବନେଶ୍ୱର,୧୮।୨ (ଅଭୟ ଦାଶ)

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡର ସାମାଜିକ ସଂସ୍ଥା ରିଲାଏନ୍ସ ଫାଉଣ୍ଡେଶନ ଏବଂ ଜାତୀୟ ଦକ୍ଷତା ବିକାଶ ନିଗମ (ଏନ୍‌ଏସ୍‌ଡିସି) ମଧ୍ୟରେ ଏକ ଦ୍ୱିପାକ୍ଷିକ ସହଭାଗିତା ନିକଟରେ ସ୍ଥାପିତ ହୋଇଛି। ବିଶେଷକରି ୫ଲକ୍ଷ ଭାରତୀୟ ଯୁବତୀଯୁବକଙ୍କ ପାଇଁ ଭବିଷ୍ୟତରେ ଆବଶ୍ୟକ ହେବାକୁ ଥିବା ଦକ୍ଷତା ବିକାଶ ଉପରେ ଆଧାରିତ ପାଠ୍ୟକ୍ରମ ପ୍ରସ୍ତୁତ କରାଯିବ। ଉକ୍ତ ପାଠ୍ୟକ୍ରମ ବିକାଶ ଏବଂ ଯୁବଗୋଷ୍ଠୀଙ୍କ ଦକ୍ଷତା ବୃଦ୍ଧି ସହିତ ଏଡ୍‌ଟେକ, ସାଇବର ସୁରକ୍ଷା, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ, ପରିବେଶ ସ୍ଥାୟିତ୍ୱ, ନୀତି ବିଶ୍ଳେଷଣ ଭଳି ବିଭିନ୍ନ କ୍ଷେତ୍ର ଉପରେ କାର୍ଯ୍ୟ କରିବ ବୋଲି ଉକ୍ତ ସହଭାଗିତାରେ ଗୁରୁତ୍ୱ ପ୍ରଦାନ କରାଯିବ। ଏପରିକି ରିଲାଏନ୍ସ ଫାଉଣ୍ଡେଶନର ଡିଜିଟାଲ ଫରୱାର୍ଡ ଆପ୍ରୋଚ୍ ଭବିଷ୍ୟତର ନୂଆ କ୍ୟାରିୟର ପାଇଁ ଆଗ୍ରହୀ ଯୁବବର୍ଗଙ୍କ ମଧ୍ୟରେ ଲୋକପ୍ରିୟତା ହାସଲ କରିବ ବୋଲି ଆଶା କରାଯାଉଛି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଦକ୍ଷତା, ପୁନଃଦକ୍ଷତା (ରି-ସ୍କିଲିଂ) ଓ କୌଶଳ ଉନ୍ନତିର ମନ୍ତ୍ର ଆପଣାଇ ଭାରତ ବର୍ତ୍ତମାନ ଆଦୌ ଅଟକିବ ନାହିଁ, ପୁନଃଦକ୍ଷତା ବିକାଶ ପରିବ୍ୟବସ୍ଥାରେ ବିଭିନ୍ନ ଡିଜିଟାଲ୍ ସେବାକୁ ବ୍ୟବହାର କରି ପ୍ରତ୍ୟେକ ଯୁବତୀଯୁବକଙ୍କ ପାଇଁ ଯେକୌଣସି ସମୟ ଓ ସ୍ଥାନରେ ନିଜର ଦକ୍ଷତା ବିକାଶ ପାଇଁ ସୁବିଧା ଉପଲବ୍ଧ କରାଇବାକୁ ସୁନିଶ୍ଚିତ କରାଯାଉଛି। ସେହିଭଳି ରିଲାଏନ୍ସ ଫାଉଣ୍ଡେଶନର ସିଇଓ ଜଗନ୍ନାଥ କୁମାର କହିଛନ୍ତି, ବିଶ୍ୱର ସବୁଠାରୁ ଅଧିକ ଯୁବ ଜନସଂଖ୍ୟା ଭାରତରେ ରହିଛି ଏବଂ ସେମାନଙ୍କୁ ଭବିଷ୍ୟତ ପାଇଁ ପ୍ରସ୍ତୁତ ଦକ୍ଷତା ପ୍ରଦାନ କରିବାକୁ ଆମେ ପ୍ରୟାସ କରୁଛୁ।




# ଭିତ୍ତିଭୂମି ସୁଦୃଢ଼କୁ ଟିପିସିଓଡିଏଲ୍‌ର ଗୁରୁତ୍ୱ

ଭୁବନେଶ୍ୱର,୧୮।୨

ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ଭୁବନେଶ୍ୱରର ଖଣ୍ଡଗିରିଠାରେ ଏକ ଅତ୍ୟାଧୁନିକ ବିଦ୍ୟୁତ୍ ଟ୍ରାନ୍ସଫରମର ସ୍ଥାପନ କରାଯାଇଛି। ଏପରିକି ଖଣ୍ଡଗିରିଠାରେ ଥିବା ୮ଏମ୍‌ଭିଏ ପୁରୁଣା ଟ୍ରାନ୍ସଫରମର୍‌କୁ ବଦଳାଇ ଏକ ଅତ୍ୟାଧୁନିକ ୨୫ଏମ୍‌ଭିଏ ଟ୍ରାନ୍ସଫରମର ଜରିଆରେ ଉପରୋକ୍ତ ଅଞ୍ଚଳ ବିଦ୍ୟୁତ୍ ଭିତ୍ତିଭୂମିରେ ସୁଦୃଢ଼ କରାଯାଇଛି। ବିଶେଷକରି ଆଗାମୀ ଦିନରେ ଖଣ୍ଡଗିରି ଅଞ୍ଚଳର ବର୍ଦ୍ଧିତ ଶକ୍ତି ଚାହିଦା ପୂରଣ ସହ ଭରସାଯୋଗ୍ୟ ବିଦ୍ୟୁତ୍ ଯୋଗାଣ କରିବା ଲାଗି କମ୍ପାନୀ ଏକ ଗୁରୁତ୍ୱପୂର୍ଣ୍ଣ ଉଦ୍ୟମ ଆରମ୍ଭ କରିଛି। ସେହିଭଳି ସହରାଞ୍ଚଳରେ ବର୍ଷକୁ ବର୍ଷ ଲୋଡ୍‌ରେ ହେଉଥିବା ବୃଦ୍ଧି ଚାହିଦା ପୂରଣ କରିବା ପାଇଁ ପୂର୍ବରୁ ଥିବା ପିଏସ୍‌ଏସ୍‌ରେ ବିଦ୍ୟୁତ୍ ଟ୍ରାନ୍ସଫରମର ସହ ସୁଇଚ୍ ଗିୟରର ଦକ୍ଷତା ବୃଦ୍ଧି କରିବା ଲାଗି ଏକ ଗୁରୁତ୍ୱପୂର୍ଣ୍ଣ ଅଭିଯାନ ଆରମ୍ଭ ହୋଇଛି। ଆସନ୍ତା ୧୦ ବର୍ଷ ପର୍ଯ୍ୟନ୍ତ ଲୋଡ୍‌ରେ ହେବାକୁ ଥିବା ବୃଦ୍ଧିକୁ ଦୃଷ୍ଟିରେ ରଖି ଦକ୍ଷତାରେ ଏହି ଉନ୍ନତି ଅଣାଯାଇଛି। ସେହିପରି କମ୍ପାନୀର ଡିସ୍‌କମ୍‌ଗୁଡ଼ିକ ମଧ୍ୟରେ ପ୍ରଥମ ଏହି ରୂପାନ୍ତରିତ ବିଦ୍ୟୁତ୍ ସବ୍‌ଷ୍ଟେଶନ (ପିଏସ୍‌ଏସ୍) ଏକ ବଡ଼ ସଫଳତା ଭାବେ ଉଭା ହୋଇଛି, ଯାହା ଭୋଲ୍‌ଟେଜ୍ ନିୟନ୍ତ୍ରଣ ଓ ସୁରକ୍ଷା ପଦକ୍ଷେପରେ ଉନ୍ନତ ପ୍ରଯୁକ୍ତିର ସମନ୍ୱୟକୁ ଦର୍ଶାଉଛି।

ଏ ସମ୍ପର୍କରେ ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ ସିଂହ କହିଛନ୍ତି, ଏହି ଗୁରୁତ୍ୱପୂର୍ଣ୍ଣ ଅଭିଯାନକୁ କାର୍ଯ୍ୟକାରୀ କରିଥିବାରୁ ଆମେ ବେଶ୍ ଉତ୍ସାହିତ ଅଛୁ। ବିଶେଷକରି ଏହା ଖଣ୍ଡଗିରି ଅଞ୍ଚଳ ବିଦ୍ୟୁତ୍ ସେବାରେ ଉନ୍ନତି ଆଣିବା ପାଇଁ ଥିବା ଆମର ସମର୍ପଣ ଭାବକୁ ଦର୍ଶାଉଛି। ଏହି ଉନ୍ନତି ସହ ଆମେ ବର୍ତ୍ତମାନର ଚାହିଦାକୁ ପୂରଣ କରୁଥିବା ବେଳେ ଭବିଷ୍ୟତରେ ସମ୍ପୃକ୍ତ ଅଞ୍ଚଳର ଅଭିବୃଦ୍ଧି ଓ ବିକାଶ ପାଇଁ ମଧ୍ୟ ପ୍ରସ୍ତୁତ ହୋଇଛୁ।


CLASSIFIED DISPLAY
MORE SPACE • SAME PRICE
TARIFF | GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ADMISSION OPEN
B.Ed, M.Ed, B.P.Ed.
Equivalent of Utkal University
Lowest Fees
Odisha School of Professional Studies
Address:
Plot No.N2/57, 2nd Floor, Near N2 Park, IRC Village, Nayapalli, Bhubaneswar- 751015
CONTACT NO.
7008096933
9692828174

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଅକ୍ଷୟ ଶକ୍ତି କ୍ରୟ କରିବ ନେକ୍ସଟ୍ରା

ଭୁବନେଶ୍ୱର,୧୮।୨

ଭାରତର ଅଗ୍ରଣୀ ଡାଟା ସେଣ୍ଟର କମ୍ପାନୀ ନେକ୍ସଟ୍ରା ଡାଟା ଲିମିଟେଡ (ଏନ୍‌ଡିଏଲ୍)ର ବହୁ ପ୍ରତୀକ୍ଷିତ ତଥା ଅକ୍ଷୟ ଶକ୍ତି ବ୍ୟବସାୟ ସମ୍ପ୍ରସାରଣ ସମ୍ପର୍କରେ ଘୋଷଣା କରିଛି। ଏପରିକି ଅତିରିକ୍ତ ୧୪୦,୨୦୮ ମେଗାୱାଟ ଅକ୍ଷୟ ଶକ୍ତି କ୍ରୟ କରିବାକୁ କମ୍ପାନୀ ଏକ ଦ୍ୱିପାକ୍ଷିକ ରାଜିନାମା ବା ଚୁକ୍ତିନାମା (ପାୱାର୍-ହୁଇଲିଂ ଏଗ୍ରିମେଣ୍ଟ) ଆମ୍ପ୍ଲିନ୍ ଏବଂ ଆମ୍ପ୍ଲସ୍ ଏନର୍ଜି ସହିତ ହୋଇଛି। ନେକ୍ସଟ୍ରା ଡାଟା ଲିମିଟେଡ (ଏୟାରଟେଲ ବିଓ୍ୱାଇ ନେକ୍ସଟ୍ରା)ର ସିଇଓ ଆଶିଷ ଆରୋରା କହିଛନ୍ତି, ଉଭୟ ସଂସ୍ଥା ସହ ସହଭାଗିତା କରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଏହି ନୂତନ ସହଭାଗିତା ବ୍ରାଣ୍ଡର ନେତୃତ୍ୱ ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥାଏ। ଭାରତର ସବୁଜ ଡାଟା କେନ୍ଦ୍ର ସ୍ଥାନ ଏବଂ ୨୦୩୧ସୁଦ୍ଧା ନେଟ୍ ଜିରୋ ନିର୍ଗମନ ହାସଲ କରିବାକୁ ଆମର ପ୍ରତିବଦ୍ଧତା ପୂରଣ କରିବା ପାଇଁ ଆମେ ଅତିରିକ୍ତ ସ୍ୱଚ୍ଛ ଶକ୍ତି ଯୋଗାଣ ଓ ଅକ୍ଷୟ ଶକ୍ତି ଅଂଶକୁ ପ୍ରାୟ ୭୦% ବୃଦ୍ଧି କରିବୁ। ଅପରପକ୍ଷରେ ଏୟାରଟେଲ ଦ୍ୱାରା ପରିଚାଳିତ ନେକ୍ସଟ୍ରା ଅତିରିକ୍ତ ଅକ୍ଷୟ ଶକ୍ତି କ୍ରୟ କରିବାକୁ ଯାଉଛି, ଉପରୋକ୍ତ ଚୁକ୍ତିନାମା ଅନୁଯାୟୀ ଆମ୍ପ୍ଲିନ୍ ଏବଂ ଆମ୍ପ୍ଲସ୍ ଏନର୍ଜି ଯଥାକ୍ରମେ ୪୮ ଏମଡବ୍ଲ୍ୟୁଡିସି(MWdc) ଏବଂ ୨୪.୩ ମେଗାୱାଟର କ୍ୟାପ୍ଟିଭ୍ ସୋଲାର ଏବଂ ପବନ ଶକ୍ତି ପ୍ଲାଣ୍ଟ ସ୍ଥାପନ କରିବ। ସେହିଭଳି କମ୍ପାନୀର ଓଡ଼ିଶା, ଉତ୍ତରପ୍ରଦେଶ ଏବଂ ତାମିଲନାଡୁଠାରେ ନେକ୍ସଟ୍ରାର ଡାଟା ସେଣ୍ଟର ଅବସ୍ଥିତ ଥିଲାବେଳେ ୨୫ ବର୍ଷର ଚୁକ୍ତିନାମା କମ୍ପାନୀର ନେଟ-ଶୂନ ଲକ୍ଷ୍ୟ ହାସଲ କରିବାକୁ ନେକ୍ସଟ୍ରାର ପ୍ରତିବଦ୍ଧତା ସହିତ ମେଳ ଖାଉଛି। ଉଲ୍ଲେଖଯୋଗ୍ୟ, ଦେଶର ପ୍ରମୁଖ ଟେଲିକମ କମ୍ପାନୀ ଭାରତୀ ଏୟାରଟେଲର ସହଯୋଗୀ ସଂସ୍ଥା ନେକ୍ସଟ୍ରା ଡାଟା ଲିମିଟେଡ (ଏନ୍‌ଡିଏଲ) ଭାବେ କାର୍ଯ୍ୟ କରୁଛି।

# ବ୍ଲୁହ୍ୱିଲ୍‌ସର ଭୁବନେଶ୍ୱର ଫ୍ରାଞ୍ଚାଇଜ୍ ଲଞ୍ଚ୍

ଭୁବନେଶ୍ୱର,୧୮।୨(ଅନୁରାଧା ମହାରଣା)

ନୂଆଦିଲ୍ଲୀସ୍ଥିତ ବ୍ଲୁହ୍ୱିଲ୍‌ସ କମ୍ପାନୀ ଦ୍ୱାରା ଜେଏମ୍‌ଡି ଓଡ଼ିଶା(ଓପିସି) ପ୍ରାଇଭେଟ୍ ଲିମିଟେଡ୍ ଭୁବନେଶ୍ୱରରେ ନୂତନ ଫ୍ରାଞ୍ଚାଇଜ ମଡେଲର ଲଞ୍ଚ୍ କରାଯାଇଛି। ୨ ଚକିଆ ସ୍କୁଟର, ୩ ଚକିଆ ଅଟୋରିକ୍ସା ଏବଂ ୪ ଚକିଆ ଯାନ ବ୍ୟବହାର କରି ଲଜିଷ୍ଟିକ୍ ସେବା ପ୍ରଦାନ କରାଯିବ। ଇଲେକ୍ଟ୍ରିକ୍ ଯାନ ମାଧ୍ୟମରେ ଇ- ବାଣିଜ୍ୟ ଖାଦ୍ୟ ବିତରଣ କମ୍ପାନୀଗୁଡ଼ିକୁ ସେବା ଯୋଗାଇବ। ରବିବାର କଳିଙ୍ଗନଗର କେ-୭ରେ କମ୍ପାନୀର ଉଦଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇ ବ୍ଲୁ ହ୍ୱିଲ୍‌ସ କମ୍ପାନୀର ଫାଉଣ୍ଡେଶନ୍ ହେଡ୍ ସୁଶାନ୍ତ ମୁଖାର୍ଜୀ ସୂଚନା ଦେଇଛନ୍ତି। ଉଭୟ ମହିଳା ଓ ପୁରୁଷଙ୍କ ପାଇଁ ଏହି ସେବା ଉପଲବ୍ଧ ହେବ ବୋଲି ସେ କହିଛନ୍ତି। ଦିବ୍ୟାଙ୍ଗମାନେ ମଧ୍ୟ ସ୍ୱାବଲମ୍ବୀ ହେବା ପାଇଁ ଏହି ସେବା ନେଇପାରିବେ। ସର୍ବଭାରତୀୟ ସ୍ତରରେ କମ୍ପାନୀ ପକ୍ଷରୁ ବର୍ତ୍ତମାନ ପର୍ଯ୍ୟନ୍ତ ୪୮ଟି କମ୍ପାନୀକୁ ଏହି ସେବା ପ୍ରଦାନ କରାଯାଉଛି। ପରିବେଶ ସୁରକ୍ଷାକୁ ଦୃଷ୍ଟିରେ ରଖି ଇ-ଯାନ ମାଧ୍ୟମରେ ଏହି ସେବା ପ୍ରଦାନ କରାଯାଉଥିବା କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ପ୍ରଭେଜ କୁମାର ମେଦିନୀରାୟ କହିଛନ୍ତି। ତେବେ ୨୦୨୫ ସୁଦ୍ଧା ୧ ହଜାର ଯାନ ବିତରଣ କରିବା ପାଇଁ କମ୍ପାନୀ ଲକ୍ଷ୍ୟ ରଖିଥିବା କମ୍ପାନୀର ନିର୍ଦ୍ଦେଶକ ଦୀପକ ଆରୁଖ ଓ ପ୍ରବୀଣ କୁମାର ମେଦିନୀରାୟ କହିଛନ୍ତି। ଆଗାମୀ ଦିନରେ ଗଞ୍ଜାମ, କଟକ ଏବଂ ଅନ୍ୟାନ୍ୟ ସହରରେ ଏହି ସେବା ଲଞ୍ଚ୍ କରାଯିବ ବୋଲି ଜୋନାଲ ହେଡ୍ ବିମଳ କୁମାର କହିଛନ୍ତି।




# Classified Everyday
0674-2580101, 2549949


REAL ESTATE

SALE

**Ready to possess 2/3 BHK flats near Badagada Canal Road Mouza:- Meherpalli for sale. Bank finance available. Contact- 9861467987/ 9861336178.** D-2567

Bhubaneswar Sundarpada roadରେ ଦଧିବାମନପୁର ମୌଜା yellowzone ଘରବାରି 30' ରୋଡ୍ ଥାଇ plot sqft.-1200/- ବିକ୍ରିହେବ। Biswajit- 7008184348. D-71067

ଭୁବନେଶ୍ୱର ଭୁଆସୁଣୀ ମନ୍ଦିର ପାଖ ଗଙ୍ଗପଡ଼ା ମୌଜାରେ NH-16କୁ ଲାଗି 100ମି. ଦୂରରେ ଘରବାରି ପାଚେରି ସହିତ 1500/- କିଣି ଘର କରନ୍ତୁ। 9938066403, 9438315973. D-2568

**3BHK Semifurnished flats at Jharpada 80' road side. Contact- 9437307086, 7978209277, 7008789347.** D-2493

DAV Pokhariput 7K.M. କୁହା ମୌଜାରେ ଘରକୁ ଲାଗି 3000sqft. plot ବିକ୍ରିହେବ। 9938016295. D-75910

**Readymade 2/3BHK premium flat at prime location of Jayadev Vihar Chhak. Contact- 9437307086, 7978209277, 7008789347.** D-2494

Plot sale near AIIMS Hospital,Bhubaneswarand duplex sale @57,00,000/-. 9777433701. D-75915

ସ୍ଥିତିବାନ୍ ଗୃହୋପଯୋଗୀ ପ୍ଲଟ୍ NH-16ର ପିତାପଲ୍ଲୀରେ ୬୦ଫୁଟ୍, ୩୦ଫୁଟ୍ ରାସ୍ତା ଥାଇ ସଙ୍ଗେସଙ୍ଗେ ହସ୍ତାନ୍ତର ସହ ସୁଲଭ ମୂଲ୍ୟରେ ଉପଲବ୍ଧ। 8867080780. D-75908

Duplex project at Retang Medical, Station, Market, CV Raman, Tamando, Bhubaneswar. 9777553622. D-75296

Duplex project at Retanga Medical Station near C.V. Raman University Tamando, Bhubaneswar. 7008459987. D-75912

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft., 3,60,000/- ଛଡାବର Bypass sqft.-500/-. 9776974912. D-75904

New Cancer Hospital ନାଇକର, ଜଟଣୀ yellowzone BDA ୨୦୦ଫୁଟ ରାସ୍ତାକୁ ଲାଗି 400-800sqft.ରେ ଜାଗା ବିକ୍ରି ହେଉଛି। 8249693292. D-75200

**Flat for sale 2BHK, 3 BHK near Grand Bazar, Phulnakhara, close to NH-16. 7846819129.** D-75914


CONSTRUCTION

**Quality construction for your home with premium material, BDA approval, Vastu Complaints, (Architectural plan free) OD Group-Er. Bijaya Kumar. 9438330195.** D-75913




Ground floor of Carpet Area 2000sqft. for Office or Bank in Cuttack Road in front of ESPLANADE MALL, Bomikhal (Rasulgarh). Please Contact- 9937044577. D-2547

**ପାଠକଙ୍କ ପାଇଁ ସୂଚନା**

 କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Relax, Refresh your body, mind by expert therapist. Contact: 9938843929. D-76103

Refreshments Body massage Therapy with Experience Therapists, Ashirvad Panchakarma Spa, Keshari Mall, Bhubaneswar: 8926173473. D-67128

Newly open SPA positively health benefits with relax and refresh with good therapist. 8328803811. D-76101

Newly open SPA positively health benefits with expert therapist. 9040286886. D-75199

Kerala body Massage best Therapist @699/-Bhubaneswar. 9337672475. Ganeshspa.in. D-2555

AFFIDAVIT

I Golap Mishra, W/o Late Birabadal Mishra of Charchika, Banki, Cuttack, at present village- Kotadwar samil Sunadeipur, Banki, Cuttack, by this affidavit no. 779/7.8.2023 states that my name has been wrongly mentioned as Manjubala Mishra in my deceased husband's service record. Myself Golap Mishra and Manjubala Mishra, W/o Birabadal Mishra is one and same person. Hence this affidavit for all purpose. D-2569

# ଶାସକ ଦଳରେ କନ୍ଦଳ, ଫାଇଦା ଆଶାରେ ବିରୋଧୀ

ଅସ୍ତରଙ୍ଗ,୧୮।୨(ପ୍ରଦୀପ୍ତ ଦୀକ୍ଷିତ)

## କାକଟପୁର ବିଧାନସଭା ନିର୍ବାଚନମଣ୍ଡଳୀ


ସୁରେନ୍ଦ୍ର ସେଠୀ


ତୁଷାରକାନ୍ତି ବେହେରା


ପ୍ରଫୁଲ୍ଲ ବେହେରା

ପୁରୀ ଜିଲା କାକଟପୁର ବିଧାନସଭା ନିର୍ବାଚନମଣ୍ଡଳୀ ଅସ୍ତରଙ୍ଗ ବ୍ଲକର ୧୫, କାକଟପୁର ବ୍ଲକର ୧୬, ଗୋପ ବ୍ଲକର ୧୪ ପଞ୍ଚାୟତ ଓ କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି)କୁ ନେଇ ଗଠିତ। ଏହି ଆସନରୁ ୨୦୧୯ ନିର୍ବାଚନରେ ଭାରତୀୟ ଜନତା ପାର୍ଟି (ଭାଜପା) ଛାଡ଼ି ବିଜୁ ଜନତା ଦଳ (ବିଜେଡି) ଟିକେଟରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ତୁଷାରକାନ୍ତି ବେହେରା ବିଧାୟକ ଭାବେ ନିର୍ବାଚିତ ହୋଇ ଏବେ ମନ୍ତ୍ରୀ ଅଛନ୍ତି। ସେପଟେ ଗତ ବିଧାନସଭା ନିର୍ବାଚନବେଳେ ହାତପାଆନ୍ତାରୁ ବିଜେଡି ଟିକେଟରୁ ବଞ୍ଚିତ ହୋଇଥିବା ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠୀ ନିର୍ବାଚନମଣ୍ଡଳୀରେ ସମାନ୍ତରାଳ ଭାବେ ଅସନ୍ତୁଷ୍ଟ ବିଜେଡି କର୍ମୀଙ୍କୁ ନେଇ ତାଙ୍କ ସାଙ୍ଗଠନିକ କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ତାଙ୍କ ନେତୃତ୍ୱ ଗତ ପଞ୍ଚାୟତ ନିର୍ବାଚନରେ ଅସ୍ତରଙ୍ଗ ଓ କାକଟପୁର ଭଳି ୨ଟି ଗୁରୁତ୍ୱପୂର୍ଣ୍ଣ ବ୍ଲକ ଅଧ୍ୟକ୍ଷ ପଦ ଦଖଲ କରିଥିଲା। ବର୍ତ୍ତମାନ ବିଭିନ୍ନ ସଭାସମିତିରେ ମନ୍ତ୍ରୀ ଓ ପୂର୍ବତନ ବିଧାୟକ ଏବଂ ଉଭୟଙ୍କ ସମର୍ଥକମାନେ ମୁହାଁମୁହିଁ ହେବା ସାଧାରଣ ଭୋଟରଙ୍କୁ ପ୍ରଭାବିତ କରୁଛି। ଦଳ ମଧ୍ୟରେ ଗୋଷ୍ଠୀ କନ୍ଦଳ ଏବେ ଚରମସୀମାରେ ପହଞ୍ଚିଥିବାରୁ ଏହା ବିରୋଧୀଙ୍କୁ ସୁହାଇବ ବୋଲି ଆଲୋଚନା ହେଲାଣି।

ବିଜେଡିରେ ବିଭାଜନ ରୋକିବା ପାଇଁ ଇତିହାସର ପୁନରାବୃତ୍ତି ହେବାର ସମ୍ଭାବନା ଦେଖାଦେଇଛି। ୨୦୦୯ରେ କାକଟପୁର ସଂରକ୍ଷିତ ଆସନ ହେବା ପରଠୁ ଗତ ତିନିଗୋଟି ବିଧାନସଭା ନିର୍ବାଚନରେ ବିଜେଡି ତା'ର ପ୍ରାର୍ଥୀ ବଦଳାଇ ସୁଫଳ ପାଇଛି ଏବଂ ପ୍ରତି ନିର୍ବାଚନରେ ଭୋଟ ପ୍ରତିଶତ ବଢ଼ି ଚାଲିଛି। ୨୦୦୯ ନିର୍ବାଚନରେ ବିଜେଡି ପ୍ରାର୍ଥୀ ରବି ମଲ୍ଲିକ ୧୬ ହଜାରରୁ ଅଧିକ ଭୋଟରେ ବିଜୟ ଲାଭ କରିଥିବା ବେଳେ ୨୦୧୪ରେ ସୁରେନ୍ଦ୍ର ସେଠୀ ୪୧ ହଜାରରୁ ଅଧିକ ଭୋଟ ଏବଂ ୨୦୧୯ରେ ମନ୍ତ୍ରୀ ତୁଷାରକାନ୍ତି ବେହେରା ୪୬ ହଜାରରୁ ବେଶି ଭୋଟରେ ଜିତିଥିଲେ। ଏଠାରେ ଦଳ ଗୋଷ୍ଠୀ କନ୍ଦଳକୁ ପ୍ରଶମିତ କରି ତା'ର ବିଜୟଧାରାକୁ ଅବ୍ୟାହତ ରଖିବା ପାଇଁ ପୂର୍ବ ନିର୍ବାଚନଗୁଡ଼ିକ ଭଳି ୨୦୨୪ ସାଧାରଣ ନିର୍ବାଚନରେ ମଧ୍ୟ ନୂଆ ପ୍ରାର୍ଥୀ ଦେବାର ସମ୍ଭାବନା ଥିବା ରାଜନୈତିକ ବିଶାରଦମାନେ ଆକଳନ କରିଛନ୍ତି। ଇତିମଧ୍ୟରେ ନୂଆ ପ୍ରାର୍ଥୀ ଭାବେ ଚର୍ଚ୍ଚାର ଆଗରେ ଯୁବ ସାମାଜିକ କର୍ମୀ ତଥା ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ବେହେରାଙ୍କ ନାମ ଆଲୋଚନା ହେଉଛି। ପ୍ରଫୁଲ୍ଲ ତୃଣମୂଳସ୍ତରରୁ ରାଜନୈତିକ ଜୀବନ ଆରମ୍ଭ କରି ତାଙ୍କ ପତ୍ନୀଙ୍କୁ ଥରେ ଅସ୍ତରଙ୍ଗ ସମିତି ସଭ୍ୟା କରାଇଥିବା ବେଳେ ନିଜେ ମଧ୍ୟ ସରପଞ୍ଚ ଭାବେ ୨୦୧୭ରୁ ୨୦୨୨ ପର୍ଯ୍ୟନ୍ତ କାର୍ଯ୍ୟକରି ଅସ୍ତରଙ୍ଗ ସମେତ ନିର୍ବାଚନମଣ୍ଡଳୀରେ ସାଙ୍ଗଠନିକ ଦକ୍ଷତା ବଢ଼ାଇ ଚାଲିଛନ୍ତି। ୨୦୧୨ ମସିହାରେ ସେ ଅସ୍ତରଙ୍ଗ ବ୍ଲକ ବିଜେଡି ସାଧାରଣ ସମ୍ପାଦକ ଥିଲେ। ଏଥିସହ ୨୦ ବର୍ଷ ଧରି ସ୍ୱେଚ୍ଛାସେବୀ ସଙ୍ଗଠନରେ କାର୍ଯ୍ୟ କରିଆସୁଥିବା ପ୍ରଫୁଲ୍ଲ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନ, ଜୀବିକା ଓ ମିଶନଶକ୍ତିର ସ୍ୱୀକୃତିପ୍ରାପ୍ତ ତାଲିମଦାତା ଭାବେ ପୁରୀ ଜିଲା ସମେତ ବିଭିନ୍ନ ଜିଲାର ନିର୍ବାଚିତ ପଞ୍ଚାୟତ ପ୍ରତିନିଧି, ମିଶନଶକ୍ତି ସଭାନେତ୍ରୀ, ସମ୍ପାଦିକା, ଏମ୍.ବି.କେ, ସି.ଆର୍.ପି.ଙ୍କ ସହ ରାଜ୍ୟ ସରକାରଙ୍କ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ଥିବା ସ୍ୱାସ୍ଥ୍ୟକର୍ମୀ, ଏ.ଏନ୍.ଏମ୍ ଓ ଆଶା କର୍ମୀମାନଙ୍କୁ ତାଲିମ ପ୍ରଦାନ କରୁଛନ୍ତି। ବିଜେଡି କର୍ମୀ ଭାବେ ସେ ସବୁ ଗୋଷ୍ଠୀଙ୍କୁ ସାଥିରେ ନେଇ ଦଳକୁ ଠିକ୍ ଜାଗାରେ ପହଞ୍ଚାଇ ପାରିବେ ବୋଲି ନିର୍ବାଚନମଣ୍ଡଳୀ ସାରା ଚର୍ଚ୍ଚା ହେଉଛି। ବିଜେଡି ଶୀର୍ଷ ନେତୃତ୍ୱ ନୂଆ ପ୍ରାର୍ଥୀ ଦେଇ କାକଟପୁରରେ ବାରମ୍ବାର କରୁଥିବା ପରୀକ୍ଷଣ ୨୦୨୪ରେ ଲାଗୁ କଲେ ପ୍ରଫୁଲ୍ଲଙ୍କୁ ଟିକେଟ ମିଳିପାରେ ବୋଲି କୁହାଯାଉଛି। କିନ୍ତୁ ମନ୍ତ୍ରୀ ତୁଷାରକାନ୍ତି ଓ ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠୀଙ୍କ ସମର୍ଥକମାନେ ନିଜ ନେତା ଦଳୀୟ ଟିକେଟ ପାଇବେ ବୋଲି କହୁଛନ୍ତି। ତେବେ ନିକଟରେ ମନ୍ତ୍ରୀ ତୁଷାରକାନ୍ତି ନିଜ ନିର୍ବାଚନମଣ୍ଡଳୀରେ ହେଉଥିବା ଏକ ଦଳୀୟ କାର୍ଯ୍ୟକ୍ରମକୁ ବିନା ନିମନ୍ତ୍ରଣରେ ଯିବା ବେଳେ ସ୍ଥାନୀୟ ନେତାଙ୍କ ବିରୋଧର ସମ୍ମୁଖୀନ ହୋଇଥିବା ଦେଖିବାକୁ ମିଳିଥିଲା। ସେଥିରୁ ତାଙ୍କ ଲୋକପ୍ରିୟତା ହ୍ରାସ ପାଉଛି ବୋଲି ଲୋକେ କଥାବାର୍ତ୍ତା ହେଉଛନ୍ତି। ରାଜନୈତିକ ସମୀକ୍ଷକଙ୍କ ମତରେ ବିଜେଡି ଦଳୀୟ ଟିକେଟ କାହାକୁ ଦେଉଛି, ତାହା ଉପରେ କାକଟପୁର ରାଜନୀତି ନିର୍ଭର କରୁଛି।

ସେପଟେ ଅପେକ୍ଷାକୃତ ଦୁର୍ବଳ ସ୍ଥିତିରେ ଥିବା ବିରୋଧୀ ଭାଜପା ଓ କଂଗ୍ରେସ ଶାସକ ବିଜେଡିର ଅନ୍ତଃ କନ୍ଦଳରୁ ଫାଇଦା ନେବା ଆଶାରେ ଅନାଇ ବସିଛନ୍ତି। କେତେକେ କହୁଛନ୍ତି, ବିଜେଡି ଟିକେଟ ଆଶାୟୀ ଥିବା ନେତା ଦଳରୁ ନିରାଶ ହେଲେ ବିରୋଧୀ ଶିବିରକୁ ଡେଇଁପାରନ୍ତି। ସେତେବେଳେ ନିର୍ବାଚନମଣ୍ଡଳୀ ସମୀକରଣ ବଦଳିବାର ସମ୍ଭାବନା ରହିଛି।

# ବିଧାୟକଙ୍କ ବିରୋଧରେ ଗର୍ଜିଲେ କର୍ମୀ


କୃଷି ବିଭାଗ କାର୍ଯ୍ୟାଳୟ ସମ୍ମୁଖ ପଡ଼ିଆରେ ରବିବାର ଅନୁଷ୍ଠିତ ଏକତା ସମାବେଶ।

ବାଲିକୁଦା,୧୮।୨(ତାପସ ସ୍ୱାଇଁ)

ବାଲିକୁଦା ବ୍ଲକ ନୂଆଗାଁସ୍ଥିତ କୃଷି ବିଭାଗ କାର୍ଯ୍ୟାଳୟ ସମ୍ମୁଖ ପଡ଼ିଆରେ ଏକତା ସମାବେଶ ଅନୁଷ୍ଠିତ ହୋଇଯାଇଛି। ବାଲିକୁଦା ଏରସମା ନିର୍ବାଚନମଣ୍ଡଳୀ ବିଜେଡି ଯୁବନେତା ସଞ୍ଜୀବ ଏସ୍. ବିଶ୍ୱାଳଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମରେ ଅନେକ ଶହ ବିଜେଡି କର୍ମୀ ଯୋଗଦେଇଥିଲେ। ଏହି ସମାବେଶରେ ବାଲିକୁଦା-ଏରସମା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ରଘୁନନ୍ଦନ ଦାସଙ୍କ ୫ ବର୍ଷ କାର୍ଯ୍ୟକ୍ରମକୁ ବିଜେଡି କର୍ମୀମାନେ ବିରୋଧ କରିଥିଲେ।

ପୂର୍ବତନ ଜିଲା ପରିଷଦ ସଦସ୍ୟ ରାମଚନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ସମାବେଶରେ କଟକର ଗାନ୍ଧିବାଦୀ ନେତା ସୁରଜ ସୂର୍ଯ୍ୟବଂଶୀ, ଏରସମା ବ୍ଲକର ପୂର୍ବତନ ଉପାଧ୍ୟକ୍ଷ ସୁମନ୍ତ ବାରିକ ଓ ଜ୍ଞାନରଞ୍ଜନ ସାମନ୍ତରାୟ ପ୍ରମୁଖ ଯୋଗଦେଇ ନବୀନ ପଟ୍ଟନାୟକ କରିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଲୋକଙ୍କୁ ବୁଝାଇବା ସହ ଆସନ୍ତା ନିର୍ବାଚନରେ ତାଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ କରାଇବାକୁ ଶପଥ ନେଇଥିଲେ। କାର୍ଯ୍ୟକ୍ରମରେ ବାଲିକୁଦା ବ୍ଲକର ୩୦ ପଞ୍ଚାୟତ ଓ ଏରସମା ବ୍ଲକର ୨୫ ପଞ୍ଚାୟତର ଦଳୀୟ କର୍ମୀମାନେ ଯୋଗ ଦେଇ ବିଧାୟକ ଦାସଙ୍କ ବିରୋଧରେ ନାରାବାଜି ଦେଇଥିଲେ। ଅନ୍ୟପକ୍ଷରେ ସମାବେଶରେ ଲାଗି ଥିବା ହୋର୍ଡିଂରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଓ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ସହ ଯୁବନେତା ସଞ୍ଜୀବଙ୍କ ଫଟୋ ଦେଖିବାକୁ ମିଳିଥିଲା। ଏହି ସମାବେଶରେ ତରାସାହି ସରପଞ୍ଚ ରାଜେଶ ବେହେରା, ଅପଣ୍ଡରା ସରପଞ୍ଚ ଊର୍ମିଳା ସାହୁ, ଅଳାବୋଳ ସରପଞ୍ଚ ରମେଶ ଚନ୍ଦ୍ର ସ୍ୱାଇଁ, ପୂର୍ବତନ ସରପଞ୍ଚ ପର୍ଶୁରାମ ସେଠୀ, ରମେଶ ଚନ୍ଦ୍ର ପାଇଟାଳ, ହେମନ୍ତ କୁମାର ସେଠୀ, ସମିତି ସଭ୍ୟ ହରିଶ୍ଚନ୍ଦ୍ର ଶତପଥୀଙ୍କ ସହ ସମସ୍ତ ପଞ୍ଚାୟତର ୬୦ରୁ ଊର୍ଦ୍ଧ୍ୱ ପୂର୍ବତନ ସରପଞ୍ଚ, ସମିତି ସଭ୍ୟାସଭ୍ୟ ଯୋଗଦେଇଥିଲେ। ଏ ସମ୍ପର୍କରେ ବିଧାୟକ ଦାସଙ୍କୁ ମୋବାଇଲରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ।

# ବିଜେଡିରେ ବିପ୍ଳବ ଜେନା


ଶଙ୍ଖଭବନଠାରେ ବିପ୍ଳବ ଜେନା ଓ ତାଙ୍କ ସମର୍ଥକମାନେ ବିଜେଡିରେ ସାମିଲ ହୋଇଛନ୍ତି।

ଭୁବନେଶ୍ୱର,୧୮।୨(ସୁନିତ୍ ମିଶ୍ର)

- ଅନୁଗୋଳ ଜିଲାରେ ବିଜେଡି ଅଧିକ ମଜଭୁତ ହେବ: ପ୍ରଣବ
- କୌଣସି ପଦପଦବୀ ଉଦ୍ଦେଶ୍ୟ ନେଇ ଆସି ନାହିଁ: ବିପ୍ଳବ

ଅନୁଗୋଳ ଜିଲା କଂଗ୍ରେସ ସଭାପତି ତଥା ୨୦୧୯ରେ ଅନୁଗୋଳ ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ ହୋଇଥିବା ବିପ୍ଳବ ଜେନା ରବିବାର ହଜାରରୁ ଊର୍ଦ୍ଧ୍ୱ ସମର୍ଥକଙ୍କୁ ନେଇ ବିଜେଡିରେ ଯୋଗ ଦେଇଛନ୍ତି। ଶଙ୍ଖଭବନଠାରେ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ପୂର୍ବତନ ଉପବାଚସ୍ପତି ତଥା ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂଙ୍କ ଉପସ୍ଥିତିରେ ସେ ବିଜେଡିରେ ସାମିଲ ହୋଇଛନ୍ତି। ଦଳରେ ସାମିଲ ହୋଇଥିବା ବିପ୍ଳବ ଜେନାଙ୍କୁ ଉପଢୌକନ ଦେଇ ପ୍ରଣବ ଓ ରଜନୀକାନ୍ତ ଦଳକୁ ସ୍ୱାଗତ କରିଛନ୍ତି।

ଏହି ଅବସରରେ ପ୍ରଣବ ପ୍ରକାଶ କହିଛନ୍ତି, ବିପ୍ଳବଙ୍କ ଯୋଗଦାନ ଦ୍ୱାରା ଜିଲାରେ ବିଜେଡି ଆହୁରି ମଜଭୁତ ହେବା ସହ ସମସ୍ତେ ଏକତ୍ରିତ ହୋଇ କାମ କରିବାକୁ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ବିପ୍ଳବ ନିଜ ପ୍ରତିକ୍ରିୟାରେ କହିଛନ୍ତି, ଯେଉଁମାନେ ବର୍ତ୍ତମାନ ତାଙ୍କ ସହ ଦଳରେ ଯୋଗ ଦେଉଛନ୍ତି, ସେମାନଙ୍କୁ ଆନ୍ତରିକ କୃତଜ୍ଞତା ଜଣାଉଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟକଳାପ, ନୀତି, ଆଦର୍ଶ ଓ ରାଜ୍ୟରେ ଚାଲିଥିବା ରୂପାନ୍ତରଣ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଇଛି। କୌଣସି ପଦପଦବୀ କିମ୍ବା ଉଦ୍ଦେଶ୍ୟ ନେଇ ଦଳକୁ ଆସିନାହିଁ। ମୁଖ୍ୟମନ୍ତ୍ରୀ ଯେଉଁ ଦାୟିତ୍ୱ ଦେବେ ତାକୁ ନିଷ୍ଠାର ସହ ତୁଲାଇବେ । ଦଳରେ ତାଙ୍କୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ, ସାଙ୍ଗଠନିକ ସମ୍ପାଦକ, ଏବଂ ସମସ୍ତ ନେତୃବୃନ୍ଦଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି। ଏହି ମିଶ୍ରଣ ପର୍ବରେ ଅନୁଗୋଳ ଜିଲା ସଭାପତି ମହେନ୍ଦ୍ର ବସ୍ତିଆ, ଅନୁଗୋଳ ଜିଲା ସହପର୍ଯ୍ୟବେକ୍ଷକ କୁନ ବିହାରୀ ଦାସ ଏବଂ ଅନୁଗୋଳ ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ଚିନ୍ମୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଗୋଳ ଜିଲା ମହିଳା କଂଗ୍ରେସ ସଭାପତି ତପସ୍ୱିନୀ ବିଶ୍ୱାଳ, ଜିଲା ଯୁବ କଂଗ୍ରେସ ଉପସଭାପତି ବାପୁନ କୁମାର ଦେହୁରୀ, ପୂର୍ବତନ କଂଗ୍ରେସ ଜିଲା କମିଟି ଉପସଭାପତି ବାପୁଜୀ ପ୍ରଧାନ, ଅନୁଗୋଳ ବିଧାନସଭା ଯୁବ କଂଗ୍ରେସ ସଭାପତି ରାକେଶ କୁମାର ସାହୁ, ପୂର୍ବତନ ଜିଲା କଂଗ୍ରେସ କମିଟି ସାଧାରଣ ସମ୍ପାଦକ ଅନ୍ନଦା ସାହୁ, ଢେଙ୍କାନାଳ ଓ ଅନୁଗୋଳ ଜିଲା ସଭାପତି ସୋସିଆଲ ମିଡିଆ ଆଲୋକ ଦାସ, ନାଲ୍‌କୋ ଠିକା ଶ୍ରମିକ ସମନ୍ୱୟ ସମିତି ଆବାହକ ଅନିଲ ବରାଳ, ବରିଷ୍ଠ କଂଗ୍ରେସ ନେତା ସୁଜନ କୁମାର ପରିଡ଼ା, ପୂର୍ବତନ ଜିଲା କଂଗ୍ରେସ ଉପସଭାପତି ବୁଲୁ ସାହୁ ପ୍ରମୁଖ ଶତାଧିକ କର୍ମୀ ବିଜେଡିରେ ଏହି ଅବସରରେ ସାମିଲ ହୋଇଛନ୍ତି।

# ୩୩ ସାଙ୍ଗଠନିକ ଜିଲାରେ ପ୍ରଭାରୀ ନିଯୁକ୍ତ କଲା ଯୁବ କଂଗ୍ରେସ

ଭୁବନେଶ୍ୱର,୧୮।୨(ସୁନିତ୍ ମିଶ୍ର)

ରାଜ୍ୟ ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ର ୩୩ ସାଙ୍ଗଠନିକ ଜିଲାରେ ଯୁବ କଂଗ୍ରେସର ରାଜ୍ୟ ପଦାଧିକାରୀଙ୍କୁ ଜିଲା ପ୍ରଭାରୀ ଭାବେ ନିଯୁକ୍ତି ଦେଇଛନ୍ତି। ଉପସଭାପତି କୃଷ୍ଣଚନ୍ଦ୍ର ମହାନ୍ତିଙ୍କୁ ମାଲକାନଗିରି ଏବଂ ଅନୁଗୋଳ ଜିଲା, ରୁକ୍ମଣୀ ମଙ୍ଗରାଜଙ୍କୁ ନୂଆପଡ଼ା ଜିଲା, ନାରାୟଣ ବାରିକଙ୍କୁ କଳାହାଣ୍ଡି, ସାଧାରଣ ସମ୍ପାଦକ ନୀହାର ରଞ୍ଜନ ବେହେରାଙ୍କୁ କୋରାପୁଟ ଏବଂ ଗଞ୍ଜାମ, ସୁଦୀପ ସାମଲଙ୍କୁ ରାୟଗଡ଼ା ସହ ରାଜ୍ୟ ଯୁବ କଂଗ୍ରେସ କାର୍ଯ୍ୟାଳୟ, ଗୋପନ କୁମାର ମାର୍ଥାଙ୍କୁ କଟକ ଓ ପୁରୀ, ଅଭିଜିତ ଜେନାଙ୍କୁ କେନ୍ଦୁଝର ଓ ଭୁବନେଶ୍ୱର, ନଳିନୀକାନ୍ତ ନାୟକଙ୍କୁ ବୌଦ୍ଧ ଏବଂ ସୋନପୁର, କେଦାର ଦଳାଇଙ୍କୁ ନୟାଗଡ଼ ଏବଂ ଖୋର୍ଦ୍ଧା, ଅଭିଷେକ ପଟ୍ଟନାୟକଙ୍କୁ ନବରଙ୍ଗପୁର, ଚିନ୍ମୟ କୁମାର ହୋତାଙ୍କୁ ଗଜପତି, ରାକେଶ କୁମାର ସାହୁଙ୍କୁ ସମ୍ବଲପୁର, ମନ୍ଦାକିନୀ ବଣୁଆଙ୍କୁ କନ୍ଧମାଳ, ଶିବକୁମାର ଅଗ୍ରୱାଲଙ୍କୁ ଢେଙ୍କାନାଳ, ଜ୍ଞାନରଞ୍ଜନ ରାଉତଙ୍କୁ ସୁନ୍ଦରଗଡ଼, ସୁରେଶ କୁମାର ବେହେରାଙ୍କୁ ଝାରସୁଗୁଡ଼ା, ସ୍ମୃତିରଞ୍ଜନ ମନ୍ତ୍ରୀଙ୍କୁ ଦେବଗଡ଼, ବେଣୁପାଣି ଦୁର୍ଗାଙ୍କୁ କେନ୍ଦ୍ରାପଡ଼ା, ଜୟପ୍ରକାଶ ବଦିଙ୍କୁ ବରଗଡ଼, ପ୍ରିୟବ୍ରତ ସାହୁଙ୍କୁ ଭଦ୍ରକ, କାର୍ତ୍ତିକ ଘଡ଼ାଇଙ୍କୁ ଜଗତସିଂହପୁର, ସୁବ୍ରତ କୁମାର ବେହେରାଙ୍କୁ ରାଉରକେଲା, ଅମିତ କୁମାର କୁଅଁରଙ୍କୁ ବାଲେଶ୍ୱର, ସୃଜନିକା ରାଉତଙ୍କୁ ସୋସିଆଲ ମିଡିଆ ସହ ରାଜ୍ୟ ଯୁବ କଂଗ୍ରେସ କାର୍ଯ୍ୟାଳୟ ସହଯୋଗୀ, ସୁଶ୍ରୀ ସଙ୍ଗିତା ଗୋଛାୟତଙ୍କୁ ସୋସିଆଲ ମିଡିଆ, ରିନା ରୟଙ୍କୁ ସୋସିଆଲ ମିଡିଆ, ରୋଶ୍ନି ଦୀପକଙ୍କୁ ସୋସିଆଲ ମିଡିଆ, ବନିତା ଦାସଙ୍କୁ ସୋସିଆଲ ମିଡିଆ ସହ କାର୍ଯ୍ୟାଳୟ ସହଯୋଗୀ, ଝିଲ୍ଲୀ ପ୍ରଧାନଙ୍କୁ ସୋସିଆଲ ମିଡିଆ, ସୋନୁ ଶ୍ରୀବାସ୍ତବଙ୍କୁ ସୋସିଆଲ ମିଡିଆ ସହ ରାଜ୍ୟ ଯୁବ କଂଗ୍ରେସ ସହଯୋଗୀ, ଏସ୍‌କେ ଜାଭେଦ ଅକତରଙ୍କୁ କଟକ ସହର, ଇମିତିଆଜ ଖାନ୍‌ଙ୍କୁ ବଲାଙ୍ଗୀର, ତପନ କୁମାର କାଣ୍ଡିଙ୍କୁ ଯାଜପୁର ଜିଲା ପ୍ରଭାରୀ ଦାୟିତ୍ୱ ଦେଇଛନ୍ତି। ଏହାସହ ୧୧ ଜଣ ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକଙ୍କୁ ସହ ପ୍ରଭାରୀ ଭାବେ ନିଯୁକ୍ତି ଦେଇଛନ୍ତି।

# ଆସନ୍ତା ୨୬ରେ ଲୋକସେବା ଭବନ ଘେରିବ କଂଗ୍ରେସ

**ଭୁବନେଶ୍ୱର,୧୮।୨(ସୁନିତ୍ ମିଶ୍ର):** ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ କଂଗ୍ରେସକୁ କ୍ରିୟାଶୀଳ ଓ ମଜଭୁତ କରିବା ପାଇଁ ରାଜ୍ୟର ସମସ୍ତ ୩୫ ସାଙ୍ଗଠନିକ ଜିଲା ସଭାପତିଙ୍କ ସହ ପିସିସି ସଭାପତି ଶରତ ପଟ୍ଟନାୟକ ରବିବାର ବୈଠକ କରି ଏହା କହିଛନ୍ତି। ଆଗାମୀ ନିର୍ବାଚନ ପରିପ୍ରେକ୍ଷୀରେ ଦଳୀୟ ରଣନୀତି ଓ ରୂପରେଖ ପ୍ରସ୍ତୁତ କରିବା ପାଇଁ ପିସିସି ସଭାପତି ଆହ୍ୱାନ ଦେଇଛନ୍ତି। ପ୍ରଗମନ ସମୀକ୍ଷା କରାଯିବା ସହ ଏହା ଚୂଡ଼ାନ୍ତ ରୂପରେଖ ସମ୍ପର୍କରେ ବିଶଦ ଆଲୋଚନା କରିଛନ୍ତି। ଏହାସହ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନବିରୋଧୀ ନୀତିକୁ ବିରୋଧ କରି ୨୪ ବର୍ଷର କୁଶାସନ ଓ ଜନତାଙ୍କୁ ଧୋକା ପ୍ରତିବାଦରେ ଆସନ୍ତା ୨୬ ତାରିଖରେ ଲୋକସେବା ଭବନ ଘେରାଉ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଶରତ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି।

ଆଶାୟୀ ପ୍ରାର୍ଥୀଙ୍କ ପ୍ରଗମନ ଜିଲାସ୍ତରରୁ ବୁଥ୍‌ସ୍ତର ପର୍ଯ୍ୟନ୍ତ ସଙ୍ଗଠନକୁ ମଜଭୁତ କରିବା ପାଇଁ ସ୍ୱତନ୍ତ୍ର ଖସଡ଼ା ପ୍ରସ୍ତୁତ କରିବା, ଜିଲାର ସାଙ୍ଗଠନିକ ସ୍ଥିତି ସମୀକ୍ଷା କରି ତୁରନ୍ତ ସାଙ୍ଗଠନିକ ପଦବୀ ପୂରଣ କରିବା ସହ ଆଗାମୀ ନିର୍ବାଚନରେ ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମକୁ ସଶକ୍ତ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ଜନବିରୋଧୀ ନୀତି, ଓ ଅନ୍ୟାୟ ବିରୋଧରେ ଲଢ଼େଇ ପାଇଁ ଜିଲାରେ କାର୍ଯ୍ୟରତ କଂଗ୍ରେସର ଗଣମାଧ୍ୟମ ବିଭାଗକୁ ପ୍ରଭାବୀ ଢଙ୍ଗରେ ଆଗକୁ ନେବା ପାଇଁ ପିସିସି ସଭାପତି ଆହ୍ୱାନ ଦେଇଛନ୍ତି।

# କଂଗ୍ରେସରେ ଯୋଗଦେଲେ ବିଜେଡି, ଭାଜପା ନେତା

**ଭୁବନେଶ୍ୱର,୧୮।୨(ସୁନିତ୍ ମିଶ୍ର):** କଂଗ୍ରେସର ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଦଳର ସଙ୍ଗଠନକୁ ମଜଭୁତ କରିବା ପାଇଁ ବିଜେଡି ଓ ଭାଜପାର ଅନେକ ନେତା ସେମାନଙ୍କ ସମର୍ଥକଙ୍କ ସହିତ ରବିବାର କଂଗ୍ରେସରେ ଯୋଗ ଦେଇଛନ୍ତି। ସେହିପରି ଦଳ ଛାଡି ଯାଇଥିବା କିଛି ପୁରୁଣା ନେତା ଘରବାହୁଡ଼ା ମଧ୍ୟ କରିଛନ୍ତି। ଅନୁଗୋଳ ଜିଲା ପାଲଲହଡା ନିର୍ବାଚନମଣ୍ଡଳୀର ବରିଷ୍ଠ ବିଜେଡି ନେତା ମନୋଜ ସାହୁ, ତାଳଚେର ନିର୍ବାଚନମଣ୍ଡଳୀର ବିଜେଡି ନେତା ତଥା ପୂର୍ବତନ ଯୁବ ବିଜେଡି ସଭାପତି ସୂର୍ଯ୍ୟମଣି ସାହୁ, ଛେଣ୍ଡିପଦା ନିର୍ବାଚନମଣ୍ଡଳୀର ବରିଷ୍ଠ ଭାଜପା ନେତା ଗୋବିନ୍ଦ ନାୟକ ଶତାଧିକ ସମର୍ଥକଙ୍କ ସହ କଂଗ୍ରେସରେ ସାମିଲ ହୋଇଛନ୍ତି। କଂଗ୍ରେସ ଭବନଠାରେ ଆୟୋଜିତ ମିଶ୍ରଣ ପର୍ବ କାର୍ଯ୍ୟକ୍ରମରେ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ଉପସ୍ଥିତିରେ ସେମାନେ ଦଳରେ ଯୋଗ ଦେଇଛନ୍ତି। ସେହିପରି ପୂର୍ବତନ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ସତ୍ୟଜିତ୍ ପଟ୍ଟନାୟକ(ମିଲନ), ପୂର୍ବତନ ରାଜ୍ୟ ମହିଳା କଂଗ୍ରେସ ଉପସଭାନେତ୍ରୀ ଜୟଶ୍ରୀ ପଟ୍ଟନାୟକ ଯେଉଁମାନେ ୨୦୧୯ ନିର୍ବାଚନ ପୂର୍ବରୁ ଭାଜପାରେ ଯୋଗ ଦେଇଥିଲେ, ସେମାନେ ପୁଣିଥରେ ଘରବାହୁଡ଼ା କରିଛନ୍ତି।


**GOVT. OF ODISHA**
**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, JHARSUGUDA**
**'e' Procurement Notice**
**Bid Identification No. SE MID JSD 09/2023-24**
**E-mail: eemijharsuguda@gmail.com**
**No.452// MID // Date 15.02.2024**

No.A-1521:- The Superintending Engineer, M.I. Division, Jharsuguda on behalf of Governor of Odisha invites percentage rate bids through e-procurement to be received in online mode only for the works as detailed in the table below.

| | | |
|---|---|---|
| 1 | Name of the work: | Civil construction work |
| 2 | Total No. of works: | 03 (Three) Nos. |
| 3 | Estimated cost: | Rs.48.16 Lakh to Rs.76.73 Lakh |
| | (Detail list of work annexed) | |
| 4 | Class of contractor: | As mentioned against work |
| 5 | Period of completion: | As mentioned against work |
| 6 | Date & time of availability of bid document in the portal: | 19.02.2024 to 28.02.2024 during office hours |
| 7 | Last date / time for receipt of bid in the portal: | 28.02.2024 during office hours |
| 8 | Date / time of opening of technical bid: | 29.02.2024 at 10.00 A.M. at Office of the S.E. MI Divn., Jharsuguda |
| 9 | Name & address of the officer inviting the bid: | Superintending Engineer, M.I. Division, Jharsuguda |
| 10 | Mode fo payment of bid cost & bid security | Online |

**Sd./- Superintending Engineer, M.I. Division, Jharsuguda**
OIPR-32291/11/0013/2324



**ODISHA PUBLIC SERVICE COMMISSION**
**NOTICE**

No. D-232

**No. 961/PSC** **Dt.17.02.2024**
**[1E-36-2023/24] DR-II**

**4th Corrigendum to Advertisement No. 19 of 2023-24 for Recruitment to the Posts of Assistant Executive Engineer (Civil & Mechanical) under the Department of Water Resources, Govt. of Odisha**

1. An additional 348 Nos. of Posts in the rank of Asst. Executive Engineer (Civil) have been added to existing 580 Nos. of posts against Advt. No. 19 of 2023-24, consequent upon restructuring of the Engineering Service Cadre of the Works Department, as communicated by the Department of Water Resources in their Letter No. 4606/WR, Dt.15.02.2024. The revised vacancy position along with reservation thereof are hereby indicated in the table given below:

| Sl. No. | Category | No. of Vacancies | No. of Post Reserved for PWD |
|---|---|---|---|
| 1 | UR | 486 (162 - W) | (i) Blindness/Low Vision - 11 (03 - W) |
| 2 | SEBC | 116 (39 - W) | (ii) Hearing Impaired - 10 (03 - W) |
| 3 | SC | 190 (63 - W) | (iii) Locomotor Disability/Cerebral Palsy - 08 (03 - W) |
| 4 | ST | 136 (45 - W) | (iv) Autism/Intellectual Disability/Multiple Disability - 08 (02 - W) |
| Total | | **928 (309 - W)** | **37 (11 - W)** |

Moreover, the vacancy reserved for **Sports Person** category is revised to **09 (03 - W)**

2. The period for submission of online application for the aforesaid advertisement is rescheduled and the live applications shall be available from **19.02.2024 to 26.02.2024.**
(Note: **26.02.2024** is the last date for submission of online application).

All other terms and conditions outlined in advertisement No. 19 of 2023-24 shall remain unchanged.
The concerned candidates are advised to visit the website of the Commission at **www.opsc.gov.in**.

**OIPR-12002/11/0141/2324** **Sd./- Secretary**



**ODISHA PUBLIC SERVICE COMMISSION**
**NOTICE**

**No. 956/PSC** **Dt.17.02.2024**

No. D-231: It is for information of all concerned that the candidate appearing the **OSC Main (Written) Examination - 2022**, pursuant to Advt. No. 17 of 2022-23 scheduled from 25.02.2024 to 03.03.2024 are advised to mention the subject code in their Answer Books as follows:

| Sl. No. | Name of Subjects / Papers | Subject Code |
|---|---|---|
| 1 | Odia Language | 01 |
| 2 | English Language | 02 |
| 3 | Essay | 03 |
| 4 | General Studies, Paper - I | 04 |
| 5 | General Studies, Paper - II | 05 |
| 6 | General Studies, Paper - III | 06 |
| 7 | General Studies, Paper - IV | 07 |

| Sl. No. | Name of Subject / Paper | Subject Code | Sl. No. | Name of Subject / Paper | Subject Code |
|---|---|---|---|---|---|
| | **Optional Paper** | | | **Optional Papers** | |
| 8 | Agriculture, Paper - I | 08 | 44 | Management, Paper - I | 44 |
| 9 | Agriculture, Paper - II | 09 | 45 | Management, Paper - II | 45 |
| 10 | Agricultural Engineering, Paper - I | 10 | 46 | Mathematics, Paper - I | 46 |
| 11 | Agricultural Engineering, Paper - II | 11 | 47 | Mathematics, Paper - II | 47 |
| 12 | Annual Husbandry & Veterinary Science, Paper - I | 12 | 48 | Mechanical Engineering, Paper - I | 48 |
| 13 | Annual Husbandry & Veterinary Science, Paper - II | 13 | 49 | Mechanical Engineering, Paper - II | 49 |
| 14 | Anthropology, Paper - I | 14 | 50 | Medical Science, Paper - I | 50 |
| 15 | Anthropology, Paper - II | 15 | 51 | Medical Science, Paper - II | 51 |
| 16 | Botany, Paper - I | 16 | 52 | Philosophy, Paper - I | 52 |
| 17 | Botany, Paper - II | 17 | 53 | Philosophy, Paper - II | 53 |
| 18 | Chemistry, Paper - I | 18 | 54 | Physics, Paper - I | 54 |
| 19 | Chemistry, Paper - II | 19 | 55 | Physics, Paper - II | 55 |
| 20 | Civil Engineering, Paper - I | 20 | 56 | Political Science & International Relations, Paper - I | 56 |
| 21 | Civil Engineering, Paper - II | 21 | 57 | Political Science & International Relations, Paper - II | 57 |
| 22 | Commerce & Accountancy, Paper - I | 22 | 58 | Psychology, Paper - I | 58 |
| 23 | Commerce & Accountancy, Paper - II | 23 | 59 | Psychology, Paper - II | 59 |
| 24 | Economics, Paper - I | 24 | 60 | Public Administration, Paper - I | 60 |
| 25 | Economics, Paper - II | 25 | 61 | Public Administration, Paper - II | 61 |
| 26 | Education, Paper - I | 26 | 62 | Sociology, Paper - I | 62 |
| 27 | Education, Paper - II | 27 | 63 | Sociology, Paper - II | 63 |
| 28 | Electrical Engineering, Paper - I | 28 | 64 | Statistics, Paper - I | 64 |
| 29 | Electrical Engineering, Paper - II | 29 | 65 | Statistics, Paper - II | 65 |
| 30 | Fishery Science, Paper - I | 30 | 66 | Zoology, Paper - I | 66 |
| 31 | Fishery Science, Paper - II | 31 | 67 | Zoology, Paper - II | 67 |
| 32 | Forestry, Paper - I | 32 | | **Indian Language & Literature Papers** | |
| 33 | Forestry, Paper - II | 33 | 68 | English, Paper - I | 68 |
| 34 | Geography, Paper - I | 34 | 69 | Engilsh, Paper - II | 69 |
| 35 | Geography, Paper - II | 35 | 70 | Hindi, Paper - I | 70 |
| 36 | Geology, Paper - I | 36 | 71 | Hindi, Paper - II | 71 |
| 37 | Geology, Paper - II | 37 | 72 | Odia, Paper - I | 72 |
| 38 | History, Paper - I | 38 | 73 | Odia, Paper - II | 73 |
| 39 | History, Paper - II | 39 | 74 | Persian, Paper - I | 74 |
| 40 | Home Science, Paper - I | 40 | 75 | Persian, Paper - II | 75 |
| 41 | Home Science, Paper - II | 41 | 76 | Sanskrit, Paper - I | 76 |
| 42 | Law, Paper - I | 42 | 77 | Sanskrit, Paper - II | 77 |
| 43 | Law, Paper - II | 43 | | | |

The candidates are advised to visit the wwbsite of the Commission at **www.opsc.gov.in** regularly for further information.

**OIPR-12002/11/0151/2324** **Sd./- Secretary**

# ଭାରତର ସର୍ବବୃହତ୍ ଟେଷ୍ଟ ବିଜୟ


ଉଇକେଟ ନେବା ପରେ ରବୀନ୍ଦ୍ର ଜାଡେଜା।

## ଜୟସ୍ୱାଲଙ୍କ ଦ୍ୱିଶତକ, ଜାଡେଜାଙ୍କୁ ୫ ଉଇକେଟ

## ଭାରତ ୨-୧ରେ ଆଗୁଆ

ରାଜକୋଟ,୧୮।୨(ପି.ଟି.)

ରାଜକୋଟରେ ଖେଳାଯାଇଥିବା ଇଂଲଣ୍ଡ ବିପକ୍ଷ ତୃତୀୟ ଟେଷ୍ଟକୁ ୪୩୪ ରନ୍‌ରେ ଜିତିବା ସହ ଟେଷ୍ଟ କ୍ରିକେଟରେ ରନ୍ ବ୍ୟବଧାନରେ ସର୍ବବୃହତ୍ ବିଜୟ ରେକର୍ଡ କରିଛି ଭାରତ। ଚତୁର୍ଥ ଦିନରେ ଯଶସ୍ୱୀ ଜୟସ୍ୱାଲଙ୍କ ଦ୍ୱିଶତକ ବଳରେ ଇଂଲଣ୍ଡ ସମ୍ମୁଖରେ ୫୫୭ ରନ୍‌ର ଲକ୍ଷ୍ୟଧାର୍ଯ୍ୟ କରିଥିଲା ଭାରତ। ଇଂଲଣ୍ଡ ୧୨୨ ରନ୍‌ରେ ଅଲ୍‌ଆଉଟ ହେବା ଫଳରେ ଭାରତ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ୨-୧ରେ ଆଗୁଆ ରହିଛି। ପୂର୍ବରୁ ହାଇଦ୍ରାବାଦରେ ଖେଳାଯାଇଥିବା ପ୍ରଥମ ମ୍ୟାଚକୁ ଇଂଲଣ୍ଡ ଜିତିଥିବା ବେଳେ ବିଶାଖାପାଟଣାରେ ପ୍ରତ୍ୟାବର୍ତ୍ତନ କରିଥିଲା ଭାରତ।

ତୃତୀୟ ଦିନର ଅସମାପ୍ତ ସ୍କୋର ୧୯୬/୨ରୁ ଖେଳ ଆରମ୍ଭ କରିଥିଲା ଭାରତ। ଦୁଇ ଅପରାଜିତ ବ୍ୟାଟର ଶୁବମନ୍ ଗିଲ୍ ଓ କୁଲଦୀପ ଯାଦବ ଇଂଲଣ୍ଡ ବୋଲରଙ୍କୁ ସହଜରେ ଖେଳିଥିଲେ। ଦଳୀୟ ସ୍କୋର ୨୪୬ରେ ପହଞ୍ଚିବା ପରେ ୯୧ ରନ୍ ସ୍କୋର କରି ରନ୍‌ଆଉଟ ହୋଇଥିଲେ ଗିଲ୍। ୧୫୧ ବଲ୍ ଖେଳି ସେ ୯ ଚୌକା ଓ ୨ ଛକା ମାରିଥିଲେ। ରିଟାୟର୍ଡ ହର୍ଟ ଥିବା ଜୟସ୍ୱାଲ ଆଉଥରେ ବ୍ୟାଟିଂ କରିବାକୁ ଆସିବା ସହ ଇଂଲଣ୍ଡ ବୋଲରଙ୍କୁ ଧୂଳେଇ କରିଥିଲେ। କ୍ରମାଗତ ମ୍ୟାଚ୍‌ରେ ଦ୍ୱିଶତକ ହାସଲ କରିବା ସହ ସେ ୨୧୪ ରନ କରିଥିଲେ। ୨୩୬ ବଲ୍‌ର ଏହି ଇନିଂସରେ ସେ ୧୪ ଚୌକା ଓ ୧୨ ଛକା ମାରିଥିଲେ। ଏପରିକି ଭେଟେରାନ୍ ଜେମ୍ସ ଆଣ୍ଡରସନ୍‌ଙ୍କୁ ହ୍ୟାଟ୍ରିକ୍ ଛକା ମାରିଥିଲେ। ପଦାର୍ପଣ କରିଥିବା ସର୍ଫରାଜ ଖାଁ ଦ୍ୱିତୀୟ ଇନିଂସରେ ମଧ୍ୟ ପ୍ରଭାବୀ ବ୍ୟାଟିଂ କରିଥିଲେ। ୭୨ ବଲ୍ ଖେଳି ସେ ୬ ଚୌକା ଓ ୩ ଛକା ସହ ୬୮ ରନ୍ କରି ଅପରାଜିତ ଥିଲେ। ଭାରତ ୪୩୦/୪ରେ ଇନିଂସ ଘୋଷଣା କରିବା ସହ ଇଂଲଣ୍ଡ ସମ୍ମୁଖରେ ୫୫୭ ରନ୍‌ର ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ୧୨ ଛକା ମାରିବା ସହ ଜୟସ୍ୱାଲ ଗୋଟିଏ ଇନିଂସରେ ସର୍ବାଧିକ ଛକା ମାରିବା ରେକର୍ଡର ସମକକ୍ଷ ହୋଇଥିଲେ।

ତେବେ ଲୋକାଲ ବୟ ରବୀନ୍ଦ୍ର ଜାଡେଜାଙ୍କ ସ୍ପିନ୍ ଜାଲରେ ଫସି ଯାଇଥିଲା ଇଂଲଣ୍ଡ। ଜାଡେଜା ୫ ଉଇକେଟ ନେଇଥିବା ବେଳେ ଇଂଲଣ୍ଡ ୧୨୨ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ଇଂଲଣ୍ଡ ପକ୍ଷରୁ ୬ ଜଣ ଖେଳାଳି ୨ ଅଙ୍କ ସ୍କୋରରେ ପହଞ୍ଚି ପାରି ନ ଥିବା ବେଳେ ୧୦ ନମ୍ବର ବ୍ୟାଟର ମାର୍କ ଉଡ୍ ସର୍ବାଧିକ ୩୩ ରନ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟମ୍ ହାର୍ଟଲେ ଓ ବେନ୍ ଫୋକ୍ସ ୧୬ ରନ୍ ଲେଖାଏ ସ୍କୋର କରିଥିଲେ। ଓଲି ପୋପ୍, ଜୋ ରୁଟ୍, ଜନି ବେୟାରଷ୍ଟୋ, ବେନ୍ ଫୋକ୍ସ ଓ ମାର୍କ ଉଡ୍‌ଙ୍କୁ ଆଉଟ୍ କରି ଜାଡେଜା ନିଜର ୫ ଉଇକେଟ ପୂରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୁଲଦୀପ ଯାଦବ ୨, ରବିଚନ୍ଦ୍ରନ ଅଶ୍ୱିନ ଓ ଯଶପ୍ରୀତ୍ ବୁମରା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଶତକ ହାସଲ କରିବା ସହ ୫ ଉଇକେଟ ନେଇ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ରବୀନ୍ଦ୍ର ଜାଡେଜାଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

### ସଂକ୍ଷିପ୍ତ ସ୍କୋର

ଭାରତ ପ୍ରଥମ ଇନିଂସ: ୪୪୫/୧୦।
ଇଂଲଣ୍ଡ ପ୍ରଥମ ଇନିଂସ: ୩୧୯/୧୦।
ଭାରତ ଦ୍ୱିତୀୟ ଇନିଂସ ୪୩୦/୪ (ଯଶସ୍ୱୀ ଜୟସ୍ୱାଲ-୨୧୪*, ଶୁବମନ ଗିଲ୍-୯୧, ସର୍ଫରାଜ ଖାଁ-୬୮*, ଟମ୍ ହାର୍ଟଲେ-୧/୭୮, ରେହାନ ଅହମଦ-୧/୧୦୮, ଜୋ ରୁଟ୍-୧/୧୧୧)।
ଇଂଲଣ୍ଡ ଦ୍ୱିତୀୟ ଇନିଂସ ୧୨୨/୧୦(ମାର୍କ ଉଡ୍-୩୩, ଟମ୍ ହାର୍ଟଲେ-୧୬, ବେନ୍ ଫୋକ୍ସ-୧୬, ରବୀନ୍ଦ୍ର ଜାଡେଜା-୫/୪୧, କୁଲଦୀପ ଯାଦବ-୨/୧୯, ଯଶପ୍ରୀତ୍ ବୁମରା-୧/୧୮, ରବିଚନ୍ଦ୍ରନ ଅଶ୍ୱିନ-୧/୧୯)।

### ରନ୍ ବ୍ୟବଧାନରେ ଭାରତର ବୃହତ୍ ବିଜୟ

| ଦଳ | ରନ୍ ବ୍ୟବଧାନ | ଭେନ୍ୟୁ | ବର୍ଷ |
|---|---|---|---|
| ଇଂଲଣ୍ଡ | ୪୩୪ | ରାଜକୋଟ | ୨୦୨୪ |
| ନ୍ୟୁଜିଲାଣ୍ଡ | ୩୭୨ | ମୁମ୍ବାଇ | ୨୦୨୧ |
| ଦକ୍ଷିଣ ଆଫ୍ରିକା | ୩୩୭ | ଦିଲ୍ଲୀ | ୨୦୧୫ |
| ନ୍ୟୁଜିଲାଣ୍ଡ | ୩୨୧ | ଇନ୍ଦୋର | ୨୦୧୬ |
| ଅଷ୍ଟ୍ରେଲିଆ | ୩୨୦ | ମୋହାଲି | ୨୦୦୮ |

### ୩୦ ବର୍ଷର ରେକର୍ଡ ଭାଙ୍ଗିଲେ ଜୟସ୍ୱାଲ

ଇଂଲଣ୍ଡ ବିପକ୍ଷ ତୃତୀୟ ଟେଷ୍ଟରେ ଏକାଧିକ ରେକର୍ଡ କରିଛନ୍ତି ଯଶସ୍ୱୀ ଜୟସ୍ୱାଲ। ଏକ ବିଶ୍ୱରେକର୍ଡର ସମକକ୍ଷ ହେବା ସହ ସେ ୩୦ ବର୍ଷର ରେକର୍ଡ ଭାଙ୍ଗିଛନ୍ତି। ଦ୍ୱିତୀୟ ଇନିଂସରେ ଜୟସ୍ୱାଲ ୨୧୪ ରନ୍‌ର ଇନିଂସ ଖେଳିବା ବେଳେ ଏହି ସବୁ ରେକର୍ଡ କରିଥିଲେ। ୨୩୬ ବଲ୍‌ର ଏହି ଇନିଂସରେ ସେ ୧୪ ଚୌକା ଓ ୧୨ ଛକା ମାରିଥିଲେ। ଗୋଟିଏ ଇନିଂସରେ ସର୍ବାଧିକ ଛକା ମାରିବାରେ ସେ ପାକିସ୍ତାନର ୱାସିମ ଆକ୍ରମଙ୍କ ବିଶ୍ୱରେକର୍ଡର ସମକକ୍ଷ ହୋଇଥିବା ବେଳେ ୩୦ ବର୍ଷ ତଳର ନଭଜୋତ ସିଂ ସିଦ୍ଧୁଙ୍କ ରେକର୍ଡ ଭାଙ୍ଗିଛନ୍ତି। ଆକ୍ରମ ୧୯୯୬ରେ ଜିମ୍ବାୱେ ବିପକ୍ଷରେ ୨୫୭ ରନ୍‌ର ଇନିଂସ ଖେଳି ସମାନ ୧୨ ଛକା ମାରିଥିଲେ। ତେବେ ଭାରତୀୟ ଖେଳାଳି ନଭଜୋତ ସିଂ ସିଦ୍ଧୁ ଓ ମୟଙ୍କ ଅଗ୍ରୱାଲ ଗୋଟିଏ ଇନିଂସରେ ୮ଛକା ମାରିଥିବା ବେଳେ ଏହାକୁ ଅତିକ୍ରମ କରିଥିଲେ ଜୟସ୍ୱାଲ। ୧୯୯୪ରେ ଶ୍ରୀଲଙ୍କା ବିପକ୍ଷରେ ୧୨୪ ରନ୍‌ର ଇନିଂସରେ ସିଦ୍ଧୁ ୮ ଛକା ମାରିଥିବା ବେଳେ ୨୦୧୯ରେ ମୟଙ୍କ ବାଂଲାଦେଶ ବିପକ୍ଷରେ ୨୪୩ ରନ୍‌ର ଇନିଂସରେ ସମାନ ୮ ଛକା ମାରିଥିଲେ।

# ଭାରତୀୟ ଅଡିଟ ଓ ଆକାଉଣ୍ଟ୍ସ ପୂର୍ବାଞ୍ଚଳ ହକି



ଅତିଥିଙ୍କ ସହ ଚାମ୍ପିୟନ ଦଳ।

## ଓଡ଼ିଶା ଚାମ୍ପିୟନ

ଭୁବନେଶ୍ୱର, ୧୮।୨ (ସରୋଜ ଜେନା)

କଳିଙ୍ଗ ଷ୍ଟାଡୟମରେ ଅନୁଷ୍ଠିତ ମହାଲେଖାକାର ଅଡିଟ ଓ ଆକାଉଣ୍ଟ୍ସ ପୂର୍ବାଞ୍ଚଳ ହକି ଟୁର୍ନାମେଣ୍ଟରେ ପଶ୍ଚିମବଙ୍ଗକୁ ୯-୩ରେ ପରାସ୍ତ କରି ଚାମ୍ପିୟନ ଆଖ୍ୟା ଅର୍ଜନ କରିଚି ଓଡ଼ିଶା। ଡିଫେଣ୍ଡିଂ ଚାମ୍ପିୟନ ପଶ୍ଚିମବଙ୍ଗ ବିପକ୍ଷରେ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା ଓଡ଼ିଶା। ଦଳ ପକ୍ଷରୁ ଅଧିନାୟକ ଅମଲ ପାଲ(୯,୧୮), ଥିଓଫିଲ କୁଜୁର(୧୩, ୨୯, ୩୯, ୪୪ ଓ ୬୦), ମନୀଷ ଶର୍ମା(୪୯) ଓ ଟିକେଇ କୁଜୁର(୪୭) ମିନିଟରେ ସ୍କୋର କରିଥିଲେ। ପଶ୍ଚିମବଙ୍ଗ ପକ୍ଷରୁ ଜର୍ନେଲ ସିଂହ ବାଥ ଦୁଇଟି ଓ ସୁରିନ୍ଦର ସିଂ ଗୋଟିଏ ଗୋଲ ଦେଇଥିଲେ। ଓଡ଼ିଶା ଦଳର ପରିଚାଳକ ତାପସ ଦାସ ଓ ପ୍ରଶିକ୍ଷକ ଅକ୍ଷୟ କୁମାର ସ୍ୱାଇଁ ଦଳକୁ ମାର୍ଗଦର୍ଶନ କରିଥିଲେ। ଉଦଯାପନୀ ସମାରୋହରେ ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ପ୍ରବୋଧ ତିର୍କୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ପ୍ରଧାନ ମହାଲେଖାକାର ରାଜ କୁମାର,ମହାଲେଖାକାର ବିଶ୍ୱନାଥ ସିଂହ ଜାଦୋନ ସମ୍ମାନୀୟ ଅତିଥି ରହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଟୁର୍ନାମେଣ୍ଟ ଆୟୋଜକ କମିଟିର ଅଧ୍ୟକ୍ଷ ବରିଷ୍ଠ ଉପ ମହାଲେଖାକାର ଦୀପକ ରଘୁ, ରାଜ ଅଶୋକ, ଉପ ମହାଲେଖାକାର ତାନ୍ୟା ଅମ୍ବାସ୍ତା, ସଚିନ କ୍ରିଷ୍ଣା କୌଶିକ, ଶୁଭମ ବୈଦ୍ୟ, ସଞ୍ଜୟ କୁମାର, ବିକାଶ କୁମାର,କଲ୍ୟାଣ ଅଧିକାରୀ ଅଶୋକ କୁମାର ପଣ୍ଡା,ଏଜି ରିକ୍ରେସନ କ୍ଲବ ସମ୍ପାଦକ ଭି. ଆନନ୍ଦ ଭଟ୍ଟ ଉପସ୍ଥିତ ଥିଲେ । ଏହି ଟୁର୍ନାମେଣ୍ଟକୁ ରାଜେଶ ସିଂହ, ସରୋଜ ବାରିକ, ଚିନ୍ମୟ ହୋତା, ସୌଭାଗ୍ୟ ମହାନ୍ତି, ପ୍ରଣବ ପଟ୍ଟନାୟକ ଓ ଚନ୍ଦ୍ରକାନ୍ତ ରଣା ପରିଚାଳନା କରିଥିଲେ ।

## ହଙ୍ଗେରୀକୁ ହରାଇଲା ଭାରତ

ବୁସାନ, ୧୮।୨ (ପି.ଟି.)

ମନିକା ବାତ୍ରାଙ୍କ ଚମତ୍କାର ପ୍ରଦର୍ଶନ ଯୋଗୁ ଭାରତୀୟ ମହିଳା ଦଳ ଏଠାରେ ଚାଲିଥିବା ବିଶ୍ୱ ଟେବୁଲ ଟେନିସ (ଟିଟି) ଚାମ୍ପିୟନଶିପ୍‌ରେ ରବିବାର ଭାରତ ୩-୨ରେ ହଙ୍ଗେରୀକୁ ପରାସ୍ତ କରିଛି। ପ୍ରତିଯୋଗିତାରେ ଦଳର ଏହା ପ୍ରଥମ ବିଜୟ। ଅନ୍ୟପକ୍ଷରେ ଭାରତୀୟ ପୁରୁଷ ଦଳ ଏହାର ଦ୍ୱିତୀୟ ଗ୍ରୁପ୍ ମ୍ୟାଚ ପୋଲାଣ୍ଡଠାରୁ ୧-୩ରେ ହାରିଯାଇଛି। ଚାଇନା ବିପକ୍ଷରେ ତାଙ୍କର ଉଭୟ ସିଙ୍ଗଲ୍ସ ମ୍ୟାଚ ହାରିଥିବା ମନିକା ହଙ୍ଗେରୀ ବିପକ୍ଷରେ ଚମତ୍କାର ପ୍ରତ୍ୟାବର୍ତ୍ତନ କରିଥିଲେ। ଭାରତର ଏହି ୩୬ବର୍ଷୀୟା ଶୀର୍ଷ ର୍‍ୟାଙ୍କିଂପ୍ରାପ୍ତ ଖେଳାଳି ପ୍ରଥମ ସିଙ୍ଗଲ୍ସରେ ଡୋରା ମାଡାରାସଙ୍କୁ ୮-୧୧, ୧୧-୫, ୧୨-୧୦, ୮-୧୧, ୧୧-୪ରେ ହରାଇ ଦେଇଥିଲେ। ପରେ ଦ୍ୱିତୀୟ ସିଙ୍ଗଲ୍ସରେ ଜର୍ଜନା ପୋଟା ୧୧-୩, ୧୧-୭, ୯-୧୧, ୯-୧୧, ୧୧-୮ରେ ଶ୍ରୀଜା ଆକୁଲାଙ୍କ ବିପକ୍ଷରେ ବିଜୟ ହାସଲ କରି ମୁକାବିଲାକୁ ବରାବର ସ୍ଥିତିକୁ ଆଣିଥିଲେ। ଶୁକ୍ରବାର ବିଶ୍ୱର ନମ୍ବର ୱାନ ସନ୍ ୟିଙ୍ଗସାଙ୍କ ବିପକ୍ଷରେ ବିଜୟ ହାସଲ କରିଥିବା ଆହିକା ମୁଖାର୍ଜୀ ୭-୧୧, ୧୧-୬, ୧୧-୭, ୧୧-୮ରେ ବର୍ନାଡେଟ୍ ବାଲିଣ୍ଟଙ୍କୁ ପରାସ୍ତ କରି ଭାରତକୁ ୨-୧ରେ ଅଗ୍ରଣୀ କରାଇଥିଲେ। ମାଡାରାସ ଚତୁର୍ଥ ସିଙ୍ଗଲ୍ସରେ ଶ୍ରୀଜାଙ୍କୁ ୧୧-୪, ୧୧-୬, ୫-୧୧, ୧୧-୭ରେ ପରାସ୍ତ କରିବା ଦ୍ୱାରା ମୁକାବିଲା ନିର୍ଣ୍ଣାୟକ ମ୍ୟାଚକୁ ଚାଲିଯାଇଥିଲା।

# ସୁଯୋଗ ହାତଛଡ଼ା କଲା ଓଡ଼ିଶା

## ରଣଜୀ ଟ୍ରଫି

## ଯଶ୍ ଧୂଲ୍, ଜଣ୍ଟି ସିଦ୍ଧୁଙ୍କ ଶତକ

ଭୁବନେଶ୍ୱର,୧୮।୨
(ସରୋଜ ଜେନା)

ଦିଲ୍ଲୀ ବିପକ୍ଷ ରଣଜୀ ଟ୍ରଫି ମ୍ୟାଚ୍‌ରେ ପ୍ରଥମ ଇନିଂସ ଅଗ୍ରଣୀ ହେବାର ସୁଯୋଗ ହାତଛଡା କରିଛି ଓଡ଼ିଶା। ପ୍ରଥମ ଇନିଂସରେ ଓଡ଼ିଶା ୪୪୨ ରନ୍ ସ୍କୋର କରିଥିବା ବେଳେ ଦିଲ୍ଲୀ ୪୫୧ ରନ୍‌ରେ ଅଲଆଉଟ ହୋଇ ୯ ରନ୍‌ରେ ଆଗୁଆ ରହିଛି। ଗୋଟିଏ ଦିନର ଖେଳ ବାକି ଥିବା ବେଳେ ଅନ୍ୟୂନ ୩ ପଏଣ୍ଟ ନିଶ୍ଚିତ କରିଛି ଦିଲ୍ଲୀ।

ଦ୍ୱିତୀୟ ଦିନର ଅସମାପ୍ତ ସ୍କୋର ୧୮୭/୨ରୁ ଖେଳ ଆରମ୍ଭ କରିଥିଲା ଦିଲ୍ଲୀ। ପୂର୍ବ ଦିନର ଅପରାଜିତ ବ୍ୟାଟର ଯଶ ଧୂଲ ଶତକ ହାସଲ କରିଥିଲେ। ୧୬୭ ବଲ୍ ଖେଳି ଧୂଲ ୧୪ ଚୌକା ଓ ୧ ଛକା ସହ ୧୧୨ ରନ୍ କରି ଆଉଟ ହୋଇଥିଲେ। ଦଳୀୟ ସ୍କୋର ୨୬୬ ରନ୍‌ରେ ଧୂଲ ପଞ୍ଚମ ଖେଳାଳି ଭାବରେ ପ୍ୟାଭିଲିୟନ ଫେରିଥିଲେ। ଓଡ଼ିଶା ନିକଟରେ ଆଗୁଆ ହେବାର ସୁଯୋଗ ରହିଥିଲେ ମଧ୍ୟ ବୋଲରମାନେ ନିରାଶ କରିଥିଲେ। ଜଣ୍ଟି ସିଦ୍ଧୁଙ୍କ ଲଢୁଆ ଶତକ ଓ ନିମ୍ନକ୍ରମ ବ୍ୟାଟର ଖ୍ୱିତିଜ ଶର୍ମାଙ୍କ ଅର୍ଦ୍ଧଶତକ ବଳରେ ୯ ରନ୍‌ର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଥିଲା ଦିଲ୍ଲୀ। ଉଭୟ ଷଷ୍ଠ ଉଇକେଟରେ ୧୪୭ ରନ୍ ଯୋଡିଥିଲେ। ଦଳୀୟ ସ୍କୋର ୪୧୩ରେ ଜାମଳ ମହାପାତ୍ର ଏହି ଯୋଡି ଭାଙ୍ଗିବା ପରେ ଦିଲ୍ଲୀ ୪୫୧ରେ ସମସ୍ତ ଉଇକେଟ ହରାଇଥିଲା। ଜଣ୍ଟି ସିଦ୍ଧୁ ୨୧୮ ବଲ୍ ଖେଳି ୯ ଚୌକା ଓ ୧ ଛକା ସହ ୧୦୫ ରନ୍ କରି ଶେଷ ଯାଏ ଅପରାଜିତ ରହିଥିଲେ। ଅନ୍ୟପକ୍ଷରେ ଖ୍ୱିତିଜ ଶର୍ମା ୧୩୦ ବଲ୍ ଖେଳି ୭ ଚୌକା ସହ ୬୪ ରନ୍ ସ୍କୋର କରିଥିଲେ। ଓଡ଼ିଶା ପକ୍ଷରୁ ଜାମଳ ମହାପାତ୍ର ସର୍ବାଧିକ ୩ ଉଇକେଟ ନେଇଥିବା ବେଳେ ବିପ୍ଲବ ସାମନ୍ତରାୟ, ଗୋବିନ୍ଦ ପୋଦ୍ଦାର ଓ ସୁନୀଲ ରାଉଳ ଦୁଇଟି ଲେଖାଏ ଉଇକେଟ ନେଇଥିଲେ।

### ସଂକ୍ଷିପ୍ତ ସ୍କୋର

ଓଡ଼ିଶା ପ୍ରଥମ ଇନିଂସ ୪୪୨/୧୦।
ଦିଲ୍ଲୀ ପ୍ରଥମ ଇନିଂସ ୪୫୧/୧୦( ଯଶ ଧୂଲ-୧୧୨, ଜଣ୍ଟି ସିଦ୍ଧୁ-୧୦୫*, ଖ୍ୱିତିଜ ଶର୍ମା-୬୪, ଜାମଳ ମହାପାତ୍ର-୩/୬୩, ବିପ୍ଲବ ସାମନ୍ତରାୟ-୨/୩୪, ଗୋବିନ୍ଦ ପୋଦ୍ଦାର-୨/୬୬, ସୁନୀଲ ରାଉଳ-୨/୧୧୬)।

# ମୁଣ୍ଡରେ ଆଘାତ ଲାଗି ମୁସ୍ତାଫିଜୁର ହସ୍ପିଟାଲରେ

ଢାକା, ୧୮।୨ (ପି.ଟି.)

ମୁଣ୍ଡରେ ଆଘାତ ଲାଗି ଗୁରୁତର ଆହତ ହେବାପରେ ବାଂଲାଦେଶର ଅଭିଜ୍ଞ ବାମହାତୀ ବୋଲର ମୁସ୍ତାଫିଜୁର ରହମନଙ୍କୁ ସ୍ଥାନୀୟ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବାଂଲାଦେଶ ପ୍ରିମିୟର ଲିଗ୍‌ର ଏକ ମ୍ୟାଚ ପୂର୍ବରୁ ସ୍ଥାନୀୟ ଜହୁର ଅହମଦ ଚୌଧୁରୀ ଷ୍ଟାଡିୟମରେ ଏକ ଟ୍ରେନିଂ ସେସନ ନେଉଥିବା ବେଳେ ଏହି ଘଟଣା ଘଟିଛି। ଖବର ଅନୁସାରେ ରହମନ ତାଙ୍କ ବୋଲିଂ ମାର୍କକୁ ଫେରୁଥିବା ସମୟରେ ଲିଟନ ଦାସଙ୍କ ବ୍ୟାଟରୁ ଆସିଥିବା ଏକ ବଲ୍ ତାଙ୍କ ମୁଣ୍ଡରେ ବାଜିଥିଲା। ଘଟଣାସ୍ଥଳରେ ତୁରନ୍ତ ତାଙ୍କର ଆଶୁ ଚିକିତ୍ସା କରାଯାଇଥିଲା। ମୁଣ୍ଡରୁ ରକ୍ତସ୍ରାବ ହେବାରୁ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ସ୍ଥାନୀୟ ଇମ୍ପେରିଆଲ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ତାଙ୍କର ସିଟି ସ୍କାନ କରାଯାଇଛି। ତାଙ୍କର କୌଣସି ଆଭ୍ୟନ୍ତରୀଣ ଇଞ୍ଜୁରୀ ହୋଇଥିବା ସ୍ପଷ୍ଟ ହୋଇଛି।



## ଇଷ୍ଟଜୋନ୍ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ

# କିଟ୍, ସମ୍ବଲପୁର ପୁଲ୍ ଟପ୍ପର


ପୁଲ୍ ଡି'ର ଶୀର୍ଷ ସ୍ଥାନ ଅଧିକାର କରିଥିବା କିଟ୍ ଦଳ।

ଭୁବନେଶ୍ୱର,୧୮।୨(ସରୋଜ ଜେନା)

କିଟ୍ ବିଶ୍ୱ ବିଦ୍ୟାଳୟ ଓ ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟ ପକ୍ଷରୁ ଇଷ୍ଟଜୋନ୍ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟ ମିଳିତ ଭାବେ ଆୟୋଜନ କରାଯାଉଥିବା ବେଳେ ନିଜ ନିଜ ପୁଲ୍‌ରେ ଶୀର୍ଷ ସ୍ଥାନ ହାସଲ କରିଛନ୍ତି କିଟ୍ ଓ ସମ୍ବଲପୁର ବିଶ୍ୱ ବିଦ୍ୟାଳୟ। ରବିବାର ରେଭେନ୍ସା ଗ୍ରାଉଣ୍ଡରେ ଖେଳା ଯାଇଥିବା ମ୍ୟାଚକୁ ୨ ଉଇକେଟରେ ଜିତି ନେଇଥିଲା କିଟ୍। ରେଭେନ୍ସା ବିଶ୍ୱ ବିଦ୍ୟାଳୟ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୯ ଉଇକେଟରେ ୧୪୧ ରନ୍ କରିଥିଲା। କିଟ୍ ପକ୍ଷରୁ ପାର୍ଥ ସାରଥୀ ନାୟକ ୪ ଉଇକେଟ ନେଇଥିଲେ। ଜବାବରେ ଏମ୍ ପ୍ରଶାନ୍ତଙ୍କ ୪୪ ରନ୍ ବଳରେ ଗୋଟିଏ ବଲ୍ ବାକି ଥାଇ ୮ ଉଇକେଟ ହରାଇ ବିଜୟୀ ହୋଇଥିଲା କିଟ୍।

# ଜଗା ୟୁନାଇଟେଡ ଭୁବନେଶ୍ୱର ଚାମ୍ପିୟନ

## ସର୍ବଭାରତୀୟ ରାମଧୂନ କପ୍ ଫୁଟବଲ୍ ଟୁର୍ନାମେଣ୍ଟ

ସୋନପୁର,୧୮।୨
(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଗାନ୍ଧୀ ପଡିଆରେ ଚାଲିଥିବା ୧୫ତମ ସର୍ବଭାରତୀୟ ରାମଧୂନ କପ୍ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ଆୟୋଜକ ସୁବର୍ଣ୍ଣପୁର ରାମଧୂନ କ୍ଲବ ଓ ଜଗା ୟୁନାଇଟେଡ୍ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚ୍ ଖୁବ୍ ସଂଘର୍ଷପୂର୍ଣ୍ଣ ଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଦଳ ଗୋଟିଏ ଲେଖାଏ ଗୋଲ ଦେଇ ସମାନ ସ୍ଥିତିରେ ରହିଥିଲେ। ମ୍ୟାଚ୍ ଡ୍ର ହେବାରୁ ଟାଇବ୍ରେକର ସହାୟତା ନିଆ ଯାଇଥିଲା। ପେନାଲଟି ସୁଟ୍‌ରେ ଜଗା ୟୁନାଇଟେଡ ଭୁବନେଶ୍ୱର ୪-୨ଗୋଲରେ ସୁବର୍ଣ୍ଣପୁର ରାମଧୂନ କ୍ଲବକୁ ପରାସ୍ତ କରି ଟୁର୍ନାମେଣ୍ଟ ଚାମ୍ପିୟନ ହୋଇଛି। ଭୁବନେଶ୍ୱର ଦଳର ମୋହନ ମାଝିଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରା ଯାଇଥିଲା। ସେହିପରି ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ପୟଜନ ମୁଣ୍ଡା, ଅଭୟ ମୁଣ୍ଡା, ପପନ ବେହେରା, ବଣ୍ଟି ମୁଣ୍ଡା ଓ ଫଗୁ ବିଷୋଇ ପୁରସ୍କୃତ ହୋଇଥିଲେ। ସୋନପୁର ବିଧାୟକ ତଥା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଚାମ୍ପିୟନ ଓ ରନର୍ସଅପ୍ ଟିମ୍‌କୁ ଟ୍ରଫି ଓ ଅର୍ଥରାଶି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଜେଡି ଜିଲା ସଭାପତି ସରୋଜ କମ୍ପ, ଜିଲା କ୍ରୀଡା ସଂଘ ଉପସଭାପତି ଚିତ୍ତରଞ୍ଜନ ତରାସିଆ, ସାମାଜିକକର୍ମୀ ଶ୍ରୀବତ୍ସ ମଲ୍ଲିକ, ପ୍ରଫେସର ନୀଳାମ୍ବର ଶତପଥୀ, ଜିଲା କ୍ରିକେଟ୍ ସଂଘ ସଭାପତି ରାମ ଶଙ୍କର ସାହୁ, ସମ୍ପାଦକ ପ୍ରଦୀପ ସେଠୀ ଯୋଗ ଦେଇଥିଲେ।


ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ ଚାମ୍ପିୟନ ଟିମ୍‌କୁ ଟ୍ରଫି ପ୍ରଦାନ କରୁଛନ୍ତି।

# ଧୋନୀ ଅଧିନାୟକ ମନୋନୀତ

## ଆଇପିଏଲ ଅଲ୍ ଟାଇମ୍ ଗ୍ରେଟେଷ୍ଟ ଟିମ୍

ନୂଆଦିଲ୍ଲୀ, ୧୮।୨ (ପି.ଟି.)

୨୦୦୮ରୁ ଆରମ୍ଭ ହୋଇଥିବା ବିଶ୍ୱର ସବୁଠାରୁ ଲୋକପ୍ରିୟ ଟି୨୦ ଲିଗ୍ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ସଫଳତା ପୂର୍ତ୍ତି ପାଳନ ଅବସରରେ ରବିବାର ଏହାର ଅଲ୍‌ଟାଇମ ଗ୍ରେଟେଷ୍ଟ ଟିମ୍ ଘୋଷଣା କରାଯାଇଛି। ଆଇକନିକ ଭାରତୀୟ କ୍ରିକେଟର ମହେନ୍ଦ୍ର ସିଂ ଧୋନୀଙ୍କୁ ଦଳର ଅଧିନାୟକ ମନୋନୀତ କରାଯାଇଛି। ଏଥିପାଇଁ ପୂର୍ବତନ କ୍ରିକେଟର ୱାସିମ ଆକ୍ରମ, ମାଥ୍ୟୁ ହେଡେନ, ଟମ୍ ମୁଡି ଓ ଡେଲ୍ ଷ୍ଟେଇନଙ୍କୁ ନେଇ ଏକ ସିଲେକ୍ସନ ପ୍ୟାନେଲ ଗଠନ କରାଯାଇଥିଲା। ଚୟନ ପ୍ରକ୍ରିୟାରେ ପ୍ରାୟ ୭୦ ଜର୍ନାଲିଷ୍ଟ ଭାଗ ନେଇଥିଲେ। ଅଷ୍ଟ୍ରେଲିଆର ବିସ୍ଫୋରକ ବ୍ୟାଟର ଡେଭିଡ୍ ୱାର୍ନର ଏବଂ ଭାରତର ଷ୍ଟାର ବ୍ୟାଟର ବିରାଟ କୋହଲିଙ୍କୁ ଦଳର ଓପନର ଭାବେ ମନୋନୀତ କରାଯାଇଛି। 'ୟୁନିଭର୍ସ ବସ୍' ବୋଲି କୁହାଯାଉଥିବା କ୍ରିସ୍ ଗେଲ୍‌ଙ୍କୁ ବ୍ୟାଟିଂ ଅର୍ଡରରେ ତୃତୀୟ ସ୍ଥାନ ମିଳିଛି। ମିଡଲ ଅର୍ଡରରେ ସୁରେଶ ରାଇନା, ଏବି ଡି'ଭିଲର୍ସ, ସୂର୍ଯ୍ୟକୁମାର ଯାଦବ ଓ ଧୋନୀଙ୍କୁ ସ୍ଥାନ ମିଳିଛି। ୧୫ଜଣିଆ ଦଳରେ ୩ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା, ରବୀନ୍ଦ୍ର ଜାଡେଜା ଓ କିରନ ପୋଲାର୍ଡଙ୍କୁ ନିଆଯାଇଛି। ସ୍ପିନ ଆଟାକ୍‌ରେ ରଶିଦ ଖାଁ, ସୁନିଲ ନାରିନ ଓ ୟୁଜବେନ୍ଦ୍ର ଚହଲଙ୍କୁ ରଖାଯାଇଥିବା ବେଳେ ଲସିଥ ମାଲିଙ୍ଗା ଓ ଯଶପ୍ରୀତ୍ ବୁମ୍‌ରାଙ୍କୁ ଫାଷ୍ଟ ବୋଲର ଭାବେ ଦଳରେ ସ୍ଥାନ ମିଳିଛି। ଆଇପିଏଲ ୧୬ ବର୍ଷ ପୁରଣ କରିବାକୁ ଯାଉଛି।

### ଅଲ୍ ଟାଇମ୍ ଗ୍ରେଟ୍ ଆଇପିଏଲ୍ ଦଳ

ଏମ୍‌ଏସ୍ ଧୋନୀ (ଅଧିନାୟକ), ବିରାଟ କୋହଲି, କ୍ରିସ୍ ଗେଲ୍, ଡେଭିଡ ୱାର୍ନର, ସୁରେଶ ରାଇନା, ଏବି ଡି'ଭିଲର୍ସ, ସୂର୍ଯ୍ୟକୁମାର ଯାଦବ, ହାର୍ଦ୍ଦିକ ପାଣ୍ଡ୍ୟା, ରବୀନ୍ଦ୍ର ଜାଡେଜା, ସୁନିଲ ନାରିନ୍, ୟୁଜବେନ୍ଦ୍ର ଚହଲ, ଲସିଥ ମାଲିଙ୍ଗା ଓ ଯଶପ୍ରୀତ ବୁମ୍‌ରା।

# ଅନୁପମାଙ୍କୁ ଜୁ-ଜିଟସୁ ବ୍ଲୁ ବେଲ୍ଟ

ଭୁବନେଶ୍ୱର, ୧୮।୨ (ବିଜୟ ରଣା)

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲରେ ଚାଲିଥିବା ଓଡ଼ିଶା ଜୁ-ଜିଟ୍‌ସୁ ସଂଘର ପ୍ରଶିକ୍ଷଣ ଶିବିରରେ କୋଚ୍ ଅଶ୍ୱିନ ହୁନ୍ ଷ୍ଟାର ଖେଳାଳି ଅନୁପମା ସ୍ୱାଇଁଙ୍କୁ ବ୍ଲୁ ବେଲ୍ଟ ପ୍ରଦାନ କରିଛନ୍ତି। ଏହି କୃତୀତ୍ୱ ହାସଲ କରିବାରେ ସେ ଓଡ଼ିଶାର ପ୍ରଥମ। ସୂଚନାଯୋଗ୍ୟ, ଅନୁପମା ୧୦ ବର୍ଷ ଧରି ଜୁ-ଜିଟ୍‌ସୁ ଅଭ୍ୟାସ କରି ଆସୁଛନ୍ତି। ଇତିମଧ୍ୟରେ ସେ ୬ ଜାତୀୟ ପ୍ରତିଯୋଗିତାରେ କ୍ରମାଗତ ଚାମ୍ପିୟନ ହୋଇପାରିଛନ୍ତି। ସେ ୩ଟି ଏସୀୟ ପ୍ରତିଯୋଗିତାରେ ଗୋଟିଏ ରୌପ୍ୟ ଓ ୩ ବ୍ରୋଞ୍ଜ ପଦକ ଲାଭ କରିଛନ୍ତି। ଏହାଛଡ଼ା ସେ ବିଶ୍ୱ ମାର୍ଶାଲ ଆର୍ଟ ମାଷ୍ଟର୍ସ ଜୁ-ଜିଟ୍‌ସୁ ପ୍ରତିଯୋଗିତାରେ ବ୍ରୋଞ୍ଜ, ବିଶ୍ୱ ଜୁ-ଜିଟ୍‌ସୁରେ ବ୍ରୋଞ୍ଜ ଓ ଥାଇଲାଣ୍ଡ ଓପନ ଏସୀୟ ର୍‍ୟାଙ୍କିଙ୍ଗରେ ସ୍ୱର୍ଣ୍ଣ ଲାଭ ସହ ଗତ ଏସିଆନ ଗେମ୍ସରେ ଭାରତରୁ ପ୍ରତିନିଧିତ୍ୱ କରିଥିଲେ। ବ୍ଲୁ ବେଲ୍ଟ ହାସଲ କରିଥିବାରୁ ଜୁ-ଜିଟ୍‌ସୁ ସଂଘର କର୍ମକର୍ତ୍ତାଗଣ ଅନୁପମାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।


ଶ୍ରୀକାନ୍ତ ଶେଖର, ଅନୁପମା ସ୍ୱାଇଁ, ହରିପ୍ରସାଦ ପଟ୍ଟନାୟକ ଓ ଅଶ୍ୱିନ ହୁନ୍।

# ଶରୀରର ଶୋଧନ ପ୍ରକ୍ରିୟା: ପଞ୍ଚକର୍ମ ଚିକିତ୍ସା



ଡା. ଆଶିଷ ବାନାର୍ଜୀ

"ଏହି ପଞ୍ଚକର୍ମ ଚିକିତ୍ସା କରିବା ପୂର୍ବରୁ ରୋଗୀକୁ ଏଥିନିମନ୍ତେ ପ୍ରସ୍ତୁତ କରାଯାଏ। ଏଥିପାଇଁ ଦୁଇଟି ଉପାୟ ଅବଲମ୍ବନ କରାଯାଏ। ପ୍ରଥମଟି ହେଲା 'ସ୍ନେହନ'। ଏହି ଉପାୟରେ ରୋଗୀର ସମଗ୍ର ଶରୀରକୁ ଔଷଧଯୁକ୍ତ ତେଲ ଦ୍ୱାରା ମାଲିସ କରି ଦୂଷିତ ପଦାର୍ଥକୁ ଏକତ୍ର କରାଯାଏ। ଦ୍ୱିତୀୟ ଉପାୟଟି ହେଉଛି 'ସ୍ୱେଦନ'। ଏଥିରେ ଉଷ୍ମ ଭାଗ ଦେଇ ଜମି ରହିଥିବା ଦୂଷିତ ପଦାର୍ଥକୁ ତରଳାଇ ପାଣି କରି ଲୋମ କୂପ ମାଧମରେ ବାହାରକୁ ବାହାର କରାଯାଏ। ଏହି ଦୁଇଟି ଉପାୟ ଅବଲମ୍ବନ କରିବା ପରେ ରୋଗୀର ଜଠରାଗ୍ନି ବୃଦ୍ଧି / ହଜମ ଶକ୍ତି ବଢ଼ାଇବା ପାଇଁ ଔଷଧ ଖାଇବାକୁ ଦିଆଯାଇଥାଏ।"

ଆମ ଶରୀରରେ ଥିବା ଦୂଷିତ ପଦାର୍ଥଗୁଡ଼ିକ ରୋଗ ସୃଷ୍ଟି କରେ। ଯେପରି ପାଣି ଯାଉଥିବା ପାଇପରେ ମଇଳା ଜମା ହୋଇଗଲେ ଭଲ ଭାବରେ ପାଣି ଯାଇପାରେ ନାହିଁ ଆଉ ତାହାକୁ ସଫା କରିବାକୁ ପଡ଼ିଥାଏ। ତା'ପରେ ଭଲ ଭାବରେ ପାଣି ଯାଇଥାଏ। ଠିକ୍ ସେହିପରି ଆମର ରସ, ରକ୍ତ, ଧାତୁ ବିଭିନ୍ନ ସ୍ରୋତରେ ଯାଇ କୋଷଗୁଡ଼ିକୁ ପୋଷକ ତତ୍ତ୍ୱ ପହଞ୍ଚାଇ ପାରେନାହିଁ। ଫଳରେ ଦୂଷିତ ପଦାର୍ଥ ଜମି ରହି ସେଠାରେ ବିଷ କ୍ରିୟା ସୃଷ୍ଟି କରେ। ଆଉ ତାହା ଦ୍ୱାରା ରୋଗ ସୃଷ୍ଟି ହୋଇଥାଏ। ଯଦି ଏହାକୁ ଠିକ୍ ଭାବରେ ପରିଷ୍କାର କରା ନ ଯାଏ, ତେବେ ଯେତେ ଔଷଧ ଖାଇଲେ ମଧ ରୋଗ ଠିକ୍ ଭାବରେ ଭଲ ହୋଇ ନ ଥାଏ। ପରବର୍ତ୍ତୀ ସମୟରେ ସଂପୃକ୍ତ ରୋଗ ଜଟିଳ ଆକାର ଧାରଣ କରେ। ଏଥିପାଇଁ ଉକ୍ତ ରୋଗ ଭୋଗୁଥିବା ବ୍ୟକ୍ତି ଯନ୍ତ୍ରଣା ଅନୁଭବ କରେ ଏପରି କି ତାହା ଜୀବନ ନାଶକ ମଧ ହୋଇପାରେ। ତେଣୁ ଏହି ଅବସ୍ଥାରେ ବଳ ବୟସକୁ ବିବେଚନା କରି ସମ୍ପୂର୍ଣ୍ଣ ଶରୀରକୁ ଶୋଧନ କରାଇବା ଦରକାର। ଆଉ ଏଥିପାଇଁ 'ପଞ୍ଚକର୍ମ ଚିକିତ୍ସା'ର ଆବଶ୍ୟକତା ରହିଛି। ଏହାଦ୍ୱାରା ଶରୀରକୁ ଶୋଧନ କରି ରୋଗ ପାଇଁ ଔଷଧ ଖାଇଲେ ରୋଗରୁ ସମ୍ପୂର୍ଣ୍ଣ ଆରୋଗ୍ୟ ମିଳିଥାଏ।

ତେବେ ଆପଣମାନଙ୍କ ମନରେ ନିଶ୍ଚୟ ପ୍ରଶ୍ନ ଉଠିବଣି ଯେ, ଏହି ପଞ୍ଚକର୍ମ କ'ଣ ? ସେଗୁଡ଼ିକ ହେଲା– ୧. ବମନ (ବାନ୍ତି), ୨. ବିରେଚନ (ଝାଡ଼ା), ୩. ବସ୍ତି (ମଳ ଦ୍ୱାରା ଦେଇ ଔଷଧ ପ୍ରୟୋଗ), ୪. ନସ୍ୟ (ନାକରେ ଔଷଧ ପ୍ରୟୋଗ) ଏବଂ ୫. ରକ୍ତ ମୋକ୍ଷଣ (ଦୂଷିତ ଜମି ଯାଇଥିବା ରକ୍ତକୁ ବାହାର କରିବା)।

ଏହି ପଞ୍ଚକର୍ମ ଚିକିତ୍ସା କରିବା ପୂର୍ବରୁ ରୋଗୀକୁ ଏଥିନିମନ୍ତେ ପ୍ରସ୍ତୁତ କରାଯାଏ। ଏଥିପାଇଁ ଦୁଇଟି ଉପାୟ ଅବଲମ୍ବନ କରାଯାଏ। ପ୍ରଥମଟି ହେଲା ସ୍ନେହନ। ଏହି ଉପାୟରେ ରୋଗୀର ସମଗ୍ର ଶରୀରକୁ ଔଷଧଯୁକ୍ତ ତେଲ ଦ୍ୱାରା ମାଲିସ କରି ଦୂଷିତ ପଦାର୍ଥକୁ ଏକତ୍ର କରାଯାଏ। ଦ୍ୱିତୀୟ ଉପାୟଟି ହେଉଛି 'ସ୍ୱେଦନ'। ଏଥିରେ ଉଷ୍ମ ଭାଗ ଦେଇ ଜମି ରହିଥିବା ଦୂଷିକ ପଦାର୍ଥକୁ ତରଳାଇ ପାଣି କରି ଲୋମକୂପ ମାଧ୍ୟମରେ ବାହାରକୁ ବାହାର କରାଯାଏ। ଏହି ଦୁଇଟି ଉପାୟ ଅବଲମ୍ବନ କରିବା ପରେ ରୋଗୀର ଜଠରାଗ୍ନି ବୃଦ୍ଧି/ହଜମ ଶକ୍ତି ବଢ଼ାଇବା ପାଇଁ ଔଷଧ ଖାଇବାକୁ ଦିଆଯାଇଥାଏ।

**ବମନ :** ଏହି ପଦ୍ଧତିରେ ବାମନକାରକ ଔଷଧ ପ୍ରୟୋଗ କରି ବାନ୍ତି କରାଯାଇଥାଏ। ଏଥିରେ ଆମାଶୟରେ ଜମି ରହିଥିବା ଦୂଷିତ ପଦାର୍ଥକୁ ବଳପୂର୍ବକ ବାହାର କରାଯାଏ। ଏହା ମୁଖ୍ୟତଃ କଫଜ ରୋଗ–ଶ୍ୱାସ, କାଶ, ଶ୍ୱାସନଳୀ ଅବରୋଧଜନିତ ରୋଗ (ସିଓପିଡି), ରକ୍ତହୀନତା, ମୋଟାପଣ, ପ୍ଲୀହା ବୃଦ୍ଧି, ଟ୍ୟୁମର, ମଧୁମେହ ବା ଡାଇବେଟିସ୍ ଇତ୍ୟାଦିରେ ପ୍ରୟୋଗ କରାଯାଇଥାଏ। ମାତ୍ର ଗର୍ଭବତୀ, କୋମଳ ପ୍ରବୃତ୍ତି ଓ ଦୁର୍ବଳ ରୋଗୀ ପାଇଁ ନିଷେଧ।

**ବିରେଚନ :** ଏହି ପ୍ରକ୍ରିୟାରେ ଔଷଧ ଦ୍ୱାରା ଶରୀର ଅନ୍ତଳନୀରୁ ଦୂଷିତ ପଦାର୍ଥକୁ ମଳଦ୍ୱାର ଦେଇ ବାହାରକୁ ବାହାର କରାଯାଏ। ଏହା ପୈତ୍ତିକ ରୋଗ ଯଥା– ମୁଣ୍ଡବ୍ୟଥା, ଲିଭର ସମସ୍ୟା, ଅର୍ଶ, ଟ୍ୟୁମର, ରକ୍ତପିତ୍ତ, ରକ୍ତସ୍ରାବ ଇତ୍ୟାଦି ରୋଗ ପାଇଁ ପ୍ରୟୋଗ କରାଯାଏ। ଏଥିରେ ଆମାଶୟ, ଫୁସ୍‌ଫୁସ୍ ଏବଂ ହୃତ୍‌ପିଣ୍ଡ ବା ହାର୍ଟରୁ ମଧ ଦୂଷିତ ପଦାର୍ଥ ବାହାରି ଯାଇଥାଏ।

**ବସ୍ତି :** ଏଥିରେ ଔଷଧ ଦ୍ରବ୍ୟ କ୍ୱାଥ୍ ବା ତୈଳ ଭାବେ ମଳ ଓ ମୂତ୍ର ଦ୍ୱାରରେ ଏନିମା ଦିଆଯାଇ ଶରୀର ମଧ୍ୟକୁ ପ୍ରବେଶ କରାଯାଏ। ଏହା ବାତରୋଗ– ଯଥା ସ୍ନାୟୁଜନିତ ରୋଗ, ସ୍ତ୍ରୀ–ପ୍ରସୂତି ରୋଗ, ଗଣ୍ଠିଜନିତ ସମସ୍ୟା, ବୀର୍ଯ୍ୟ ଦୂଷିତ ହେବା, କମ୍ ହେବା, ଚର୍ମ ରୋଗ, ମସ୍ତିଷ୍କ ବିକାରରେ ପ୍ରୟୋଗ ହୋଇଥାଏ।

**ନସ୍ୟ :** ଏଥିରେ ଔଷଧକୁ ନାକ ଦେଇ ପ୍ରୟୋଗ କରାଯାଏ। ଏହାଦ୍ୱାରା ନାଶା, ଗଳା, କର୍ଣ୍ଣ, ମସ୍ତିଷ୍କ ରୋଗର କାରଣ ସାଜିଥିବା ଦୂଷିତ ପଦାର୍ଥକୁ ବାହାର କରାଯାଏ। ଫଳରେ ଉର୍ଦ୍ଧ୍ୱଯତ୍ରୁ ରୋଗ, ଦନ୍ତ ରୋଗ, ସାଇନୋସାଇଟିସ୍ ଇତ୍ୟାଦି ରୋଗ ଭଲ ହୋଇଥାଏ।

**ରକ୍ତ ମୋକ୍ଷଣ :** ଶରୀରରେ ଜମି ରହିଥିବା ଦୂଷିତ ରକ୍ତକୁ ସିଧାସଳଖ ବାହାର କରିବା ପାଇଁ ଜୋକ ପ୍ରସ୍ତୁତ କରି ପ୍ରୟୋଗ କରାଯାଏ। ଏହାକୁ ଲିଚ୍ ଥେରାପି ବୋଲି କୁହାଯାଏ। ଏହା ଧମନୀରେ ଅବରୋଧ, ଚର୍ମରୋଗ, ଭେରିକସ୍ ଇତ୍ୟାଦିରେ ଉପଯୋଗ ହୋଇଥାଏ।

ଏହାଦ୍ୱାରା ପୁରାତନ ରୋଗ, ତ୍ରୁଟି ପୂର୍ଣ୍ଣ ଜୀବନଶୈଳୀଜନିତ ରୋଗ, ରକ୍ତଚାପ ବା ବ୍ଲଡପ୍ରେସର, ମଧୁମେହ, ହୃଦ୍‌ରୋଗ, ପୃଥୁଳକାୟ ବ୍ୟକ୍ତି, ଗୃଧସୀ (ସାଇଟିକା), ଆଣ୍ଠୁଗଣ୍ଠି ବାତ, ପକ୍ଷାଘାତ ବା ପାରାଲିସିସ୍, ଚକ୍ଷୁରୋଗ, ଅମ୍ଳ ବା ଏସିଡିଟି, ଯକୃତ ରୋଗ ଇତ୍ୟାଦି ସମ୍ପୂର୍ଣ୍ଣ ରୂପେ ଆରୋଗ୍ୟ ହୋଇପାରେ। ତତ୍ ସଙ୍ଗେ ସଙ୍ଗେ ନୀରୋଗ, ଦୀର୍ଘାୟୁ ଜୀବନ ପ୍ରଦାନ କରେ।

ତେଣୁ ରୋଗୀକୁ ଔଷଧ ପ୍ରୟୋଗ କରିବା ପୂର୍ବରୁ ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବା ଆବଶ୍ୟକ। ଦୁର୍ବଳ ଏବଂ ଶଯ୍ୟାଶାୟୀ ରୋଗୀକୁ ରୋଗ ଉପଶମ ଓ ବଳବର୍ଦ୍ଧକ ଔଷଧ ଦେଇ ଟିକିଏ ସୁସ୍ଥ କରିବା ପରେ ଏହି ପ୍ରକ୍ରିୟା ପ୍ରୟୋଗ କରିବା ଉଚିତ। ଏହାଦ୍ୱାରା ଔଷଧ ଶରୀରରେ ଶୀଘ୍ର ଅବଶୋଷିତ ହୋଇଥାଏ ଏବଂ ରୋଗରୁ ଆରୋଗ୍ୟ ଲାଭ କରାଇବାରେ ଠିକ୍ ଭାବରେ ସହାୟକ ହୋଇଥାଏ। ତେଣୁ ଏଭଳି ଚିକିତ୍ସାକୁ ଆହୁରି ପ୍ରୋତ୍ସାହନ ଦିଆଗଲେ ତାହା ବହୁ ଅସାଧ ରୋଗରୁ ଆରୋଗ୍ୟ ଦେଇପାରିବ।





–ଆନନ୍ଦ ବଜାର,
ବେତନଟୀ, ମୟୂରଭଞ୍ଜ
ମୋ: ୯୮୬୧୩୭୪୩୮୫

## ସଙ୍କଟ ମୋଚକ ରୋବୋ



ଆଜିକାଲି ରୋବୋର ବ୍ୟବହାର ଅନେକ କ୍ଷେତ୍ରରେ ବେଶ୍ ସଫଳତାର ସହ କରାଯାଉଛି। ବିଶେଷଭାବରେ ଅସୁବିଧାରେ ପଡିଥିବା ବ୍ୟକ୍ତିଙ୍କ ପାଇଁ ଏହା ସଙ୍କଟ ମୋଚନ ଭାବରେ କାମ କରିବ। ଏଭଳି ଏକ ହାଇଟେକ୍ ରୋବୋକୁ ନିକଟରେ ଜାପାନର ବିଶେଜ୍ଞମାନେ ପ୍ରସ୍ତୁତ କରିଛନ୍ତି। ଅଧିକାଂଶ ସମୟ ଉଦାସ ରହିବା, ଟେନ୍‌ସନର ସାମ୍‌ନା କରିବା ଏପରିକି କୌଣସି କାମକୁ କିପରି ତୁଲାଇବେ ତାହାର ବାଟ ନ ପାଇବା ଆଦି ସମସ୍ୟାର ସମାଧାନ ଏହି ନୂଆ ରୋବୋ କରିପାରିବ। ଏହା ସାମ୍‌ନାରେ ବସି ନିଜ ସମସ୍ୟା ସମ୍ପର୍କରେ ସୂଚନା ଦେଲେ ସେ ସେଗୁଡିକୁ ତନ୍ନ ତନ୍ନ କରି ତର୍ଜମା କରିବ। ତା'ପରେ ଏହାର ସମାଧାନ ଉପାୟ ମଧ ଜଣାଇ ଦେବ। ଏହା ସହ ଆପଣ ଗେମ୍ ମଧ ଖେଳିପାରିବେ। କେବଳ ସେତିକି ନୁହେଁ, ମନପସନ୍ଦର ସଙ୍ଗୀତ ମଧ ଶୁଣିପାରିବେ। ତେବେ ଏଭଳି ରୋବୋ ବଜାରକୁ ଆସିବାକୁ ଆଉ କିଛି ବର୍ଷ ସମୟ ଲାଗିବ ବୋଲି ପ୍ରସ୍ତୁତକାରୀ ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

## ଭିଟାମିନ୍-ଡି ଅଭାବ ଯୋଗୁ ହୋଇପାରେ ହୃଦ୍‌ଘାତ

ଆମ ଶରୀର ପାଇଁ ଭିଟାମିନ୍ କେତେ ଉପକାରୀ ତାହା ପ୍ରାୟ ସମସ୍ତେ ଜାଣନ୍ତି। ସେଥିପାଇଁ ଆମକୁ ସବୁବେଳେ ସୁଷମ ଖାଦ୍ୟ ଖାଇବାକୁ ପଡ଼ିଥାଏ। ଯଦି ଖାଦ୍ୟପେୟରେ ଅସନ୍ତୁଳନ ପରିଲକ୍ଷିତ ହେଲା, ତେବେ ତାହାର ପ୍ରଭାବ ଶରୀରରେ ଥିବା ଭିଟାମିନ୍ ସ୍ତର ଉପରେ ପଡ଼ିଥାଏ। ଯଦି ଜଣେ ବ୍ୟକ୍ତିଙ୍କର ଶରୀରରୁ ଭିଟାମିନ୍ 'ଡି' କମିଯାଏ ତେବେ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟଜନିତ ସମସ୍ୟାର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି। ବିଶେଷଭାବରେ ଏହାର ପ୍ରଭାବ ଅସ୍ଥି ଉପରେ ପଡ଼ିଥାଏ। ତେବେ ଏହି ତାଲିକାରେ ଆଉ ଏକ ସ୍ୱାସ୍ଥ୍ୟ ସମସ୍ୟାକୁ ସାମିଲ କରାଯାଇଛି। ତାହା ହେଲା ହୃଦ୍‌ଜନିତ ସମସ୍ୟା। ଲଣ୍ଡନ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏକ ସଦ୍ୟତମ ଗବେଷଣାରୁ ଏ କଥା ଜାଣିପାରିଛନ୍ତି। ହୃଦ୍‌ଜନିତ ସମସ୍ୟା ସହ ଜଡ଼ିତ କେତେକ ବ୍ୟକ୍ତିଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ସମୟରେ ସେମାନେ ଏକଥା ଜାଣିପାରିଥିଲେ। ଅର୍ଥାତ୍ ଏହି ସମୟରେ କେତେକ ହୃଦ୍‌ରୋଗୀଙ୍କ ଶରୀରରେ ଭିଟାମିନ୍ 'ଡି'ର ପରିମାଣ ଆବଶ୍ୟକତାଠାରୁ ଯଥେଷ୍ଟ କମ୍ ଥିଲା। ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଏହି ଭିଟାମିନ୍‌ର ଅଭାବ ହେଲେ ତାହାର ପ୍ରଭାବ ବେଳେବେଳେ ଜିନ୍ ଉପରେ ମଧ ପଡ଼ିଥାଏ। ଏପରିକି ଏଥିଯୋଗୁ ବ୍ଲଡପ୍ରେସର ପରି ସମସ୍ୟାର ସମ୍ମୁଖୀନ ହେବାର ଆଶଙ୍କା ରହିଛି। ଶରୀରରେ ରକ୍ତ ପ୍ରବାହ ଏପଟ ସେପଟ ହେଲେ ତାହା ଯୋଗୁ ହୃତ୍‌ପିଣ୍ଡର କାର୍ଯ୍ୟଧାରା ପ୍ରଭାବିତ ହୋଇଥାଏ। ତେଣୁ ଏଥିରୁ ରକ୍ଷା ପାଇବା ପାଇଁ ଭିଟାମିନ୍–ଡି ଯୁକ୍ତ ଖାଦ୍ୟ ଯଥା–କଦଳୀ, କମଳା, ଆଳମଣ୍ଡ, ଛତୁ, ଅଣ୍ଡା କେଶର, କ୍ଷୀର, ଜୁସ୍ ଆଦି ଖାଇବା ନିହାତି ଆବଶ୍ୟକ। ହୃଦ୍‌ଘାତର ଲକ୍ଷଣ ଦେଖାଦେବା ମାତ୍ରେ ବିଳମ୍ବ ନ କରି ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।



## ସନ୍ତୁଳିତ ଖାଦ୍ୟ ଖାଉଥିଲେ...

ଆମେ ସୁସ୍ଥ ରହିବା ପଛରେ ସନ୍ତୁଳିତ ଖାଦ୍ୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏଭଳି ଖାଦ୍ୟ ଆମକୁ ଅନେକ କ୍ଷେତ୍ରରେ ସାହାଯ୍ୟ କରିଥାଏ। ଯଦି ଜଣେ ବ୍ୟକ୍ତି ନିୟମିତ ସନ୍ତୁଳିତ ତଥା ସୁଷମ ଖାଦ୍ୟ ଖାଆନ୍ତି ତେବେ ତାଙ୍କର ବୁଦ୍ଧିମତ୍ତା ଆହୁରି ପ୍ରଖର ହୋଇଥାଏ ବୋଲି ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି। କେବଳ ସେତିକି ନୁହେଁ, ଏହି ଖାଦ୍ୟ ଶରୀରରେ ରକ୍ତ ସଞ୍ଚାଳନ ପ୍ରକ୍ରିୟାକୁ ଠିକ୍ ରଖିଥାଏ। ଏହାର ଆଉ ଏକ ଉପକାରୀ ଗୁଣ ରହିଛି। ଆମ ଶରୀରରେ କ୍ୟାଲୋରି ପରିମାଣକୁ ସନ୍ତୁଳିତ ରହିବାରେ ଏହା ଅନେକାଂଶରେ ସହାୟକ ହୋଇଥାଏ। ସନ୍ତୁଳିତ ଖାଦ୍ୟ ଖାଇବା ବ୍ୟତୀତ ରକ୍ତଦାନ ଦ୍ୱାରା ଆମେ କ୍ୟାଲୋରିକୁ ସନ୍ତୁଳିତ ରଖିପାରିବା। ୟୁନିଭର୍ସିଟି ଅଫ୍ ବର୍ଲିନର ପୁଷ୍ଟିବିଜ୍ଞାନୀମାନଙ୍କ ଦ୍ୱାରା ହୋଇଥିବା ଏହି ଗବେଷଣାରୁ ଏସବୁ କଥା ଜଣାପଡ଼ିଛି। ହେଲେ ରକ୍ତଦାନ କରିବା ପୂର୍ବରୁ ସେମାନେ ଏ ନେଇ କେତେ ଫିଟ୍ ତାହା ପରୀକ୍ଷା କରାଇ ନେବା ଯଥେଷ୍ଟ ଜରୁରୀ। ଯଦି ଆପଣ କୌଣସି ରୋଗରେ ପୀଡ଼ିତ, ତେବେ ଜମାରୁ ବି ରକ୍ତଦାନ କରନ୍ତୁ ନାହିଁ।



## ଜାଣି ରଖନ୍ତୁ...

ବିଭିନ୍ନ କାରଣରୁ ଅନେକ ଲୋକଙ୍କର ପାଟିରେ ଘା' ହୋଇଥାଏ। ବେଳେବେଳେ ଏହି ଘା' ବଡ ହୋଇ କ୍ୟାନ୍ସରର ରୂପ ନିଏ। ସେଥିପାଇଁ ପାଟିରେ ଘା' ହେଲେ ତାହାକୁ ହାଲୁକା ଭାବରେ ନିଅନ୍ତୁ ନାହିଁ। ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରି ଚିକିତ୍ସା କରାଇ ନିଅନ୍ତୁ। କାରଣ ଏହାକୁ ଅବହେଳା କଲେ ତାହା ପରବର୍ତ୍ତୀ ସମୟରେ ସ୍ୱାସ୍ଥ୍ୟ ସମସ୍ୟାକୁ ଡାକି ଆଣିଥାଏ। ତେବେ ପାଟିରେ ଘା' ହେବାର ଅନେକ କାରଣ ରହିଛି। ଯେତେବେଳେ ଶରୀରରେ ଭିଟାମିନ୍–ବି ଯୁକ୍ତ ଉପାଦାନ (ବି–୧, ବି–୨,ବି–୩ ଏବଂ ବି–୬) ଅଭାବ ଘଟେ ସେତେବେଳେ ପାଟିରେ ଘା' ହୋଇଥାଏ। ଅନ୍ୟପଟେ ଶରୀରରେ ଜଳୀୟ ଅଂଶ ଅସନ୍ତୁଳିତ ରହିଲେ, ଜିଭ ଅଧିକାଂଶ ସମୟ ଶୁଖିଲା ରହିଲେ କିମ୍ବା ପାଟିରୁ କମ୍ ଲାଳ ବାହାରିଲେ ଏପରି ସମସ୍ୟା ଦେଖାଦେଇଥାଏ। ବେଳେବେଳେ ଅତ୍ୟଧିକ ରାଗ ଏବଂ ମସଲାଯୁକ୍ତ ଖାଦ୍ୟ ଖାଇବା ମଧ ପାଟିରେ ଘା' ସୃଷ୍ଟି କରିବାର ଅନ୍ୟତମ କାରଣ ସାଜେ।। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ନିଶାଦ୍ରବ୍ୟ ପ୍ରତିଦିନ ସେବନ କଲେ ପାଟିରେ ଘା' ହୋଇ ଏହା କ୍ୟାନ୍ସରରେ ପରିଣତ ହୁଏ। ତେବେ ଏଥିରୁ ରକ୍ଷା ପାଇବାକୁ ପାଟିକୁ ଭଲ ଭାବେ ସଫା କରିବା ସହ ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଆନ୍ତୁ। ମିଠାଜାତୀୟ ଖାଦ୍ୟ କମ୍ ଖାଆନ୍ତୁ। ନିଶା ଦ୍ରବ୍ୟଠାରୁ ଯଥାସମ୍ଭବ ମଧ ଦୂରେଇ ରୁହନ୍ତୁ। ଏହା ସତ୍ତ୍ୱେ ଯଦି ପାଟିରେ ଘା' ହେଉଛି, ତେବେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।



## ସ୍ୱଭାବକୁ ପ୍ରଭାବିତ କରେ ସୋସିଆଲ ମିଡିଆ

ଆଜିକାଲି ସୋସିଆଲ ମିଡିଆର ଚାହିଦା କେତେ ତାହା କହିବା ଅନାବଶ୍ୟକ। ତେବେ ଏହା ସହ ଆବଶ୍ୟକତାଠାରୁ ଅଧିକ ସମୟ ଯୋଡି ହୋଇ ରହିବା କ୍ଷତିକାରକ ସାବ୍ୟସ୍ତ ହୋଇପାରେ। ଏଭଳି ସତର୍କ ସୂଚନା ଦେଇଛନ୍ତି ୟୁନିଭର୍ସିଟି ଅଫ ଟୋକିଓର ବିଶେଷଜ୍ଞମାନେ। ବିଶେଷଭାବରେ ଏହାଦ୍ୱାରା ସଂପୃକ୍ତ ବ୍ୟକ୍ତିଙ୍କର ଆଚାର ବ୍ୟବହାରରେ ପରିବର୍ତ୍ତନ ଆସିବାର ଅନେକ ସମ୍ଭାବନା ରହିଛି। କେତେକଙ୍କର ବ୍ୟବହାର ରୁକ୍ଷ ହେବାର ମଧ ଉକ୍ତ ୟୁନିଭର୍ସିଟିର ବିଶେଷଜ୍ଞମାନେ ଜାଣିବାକୁ ପାଇଥିଲେ। ସେମାନଙ୍କ ଦ୍ୱାରା ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ସବୁବେଳେ ସୋସିଆଲ ମିଡିଆ ସହ ଜଡିତ ରହିଲେ ତାହାର ପ୍ରଭାବ ମାନସିକତା ଉପରେ ପଡିଥାଏ। ସେମାନେ ଅନ୍ୟ କଥାକୁ ଆବଶ୍ୟକ ମୁତାବକ ଗୁରୁତ୍ୱ ଦେଇ ନ ଥାନ୍ତି। ତେଣୁ ଏହାକୁ ସୀମିତ ସମୟ ପାଇଁ ବ୍ୟବହାର କରିବା ସହ ତାହାର ଯେପରି କୌଣସି ଖରାପ ପ୍ରଭାବ ମାନସିକତା ଉପରେ ନ ପଡେ ସେ ନେଇ ସତର୍କ ରହିବାକୁ ସେମାନେ ପରାମର୍ଶ ଦେଇଛନ୍ତି।



## ମେଦ ବୃଦ୍ଧି କମାଇବାର ସହଜ ଉପାୟ

ଅସନ୍ତୁଳିତ ଖାଦ୍ୟପେୟ ଏବଂ ଜୀବନଶୈଳୀ ମେଦ ବୃଦ୍ଧି ପାଇଁ ପ୍ରାୟତଃ ଦାୟୀ। ତେବେ ଏହାକୁ କେତେକାଂଶରେ ସନ୍ତୁଳିତ ରଖିବାର ସହଜ ଉପାୟ ରହିଛି। ଯଦି ଜଣେ ବ୍ୟକ୍ତି ନିୟମିତ କଲରା ଖାଆନ୍ତି ତେବେ ତାଙ୍କର ଓଜନ ବଢ଼ିବାର ଆଶଙ୍କା କେତେକାଂଶରେ କମ୍ ରହିବ ବୋଲି ୟୁନିଭର୍ସିଟି ଅଫ ସିଓଲର ପୁଷ୍ଟିବିଜ୍ଞାନୀମାନେ ମତ ପ୍ରକାଶ କରିଛନ୍ତି। କଲରାରେ ଅନେକ ପ୍ରକାରର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ସବୁଠାରୁ ଖାସ୍ କଥା ହେଲା, ଏହା ହେଉଛି ଭିଟାମିନ୍ 'ସି'ର ଅନ୍ୟତମ ଉତ୍ସ। ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ କଲରା ଅନେକାଂଶରେ ସାହାଯ୍ୟ କରିଥାଏ। ଏଥିରେ ଆଣ୍ଟି ଅକ୍ସିଡାଣ୍ଟ ଗୁଣ ମଧ ରହିଛି। ପ୍ରତିଦିନ କଲରା ଖାଇବା ଆଖି ପାଇଁ ବେଶ୍ ଲାଭଦାୟକ। କେବଳ ଡାଇବେଟିସ ନୁହେଁ ହୃଦ୍‌ଜନିତ ସମସ୍ୟା ପାଇଁ ଏହା ମଧ ଉପକାରୀ।

## ସ୍ୱାସ୍ଥ୍ୟ ସୂଚନା

- ➤ଯଦି ଆପଣ କମ୍ପ୍ୟୁଟର ସାମ୍‌ନାରେ ଅଧିକ ସମୟ ବସି କାମ କରୁଛନ୍ତି ତେବେ ନିଜର ଦୃଷ୍ଟିଶକ୍ତି ପ୍ରତି ନଜର ଦିଅନ୍ତୁ। ନିୟମିତ ସମୟ ଅନ୍ତରାଳରେ ଉଠି ମୁହଁକୁ ଭଲ ଭାବରେ ଧୁଅନ୍ତୁ। ଏକଲୟରେ କମ୍ପ୍ୟୁଟରକୁ ଚାହିଁ ରହନ୍ତୁ ନାହିଁ।
- ➤ବୟସ ବଢ଼ିବା ସହ ଅନେକ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଥାଏ। ତେଣୁ ବୟସ ୫୦ ଟପିଲେ ପ୍ରଥମେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ। ତା'ସହ ଅଭିଜ୍ଞ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।
- ➤ସବୁବେଳେ ନିଜର ଖାଦ୍ୟପେୟ ପ୍ରତି ସତର୍କ ରୁହନ୍ତୁ। ତେଲ–ମସଲାଯୁକ୍ତ ଖାଦ୍ୟ କମ୍ ଖାଆନ୍ତୁ। ପ୍ରତିଦିନ ଖାଦ୍ୟ ତାଲିକାରେ ସାଲାଡ୍ ସାମିଲ କରନ୍ତୁ।
- ➤ନିଜ ଡାଏରୀରେ ନିକଟସ୍ଥ ହସପିଟାଲ, ଅଭିଜ୍ଞ ଡାକ୍ତର ଫୋନ୍ ନମ୍ବର ସଂଗ୍ରହ କରି ଟିପି ରଖନ୍ତୁ। ଏପରି କି କେତେକ ଡାକ୍ତରଙ୍କ ସହ ଏଭଳି ସମ୍ପର୍କ ରଖନ୍ତୁ, ଯାହାଦ୍ୱାରା ହଠାତ୍ କୌଣସି ସ୍ୱାସ୍ଥ୍ୟ ସମସ୍ୟା ବେଳେ ତାଙ୍କର ପରାମର୍ଶ ନେଇପାରିବେ।
- ➤କୌଣସି ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେଲେ ସେ ବିଷୟରେ କେବଳ ଡାକ୍ତରଙ୍କ ସହ ହିଁ ପରାମର୍ଶ କରନ୍ତୁ। କାରଣ କେତେକ ବ୍ୟକ୍ତିଙ୍କର ଏ ବିଷୟରେ ଅଭିଜ୍ଞତା ନ ଥାଇ ସେମାନେ ଭୁଲ ପରାମର୍ଶ ଦେଇଥାଆନ୍ତି।
- ➤ବ୍ୟାୟାମ ଶେଷ ହେବା ସଙ୍ଗେ ସଙ୍ଗେ ପାଣି ପିଅନ୍ତୁ ନାହିଁ। କିଛି ସମୟ ପରେ ପାଣି ପିଅନ୍ତୁ।
- ➤ଘରେ ଫାଷ୍ଟ–ଏଡ୍ ବକ୍ସଟିଏ ରଖନ୍ତୁ। କାରଣ ଛୋଟମୋଟ ଦୁର୍ଘଟଣା ସମୟରେ ଏହା କାମରେ ଆସିଥାଏ।



ଧରିତ୍ରୀ 50 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ସୋମବାର, ଫେବୃଆରୀ ୧୯/୨୦୨୪ Bhubaneswar, Monday, February 19/ 2024

# ଶୁଟ ଆଉଟରେ ଜିତିଲା ଭାରତ

**ରାଉରକେଲା,୧୮।୨(ଦିନେଶ ମିଶ୍ର)**

ମହିଳା ହକି ପ୍ରୋ ଲିଗ୍ ରାଉରକେଲା ଚରଣର ଅନ୍ତିମ ମ୍ୟାଚ୍‌କୁ ପେନାଲ୍ଟି ଶୁଟଆଉଟରେ ଆମେରିକା ବିପକ୍ଷ ମ୍ୟାଚକୁ ଜିତି ନେଇଛି ଭାରତ। ମ୍ୟାଚ୍ ନିର୍ଦ୍ଧାରିତ ସମୟରେ ୧-୧ରେ ଡ୍ର ରହ ଫଳରେ ଶୁଟଆଉଟର ସାହାରା ନିଆଯାଇଥିଲା। ଅଧିନାୟିକା ତଥା ଗୋଲକିପର ସବିତା ପୁନିଆଙ୍କ ଚମତ୍କାର ପ୍ରଦର୍ଶନ ବଳରେ ଭାରତ ଶୁଟ୍‌ଆଉଟକୁ ୨-୧ରେ ଜିତି ନେଇଥିଲା। ନିର୍ଦ୍ଧାରିତ ସମୟରେ ଭାରତ ପକ୍ଷରୁ ଦୀପିକା(୧୯ ମିନିଟ) ଓ ଆମେରିକା ପକ୍ଷରୁ ସେସା ଆସଲେ(୪୫ ମିନିଟ) ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଶୁଟଆଉଟରେ ଭାରତ ପକ୍ଷରୁ ମୁମତାଜ ଖାନ ଓ ସୋନିକା ସ୍କୋର କରିଥିବା ବେଳେ ଆମେରିକା ପକ୍ଷରୁ ସେସା ଆସ୍‌ଲେ ସ୍କୋର କରିବାରେ ସମର୍ଥ ହୋଇଥିଲେ। ସପ୍ତମ ମ୍ୟାଚ୍‌ରୁ ତୃତୀୟ ବିଜୟ ସହ ଭାରତ ପଏଣ୍ଟ ଟେବୁଲରେ ପଞ୍ଚମ ସ୍ଥାନ ବଜାୟ ରଖିଛି।

## ମହିଳା ପ୍ରୋ ଲିଗ୍ ହକି



ଗୋଲ୍ ସ୍କୋର କରିବା ପରେ ଉଲ୍ଲସିତ ଭାରତୀୟ ଖେଳାଳି।

## ଜାନସେନ୍‌ଙ୍କ ହ୍ୟାଟ୍ରିକ୍‌ରେ ନେଦରଲାଣ୍ଡ୍ସ ବିଜୟୀ

ରାଉରକେଲା ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ୍‌ରେ ମହିଳା ହକି ପ୍ରୋ ଲିଗ ମ୍ୟାଚ୍‌ରେ ଅଷ୍ଟ୍ରେଲିଆକୁ ୩-୧ରେ ପରାସ୍ତ କରିଛି ନେଦରଲାଣ୍ଡ୍ସ। ୟିବି ଜାନ୍‌ସେନ(୨, ୧୩ ଓ ୧୪) ମିନିଟରେ ୩ଟି ଯାକ ଗୋଲ ସ୍କୋର କରିବା ସହ ହ୍ୟାଟ୍ରିକ୍ ଅର୍ଜନ କରିଥିଲେ। ଦ୍ୱିତୀୟ ମିନିଟରେ ୟିବି ପେନାଲ୍ଟି ଷ୍ଟ୍ରୋକରୁ ସ୍କୋର କରିଥିବା ବେଳେ ପରବର୍ତ୍ତୀ ଦୁଇଟି ଗୋଲ ପେନାଲ୍ଟି କର୍ନରରୁ ଆସିଥିଲା। ଦ୍ୱିତୀୟ କ୍ୱାର୍ଟରର ୨୦ତମ ମିନିଟରେ ଷ୍ଟିଫାନି କେରସ ଅଷ୍ଟ୍ରେଲିଆ ପକ୍ଷରୁ ଏକମାତ୍ର ଗୋଲ ପରିଶୋଧ କରିଥିଲେ। ୟିବି ଜାନ୍‌ସେନଙ୍କୁ ପ୍ଲେୟର ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା।

# କିମ୍ବଦନ୍ତୀ ଅଲରାଉଣ୍ଡର ମାଇକ୍ ପ୍ରୋକ୍ଟରଙ୍କ ଦେହାନ୍ତ

**ଜୋହାନ୍ସବର୍ଗ, ୧୮।୨ (ପି.ଟି.)**

ଦକ୍ଷିଣ ଆଫ୍ରିକାର କିମ୍ବଦନ୍ତୀ ଅଲରାଉଣ୍ଡର ମାଇକ୍ ପ୍ରୋକ୍ଟରଙ୍କ ପରଲୋକ ହୋଇଯାଇଛି। ତାଙ୍କୁ ୭୭ ବର୍ଷ ବୟସ ହୋଇଥିଲା। କ୍ରିକେଟ ସାଉଥ ଆଫ୍ରିକା (ସିଏସ୍‌ଏ) ପକ୍ଷରୁ ରବିବାର ଏନେଇ ଶୋକ ପ୍ରକାଶ କରାଯାଇଛି। ପ୍ରୋକ୍ଟର ଯଦିଓ ଜଣେ ଫାଷ୍ଟ ବୋଲର ସେ ଅଫ୍ ସ୍ପିନ ବୋଲିଂ କରିପାରନ୍ତି। ଏହାଛଡ଼ା ସେ ଜଣେ ମଧ୍ୟ ହାର୍ଡ ହିଟିଂ ବ୍ୟାଟର ଥିଲେ। କହିବାକୁ ଗଲେ ସେ ଖେଳର ସମସ୍ତ କ୍ଷେତ୍ରରେ ଦାୟିତ୍ୱ ନିର୍ବାହ କରିଛନ୍ତି। ସେ ଏକାଧାରରେ ଜଣେ ଜାତୀୟ ଅଧିନାୟକ, କୋଚ୍, ପ୍ରଶାସକ, ଚୟନକର୍ତ୍ତା, ଭାଷ୍ୟକାର ଓ ଆଇସିସି ମ୍ୟାଚ ରେଫରି ଭାବେ କାର୍ଯ୍ୟ ସମ୍ପାଦନ କରିଛନ୍ତି। ଏହାଛଡା ତାଙ୍କ ଜୀବନର ଶେଷ କିଛି ବର୍ଷ ଅନଗ୍ରସର ପିଲାମାନଙ୍କୁ କୋଚିଂ ଦେଉଥିଲେ। ପ୍ରୋକ୍ଟର ବର୍ଣ୍ଣ ବୈଷମ୍ୟ ଯୁଗ ପରେ ଦକ୍ଷିଣ ଆଫ୍ରିକାର କୋଚ୍ ଦାୟିତ୍ୱରେ ଥିଲେ। ସେ ୪୦୧ ପ୍ରଥମଶ୍ରେଣୀ ଗେମ୍ ଖେଳିଥିଲେ ହେଁ ୧୯୭୦ଦଶକରୁ ୧୯୮୦ ଦଶକ ପର୍ଯ୍ୟନ୍ତ ଦକ୍ଷିଣ ଆଫ୍ରିକାର ଆଇସୋଲେଶନ ପାଇଁ ମାତ୍ର ୭ ଟେଷ୍ଟ ମ୍ୟାଚ ଖେଳି ପାରିଥିଲେ। ପ୍ରୋକ୍ଟରଙ୍କ ନାମରେ କେତେକ ଉଲ୍ଲେଖନୀୟ ରେକର୍ଡ ରହିଛି। ତନ୍ମଧ୍ୟରୁ ସେ ଗୋଟିଏ ମ୍ୟାଚରେ ଦୁଇଥର ହ୍ୟାଟ୍ରିକ ସହ ଏକ ଶତକ ହାସଲ କରିଥିଲେ। ୧୯୭୦-୭୧ରେ ଅନୁଷ୍ଠିତ କୋରି କପ୍‌ରେ ସେ ଲଗାତର ୬ ଶତକ ହାସଲ କରି ବିଶ୍ୱରେକର୍ଡ କରିଥିଲେ। ବର୍ଣ୍ଣବୈଷମ୍ୟ ବିରୋଧରେ ଲଢ଼େଇ ବେଳେ କ୍ରୀଡ଼ାରୁ ଦକ୍ଷିଣ ଆଫ୍ରିକାକୁ ବର୍ଜନ ଯୋଗୁ ଯଦିଓ ସେ ଖୁବ୍ କମ୍ ସଂଖ୍ୟକ ଟେଷ୍ଟ ମ୍ୟାଚ ଖେଳିପାରିଛନ୍ତି, ସେ ନାଟାଲ, ଗ୍ଲାସେଷ୍ଟରଶାୟାର ଓ ୱେଷ୍ଟର୍ନ ପ୍ରୋଭିନ୍ସ ତରଫରୁ ଚମତ୍କାର ପ୍ରଦର୍ଶନ କରି ତାଙ୍କ ପ୍ରଶଂସକମାନଙ୍କୁ ରୋମାଞ୍ଚିତ କରିପାରିଥିଲେ।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ